51 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଅକ୍ଟୋବର ୨୬/୨୦୨୫ (୧୪ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, October 26/2025 Page 14 | ₹ 7.00

୫୧ଶ ଭାଗ ୩୨୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 329 | ମୂଲ୍ୟ ₹୭/-






ପାଟନାରେ ଶନିବାର ଛଟ୍ ପର୍ବ ପାଳନ ଅବସରରେ ଶ୍ରଦ୍ଧାଳୁମାନେ ଗଙ୍ଗାନଦୀ କୂଳରେ ପ୍ରାର୍ଥନା ସାରି ଜଳଭର୍ତ୍ତି ପାତ୍ର ବୋହି ନେଉଛନ୍ତି। (ଫଟୋ: ପି.ଟି.)

# କାକିନାଡ଼ାରେ ସ୍ଥଳଭାଗ ଛୁଇଁବ 'ମୋନ୍ଥା'

## ସ୍ପଷ୍ଟ କଲା ଆଇଏମ୍‌ଡି

■ ଓଡ଼ିଶାର ୧୫ ଜିଲାରେ ବାତ୍ୟା ପ୍ରଭାବ

ସ୍ପଷ୍ଟ ହେଲା ବାତ୍ୟା 'ମୋନ୍ଥା'ର ଗତିପଥ। ୨୮ ତାରିଖ ମଙ୍ଗଳବାର ସନ୍ଧ୍ୟାରୁ ରାତି ମଧ୍ୟରେ ଆନ୍ଧ୍ରପ୍ରଦେଶର କାକିନାଡ଼ା ଅଞ୍ଚଳରେ 'ମୋନ୍ଥା' ଭୀଷଣ ବାତ୍ୟାର ରୂପ ନେଇ ସ୍ଥଳଭାଗ ଛୁଇଁବ। ଏହି ସମୟରେ ପବନ ବେଗ ଘଣ୍ଟା ପ୍ରତି ୯୦/୧୦୦ କି.ମି. ରହିବ। ଏହାର ପ୍ରଭାବରେ ୨୭ ତାରିଖ ସୋମବାରଠାରୁ ୪ ଦିନ ଯାଏ ଦକ୍ଷିଣ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶିକା ଡ. ମନୋରମା ମହାନ୍ତି ସୂଚନା ଦେଇଛନ୍ତି। ସମ୍ଭାବ୍ୟ ବାତ୍ୟାକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଶନିବାର ପୂର୍ବାହ୍ନରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଏନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକର ନିଷ୍ପତ୍ତି ଅନୁଯାୟୀ, ରାଜ୍ୟର ସମସ୍ତ ଜିଲାକୁ ବାତ୍ୟା ଓ ବର୍ଷା ଆଲର୍ଟ ଜାରି କରାଯାଇଛି। ବାତ୍ୟାର ପ୍ରକୋପ ୧୫ ଜିଲା ଉପରେ ଅଧିକ ରହୁଥିବାରୁ ସେଠାରେ ସଜାଗ ରହିବାକୁ ସମ୍ପୃକ୍ତ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଭୁବନେଶ୍ୱର/ ଛତ୍ରପୁର (ବନ୍ଦନା ସେଠୀ /ରବିନାରାୟଣ ଜେନା/ ଦିଲ୍ଲୀପ ସାମଲ), ୨୫।୧୦

ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଉପରେ ଅବପାତ ଶନିବାର ସନ୍ଧ୍ୟା ସୁଦ୍ଧା ଗୋପାଳପୁରଠାରୁ ୧,୦୩୦ କି.ମି. ଦକ୍ଷିଣ ଓ ଦକ୍ଷିଣ-ପୂର୍ବ ଦିଗରେ ରହିଛି। ଏହା ଘଣ୍ଟା ପ୍ରତି ୭ କି.ମି. ବେଗରେ ପଶ୍ଚିମ ଦିଗରେ ଗତି କରୁଛି। ରବିବାର ସୁଦ୍ଧା ଏହା ଗଭୀର ଅବପାତରେ ପରିଣତ ହେବା ସହିତ ୨୭ ସକାଳ ସୁଦ୍ଧା ଦକ୍ଷିଣ-ପଶ୍ଚିମ ଏବଂ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ବାତ୍ୟାରେ ପରିଣତ ହେବ। ଏହାପରେ ଉତ୍ତର-ପଶ୍ଚିମ ଦିଗକୁ ଗତି କରି ୨୮ ସନ୍ଧ୍ୟା କିମ୍ବା ରାତି ବେଳକୁ ସ୍ଥଳଭାଗ ଛୁଇଁବ। ବାତ୍ୟା ପ୍ରଭାବରେ ୨୭ରୁ ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ଲାଗିରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଆଗାମୀ ଦୁଇଦିନ ☞ପୃଷ୍ଠା-୪

# ୨ ଅଷ୍ଟ୍ରେଲୀୟ ମହିଳା ଖେଳାଳିଙ୍କୁ ଅସଦାଚରଣ

ଇନ୍ଦୋର,୨୫।୧୦(ଏଜେନ୍ସି)

ଅଷ୍ଟ୍ରେଲିଆ ମହିଳା କ୍ରିକେଟ ଦଳର ଦୁଇ ଖେଳାଳିଙ୍କୁ ମଧ୍ୟପ୍ରଦେଶର ଇନ୍ଦୋରରେ ଜଣେ ବାଇକ୍ ଚାଳକ ଅସଦାଚରଣ କରିଥିବା ନେଇ ଅଭିଯୋଗ ହୋଇଛି। ଏହି ଘଟଣାରେ ଅଭିଯୁକ୍ତ ଅକିଲ ଖାନ୍‌ଙ୍କୁ ଶନିବାର ଇନ୍ଦୋର ପୋଲିସ ଗିରଫ କରିଛି। ବିଦେଶରୁ ଆସିଥିବା ମହିଳା ଖେଳାଳିଙ୍କ ସହ ଏଭଳି ଆଚରଣ ଭାରତର ଛବିକୁ ନିନ୍ଦିତ କରିଛି।

ସୂଚନା ମୁତାବକ, ଆଇସିସି ଓମେନ୍ସ କ୍ରିକେଟ ୱାର୍ଲ୍ଡକପ୍ ମ୍ୟାଚ୍‌ରେ ଭାଗନେବା ପାଇଁ ଅଷ୍ଟ୍ରେଲୀୟ ଟିମ୍ ଇନ୍ଦୋରକୁ ଆସିଥିଲା। ସେଥିରେ ସାମିଲ ଥିବା ଦୁଇ ମହିଳା ଖେଳାଳି ଗୁରୁବାର ସକାଳେ ☞ପୃଷ୍ଠା-୪

# ବିମାନ ଚଳାଚଳ କ୍ଷେତ୍ରକୁ ୪,୧୮୨ କୋଟି

■ ୫ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ମଞ୍ଜୁରୀ

■ ୬ ସହରରେ ଗଡ଼ିବ ୨୦୦ ଇ-ବସ୍

ରାଜ୍ୟରେ ବିମାନ ଚଳାଚଳ କ୍ଷେତ୍ରର ଭିତ୍ତିଭୂମି ବିକାଶ ସହ ଏହାକୁ ଅଧିକ ପ୍ରଶସ୍ତ କରିବା ପାଇଁ ସରକାର ଗୁରୁତ୍ୱ ଦେଉଛନ୍ତି। ଏହି କ୍ରମେ ଶନିବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ବିମାନ ସମ୍ପତ୍ତି ଓ ନେଟ୍‌ୱର୍କ ନିର୍ମାଣ ଏବଂ ପରିଚାଳନା (ବିଏମ୍‌ଏଏନ୍) ଏକୀକୃତ ଯୋଜନାରେ ଆଗାମୀ ୫ ବର୍ଷରେ ୪,୧୮୨ କୋଟି ଟଙ୍କା ଖର୍ଚ୍ଚ କରାଯିବା ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଏହି କ୍ଷେତ୍ରରେ ବ୍ୟାପକ ଉନ୍ନତି ଆଣି ସମସ୍ତଙ୍କ ପାଇଁ ବିମାନ ଯାତ୍ରାକୁ ସହଜ କରାଯିବ। ଫଳରେ ଓଡ଼ିଶା ବିମାନ ଚଳାଚଳ କ୍ଷେତ୍ରରେ ପୂର୍ବ ଭାରତର ଏକ ବିକଶିତ ରାଜ୍ୟରେ ପରିଣତ ହେବ ବୋଲି ଲକ୍ଷ୍ୟ ରଖାଯାଇଛି। ଏହାବାଦ୍ ରାଜ୍ୟର ଚାଷୀଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼, ଆହାର ଯୋଜନାକୁ ତ୍ୱରାନ୍ୱିତ କରିବା, ଲୋକଙ୍କ ଗମନାଗମନ ସୁବିଧା ପାଇଁ ୨୦୦ ନୂଆ ବସ୍ କିଣିବା ସମେତ ୫ ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି।

ଭୁବନେଶ୍ୱର,୨୫।୧୦
(ରବିନାରାୟଣ ଜେନା)

ରାଜ୍ୟରେ ସମସ୍ତଙ୍କ ପାଇଁ ବିମାନ ସେବା ଯୋଗାଇଦେବା, ଚାଷୀଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧି, ଆହାର ଯୋଜନାକୁ ତ୍ୱରାନ୍ୱିତ କରିବା ଭଳି ୫ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଶନିବାର ରାଜ୍ୟ କ୍ୟାବିନେଟ୍ ମୋହର ମାରିଛି। ଲୋକସେବା ଭବନର ୩ୟ ମହଲାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି।

ମୁଖ୍ୟସଚିବ ଆହୁଜା କହିଛନ୍ତି, ବିକଶିତ ଓଡ଼ିଶା-୨୦୩୬କୁ ଦୃଷ୍ଟିରେ ରଖି ରାଜ୍ୟରେ ବିମାନ ଚଳାଚଳ କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବା ପାଇଁ ବିମାନ ସମ୍ପତ୍ତି ଏବଂ ନେଟ୍‌ୱର୍କ ନିର୍ମାଣ ଏବଂ ପରିଚାଳନା(ବି-ଏମ୍‌ଏଏନ୍) ଏକୀକୃତ ଯୋଜନାରେ ୨୦୨୫ରୁ ୨୦୩୦ବର୍ଷ ମଧ୍ୟରେ ୪,୧୮୨ କୋଟି ଟଙ୍କା ଖର୍ଚ୍ଚହେବ। ଏଥିରେ ବିମାନ ଚଳାଚଳର ସମସ୍ତ ଦିଗକୁ ଏକ ବ୍ୟାପକ ଢାଞ୍ଚାରେ ପରିବର୍ତ୍ତନ କରିବା ପାଇଁ ଡିଜାଇନ୍ ପ୍ରସ୍ତୁତ କରାଯାଇଛି।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

ଏହି ଯୋଜନାର ମୂଳ ଲକ୍ଷ୍ୟ ହେଉଛି ସମସ୍ତଙ୍କ ପାଇଁ ବିମାନ ସେବା ସହଜସାଧ୍ୟ କରିବା। ଫଳରେ ପୂର୍ବ ଭାରତରେ ଏକ ଅଗ୍ରଣୀ ବିମାନ ଚଳାଚଳ କେନ୍ଦ୍ର ଭାବରେ ଓଡ଼ିଶା ସ୍ଥାନିତ ହୋଇପାରିବ। ବିମାନ କ୍ଷେତ୍ର ଭିତ୍ତିଭୂମି ବିକାଶ ଏବଂ ଆଧୁନିକୀକରଣ କରାଯିବ, ଯେଉଁଥିରେ ଆଞ୍ଚଳିକ ପ୍ରଦେଶ ଏବଂ କାର୍ଯ୍ୟକ୍ଷମ ଦକ୍ଷତାକୁ ଉନ୍ନତ କରିବା ପାଇଁ ଅନୁନ୍ନତ ଅଞ୍ଚଳରେ ଗ୍ରୀନ୍‌ଫିଲ୍ଡ ଏବଂ ବ୍ରାଉନ୍‌ଫିଲ୍ଡ ବିମାନବନ୍ଦର ସମେତ ରାଜ୍ୟବ୍ୟାପୀ ବିମାନବନ୍ଦର ଏବଂ ହେଲିପୋର୍ଟଗୁଡ଼ିକର ବିକାଶ, ଉନ୍ନତୀକରଣ ଏବଂ ରକ୍ଷଣାବେକ୍ଷଣ କରାଯାଇପାରିବ। ଏହାସହିତ ବିମାନ ସଂଯୋଗକୁ ଗୁରୁତ୍ୱ ଦିଆଯିବ। ଉଡ଼ାନ ଏବଂ ଅନ୍ୟାନ୍ୟ ଯୋଜନା ଅଧୀନରେ ପ୍ରମୁଖ ସହରଗୁଡ଼ିକ ସହିତ ଟାୟାର-୧ ଏବଂ ଟାୟାର-୨ ☞ପୃଷ୍ଠା-୪

## ଆଜିର ସମ୍ପାଦକୀୟ

ମମଦାନିଙ୍କ ମଡେଲ

## ଆଜିର ମନ୍ତବ୍ୟ

"କେନ୍ଦ୍ର ସରକାରଙ୍କ ଡିବିଟି ପଦକ୍ଷେପର ପ୍ରକୃତ ହିତାଧିକାରୀ ଲୋକେ ନୁହନ୍ତି, ବରଂ ପ୍ରଧାନମନ୍ତ୍ରୀଙ୍କ କେତେଜଣ ଉତ୍ତମ ବନ୍ଧୁ।
-ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ଅଧ୍ୟକ୍ଷ




# ଅଭିନେତା ସତୀଶ ଶାହଙ୍କ ପରଲୋକ



ମୁମ୍ବାଇ,୨୫।୧୦

ବଲିଉଡ୍‌ର ବର୍ଷୀୟାନ ଅଭିନେତା ସତୀଶ ଶାହଙ୍କର ଶନିବାର ଅପରାହ୍ନରେ ମୁମ୍ବାଇର ହିନ୍ଦୁଜା ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କୁ ୭୪ ବର୍ଷ ହୋଇଥିଲା। ସରାଭାଇ ଭର୍ସେସ୍ ସରାଭାଇ, ଜାନେ ଭି ଦୋ ୟାରୋ ଏବଂ ମେଁ ହୁଁ ନା ଭଳି ବହୁ ଚଳଚ୍ଚିତ୍ରରେ ନିଖୁଣ ଅଭିନୟ ପାଇଁ ଚର୍ଚ୍ଚିତ ଏହି ଲୋକପ୍ରିୟ ☞ପୃଷ୍ଠା-୪

# ବସ୍‌କୁ ଗୋଡ଼ାଇଲା ହାତୀ

ବେତନଟୀ, ୨୫।୧୦
(ଧରଣୀଧର ମହାନ୍ତି)

ଜଙ୍ଗଲ ନଷ୍ଟ ହେବାରେ ଲାଗିଥିବାରୁ ଖାଦ୍ୟ ଅନ୍ୱେଷଣରେ ବନ୍ୟଜନ୍ତୁ ଜନବସତିମୁହାଁ ହେଉଛନ୍ତି। ବିଭିନ୍ନ ସମୟରେ ହାତୀପଲ ଗାଁରେ ପଶି ଘରଦ୍ୱାର ଭାଙ୍ଗିବା ସହ ଚାଷଜମିରେ ଫସଲ ନଷ୍ଟ କରିଦେଉଛନ୍ତି। ଅନେକ ସମୟରେ ଜୀବନହାନି ମଧ୍ୟ ହେଉଛି। ମୟୂରଭଞ୍ଜ ଜିଲା ବେତନଟୀ ବନାଞ୍ଚଳ ଅଧୀନ ବିଭିନ୍ନ ଜଙ୍ଗଲରେ ରହୁଥିବା ହାତୀପଲ ଆଖପାଖ ଗାଁକୁ ପଶି ଆସୁଥିବାରୁ ଲୋକେ ଆତଙ୍କିତ ଅବସ୍ଥାରେ କାଳାତିପାତ କରୁଛନ୍ତି। ଶନିବାର ଏକ ଦନ୍ତା ହାତୀ ରାସ୍ତା ଉପରେ ଏକ ବସ୍‌କୁ ଶୁଣ୍ଢରେ ଠେଲିବା ସହ ଗୋଡ଼ାଇ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲା। ବସ୍‌ରେ ଥିବା ୫୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଭୟଭୀତ ହୋଇପଡିଥିଲେ। କୌଶଳକ୍ରମେ ଡ୍ରାଇଭର ବସ୍‌ଟିକୁ ଚଳାଇ ନେଇ ସେଠାରୁ ପଳାଇଯାଇଥିଲେ। ଶନିବାର ସକାଳେ ବେତନଟୀ ବ୍ଲକର ମେର୍ଦ୍ଦାଠାରୁ ସାରସକଣା ଯାଉଥିବା ଏକ ବସ୍ ମେର୍ଦ୍ଦା ବେତନଟୀ ରାସ୍ତାର ଭୁରକୁଣ୍ଡି ଗ୍ରାମ ନିକଟରେ ରହିଥିଲା। ହଠାତ୍ ବସ୍ ସମ୍ମୁଖକୁ ଏକ ଦନ୍ତା ହାତୀ ଚାଲିଆସି ଶୁଣ୍ଢରେ ଠେଲି ଗଡ଼ାଇଦେବା ପାଇଁ ଚେଷ୍ଟା କରିଥିଲା। ସ୍ଥାନୀୟ ଗ୍ରାମବାସୀ ହାତୀକୁ ଘଉଡ଼ାଇବା ପାଇଁ ଚେଷ୍ଟା କରୁଥିବା ବେଳେ କୌଶଳକ୍ରମେ ଡ୍ରାଇଭର ବସ୍‌କୁ ଦ୍ରୁତଗତିରେ ଚଳାଇ ସେଠାରୁ ପଳାଇଯାଇଥିଲା। ଫଳରେ ବସ୍‌ରେ ଥିବା ୫୦ରୁ ଊର୍ଦ୍ଧ୍ୱ ଯାତ୍ରୀ ବିପଦମୁଖରୁ ବଞ୍ଚିଯାଇଥିଲେ।



ମୟୂରଭଞ୍ଜର ଭୁରକୁଣ୍ଡି ଗ୍ରାମରେ ଯାତ୍ରୀବାହୀ ବସ୍‌କୁ ଶୁଣ୍ଢରେ ଠେଲୁଛି ହାତୀ ।

## ଯାତ୍ରୀ ଆତଙ୍କିତ



ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ରବିବାର, ଅକ୍ଟୋବର ୨୬/୨୦୨୫ (୧୪ ପୃଷ୍ଠା+ଛୁଟିଦିନ) Bhubaneswar, Sunday, October 26/2025 Page 14 ₹ 7.00
୫୧ଶ ଭାଗ ୩୨୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 329 ମୂଲ୍ୟ ₹୭/-






ପାଟନାରେ ଶନିବାର ଛଟ୍ ପର୍ବ ପାଳନ ଅବସରରେ ଶ୍ରଦ୍ଧାଳୁମାନେ ଗଙ୍ଗାନଦୀ କୂଳରେ ପ୍ରାର୍ଥନା ସାରି ଜଳଭର୍ତ୍ତି ପାତ୍ର ବୋହି ନେଉଛନ୍ତି। (ଫଟୋ: ପି.ଟି.)

# କାକିନାଡ଼ାରେ ସ୍ଥଳଭାଗ ଛୁଇଁବ 'ମୋନ୍ଥା'

ସ୍ପଷ୍ଟ ହେଲା ବାତ୍ୟା 'ମୋନ୍ଥା'ର ଗତିପଥ ୨୮ ତାରିଖ ମଙ୍ଗଳବାର ସନ୍ଧ୍ୟାରୁ ରାତି ମଧ୍ୟରେ ଆନ୍ଧ୍ରପ୍ରଦେଶର କାକିନାଡ଼ା ଅଞ୍ଚଳରେ 'ମୋନ୍ଥା' ଭୀଷଣ ବାତ୍ୟାର ରୂପ ନେଇ ସ୍ଥଳଭାଗ ଛୁଇଁବ। ଏହି ସମୟରେ ପବନ ବେଗ ଘଣ୍ଟା ପ୍ରତି ୯୦/୧୦୦ କି.ମି. ରହିବ। ଏହାର ପ୍ରଭାବରେ ୨୭ ତାରିଖ ସୋମବାରଠାରୁ ୪ ଦିନ ଯାଏ ଦକ୍ଷିଣ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶିକା ଡ. ମନୋରମା ମହାନ୍ତି ସୂଚନା ଦେଇଛନ୍ତି। ସମ୍ଭାବ୍ୟ ବାତ୍ୟାକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଶନିବାର ପୂର୍ବାହ୍ନରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଏନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକର ନିଷ୍ପତ୍ତି ଅନୁଯାୟୀ, ରାଜ୍ୟର ସମସ୍ତ ଜିଲାକୁ ବାତ୍ୟା ଓ ବର୍ଷା ଆଲର୍ଟ ଜାରି କରାଯାଇଛି। ବାତ୍ୟାର ପ୍ରକୋପ ୧୫ ଜିଲା ଉପରେ ଅଧିକ ରହୁଥିବାରୁ ସେଠାରେ ସଜାଗ ରହିବାକୁ ସମ୍ପୃକ୍ତ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ସ୍ପଷ୍ଟ କଲା ଆଇଏମ୍‌ଡି

■ ଓଡ଼ିଶାର ୧୫ ଜିଲାରେ ବାତ୍ୟା ପ୍ରଭାବ

ଭୁବନେଶ୍ୱର/ ଛତ୍ରପୁର (ବନ୍ଦନା ସେଠୀ /ରବିନାରାୟଣ ଜେନା/ ଦିଲ୍ଲୀପ ସାମଲ), ୨୫।୧୦

ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଉପରେ ଅବପାତ ଶନିବାର ସନ୍ଧ୍ୟା ସୁଦ୍ଧା ଗୋପାଳପୁରଠାରୁ ୧,୦୩୦ କି.ମି. ଦକ୍ଷିଣ ଓ ଦକ୍ଷିଣ-ପୂର୍ବ ଦିଗରେ ରହିଛି। ଏହା ଘଣ୍ଟା ପ୍ରତି ୭ କି.ମି. ବେଗରେ ପଶ୍ଚିମ ଦିଗରେ ଗତି କରୁଛି। ରବିବାର ସୁଦ୍ଧା ଏହା ଗଭୀର ଅବପାତରେ ପରିଣତ ହେବା ସହିତ ୨୭ ସକାଳ ସୁଦ୍ଧା ଦକ୍ଷିଣ-ପଶ୍ଚିମ ଏବଂ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ବାତ୍ୟାରେ ପରିଣତ ହେବ। ଏହାପରେ ଉତ୍ତର-ପଶ୍ଚିମ ଦିଗକୁ ଗତି କରି ୨୮ ସନ୍ଧ୍ୟା କିମ୍ବା ରାତି ବେଳକୁ ସ୍ଥଳଭାଗ ଛୁଇଁବ। ବାତ୍ୟା ପ୍ରଭାବରେ ୨୭ରୁ ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ଲାଗିରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଆଗାମୀ ଦୁଇଦିନ ☞ପୃଷ୍ଠା-୪

# ୨ ଅଷ୍ଟ୍ରେଲୀୟ ମହିଳା ଖେଳାଳିଙ୍କୁ ଅସଦାଚରଣ

ଇନ୍ଦୋର,୨୫।୧୦(ଏଜେନ୍ସି)

ଅଷ୍ଟ୍ରେଲିଆ ମହିଳା କ୍ରିକେଟ ଦଳର ଦୁଇ ଖେଳାଳିଙ୍କୁ ମଧ୍ୟପ୍ରଦେଶର ଇନ୍ଦୋରରେ ଜଣେ ବାଇକ୍ ଚାଳକ ଅସଦାଚରଣ କରିଥିବା ନେଇ ଅଭିଯୋଗ ହୋଇଛି। ଏହି ଘଟଣାରେ ଅଭିଯୁକ୍ତ ଅକିଲ ଖାନ୍‌ଙ୍କୁ ଶନିବାର ଇନ୍ଦୋର ପୋଲିସ ଗିରଫ କରିଛି। ବିଦେଶରୁ ଆସିଥିବା ମହିଳା ଖେଳାଳିଙ୍କ ସହ ଏଭଳି ଆଚରଣ ଭାରତର ଛବିକୁ ନିନ୍ଦିତ କରିଛି।

ସୂଚନା ମୁତାବକ, ଆଇସିସି ଓମେନ୍ସ କ୍ରିକେଟ ୱାର୍ଲ୍ଡକପ୍ ମ୍ୟାଚ୍‌ରେ ଭାଗନେବା ପାଇଁ ଅଷ୍ଟ୍ରେଲୀୟ ଟିମ୍ ଇନ୍ଦୋରକୁ ଆସିଥିଲା। ସେଥିରେ ସାମିଲ ଥିବା ଦୁଇ ମହିଳା ଖେଳାଳି ଗୁରୁବାର ସକାଳେ ☞ପୃଷ୍ଠା-୪

# ବିମାନ ଚଳାଚଳ କ୍ଷେତ୍ରକୁ ୪,୧୮୨ କୋଟି

**ରାଜ୍ୟରେ ବିମାନ ଚଳାଚଳ କ୍ଷେତ୍ରର ଭିତ୍ତିଭୂମି ବିକାଶ ସହ ଏହାକୁ ଅଧିକ ପ୍ରଶସ୍ତ କରିବା ପାଇଁ ସରକାର ଗୁରୁତ୍ୱ ଦେଉଛନ୍ତି। ଏହି କ୍ରମେ ଶନିବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ବିମାନ ସମ୍ପତ୍ତି ଓ ନେଟ୍‌ୱର୍କ ନିର୍ମାଣ ଏବଂ ପରିଚାଳନା (ବିଏମ୍ଏଏନ୍) ଏକୀକୃତ ଯୋଜନାରେ ଆଗାମୀ ୫ ବର୍ଷରେ ୪,୧୮୨ କୋଟି ଟଙ୍କା ଖର୍ଚ୍ଚ କରାଯିବା ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଏହି କ୍ଷେତ୍ରରେ ବ୍ୟାପକ ଉନ୍ନତି ଆଣି ସମସ୍ତଙ୍କ ପାଇଁ ବିମାନ ଯାତ୍ରାକୁ ସହଜ କରାଯିବ। ଫଳରେ ଓଡ଼ିଶା ବିମାନ ଚଳାଚଳ କ୍ଷେତ୍ରରେ ପୂର୍ବ ଭାରତର ଏକ ବିକଶିତ ରାଜ୍ୟରେ ପରିଣତ ହେବ ବୋଲି ଲକ୍ଷ୍ୟ ରଖାଯାଇଛି। ଏହାବାଦ୍ ରାଜ୍ୟର ଚାଷୀଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼, ଆହାର ଯୋଜନାକୁ ତ୍ୱରାନ୍ୱିତ କରିବା, ଲୋକଙ୍କ ଗମନାଗମନ ସୁବିଧା ପାଇଁ ୨୦୦ ନୂଆ ବସ୍ କିଣିବା ସମେତ ୫ ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି।**

■ ୫ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ମଞ୍ଜୁରୀ
■ ୬ ସହରରେ ଗଡ଼ିବ ୨୦୦ ଇ-ବସ୍

ଭୁବନେଶ୍ୱର,୨୫।୧୦
(ରବିନାରାୟଣ ଜେନା)

ରାଜ୍ୟରେ ସମସ୍ତଙ୍କ ପାଇଁ ବିମାନ ସେବା ଯୋଗାଇଦେବା, ଚାଷୀଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧି, ଆହାର ଯୋଜନାକୁ ତ୍ୱରାନ୍ୱିତ କରିବା ଭଳି ୫ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଶନିବାର ରାଜ୍ୟ କ୍ୟାବିନେଟ୍ ମୋହର ମାରିଛି। ଲୋକସେବା ଭବନର ୩ୟ ମହଲାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି।

ମୁଖ୍ୟସଚିବ ଆହୁଜା କହିଛନ୍ତି, ବିକଶିତ ଓଡ଼ିଶା-୨୦୩୬କୁ ଦୃଷ୍ଟିରେ ରଖି ରାଜ୍ୟରେ ବିମାନ ଚଳାଚଳ କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବା ପାଇଁ ବିମାନ ସମ୍ପତ୍ତି ଏବଂ ନେଟ୍‌ୱର୍କ ନିର୍ମାଣ ଏବଂ ପରିଚାଳନା(ବି-ଏମ୍ଏଏନ୍) ଏକୀକୃତ ଯୋଜନାରେ ୨୦୨୫ରୁ ୨୦୩୦ବର୍ଷ ମଧ୍ୟରେ ୪,୧୮୨ କୋଟି ଟଙ୍କା ଖର୍ଚ୍ଚ ହେବ। ଏଥିରେ ବିମାନ ଚଳାଚଳର ସମସ୍ତ ଦିଗକୁ ଏକ ବ୍ୟାପକ ଢାଞ୍ଚାରେ ପରିବର୍ତ୍ତନ କରିବା ପାଇଁ ଡିଜାଇନ୍ ପ୍ରସ୍ତୁତ କରାଯାଇଛି।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

ଏହି ଯୋଜନାର ମୂଳ ଲକ୍ଷ୍ୟ ହେଉଛି ସମସ୍ତଙ୍କ ପାଇଁ ବିମାନ ସେବା ସହଜସାଧ୍ୟ କରିବା। ଫଳରେ ପୂର୍ବ ଭାରତରେ ଏକ ଅଗ୍ରଣୀ ବିମାନ ଚଳାଚଳ କେନ୍ଦ୍ର ଭାବରେ ଓଡ଼ିଶା ସ୍ଥାନିତ ହୋଇପାରିବ। ବିମାନ କ୍ଷେତ୍ର ଭିତ୍ତିଭୂମି ବିକାଶ ଏବଂ ଆଧୁନିକୀକରଣ କରାଯିବ, ଯେଉଁଥିରେ ଆଞ୍ଚଳିକ ପ୍ରଦେଶ ଏବଂ କାର୍ଯ୍ୟକ୍ଷମ ଦକ୍ଷତାକୁ ଉନ୍ନତ କରିବା ପାଇଁ ଅନୁନ୍ନତ ଅଞ୍ଚଳରେ ଗ୍ରୀନ୍‌ଫିଲ୍ଡ ଏବଂ ବ୍ରାଉନ୍‌ଫିଲ୍ଡ ବିମାନବନ୍ଦର ସମେତ ରାଜ୍ୟବ୍ୟାପୀ ବିମାନବନ୍ଦର ଏବଂ ହେଲିପୋର୍ଟଗୁଡ଼ିକର ବିକାଶ, ଉନ୍ନତୀକରଣ ଏବଂ ରକ୍ଷଣାବେକ୍ଷଣ କରାଯାଇପାରିବ। ଏହାସହିତ ବିମାନ ସଂଯୋଗକୁ ଗୁରୁତ୍ୱ ଦିଆଯିବ। ଉଡ଼ାନ ଏବଂ ଅନ୍ୟାନ୍ୟ ଯୋଜନା ଅଧୀନରେ ପ୍ରମୁଖ ସହରଗୁଡ଼ିକ ସହିତ ଟାୟାର-୧ ଏବଂ ଟାୟାର-୨ ☞ପୃଷ୍ଠା-୪

### ଆଜିର ସମ୍ପାଦକୀୟ

ମମଦାନିଙ୍କ ମଡେଲ

### ଆଜିର ମନ୍ତବ୍ୟ

"କେନ୍ଦ୍ର ସରକାରଙ୍କ ଡିବିଟି ପଦକ୍ଷେପର ପ୍ରକୃତ ହିତାଧିକାରୀ ଲୋକେ ନୁହନ୍ତି, ବରଂ ପ୍ରଧାନମନ୍ତ୍ରୀଙ୍କ କେତେଜଣ ଉତ୍ତମ ବନ୍ଧୁ।
-ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ଅଧକ୍ଷ




# ଅଭିନେତା ସତୀଶ ଶାହଙ୍କ ପରଲୋକ



ମୁମ୍ବାଇ,୨୫।୧୦

ବଲିଉଡ୍‌ର ବର୍ଷୀୟାନ ଅଭିନେତା ସତୀଶ ଶାହଙ୍କର ଶନିବାର ଅପରାହ୍ନରେ ମୁମ୍ବାଇର ହିନ୍ଦୁଜା ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କୁ ୭୪ ବର୍ଷ ହୋଇଥିଲା। ସରାଭାଇ ଭର୍ସେସ୍ ସରାଭାଇ, ଜାନେ ଭି ଦୋ ୟାରୋ ଏବଂ ମେଁ ହୁଁ ନା ଭଳି ବହୁ ଚଳଚ୍ଚିତ୍ରରେ ନିଖୁଣ ଅଭିନୟ ପାଇଁ ଚର୍ଚ୍ଚିତ ଏହି ଲୋକପ୍ରିୟ ☞ପୃଷ୍ଠା-୪

# ବସ୍‌କୁ ଗୋଡ଼ାଇଲା ହାତୀ

ବେତନଟୀ, ୨୫।୧୦
(ଧରଣୀଧର ମହାନ୍ତି)

ଜଙ୍ଗଲ ନଷ୍ଟ ହେବାରେ ଲାଗିଥିବାରୁ ଖାଦ୍ୟ ଅନ୍ୱେଷଣରେ ବନ୍ୟଜନ୍ତୁ ଜନବସତିମୁହାଁ ହେଉଛନ୍ତି। ବିଭିନ୍ନ ସମୟରେ ହାତୀପଲ ଗାଁରେ ପଶି ଘରଦ୍ୱାର ଭାଙ୍ଗିବା ସହ ଚାଷଜମିରେ ଫସଲ ନଷ୍ଟ କରିଦେଉଛନ୍ତି। ଅନେକ ସମୟରେ ଜୀବନହାନି ମଧ୍ୟ ହେଉଛି। ମୟୂରଭଞ୍ଜ ଜିଲା ବେତନଟୀ ବନାଞ୍ଚଳ ଅଧୀନ ବିଭିନ୍ନ ଜଙ୍ଗଲରେ ରହୁଥିବା ହାତୀପଲ ଆଖପାଖ ଗାଁକୁ ପଶି ଆସୁଥିବାରୁ ଲୋକେ ଆତଙ୍କିତ ଅବସ୍ଥାରେ କାଳାତିପାତ କରୁଛନ୍ତି। ଶନିବାର ଏକ ଦନ୍ତା ହାତୀ ରାସ୍ତା ଉପରେ ଏକ ବସ୍‌କୁ ଶୁଣ୍ଢରେ ଠେଲିବା ସହ ଗୋଡ଼ାଇ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲା। ବସ୍‌ରେ ଥିବା ୫୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଭୟଭୀତ ହୋଇପଡ଼ିଥିଲେ। କୌଶଳକ୍ରମେ ଡ୍ରାଇଭର ବସ୍‌ଟିକୁ ଚଳାଇ ନେଇ ସେଠାରୁ ପଳାଇଯାଇଥିଲେ। ଶନିବାର ସକାଳେ ବେତନଟୀ ବ୍ଲକର ମେର୍ଦ୍ଦାଠାରୁ ସାରସକଣା



ମୟୂରଭଞ୍ଜର ଭୁରକୁଣ୍ଡି ଗ୍ରାମରେ ଯାତ୍ରୀବାହୀ ବସ୍‌କୁ ଶୁଣ୍ଢରେ ଠେଲୁଛି ହାତୀ ।

## ଯାତ୍ରୀ ଆତଙ୍କିତ

ଯାଉଥିବା ଏକ ବସ୍ ମେର୍ଦ୍ଦା ବେତନଟୀ ରାସ୍ତାର ଭୁରକୁଣ୍ଡି ଗ୍ରାମ ନିକଟରେ ରହିଥିଲା। ହଠାତ୍ ବସ୍ ସମ୍ମୁଖକୁ ଏକ ଦନ୍ତା ହାତୀ ଚାଲିଆସି ଶୁଣ୍ଢରେ ଠେଲି ଗଡ଼ାଇଦେବା ପାଇଁ ଚେଷ୍ଟା କରିଥିଲା। ସ୍ଥାନୀୟ ଗ୍ରାମବାସୀ ହାତୀକୁ ଘଉଡ଼ାଇବା ପାଇଁ ଚେଷ୍ଟା କରୁଥିବା ବେଳେ କୌଶଳକ୍ରମେ ଡ୍ରାଇଭର ବସ୍‌କୁ ଦ୍ରୁତଗତିରେ ଚଳାଇ ସେଠାରୁ ପଳାଇଯାଇଥିଲା। ଫଳରେ ବସ୍‌ରେ ଥିବା ୫୦ରୁ ଊର୍ଦ୍ଧ୍ୱ ଯାତ୍ରୀ ବିପଦମୁଖରୁ ବର୍ତ୍ତିଯାଇଥିଲେ।



**ଥାଇଲାଣ୍ଡ ରାଜମାତାଙ୍କ ପରଲୋକ**



ବ୍ୟାଙ୍କକ୍; ଥାଇଲାଣ୍ଡ ରାଜମାତା ସିରିକିଟ୍‌ଙ୍କର ୯୩ ବର୍ଷ ବୟସରେ ଶୁକ୍ରବାର ପରଲୋକ ହୋଇଯାଇଛି। ଗ୍ରାମାଞ୍ଚଳର ଗରିବଙ୍କୁ ସହାୟତା, ପାରମ୍ପରିକ ଶିଳ୍ପର ସଂରକ୍ଷଣ ଏବଂ ପରିବେଶ ସୁରକ୍ଷା ପାଇଁ ରାଜକୀୟ ପ୍ରକଳ୍ପଗୁଡ଼ିକର ସେ ଦେଖାରଖା କରୁଥିଲେ। ରକ୍ତ ସଂକ୍ରମଣ କାରଣରୁ ସେ ଗତ ୧୭ ତାରିଖରୁ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ ମଧ୍ୟ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସି ନ ଥିଲା। ୨୦୧୨ରେ ହୃଦ୍‌ଘାତ ପରେ ରାଜମାତା ସାଧାରଣ ଜୀବନରୁ ଦୂରେଇ ରହୁଥିଲେ। ତାଙ୍କ ସ୍ୱାମୀ ରାଜା ଭୂମିବୋଲ ଅଦୁଲ୍ୟାଦେଜ୍‌ଙ୍କର ୨୦୧୬ ଅକ୍ଟୋବରରେ ପରଲୋକ ହୋଇଥିଲା।



**ଦିଲ୍ଲୀରେ ଆଜି**



ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଶନିବାର ୟୁନିଭର୍ସିଟି କଲେଜ ଅଫ୍ ମେଡିକାଲ ସାଇନ୍ସେସ୍‌ର ୫୪ତମ ପ୍ରତିଷ୍ଠା ଦିବସ ଓ ସମାବର୍ତ୍ତନ ଉତ୍ସବର ଶୁଭାରମ୍ଭ କରୁଛନ୍ତି କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତି ରାଷ୍ଟ୍ରମନ୍ତ୍ରୀ ଡ. ଜିତେନ୍ଦ୍ର ସିଂ। (ଫଟୋ– ଚମନ ଗୌତମ)

# ଆସନ୍ତା ସପ୍ତାହରୁ ଦେଶବ୍ୟାପୀ ପ୍ରଥମ ପର୍ଯ୍ୟାୟ ଏସ୍‌ଆଇଆର୍

ନୂଆଦିଲ୍ଲୀ,୨୫।୧୦(ପି.ଟି.)

ନିର୍ବାଚନ କମିଶନ (ଇସି) ଆସନ୍ତା ସପ୍ତାହରୁ ଦେଶବ୍ୟାପୀ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)ର ପ୍ରଥମ ପର୍ଯ୍ୟାୟ ଆରମ୍ଭ କରିପାରନ୍ତି। ଆସନ୍ତାବର୍ଷ ନିର୍ବାଚନ ହେବାକୁ ଥିବା ରାଜ୍ୟ ସମେତ ୧୦ରୁ ୧୫ଟି ରାଜ୍ୟରେ ପ୍ରଥମେ ଏସ୍‌ଆଇଆର୍ ଆରମ୍ଭ ହୋଇପାରେ ବୋଲି କେତେଜଣ ଅଧିକାରୀ ଶନିବାର ସୂଚନା ଦେଇଛନ୍ତି। ୨୦୨୬ରେ ଆସାମ, ତାମିଲନାଡୁ, ପଣ୍ଡିଚେରୀ, କେରଳ ଏବଂ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାବେଳେ ପ୍ରଥମ ପର୍ଯ୍ୟାୟରେ ଆରମ୍ଭ ହେବାକୁ ଥିବା ଏସ୍‌ଆଇଆର୍‌ରେ ଉକ୍ତ ରାଜ୍ୟଗୁଡ଼ିକ ରହିଛି। ଏନେଇ ଆସନ୍ତା ସପ୍ତାହ ମଧ୍ୟଭାଗରେ ନିର୍ବାଚନ କମିଶନ ଘୋଷଣା କରିପାରନ୍ତି। ତେବେ ଯେଉଁ ରାଜ୍ୟଗୁଡ଼ିକରେ ପଞ୍ଚାୟତ ବା ପୌର ନିର୍ବାଚନ ହେଉଛି କିମ୍ବା ହେବାକୁ ଯାଉଛି, ସେଠାରେ ଏବେ ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ ହେବ ନାହିଁ। ସେହି ରାଜ୍ୟଗୁଡ଼ିକରେ ଦ୍ୱିତୀୟ ପର୍ଯ୍ୟାୟରେ ଏସ୍‌ଆଇଆର୍ ହେବ ବୋଲି ଅଧିକାରୀମାନେ କହିଛନ୍ତି।

ସୂଚନାଯୋଗ୍ୟ, ବିହାରରେ ନଭେମ୍ବର ୬ ଓ ୧୧ରେ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବାବେଳେ ସେଠାରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ କରାଯାଇ ସେପ୍ଟେମ୍ବର ୩୦ରେ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇଥିଲା। ଏସ୍‌ଆଇଆର୍ ପ୍ରକ୍ରିୟା ଆରମ୍ଭ କରିବା ନିମନ୍ତେ ଇସି ଇତିମଧ୍ୟରେ ରାଜ୍ୟ ନିର୍ବାଚନ ଅଧିକାରୀ (ସିଇଓ)ମାନଙ୍କ ସହ ଦୁଇଟି ସମ୍ମିଳନୀ କରିସାରିଲେଣି। କେତେଜଣ ସିଇଓ ସେମାନଙ୍କ ରାଜ୍ୟରେ ହୋଇଥିବା ଶେଷ ଏସ୍‌ଆଇଆର୍ ପରବର୍ତ୍ତୀ ଭୋଟର ତାଲିକା ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରିଛନ୍ତି। ଶେଷ ଏସ୍‌ଆଇଆର୍‌କୁ କଟ୍‌-ଅଫ୍ ତାରିଖ ଭାବେ ନିଆଯାଇ ପରବର୍ତ୍ତୀ ଏସ୍‌ଆଇଆର୍ କରାଯିବ। ଅଧିକାଂଶ ରାଜ୍ୟରେ ୨୦୦୨ରୁ ୨୦୦୪ ମଧ୍ୟରେ ଶେଷ ଥର ପାଇଁ ଏସ୍‌ଆଇଆର୍ ହୋଇଥିଲା। ଜନ୍ମସ୍ଥାନ ଯାଞ୍ଚ କରି ବିଦେଶୀ ବେଆଇନ ଆପ୍ରବାସୀଙ୍କୁ ଭୋଟର ତାଲିକାରୁ ବାଦ୍ ଦେବା ହେଉଛି ଏସ୍‌ଆଇଆର୍‌ର ପ୍ରାଥମିକ ଲକ୍ଷ୍ୟ।

## ସଂକ୍ଷେପରେ

### ୧.୮ ଲକ୍ଷ ଟଙ୍କାରେ ଶିଶୁ ବିକ୍ରି: ନିଶାସକ୍ତ ଦମ୍ପତି ଗିରଫ

ଚଣ୍ଡିଗଡ଼,୨୫।୧୦

ପଞ୍ଜାବ ମନ୍‌ସା ଜିଲା ଅନ୍ତର୍ଗତ ଆକବରପୁର ଖୁଡାଲ ଗ୍ରାମରେ ଡ୍ରଗ୍ସ ଅଭ୍ୟସ୍ତ ଦମ୍ପତି ସେମାନଙ୍କ ୬ ମାସର ଶିଶୁପୁତ୍ରକୁ ୧.୮ ଲକ୍ଷ ଟଙ୍କାରେ ଜଣେ ସ୍କ୍ରାପ୍ ଡିଲରଙ୍କୁ ବିକ୍ରି କରିଦେଇଥିଲେ। ସେମାନେ ପୂର୍ବରୁ ଘରର ଜିନିଷପତ୍ର ବିକ୍ରି ଉକ୍ତ ଟଙ୍କାରେ ଡ୍ରଗ୍ସ କିଣୁଥିଲେ। ଶିଶୁ ଚାଲାଣ ଅଭିଯୋଗରେ ପଞ୍ଜାବ ପୋଲିସ ଶିଶୁର ମା'ବାପାଙ୍କ ସମେତ ୪ ଜଣଙ୍କ ନାମରେ ମାମଲା ରୁଜୁ କରିଛି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ ଗିରଫ କରାଯାଇଥିବାବେଳେ ଅନ୍ୟ ଜଣେ ଫେରାର ହୋଇଯାଇଛନ୍ତି। ଶିଶୁକୁ ତା'ର ମା'ବାପାଙ୍କ ପାଖକୁ ଫେରାଇ ଆଣିବା ପାଇଁ ମାମୁ ପୋଲିସକୁ ନିବେଦନ କରିବା ପରେ ଘଟଣା ପଦାକୁ ଆସିଥିଲା। ଶିଶୁର ମାଆ ପୂର୍ବରୁ ଜଣେ କୁସ୍ତିଯୋଦ୍ଧା ଥିବାବେଳେ ବିବାହ ପରେ ଡ୍ରଗ୍ସ ଅଭ୍ୟସ୍ତ ହୋଇଯାଇଥିଲେ। ସ୍ୱାମୀ ମଧ୍ୟ ଜଣେ ଅଭ୍ୟାସଗତ ଡ୍ରଗ୍ସ ସେବନକାରୀ। ନିଶା ପାଇଁ ସେମାନେ ସବୁକିଛି ବିକି ଘର ବାରଣ୍ଡାରେ ଏକ ଅସ୍ଥାୟୀ ରୋଷେଇଘରେ ରହୁଛନ୍ତି। ପିଲାକୁ ପାଳିବାରେ ଅକ୍ଷମ ଥିବାରୁ ସେମାନେ ତାକୁ ବିକ୍ରି କରିଦେଇଥିବା ଜଣାପଡ଼ିଛି।

### ଭାଜପାରେ ଯୋଗଦେଲେ ଆର୍‌ଜେଡି ନେତ୍ରୀ ପ୍ରତିମା କୁଶୱାହା

ପାଟନା,୨୫।୧୦(ପି.ଟି.)

ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ଆର୍‌ଜେଡିନେତ୍ରୀ ତଥା ଦଳର ରାଜ୍ୟ ମହିଳା ଶାଖା ମୁଖ୍ୟ ପ୍ରତିମା କୁଶୱାହା ଶନିବାର ଭାଜପାରେ ଯୋଗ ଦେଇଛନ୍ତି। ବିରୋଧୀ ଦଳରେ ତୃଣମୂଳ ସ୍ତରର ନେତାମାନଙ୍କୁ ସମ୍ମାନ ମିଳୁ ନ ଥିବା ସେ ଅଭିଯୋଗ କରିଛନ୍ତି। ଭାଜପା ରାଜ୍ୟ ସଭାପତି ଦିଲୀପ ଜୟସ୍ୱାଲ ପ୍ରତିମାଙ୍କୁ ଗୈରିକ ଦଳରେ ସ୍ୱାଗତ କରିଛନ୍ତି। ଆର୍‌ଜେଡି ଏବଂ କଂଗ୍ରେସରେ ବଂଶବାଦ ରାଜନୀତି ଏତେ ବଢ଼ିଯାଇଛି ଯେ ନେତାମାନଙ୍କର ଉକ୍ତ ଦଳରୁ ମୋହଭଙ୍ଗ ହୋଇଗଲାଣି। ତେଣୁ ସେମାନେ ବହୁସଂଖ୍ୟାରେ ଭାଜପାରେ ଯୋଗଦେଉଥିବା ଜୟସ୍ୱାଲ କହିଛନ୍ତି।

### ପକ୍ଷୀ ମାଡ଼: ଦିଲ୍ଲୀ ଯାଉଥିବା ବିମାନ ନାଗପୁର ଫେରିଲା

ନୂଆଦିଲ୍ଲୀ,୨୫।୧୦

ନାଗପୁରରୁ ୧୫୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ନେଇ ଦିଲ୍ଲୀ ଅଭିମୁଖେ ଯାଉଥିବା ଏୟାର ଇଣ୍ଡିଆର ଏକ ବିମାନ ଶୁକ୍ରବାର ଉଡ଼ାଣ ଆରମ୍ଭ କରିବାର କିଛି ସମୟ ପରେ ପକ୍ଷୀ ମାଡ଼ ହେବାରୁ ଏହାକୁ ତୁରନ୍ତ ବାବାସାହେବ ଆମ୍ବେଡ୍‌କର ଅନ୍ତର୍ଜାତୀୟ ବିମାନବନ୍ଦରକୁ ଫେରିବାକୁ ପଡ଼ିଥିଲା। ପକ୍ଷୀମାଡ଼ ଯୋଗୁ ଇଞ୍ଜିନ୍‌କୁ କଭର କରୁଥିବା ଅଂଶ କ୍ଷତିଗ୍ରସ୍ତ ହୋଇଛି। ବିମାନଟି ନାଗପୁରରେ ସୁରକ୍ଷିତ ଅବତରଣ କରିଥିବାବେଳେ ଯାତ୍ରୀମାନଙ୍କୁ ଅନ୍ୟ ଏକ ବିମାନରେ ଦିଲ୍ଲୀ ପଠାଯାଇଛି। ଏଆଇ୪୬୬ ବିମାନଟି ସନ୍ଧ୍ୟା ୬ଟା ୩୮ରେ ନାଗପୁର ଛାଡ଼ିବାର ଅଧଘଣ୍ଟା ମଧ୍ୟରେ ପୁଣି ଉକ୍ତ ବିମାନବନ୍ଦରକୁ ଫେରିଥିଲା। ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର ଅନୁଯାୟୀ ସତର୍କତା ପଦକ୍ଷେପ ସ୍ୱରୂପ ବିମାନକୁ ଫେରାଇନେବା ପାଇଁ ନିଷ୍ପତ୍ତି ନିଆଯାଇଥିଲା ବୋଲି ଏୟାର ଇଣ୍ଡିଆ ମୁଖପାତ୍ର କହିଛନ୍ତି।

# ଆଦାନୀ ସିକ୍ୟୁରିଟିଜ୍‌ରେ ଏଲ୍‌ଆଇସିର ନିବେଶ: ପିଏସି ତଦନ୍ତ ଦାବିକଲା କଂଗ୍ରେସ

ନୂଆଦିଲ୍ଲୀ,୨୫।୧୦(ପି.ଟି.)

ଶେୟାର ବଜାରରେ କ୍ଷତିର ସମ୍ମୁଖୀନ ହୋଇଥିବା ଆଦାନୀ ଗ୍ରୁପ୍‌କୁ ସହାୟତା କରିବା ପାଇଁ ରାଷ୍ଟ୍ରାୟତ୍ତ କମ୍ପାନୀ ଜୀବନ ବୀମା ନିଗମ (ଏଲ୍‌ଆଇସି) ଆଦାନୀ ସିକ୍ୟୁରିଟିଜ୍‌ରେ ବିପୁଳ ପୁଞ୍ଜିନିବେଶ କରିଥିବା ୱାଶିଂଟନ ପୋଷ୍ଟରେ ରିପୋର୍ଟ ପ୍ରକାଶ ପାଇଥିଲା। ଏହା ଜଣାପଡ଼ିବା ପରେ ପାର୍ଲାମେଣ୍ଟର ପବ୍ଲିକ୍ ଆକାଉଣ୍ଟସ୍ କମିଟି (ପିଏସି) ଜୀବନ ବୀମା ନିଗମର ତଦନ୍ତ କରିବାକୁ କଂଗ୍ରେସ ଶନିବାର ଦାବି କରିଛି। ତେବେ ଏଲ୍‌ଆଇସି ଅଭିଯୋଗକୁ ମିଥ୍ୟା ଓ ଭିତ୍ତିହୀନ କହି ଖଣ୍ଡନ କରିଛି।

ଏଲ୍‌ଆଇସିରେ ୩୦ କୋଟି ବୀମାଧାରୀ ସଞ୍ଚୟ କରିଥିବାବେଳେ ଆଦାନୀ ଗ୍ରୁପ୍‌ର ଲାଭ ପାଇଁ ଏହାକୁ କୌଶଳଗତ ଭାବେ ଦୁରୁପଯୋଗ କରାଯାଉଥିବା କଂଗ୍ରେସ ସାଧାରଣ ସମ୍ପାଦକ ତଥା ଗଣମାଧ୍ୟମ



ମଲ୍ଲିକାର୍ଜୁନ ଖାର୍ଗେ

ପ୍ରଭାରୀ ଜୟରାମ ରମେଶ ଅଭିଯୋଗ କରିଛନ୍ତି। କେତେକ ଆଭ୍ୟନ୍ତରୀଣ ଦସ୍ତାବିଜ୍‌କୁ ଆଧାରକରି ୱାଶିଂଟନ ପୋଷ୍ଟ ଉପରୋକ୍ତ ଖବର ଛାପିବା ପରେ କଂଗ୍ରେସ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛି। ୨୦୨୫ ମେ'ରେ ଆଦାନୀ ଗ୍ରୁପ୍‌ର ବିଭିନ୍ନ କମ୍ପାନୀରେ ପ୍ରାୟ ୩୩,୦୦୦ କୋଟି ଟଙ୍କା ଏଲ୍‌ଆଇସି ପାଣ୍ଠି ନିବେଶ କରିବା ପାଇଁ ଭାରତୀୟ ଅଧିକାରୀମାନେ ପ୍ରସ୍ତାବ ପ୍ରସ୍ତୁତ କରିବା ସହ ଏହାକୁ ମଞ୍ଜୁର କରାଇଥିଲେ। ପୂର୍ବରୁ ଆମେରିକୀୟ ଶର୍ଟ ସେଲର ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ଆଦାନୀ ଗ୍ରୁପ୍ ବିରୋଧରେ ଷ୍ଟକ୍ ଜାଲିଆତି ଅଭିଯୋଗ ଆଣିଥିବାବେଳେ ପୁଞ୍ଜି ବଜାର ନିୟନ୍ତ୍ରକ ସେବି ଉକ୍ତ ଗ୍ରୁପ୍‌କୁ କ୍ଲିନ୍‌ଚିଟ୍ ଦେଇଥିଲା। ଗ୍ରୁପ୍‌ର କମ୍ପାନୀଗୁଡ଼ିକ ମଧ୍ୟରେ ପାଣ୍ଠି କାରବାର କୌଣସି ନିୟମାବଳୀର ଉଲ୍ଲଂଘନ କରୁ ନ ଥିବା ସେବି କହିଥିଲା। ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ପରେ ସେବି ଷ୍ଟକ୍ ଜାଲିଆତି ଅଭିଯୋଗର ତଦନ୍ତ କରିଥିଲା।

ଏଲ୍‌ଆଇସି ପକ୍ଷରୁ Xରେ ପୋଷ୍ଟ କରାଯାଇଥିବା ଏକ ବିବୃତିରେ କୁହାଯାଇଛି, ଏହାର ନିବେଶ ନିଷ୍ପତ୍ତି ବାହ୍ୟ କାରକ ଦ୍ୱାରା ପ୍ରଭାବିତ ହେଉଥିବା ନେଇ ୱାଶିଂଟନ ପୋଷ୍ଟ ଆଣିଥିବା ଅଭିଯୋଗ ମିଥ୍ୟା, ଭିତ୍ତିହୀନ ଏବଂ ସତ୍ୟତାଠାରୁ ବହୁ ଦୂରରେ। ରିପୋର୍ଟରେ ଦର୍ଶାଯାଇଥିବା ସେଭଳି କୌଣସି ଦସ୍ତାବିଜ୍ କିମ୍ବା ଯୋଜନା ଏଲ୍‌ଆଇସି କେବେ ପ୍ରସ୍ତୁତ କରିନାହିଁ, ଯାହାକି ଆଦାନୀ ଗ୍ରୁପ୍ ଅଫ୍ କମ୍ପାନିଜ୍‌ରେ ଏଲ୍‌ଆଇସିର ପାଣ୍ଠି ବିନିଯୋଗ କରିବା ଲାଗି ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିବ। ସବିଶେଷ ତଥା ଉପଯୁକ୍ତ ଭାବେ କାର୍ଯ୍ୟ କରିବା ପରେ ବୋର୍ଡର ଅନୁମୋଦିତ ନୀତି ଆଧାରରେ ଏଲ୍‌ଆଇସି ସ୍ୱାଧୀନ ଭାବେ ନିବେଶ ନିଷ୍ପତ୍ତି ନେଇଥାଏ। ଏଭଳି ନିଷ୍ପତ୍ତିରେ ଆର୍ଥିକ ସେବା କିମ୍ବା ଅନ୍ୟ କୌଣସି ବିଭାଗର କୌଣସି ଭୂମିକା ନାହିଁ ବୋଲି ଏଲ୍‌ଆଇସି ପକ୍ଷରୁ ସଫେଇ ଦିଆଯାଇଛି। ଅନ୍ୟପକ୍ଷରେ କଂଗ୍ରେସର ଅଭିଯୋଗ ଉପରେ ଆଦାନୀ ଗ୍ରୁପ୍ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ। ସରକାରଙ୍କ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି) ପଦକ୍ଷେପର ପ୍ରକୃତ ହିତାଧିକାରୀ ଭାରତର ସାଧାରଣ ଲୋକ ନୁହନ୍ତି ବରଂ ମୋଦିଙ୍କ କେତେଜଣ ଉତ୍ତମ ବନ୍ଧୁ ବୋଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି। ବେତନଭୋଗୀ ମଧ୍ୟବିତ୍ତ ଶ୍ରେଣୀ ସେମାନଙ୍କ ଏଲ୍‌ଆଇସି ପ୍ରିମିୟମ୍ ଭାବେ ପୈଠ କରୁଥିବା ପ୍ରତ୍ୟେକ ମୁଦ୍ରାକୁ ମୋଦି ଆଦାନୀ ଗ୍ରୁପ୍‌କୁ କ୍ଷତିରୁ ବଞ୍ଚାଇବା ପାଇଁ ବ୍ୟବହାର କରୁଥିବା ସେମାନେ ଜାଣନ୍ତି କି? ଏହା ଲୁଟ୍ ଏବଂ ବିଶ୍ୱାସର ଉଲ୍ଲଂଘନ ନୁହେଁ କି ବୋଲି ଖାର୍ଗେ ପ୍ରଶ୍ନ କରିଛନ୍ତି। ଆଦାନୀ ଗ୍ରୁପ୍‌ରେ କାହିଁକି ଏଲ୍‌ଆଇସି ପାଣ୍ଠି ବିନିଯୋଗ ହୋଇଥିଲା ଏବଂ ୨୦୨୫ ମେ'ରେ ୩୩,୦୦୦ କୋଟି ନିବେଶ ପାଇଁ ଯୋଜନା ପ୍ରସ୍ତୁତ ହୋଇଥିଲା କେନ୍ଦ୍ର ସରକାର ତାହାର ଉତ୍ତର ଦେବେ କି ବୋଲି ଖାର୍ଗେ ପ୍ରଶ୍ନ କରିଛନ୍ତି। ଏପରିକି ପୂର୍ବରୁ ୨୦୨୩ରେ ଆଦାନୀ ଶେୟାର ୩୨ ପ୍ରତିଶତରୁ ଅଧିକ ଖସିଥିବାବେଳେ ଆଦାନୀ ଏଫ୍‌ପିଓରେ ଏଲ୍‌ଆଇସି ଏବଂ ଏସ୍‌ବିଆଇର ୫୨୫ କୋଟି ଟଙ୍କା ନିବେଶ ହୋଇଥିଲା କ'ଣ ପାଇଁ ବୋଲି କଂଗ୍ରେସ୍ ଅଧ୍ୟକ୍ଷ ପ୍ରଶ୍ନ କରିଛନ୍ତି।

## ସାର୍‌କ୍ରିକ୍‌ରେ ଭାରତର ସମରାଭ୍ୟାସ ପୂର୍ବରୁ ପାକ୍ ବାୟୁସୀମାରେ କଟକଣା

ଇସ୍‌ଲାମାବାଦ,୨୫।୧୦

ପାକିସ୍ତାନ ସୀମାବର୍ତ୍ତୀ ସାର୍‌କ୍ରିକ୍‌ରେ ଭାରତୀୟ ସେନାର ୩ ବାହିନୀ ସମରାଭ୍ୟାସ କରିବାକୁ ଯାଉଥିବାବେଳେ ଏହା ପୂର୍ବରୁ ଇସ୍‌ଲାମାବାଦ ଏହାର ବାୟୁସୀମାରେ କଟକଣା ଲଗାଇଛି। ପାକିସ୍ତାନ ଏୟାରସ୍ପେସ୍‌ର ଅନେକ ବିମାନ ଚଳାଚଳ ରୁଟ୍‌ରେ ଏହି କଟକଣା ଲାଗୁ ହୋଇଥିବା ନେଇ ଇସ୍‌ଲାମାବାଦ ବିଜ୍ଞପ୍ତି ଜାରି କରିଛି। ଅକ୍ଟୋବର ୨୮-୨୯ ପାଇଁ ନୋଟାମ୍ (ନୋଟିସ୍ ଟୁ ଏୟାରମେନ୍) ଜାରିର କାରଣ ସମ୍ପର୍କରେ ପାକିସ୍ତାନ କିଛି ଜଣାଇନାହିଁ। ସମ୍ଭାବ୍ୟ ଅସ୍ତ୍ର ପରୀକ୍ଷା ହୋଇପାରେ ବୋଲି ବିଶେଷଜ୍ଞମାନେ ଆଶଙ୍କା କରିଛନ୍ତି। ଅକ୍ଟୋବର ୩୦ରୁ ନଭେମ୍ବର ୧୦ ପାକ୍ ସୀମା ସଂଲଗ୍ନ ସାର୍‌କ୍ରିକ୍‌ରେ ତିନି ସେନାର ମିଳିତ ସମରାଭ୍ୟାସ ପାଇଁ ଭାରତ ନୋଟାମ୍ ଜାରି କରିଥିଲା।

# ମହିଳା ଡାକ୍ତରଙ୍କ ଆତ୍ମହତ୍ୟାର ଏସ୍‌ଆଇଟି ତଦନ୍ତ ଦାବି

ମୁମ୍ବାଇ,୨୫।୧୦

ମହାରାଷ୍ଟ୍ର ସତାରା ଜିଲା ଫଲ୍‌ଟନ ସବ୍-ଡିଷ୍ଟ୍ରିକ୍ଟ ହସ୍ପିଟାଲରେ ୨ ବର୍ଷ ହେଲା ମେଡିକାଲ ଅଫିସର ଭାବେ କାର୍ଯ୍ୟରତ ୨୮ ବର୍ଷୀୟା ମହିଳା ଡାକ୍ତରଙ୍କ ଆତ୍ମହତ୍ୟାର ନିରପେକ୍ଷ ତଦନ୍ତ ପାଇଁ ବିରୋଧୀ ଦଳ ଦାବି କରିଛି। ତାଙ୍କୁ ପୋଲିସ ଏସ୍‌ଆଇ ଗୋପାଳ ବଦ୍‌ନେ ୪ ଥର ବଳାତ୍କାର କରିବା ସହ ଇନ୍‌ସ୍ପେକ୍ଟର ପ୍ରଶାନ୍ତ ବାଙ୍କର ମାନସିକ ଓ ଶାରୀରିକ ନିର୍ଯ୍ୟାତନା ଦେଇଥିବା ଅଭିଯୋଗ ହୋଇଥିଲା। ଜଣେ ଏମ୍‌ପି ମଧ୍ୟ ତାଙ୍କ ଉପରେ ଚାପ ପକାଉଥିବା ସୁଇସାଇଡ୍ ନୋଟ୍‌ରେ ଅଭିଯୋଗ ହୋଇଛି। ଆତ୍ମହତ୍ୟା ପାଇଁ ବାଧ୍ୟ କରିବା ନେଇ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କ ମେଡିକାଲ ରିପୋର୍ଟ ବଦଳାଇବା ପାଇଁ ବଦ୍‌ନେ ଏବଂ ତାଙ୍କ ସହଯୋଗୀ ବାରମ୍ବାର ଡାକ୍ତରଙ୍କ ଉପରେ ଚାପ ପକାଇବା ସହ ଧମକ ଦେଉଥିଲେ ବୋଲି ତାଙ୍କ ସମ୍ପର୍କୀୟମାନେ ଅଭିଯୋଗ କରିଛନ୍ତି। ଜୁନ୍‌ରେ ଡିଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଥିଲେ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିଲା। ଏହି ଘଟଣାରେ ମହାରାଷ୍ଟ୍ର ସରକାରଙ୍କୁ ବିରୋଧୀ ଟାର୍ଗେଟ କରିଛନ୍ତି। ମହିଳା ଡାକ୍ତରଙ୍କ ନିର୍ଦ୍ଦିଷ୍ଟ ସାଂଖ୍ୟା ଏବଂ ସେ ବିଡ୍ ଜିଲାର ହୋଇଥିବାରୁ ତାଙ୍କ ଅଭିଯୋଗକୁ ଅଣଦେଖା କରାଯାଇଥିଲା, ଯାହା ଗମ୍ଭୀର ଘଟଣା ବୋଲି ଏନ୍‌ସିପି ନେତା ଧନଞ୍ଜୟ ମୁଣ୍ଡେ କହିଛନ୍ତି। ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ଦ୍ୱାରା ସମଗ୍ର ଘଟଣାର ଉପଯୁକ୍ତ ତଦନ୍ତ ସହ ଫାଷ୍ଟଟ୍ରାକ୍ କୋର୍ଟରେ ବିଚାର ପାଇଁ ସେ ଦାବି କରିଛନ୍ତି। ଏଥିପାଇଁ ସେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍‌ଙ୍କୁ ଚିଠି ଲେଖି ଦାବି କରିବେ ବୋଲି କହିଛନ୍ତି।

# ଦିଲ୍ଲୀର ପ୍ରତି ୪ରୁ ୩ ପରିବାର ଦୂଷିତ ବାୟୁ ପ୍ରଭାବ ଅନୁଭବ କରୁଛନ୍ତି: ସର୍ଭେ

ନୂଆଦିଲ୍ଲୀ,୨୫।୧୦(ପି.ଟି.)

ଦିଲ୍ଲୀ-ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍)ର ପ୍ରତି ୪ରୁ ୩ ପରିବାର ପ୍ରଦୂଷଣଜନିତ ବିଷାକ୍ତ ବାୟୁର ପ୍ରଭାବ ଅନୁଭବ କରୁଥିବା ଏକ ସର୍ଭେରୁ ଜଣାପଡ଼ିଛି। ଗଳାରେ ଯନ୍ତ୍ରଣା ହେବା, କାଶ ଏବଂ ଆଖି ପୋଡ଼ିବା, ମୁଣ୍ଡବିନ୍ଧା ଏବଂ ନିଦରେ ବ୍ୟାଘାତ ଆଦି ସେମାନଙ୍କ ସାଧାରଣ ଅଭିଯୋଗ। ଲୋକାଲ ସର୍କଲ୍ସ ନାମକ ନାଗରିକଙ୍କ ସହ ଜଡ଼ିତ ଏକ ଅନ୍‌ଲାଇନ୍ ସର୍ଭେରୁ ଏହା ସାମ୍ନାକୁ ଆସିଛି।

କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ତଥ୍ୟକୁ ଅନୁଧ୍ୟାନ କଲେ ଦେଖାଯାଏ ଦୀପାବଳି ପରେ ବାୟୁରେ ପିଏମ୍ ୨.୫ ସ୍ତର ଘନମିଟର ପ୍ରତି ୪୮୮ ମାଇକ୍ରୋଗ୍ରାମ୍‌ରେ ପହଞ୍ଚିଛି, ଯାହାକି ୫ ବର୍ଷ ମଧ୍ୟରେ ସର୍ବାଧିକ। ଦୀପାବଳି ପୂର୍ବରୁ ପିଏମ୍ ୨.୫ ସ୍ତର ୧୫୬.୬ ମାଇକ୍ରୋଗ୍ରାମ ଥିବାବେଳେ ପରେ ଏହା



୩ ଗୁଣ ବଢ଼ିଛି। ଦୀପାବଳି ରାତି ଓ ତା ପରଦିନ ଭୋର ସମୟରେ ପ୍ରଦୂଷଣ ସ୍ତର ସର୍ବାଧିକ ଥିଲା। ସର୍ଭେରେ ଦିଲ୍ଲୀ, ଗୁରୁଗ୍ରାମ, ନଏଡ଼ା, ଫରିଦାବାଦ ଏବଂ ଗାଜିଆବାଦ୍‌ର ୪୪,୦୦୦ ଲୋକଙ୍କଠାରୁ ମତାମତ ସଂଗ୍ରହ କରାଯାଇଥିବାବେଳେ ୪୨ ପ୍ରତିଶତ ପରିବାରର ଜଣେ ବା ୨ ଜଣ ସଦସ୍ୟଙ୍କଠାରେ ଗଳା ଫୁଲିବା ବା କାଶ ହେବା ସମସ୍ୟା ଥିବା ଜଣାପଡ଼ିଛି। ସେହିପରି ୨୫ ପ୍ରତିଶତ ପରିବାର ସଦସ୍ୟ ଆଖି ଜଳାପୋଡ଼ା, ମୁଣ୍ଡବିନ୍ଧା କିମ୍ବା ଶୋଇବାରେ ସମସ୍ୟା ହେଉଥିବା ଅଭିଯୋଗ କରିଛନ୍ତି। ଏହା ବ୍ୟତୀତ ୧୭ ପ୍ରତିଶତ ପରିବାର ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରୁଥିବା ବା ଆଜ୍‌ମା ବଢ଼ିଯାଇଥିବା ଜଣାଇଛନ୍ତି।

ଲୋକାଲ ସର୍କଲ୍ସର କହିବା ଅନୁଯାୟୀ ୪୪ ପ୍ରତିଶତ ପରିବାରର ଲୋକେ ବାହାରକୁ ଯିବା କମାଇଦେବା ସହ ଦୂଷିତ ବାୟୁଜନିତ ପ୍ରଭାବରୁ ମୁକ୍ତି ପାଇବା ପାଇଁ ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧିକାରକ ଖାଦ୍ୟପାନୀୟ ଗ୍ରହଣ କରୁଛନ୍ତି। ପ୍ରଦୂଷଣଜନିତ ସମସ୍ୟାରୁ ମୁକ୍ତି ପାଇବା ପାଇଁ ଏକ ତୃତୀୟାଂଶ ପରିବାର ଡାକ୍ତରଙ୍କ ସହ ପରାମର୍ଶ କରିଥିବା ବା କରିବାକୁ ଯୋଜନା ରଖିଥିବା କହିଛନ୍ତି। ବନ୍ୟା ଓ ବିଳମ୍ବରେ ଫସଲ ଅମଳ ଯୋଗୁ ପଞ୍ଜାବ ଓ ହରିୟାଣାରେ ନଡ଼ା ପୋଡ଼ି ୭୭.୫% କମିଥିଲେ ମଧ୍ୟ ଦିଲ୍ଲୀ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ବିଭିନ୍ନ ଅଞ୍ଚଳରେ ୪୦୦ ଅତିକ୍ରମ କରିଛି, ଯାହାକି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଅନୁମୋଦିତ ସ୍ତରର ୨୪ ଗୁଣ। ପ୍ରଦୂଷଣ ରୋକିବା ଦିଗରେ କଠୋର ପଦକ୍ଷେପ ଗ୍ରହଣ କରିବାକୁ ଜନସାଧାରଣ ଆହ୍ୱାନ ଦେଇଛନ୍ତି।

# ଲୋକପ୍ରିୟ ଅଭିନେତା ସତୀଶ ଶାହ

ମୁମ୍ବାଇ

ବଲିଉଡ୍‌ର ଲୋକପ୍ରିୟ ଅଭିନେତା ସତୀଶ ଶାହଙ୍କର ୭୪ ବର୍ଷ ବୟସରେ ଶନିବାର ପରଲୋକ ହୋଇଯାଇଛି। ଜାନେ ଭି ଦୋ ୟାରୋ, ୟେହ ଜୋ ହୈ ଜିନ୍ଦଗି, ସରାଭାଇ ଭର୍ସସ ସରାଭାଇ, ମୈଁ ହୁଁ ନା, କାଲ୍ ହୋ ନା ହୋ, ଫନା ଏବଂ ଓମ୍ ଶାନ୍ତି ଓମ୍ ଭଳି ଚଳଚ୍ଚିତ୍ରରେ ନିଖୁଣ ଅଭିନୟ ପାଇଁ ସେ ସବୁବେଳେ ସ୍ମରଣୀୟ ହୋଇ ରହିବେ। ୧୯୫୧ ଜୁନ୍ ୨୫ରେ ଜନ୍ମଗ୍ରହଣ କରିଥିବା ଶାହ ଭାରତୀୟ ସିନେମା ଏବଂ ଟେଲିଭିଜନରେ ଜଣେ ଖ୍ୟାତନାମା ବ୍ୟକ୍ତିତ୍ୱ ଥିଲେ। ସେ ଅନେକ ଦଶନ୍ଧି ଧରି ଅଭିନୟ ସହ ଜଡ଼ିତ ଥିଲେ। କେବଳ ହାସ୍ୟାଭିନୟ ନୁହେଁ, ବିଭିନ୍ନ ଚରିତ୍ରରେ ଅଭିନୟ କରି ସେ ବେଶ୍ ଲୋକପ୍ରିୟ ହୋଇଥିଲେ।

ଫିଲ୍ମ ଆଣ୍ଡ ଟେଲିଭିଜନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆରୁ ସ୍ନାତକ ପରେ ସେ ୧୯୭୮ରେ ଅରବିନ୍ଦ ଦେଶାଇ କି ଆଜୀବ ଦସ୍ତାନ ଏବଂ ୧୯୭୯ରେ ଗମନ ଭଳି ଚଳଚ୍ଚିତ୍ରରେ ଅଭିନୟ ଆରମ୍ଭ କରିଥିଲେ। ଚଳଚ୍ଚିତ୍ର ନିର୍ମାତା କୁନ୍ଦନ ଶାହଙ୍କ 'ଜାନେ ଭି ଦୋ ୟାରୋ' ଚଳଚ୍ଚିତ୍ରରେ ଅଭିନୟ ପାଇଁ ସେ ଘରେ ଘରେ ପରିଚିତ ହୋଇଥିଲେ। ୧୯୮୪ର ଟେଲିଭିଜନ ସିରିଜ୍ ୟେହ ଜୋ ହୈ ଜିନ୍ଦଗୀର ୫୫ଟି ଅଧ୍ୟାୟରେ ୫୫ ଭୂମିକାରେ ଅଭିନୟ କରିଥିଲେ। ସେହିପରି ୧୯୯୫ରେ ଫିଲ୍ମି ଚକ୍କର ନାମକ ଟେଲିଭିଜନ ସିରିଏଲ୍‌ର ୫୦ଟି ଅଧ୍ୟାୟରେ ସେ କାର୍ଯ୍ୟ କରିଥିଲେ। ୨୦୦୪ର ସରାଭାଇ ଭର୍ସସ ସରାଭାଇ ଟେଲିଭିଜନ ଶୋ'ରେ ଲୋକପ୍ରିୟ ଅନ୍‌ସ୍କ୍ରିନ୍ ଚରିତ୍ର ଇନ୍ଦ୍ରବଦନ ସରାଭାଇ ପରି ଶାହଙ୍କ ଜୀବନ ପ୍ରେମପୂର୍ଣ୍ଣ ଓ ମଜାଳିଆ ଥିଲା। ଘର ଜମାଇ ସିରିଏଲ୍‌ର ୮୦ଟି ଏପିସୋଡ୍‌ରେ ସେ ମୁଖ୍ୟ ଭୂମିକାରେ ଅଭିନୟ କରିବା ସହ ଅଲ୍ ଦି ବେଷ୍ଟ ସିରିଏଲ୍‌ରେ ସ୍ୱରୂପ ସମ୍ପତ୍‌ଙ୍କ ସହ ୧୦୯ଟି ଅଧ୍ୟାୟରେ ଅଭିନୟ କରିଥିଲେ।

ବ୍ୟକ୍ତିଗତ ଜୀବନରେ ସେ ୧୯୭୨ରେ ଡିଜାଇନର ମଧୁ ଶାହଙ୍କୁ ବିବାହ କରିଥିଲେ।



# କନୋଲି ହେବେ ଆୟର୍ଲାଣ୍ଡ ରାଷ୍ଟ୍ରପତି

ଲଣ୍ଡନ,୨୫।୧୦

ଆୟର୍ଲାଣ୍ଡରେ ଶନିବାର ଅନୁଷ୍ଠିତ ରାଷ୍ଟ୍ରପତି ନିର୍ବାଚନରେ ବିରୋଧୀ ପ୍ରାର୍ଥୀ ପରାଜୟ ସ୍ୱୀକାର କରିନେଇଥିବାରୁ କାଥେରିନ୍ କନୋଲି ପରବର୍ତ୍ତୀ ରାଷ୍ଟ୍ରପତି ହେବାକୁ ଯାଉଛନ୍ତି। ନିର୍ବାଚନ ଫଳାଫଳ ଆନୁଷ୍ଠାନିକ ଭାବେ ଘୋଷଣା ହୋଇ ନ ଥିବାବେଳେ କନୋଲିଙ୍କ ସପକ୍ଷରେ ୬୦ ପ୍ରତିଶତ ଭୋଟ ଯାଇଥିବା ଜଣାପଡ଼ିଛି। ପରବର୍ତ୍ତୀ ରାଷ୍ଟ୍ରପତି ଭାବେ ବାମପନ୍ଥୀ ରାଜନୈତିକ ବିଚାରଧାରାକୁ ସମର୍ଥନ କରୁଥିବା ସ୍ୱାଧୀନ ପ୍ରାର୍ଥୀ କନୋଲିଙ୍କୁ ଅଭିନନ୍ଦନ ଜଣାଇବାକୁ ଚାହାନ୍ତି ବୋଲି ସେଣ୍ଟର-ରାଇଟ୍ ପାର୍ଟି ପ୍ରାର୍ଥୀ ହିଥର ହମ୍ଫ୍ରେସ୍ ଗଣମାଧ୍ୟମକୁ କହିଛନ୍ତି। ୬୮ ବର୍ଷୀୟା କନୋଲିଙ୍କ ପ୍ରତି ଭୋଟରମାନଙ୍କ ଦୃଢ଼ ସମର୍ଥନ ରହିଥିବା ନିର୍ବାଚନରୁ ପ୍ରମାଣିତ ହୋଇଛି। ପୂର୍ବତନ ବାରିଷ୍ଟର ତଥା ୨୦୧୬ରୁ ସ୍ୱାଧୀନ ସାଂସଦ ରହିଥିବା କନୋଲିଙ୍କୁ ସିନ୍ ଫେଇନ୍ ସମେତ ବାମପନ୍ଥୀ ଦଳ, ଲେବର ପାର୍ଟି



ଓ ସୋସିଆଲ ଡେମୋକ୍ରାଟ୍ସ ସମର୍ଥନ ଜଣାଇଥିଲେ। ପ୍ରଥମ ଦିନରୁ ତାଙ୍କର ସମାବେଶୀ, ସମାନତା ଓ ସାମାଜିକ ନ୍ୟାୟ ବାର୍ତ୍ତା ଆୟର୍ଲାଣ୍ଡର ଭୋଟରଙ୍କ ମଧ୍ୟରେ ଗୁଞ୍ଜରିତ ହୋଇଥିଲା ବୋଲି ସୋସିଆଲ ଡେମୋକ୍ରାଟ୍ସ ନେତା ହୋଲି କେଇର୍ନସ କହିଛନ୍ତି।

## ଆଫଗାନିସ୍ତାନକୁ ପାକିସ୍ତାନର ଖୋଲା ଯୁଦ୍ଧ ଚେତାବନୀ

ଇସ୍‌ଲାମାବାଦ,୨୫।୧୦

ଇସ୍ତାନବୁଲରେ ଆଫଗାନିସ୍ତାନ ସହ ପାକିସ୍ତାନର ଶାନ୍ତି ଆଲୋଚନା ଜାରି ରହିଛି। ଦୀର୍ଘମିଆଦୀ ଅସ୍ତ୍ରବିରତି ନେଇ ରାଜିନାମା ହୋଇ ନ ପାରିଲେ ଖୋଲା ଯୁଦ୍ଧ ଆଡ଼କୁ ମୁହାଁଇପାରେ ବୋଲି ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ମହମ୍ମଦ ଅସିଫ୍ ଶନିବାର ଚେତାବନୀ ଦେଇଛନ୍ତି। ତୁର୍କୀର ଇସ୍ତାନବୁଲ୍‌ଠାରେ ଶନିବାର ଆଫଗାନିସ୍ତାନ ଓ ପାକିସ୍ତାନ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ଆରମ୍ଭ ହୋଇଛି। ୨ ସପ୍ତାହ ଧରି ଦୁଇ ଦେଶ ମଧ୍ୟରେ ସଂଘର୍ଷ ଲାଗି ରହିବା ସହ ଉଭୟ ପକ୍ଷର ଶତାଧିକ ଲୋକ ମୃତାହତ ହୋଇଥିଲେ। ଅସ୍ତ୍ରବିରତି ପାଇଁ ଉଭୟ ଦେଶ ରାଜି ହୋଇଥିଲେ ହେଁ ୨ ଦିନ ପରେ ତାହାର ଉଲ୍ଲଂଘନ ହୋଇଥିଲା। ପରେ କାତାର ଏବଂ ତୁର୍କୀ ମଧ୍ୟସ୍ଥତାରେ ଦ୍ୱିତୀୟ ଅସ୍ତ୍ରବିରତି ଗତ ରବିବାରଠାରୁ କାର୍ଯ୍ୟକାରୀ ହୋଇଥିଲା।




## ଢେଙ୍କାନାଳରେ ବାଘ ଆତଙ୍କ

ଢେଙ୍କାନାଳ,୨୫।୧୦(ରତନ ନାୟାର)

ଢେଙ୍କାନାଳ ଜିଲା କାମାକ୍ଷାନଗର ପୂର୍ବାଞ୍ଚଳ ଓ ପଶ୍ଚିମାଞ୍ଚଳ, ମହାବିରୋଡ଼ ଓ ଭୁବନ ରେଞ୍ଜ ଅଞ୍ଚଳରେ କିଛିଦିନ ହେବ ବାଘ ଆତଙ୍କ ସୃଷ୍ଟି ହୋଇଛି। ଶନିବାର ଢେଙ୍କାନାଳ ସଦର ରେଞ୍ଜ ତଥା ସହର ଉପକଣ୍ଠ ବୋରାପଦାଠାରେ ଥିବା ଗଜଲକ୍ଷ୍ମୀ ପ୍ୟାଲେସ୍ ନିକଟରେ ବାଘ ଗର୍ଜନ ଶୁଣିବା ପରେ ଅଞ୍ଚଳବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ବନ ବିଭାଗ ଲୋକଙ୍କୁ ଜଙ୍ଗଲ ଭିତରକୁ ନ ଯିବା ପାଇଁ ବାରଣ କରିଛି। ମେଘା ସଂରକ୍ଷିତ ଜଙ୍ଗଲ କାଉଡି ଏବଂ ଗୋବିନ୍ଦପୁର ନିକଟ ଜଙ୍ଗଲରେ ବାଘ ବୁଲୁଥିବା ନେଇ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

# ଏୟାର ହଷ୍ଟେସ୍‌ଙ୍କୁ ପ୍ରତାରଣା

ଭୁବନେଶ୍ୱର,୨୫।୧୦(ସତ୍ୟଜିତ ରାଉତ)

**ଭୁବନେଶ୍ୱର ଏୟାରପୋର୍ଟ ଡିଜିଏମ୍ ଗିରଫ**

ଏକ ଘରୋଇ ଏୟାରଲାଇନ କମ୍ପାନୀରେ ଏୟାର ହଷ୍ଟେସ୍ ଭାବେ କାମ କରୁଥିବା ଜଣେ ଯୁବତୀଙ୍କୁ ପ୍ରତାରଣା କରି ଯୌନ ସମ୍ପର୍କ ରଖିବା ଅଭିଯୋଗରେ ଏୟାରପୋର୍ଟ ଥାନା ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏହି ମାମଲାରେ ଭୁବନେଶ୍ୱର ଏୟାରପୋର୍ଟରେ ଡେପୁଟି ଜେନେରାଲ ମ୍ୟାନେଜର(ଡିଜିଏମ୍) (ଅପରେଶନ) ଉମାକାନ୍ତ ପଟେଲଙ୍କୁ ପୋଲିସ ଗିରଫ କରିଛି।

ପୋଲିସଠାରୁ ମିଳିଥିବା ସୂଚନା ଅନୁଯାୟୀ, ଉମାକାନ୍ତଙ୍କ ଘର ବଲାଙ୍ଗୀରରେ ହୋଇଥିବାବେଳେ ଭୁବନେଶ୍ୱର ଚନ୍ଦ୍ରଶେଖରପୁରରେ ରୁହନ୍ତି। ସେ ବିବାହିତ ଏବଂ ତାଙ୍କର ୨ ଶିଶୁ କନ୍ୟା ରହିଛନ୍ତି। ହେଲେ ସେ ନିଜକୁ ଅବିବାହିତ ଦର୍ଶାଇ ପୀଡ଼ିତା ଯୁବତୀଙ୍କ ସହ ଗତ ୪ବର୍ଷ


ଉମାକାନ୍ତ ପଟେଲ

ଧରି ସମ୍ପର୍କରେ ଥିଲେ। ପୂର୍ବରୁ ଉମାକାନ୍ତ ଦିଲ୍ଲୀ ଏୟାରପୋର୍ଟରେ ଥିବା ସମୟରେ ପୀଡ଼ିତାଙ୍କୁ ଅନ୍ୟ ଏକ ଏୟାରଲାଇନ୍ସ ସଂସ୍ଥାରେ ଭଲ କାମ ବୁଝିଦେବାକୁ ପ୍ରତିଶ୍ରୁତି ଦେଇ ନିକଟତର ହୋଇଥିଲେ। ଏହାପରେ ଉଭୟଙ୍କ ସମ୍ପର୍କ ନିବିଡ଼ ହୋଇଥିଲା। ଗତ କିଛିମାସ ତଳେ ପୀଡ଼ିତାଙ୍କର ଭୁବନେଶ୍ୱର ଏୟାରପୋର୍ଟକୁ ବଦଳି ହୋଇଥିଲା। ଏହାର କିଛି ମାସ ପରେ ଉମାକାନ୍ତଙ୍କ ମଧ୍ୟ ଭୁବନେଶ୍ୱରକୁ ଟ୍ରାନ୍ସଫର ହୋଇଥିଲା। ଉମାକାନ୍ତ ପୀଡ଼ିତାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ଏପରି କି ପୀଡ଼ିତାଙ୍କ ଗର୍ଭପାତ କରାଇଥିବା ମଧ୍ୟ ଅଭିଯୋଗ ହୋଇଛି। ପୀଡ଼ିତା ବିବାହ ପାଇଁ ଉମାକାନ୍ତଙ୍କୁ ବାଧ୍ୟ କରିବାରୁ ସେ ପୀଡିତାଙ୍କୁ ଅଣଦେଖା କରିଥିଲେ। ଏନେଇ ପୀଡ଼ିତା ଗତ ୨୦ତାରିଖରେ ଏୟାରପୋର୍ଟ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତାଙ୍କ ଏତଲାକୁ ଭିତ୍ତିକରି ଏକ ମାମଲା (ନଂ.୩୭୦/୨୦୨୫) ରୁଜୁ କରିବା ସହ ଉମାକାନ୍ତଙ୍କୁ ଗିରଫ କରିଥିଲା। ପରେ ତାଙ୍କୁ କୋର୍ଟଚାଲାଣ କରାଯିବା ପରେ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା।

# ମା'ବାପାଙ୍କୁ 'ଆଇ ଲଭ୍ ୟୁ' ମେସେଜ୍ ପଠାଇ ଆତ୍ମହତ୍ୟା

ସମ୍ବଲପୁର,୨୫।୧୦ (ପ୍ରମୋଦ ବହିଦାର)

ମା' ରୋଗଶଯ୍ୟାରେ ପୀଡ଼ିତ ଥିବାବେଳେ ନିଖୋଜ ହୋଇଯାଇଥିଲେ ପୁଅ। ଏହାର ୩ ଦିନ ପରେ ଶନିବାର ନିଖୋଜ ପୁଅଙ୍କ ମୃତଦେହ ସମ୍ବଲପୁର ବୁର୍ଲା ପାୱାର ଚ୍ୟାନେଲରୁ ଜବତ କରିଛି ଅଗ୍ନିଶମ ବିଭାଗ। ମା'ବାପାଙ୍କୁ ଆଇ ଲଭ୍ ୟୁ ମେସେଜ୍ ପଠାଇ ପୁଅ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମା'ଙ୍କ ମୋବାଇଲକୁ ପଠାଇଥିବା ମେସେଜ୍‌ରୁ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତ ଯୁବକ ବଲାଙ୍ଗୀର ସହର ମହାଲକ୍ଷ୍ମୀନଗର ଅଞ୍ଚଳର ସୌରଭ ସମ୍ମିତ ତ୍ରିପାଠୀ(୨୨)। ତେବେ ଆତ୍ମହତ୍ୟାର ଠିକ୍ କାରଣ ସ୍ପଷ୍ଟ ହୋଇନାହିଁ।

ସୌରଭ ରୋଗାକ୍ରାନ୍ତ ମା'ଙ୍କୁ ଚିକିତ୍ସା ପାଇଁ ବୁର୍ଲା ଭିମ୍‌ସାରରେ ଭର୍ତ୍ତି କରିଥିଲେ। ତେବେ ରୋଗଶଯ୍ୟାରେ ମା'ଙ୍କୁ ଏକାକୀ ଛାଡ଼ିଦେଇ ସେ ଗତ ବୁଧବାର ରାତିରୁ କେଉଁଆଡ଼େ ଚାଲିଯାଇଥିଲେ। ସେ ନିଖୋଜ ଥିବାବେଳେ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନିରାଶ ହୋଇଥିଲେ। ପରେ ତାଙ୍କ ମା'ଙ୍କ ମୋବାଇଲ୍ ଫୋନକୁ ସୌରଭଙ୍କ ଏକ ଭାବବିହ୍ୱଳ ବାର୍ତ୍ତା ଆସିଥିଲା। ଏଥିରେ ଲେଖାଥିଲା ମା' ବାପା, ମୁଁ ତୁମ ଉଭୟଙ୍କୁ ବହୁତ ଭଲ ପାଏ.. କେନାଲକୁ ଡେଇଁ ମୋ ଜୀବନ ହାରୁଛି। ବାପା ତୁମେ ମା'ଙ୍କ ସହିତ ରହିବ। ମୁଁ କୌଣସି ଟଙ୍କା ନେଇ ଯାଉନାହିଁ। ମୋ ବ୍ୟାଗ ଯାଞ୍ଚ କରିବ। ମୋ ଜିନ୍ସ ପ୍ୟାଣ୍ଟ ପକେଟ୍‌ରେ ଚାବି ଓ ପର୍ସ ରହିଛି। ପର୍ସରେ ଏଟିଏମ୍ କାର୍ଡ ରହିଛି। ଏଟିଏମ୍ ଜରିଆରେ ବ୍ୟାଙ୍କରେ ମୋ ନାମରେ ଜମାଥିବା ୧୨ହଜାର ଟଙ୍କା ଉଠାଇନେବ। ଏଥିରୁ


ସୌରଭ ସମ୍ମିତ ତ୍ରିପାଠୀ

ସୌରଭ ଆତ୍ମହତ୍ୟା କରିଥିବା ସନ୍ଦେହ ଘନୀଭୂତ ହୋଇଥିଲା। ପରିବାର ଲୋକ ତୁରନ୍ତ ବୁର୍ଲା ଥାନାରେ ଅଭିଯୋଗ କରିଥିଲେ। ବୁର୍ଲା ଥାନା ପୋଲିସ ବୁର୍ଲାର ବିଭିନ୍ନ ସ୍ଥାନରେ ଲାଗିଥିବା ସିସି କ୍ୟାମେରା ଯାଞ୍ଚ କରିଥିଲା। ଏଥିରୁ ସୌରଭ ପାୱାର ଚ୍ୟାନେଲ ପଟେ ଯାଇ ଆଉ ଫେରି ନ ଥିବା ଜଣାପଡିଥିଲା। ସେ ଆତ୍ମହତ୍ୟା କରିଥିବା ସନ୍ଦେହ

- ୩ ଦିନ ପରେ ପାୱାର ଚ୍ୟାନେଲରୁ ମୃତଦେହ ଜବତ
- ମା'ଙ୍କୁ ମେଡିକାଲରେ ଛାଡ଼ି ନିଖୋଜ ହୋଇଯାଇଥିଲେ
- ମା'ଙ୍କ ମୋବାଇଲକୁ ପଠାଇଥିବା ମେସେଜ୍‌ରୁ ଆତ୍ମହତ୍ୟା ଜଣାପଡ଼ିଲା

କରି ପୋଲିସ ଅଗ୍ନିଶମ ବାହିନୀ ସହାୟତାରେ ଶୁକ୍ରବାର ପାୱାର ଚ୍ୟାନେଲରେ ଖୋଜାଖୋଜି କରିଥିଲା। ଅନ୍ଧାରରେ ଖୋଜିବା କଷ୍ଟକର ହେବାରୁ ଖୋଜାଖୋଜିକୁ ସ୍ଥଗିତ ରଖାଯାଇଥିଲା। ଶନିବାର ସକାଳେ ପୁଣି ଥରେ ଖୋଜିବା ଆରମ୍ଭ କରି ଚିପିଲିମା ନିକଟରୁ ସୌରଭଙ୍କ ମୃତଦେହ ପାଣିରେ ଭାସୁଥିବା ଅବସ୍ଥାରେ ଅଗ୍ନିଶମ ବାହିନୀ ଉଦ୍ଧାର କରିଥିଲା। ଏ ନେଇ ଥାନାରେ ଅପମୃତ୍ୟୁ ମାମଲା(ନଂ.୭୭୭/୨୫)ରୁଜୁ କରି ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ଯନ୍ତ୍ରଣାରେ ଜର୍ଜରିତ ମା'ଙ୍କ ଦୁଃଖ ସହ୍ୟ କରି ନ ପାରି ପାୱାର ଚ୍ୟାନେଲ୍‌କୁ ଡେଇଁ ସୌରଭ ଆତ୍ମହତ୍ୟା କରିଥିବା ଚର୍ଚ୍ଚା ହେଉଛି। ମାତ୍ର ମା'ଙ୍କ ମୋବାଇଲ୍‌କୁ ତାଙ୍କ ମୋବାଇଲ୍‌ରୁ ପ୍ରେରିତ ବାର୍ତ୍ତାରେ ଏଭଳି କିଛି ଉଲ୍ଲେଖ ନାହିଁ। ତେଣୁ ତାଙ୍କ ଆତ୍ମହତ୍ୟାର ପ୍ରକୃତ କାରଣ ଜଣାପଡ଼ି ନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ତାହା ସ୍ପଷ୍ଟ ହୋଇପାରିବ ବୋଲି ବୋଲି ପୋଲିସ କହିଛି। ସୂଚନାଯୋଗ୍ୟ, ବଲାଙ୍ଗୀରର ଉପେନ୍ଦ୍ର କୁମାର ମହାନ୍ତି ଓ ଚାରୁପମା ମିଶ୍ରଙ୍କ ଏକମାତ୍ର ପୁତ୍ର ସୌରଭ ଜଣେ ଉଦୀୟମାନ ପର୍ବତାରୋହୀ ଭାବେ ଜଣାଶୁଣା ଥିଲେ।

# ୩୩ ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ, ୧.୪୬ ଲକ୍ଷ କୋଟିର ନିବେଶ

ଭୁବନେଶ୍ୱର,୨୫।୧୦(ଅନୁରାଧା ମହାରଣା)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶା ସରକାର ୫୦୦ ଦିନ ପୂରଣ କରିଛନ୍ତି। ଏହି ଅବସରରେ ସ୍ପେଶାଲ ସିଙ୍ଗଲ ୱିଣ୍ଡୋ ଓ ୪୨ତମ ହାଇଲେଭଲ କ୍ଲିୟରାନ୍ସ ବୈଠକରେ ୩୩ଟି ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ ମିଳିଛି। ୧୪ ଜିଲାରେ ପ୍ରସ୍ତାବିତ ଏସବୁ ପ୍ରକଳ୍ପରେ ମୋଟ ୧.୪୬ ଲକ୍ଷ କୋଟି ଟଙ୍କାର ନିବେଶ ଏବଂ ୬୬ ହଜାର ନୂଆ ଚାକିରି ସୃଷ୍ଟି ହେବ। ଏହା ବିକଶିତ ଓଡ଼ିଶା ୨୦୩୬ ଲକ୍ଷ୍ୟ ଆଡ଼କୁ ବଡ଼ ପଦକ୍ଷେପ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ୫୦୦ ଦିନ ଆତ୍ମବିଶ୍ୱାସୀ, ଅଗ୍ରଗାମୀ ଓ ନିବେଶଯୋଗ୍ୟ ଓଡ଼ିଶାର


ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ସମେତ ଅଧିକାରୀମାନେ।

ପ୍ରତିଫଳନ। ଦେଶ-ବିଦେଶର ନିବେଶକଙ୍କ ବିଶ୍ୱାସ ଆମର ନୀତି, ଶାସନର ଗତି ଓ ସ୍ୱାବଲମ୍ବୀ ଓଡ଼ିଶାର ସ୍ୱପ୍ନକୁ ଦର୍ଶାଉଛି। ମଞ୍ଜୁର ହୋଇଥିବା ପ୍ରକଳ୍ପଗୁଡ଼ିକ ଆଇଟି, ଇଏସ୍‌ଡିଏମ୍, ଏୟାରୋସ୍ପେସ୍, ଟେକ୍ସଟାଇଲ୍ସ, ଖାଦ୍ୟ ପ୍ରକ୍ରିୟାକରଣ, ପର୍ଯ୍ୟଟନ, ସବୁଜ ଉର୍ଜା, ଡାଟାସେଣ୍ଟର, ଷ୍ଟିଲ, ଆଲୁମିନିୟମ, ସବୁଜ ହାଇଡ୍ରୋଜେନ, ରସାୟନ ଓ ସେମିକଣ୍ଡକ୍ଟର ଭଳି କ୍ଷେତ୍ରକୁ ନେଇ ରହିଛି। ନିବେଶ ହେବାକୁ ଥିବା ୧୪ଟି ଜିଲା ମଧ୍ୟରେ ଅନୁଗୋଳ, ବଲାଙ୍ଗୀର, କଟକ, ଢେଙ୍କାନାଳ, ଗଞ୍ଜାମ, ଜଗତ୍‌ସିଂହପୁର, ଯାଜପୁର, ଝାରସୁଗୁଡ଼ା, କନ୍ଧମାଳ, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, ପୁରୀ, ସମ୍ବଲପୁର ଓ ସୁନ୍ଦରଗଡ଼ ରହିଛି।

ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ୧,୪୧,୯୯୩.୫୪ କୋଟିର ୧୨ଟି ପ୍ରକଳ୍ପକୁ ମଞ୍ଜୁରି ମିଳିଛି, ଯାହା ୪୯,୭୪୫ ଚାକିରି ସୃଷ୍ଟି କରିବ। ସିଇଏସ୍‌ସି ଗ୍ରୀନ୍ ପାୱାର ଇଏସ୍‌ଡିଏମ୍, ଏସିଏମ୍‌ଇ ଅକ୍ଷୟ ଏନର୍ଜି ସବୁଜ ହାଇଡ୍ରୋଜେନ ଓ ଜିନ୍ଦଲ ଇଣ୍ଡିଆ ପାୱାର ନବୀକରଣଯୋଗ୍ୟ ଉର୍ଜାରେ ନିବେଶ କରିଛନ୍ତି। ସେହିପରି ମୁଖ୍ୟ

**ସ୍ପେଶାଲ ସିଙ୍ଗଲ ୱିଣ୍ଡୋ ଓ ହାଇଲେଭଲ କ୍ଲିୟରାନ୍ସ ବୈଠକ**

ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ୪,୦୧୯.୫୩ କୋଟିର ୨୧ଟି ପ୍ରକଳ୍ପକୁ ମଞ୍ଜୁରି ମିଳିଛି, ଯାହା ୧୬,୫୯୦ ଚାକିରି ସୃଷ୍ଟି କରିବ। ଗତ ୫୦୦ଦିନର ସରକାରରେ ୧୨ଟି ସିଙ୍ଗଲ ୱିଣ୍ଡୋ ଓ ୭ଟି ଏଚ୍‌ଏଲ୍‌ସିଏ ବୈଠକରେ ୭.୭ ଲକ୍ଷ କୋଟିର ୩୩୦ଟି ପ୍ରକଳ୍ପ ମଞ୍ଜୁର ହୋଇଛି, ଯାହା ୪.୭ ଲକ୍ଷ ଚାକିରି ସୃଷ୍ଟି କରିବ। ୭୬ଟି ପ୍ରକଳ୍ପ ଦ୍ରୁତ ଗତିରେ ଆରମ୍ଭ ହୋଇଛି ଏବଂ ୮ଟିର ଉଦ୍‌ଘାଟନ ହୋଇଛି, ଯାହାର ନିବେଶ ୨.୦୪ ଲକ୍ଷ କୋଟି ଓ ୧.୬୩ ଲକ୍ଷ ନିଯୁକ୍ତି ସୃଷ୍ଟି କରିବ ବୋଲି ସୂଚନା ଦିଆଯାଇଛି।




## ୨ ଆଦିବାସୀ ନାବାଳିକାଙ୍କୁ ଗଣବଳାତ୍କାର

ମୋରଡା/ରାସଗୋବିନ୍ଦପୁର,୨୫।୧୦(ସ୍ମାରକ ମାଜୀ/ସତ୍ୟବାଦୀ ପରିଡ଼ା)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଅଞ୍ଚଳରେ ଏକ ଲଜ୍ଜାଜନକ ଘଟଣା ଘଟିଛି। ଯାତ୍ରା ଦେଖି ଫେରୁଥିବା ୨ ଆଦିବାସୀ ନାବାଳିକା ଗଣବଳାତ୍କାରର ଶିକାର ହୋଇଛନ୍ତି। ଏନେଇ ରାସଗୋବିନ୍ଦପୁର ଥାନାରେ ଅଭିଯୋଗ ହେବା ପରେ ଏକ ମାମଲା(ନଂ. ୪୨୨/୨୫) ରୁଜୁ ହୋଇଛି। ଥାନାରେ ପଚରାଉଚୁରା ପରେ ୩ ଅଭିଯୁକ୍ତ ରତନ ଦତ୍ତ, ଦେବାଂଶୁ ବେହେରା ଓ ରାଜକୁମାର ଦାସଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଗତ ୨୨ ତାରିଖରେ ଉକ୍ତ ଥାନା ଅଧୀନ ନଳଗଜା ଗ୍ରାମରେ ଯାତ୍ରା ପରିବେଷଣ ହେଉଥିଲା। ୨ ଆଦିବାସୀ ନାବାଳିକା ସେମାନଙ୍କ ୨ ଜଣ ନାବାଳକ ସାଙ୍ଗଙ୍କ ସହ ଯାତ୍ରା ଦେଖି ସ୍କୁଟି ଯୋଗେ ରାତିପ୍ରାୟ ୧ଟାରେ ଘରକୁ ଫେରୁଥିଲେ। ଉକ୍ତ ଥାନା ଅଞ୍ଚଳର ୫ ଯୁବକ ମଧୁଡିଆ ରାସ୍ତାରେ ସେମାନଙ୍କୁ ଅଟକାଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ତେବେ ନାବାଳିକାଙ୍କ ଦୁଇ ସାଙ୍ଗ ଏହାର ପ୍ରତିବାଦ କରିବାରୁ ୫ ଯୁବକ ସେମାନଙ୍କୁ ମାରପିଟ କରିବା ସହିତ ମୋବାଇଲ ଫୋନ୍ ଛଡ଼ାଇ ନେଇଥିଲେ। ଏହାପରେ ସେମାନେ ୨ ନାବାଳିକାଙ୍କୁ ୩ଟି ବାଇକ୍‌ରେ ଜବରଦସ୍ତ ବସାଇ ସ୍ଥାନୀୟ ଟିକପଦା କେନାଲକୁ ନେଇ ବଳାତ୍କାର କରିଥିଲେ। ଏପରି କି ଜୀବନରୁ ମାରିଦେବାକୁ ଧମକ ଦେଇ ନଳଗଜା କଲେଜ ପଡ଼ିଆ ନିକଟରେ ଛାଡ଼ି ପଳାଇଥିଲେ।

## ଦୁଶ୍ଚିନ୍ତାରେ ଆତ୍ମହତ୍ୟା

ସାତମାଇଲ, ୨୫।୧୦ (ସୁଶାନ୍ତ ପତି)

ଢେଙ୍କାନାଳ ଜିଲା ବାଲିମି ଥାନା ଅନ୍ତର୍ଗତ ଠୋକର ଗ୍ରାମର ଧରଣୀଧର ସାମଲଙ୍କ ପୁଅ ସନ୍ତୋଷ (୫୫) କିଛିଦିନ ହେଲା ମାନସିକ ଦୁଶ୍ଚିନ୍ତାରେ ରହୁଥିଲେ। ମଝିରେ ମଝିରେ ଘର ଛାଡ଼ି ଚାଲିଯାଉଥିଲେ। ଶନିବାର ଦିନ ପ୍ରାୟ ୧୨ଟା ସମୟରେ ଘରୁ ପଳାଇ ଆସି ଏକ ପାତ୍ରରେ ପେଟ୍ରୋଲ ଆଣି ବାଲିମି ନିକଟସ୍ଥ ଏକ ଆମ୍ବତୋଟାରେ ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇଦେବାରୁ ସମ୍ପୂର୍ଣ୍ଣ ପୋଡ଼ିଯାଇଥିଲେ। ଚିତ୍କାର ଶୁଣି ଲୋକେ ତାଙ୍କୁ ଉଦ୍ଧାର କରି ଖଜୁରିଆକଟା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଚିକିତ୍ସାର କିଛି ସମୟରେ ତାଙ୍କର ମୃତ୍ୟୁ ଘଟିଛି। ବାଲିମି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥବା ସହ ନଂ. ୧୫/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଆଚାର୍ଯ୍ୟ ତାରିଣୀ ଚରଣ ପାତ୍ର ସମ୍ମାନ ଉତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସକାଳ ୯ଟା।
- ଗୋଦାବରୀଶ ସାହିତ୍ୟ ସଂସଦ ପକ୍ଷରୁ ୬୭ତମ ବାର୍ଷିକ ଉତ୍ସବ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସକାଳ ୯ଟା ୩୦।
- ୟୁଥ୍ ପକ୍ଷରୁ ରାଜ୍ୟସ୍ତରୀୟ ଭଜନ ସମ୍ରାଟ ଭିକାରୀ ବଳ ସଙ୍ଗୀତ ପ୍ରତିଯୋଗୀତା ୨୦୨୫, ସ୍ଥାନ: ରାଜଧାନୀ କଳାସଂସଦ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଉତ୍ତର ମହୋତ୍ସବ ନିମନ୍ତେ ଭୂମି ପୂଜା, ସ୍ଥାନ: କ୍ଲବ୍ ଟାଉନ୍ ପଡ଼ିଆ ପରିସର, ଚନ୍ଦ୍ରଶେଖରପୁର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଆଦିତ୍ୟ ବାହିନୀ ଶଙ୍କରାଚାର୍ଯ୍ୟ ମଠ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ବିବେକାନନ୍ଦ ପଟ୍ଟନାୟକ ରେସିଡେନ୍ସ, ଭିଆଇଏମ୍ ୪୭୫, ଚନ୍ଦ୍ରଶେଖରପୁର, ସମୟ: ମଧ୍ୟାହ୍ନ ୧୨ଟା।
- ଆଇଏପି ନ୍ୟାଶନାଲ ମେଡିକୋଲିଗାଲ୍ କନ୍‌ଫରେନ୍ସ ୨୦୨୫ ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ହୋଟେଲ ପଦ୍ମଜା ପ୍ରେମୀଅମ୍, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଭୁବନେଶ୍ୱର ମହାନଗର ନିଗମ ଖବରକାଗଜ ବିତରକ ସଂଘ ପକ୍ଷରୁ ପ୍ରଥମ ବାର୍ଷିକ ଉତ୍ସବ, ସ୍ଥାନ: ନୀଳାଦ୍ରି ବିହାର ଆବାସିକ ସଂଘ ସେକ୍ଟର ୨, ଦୁର୍ଗା ମଣ୍ଡପ ପଡ଼ିଆ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- କଳିଙ୍ଗ ଲିଟେରାରୀ ଫେଷ୍ଟିଭାଲ୍ ପକ୍ଷରୁ ଭବ ସମ୍ବାଦ କାର୍ଯ୍ୟକ୍ରମ, ସ୍ଥାନ: ମେଫେୟାର୍ ଲାଗୁନ୍, ଲିଲି ହଲ୍, ସମୟ: ଅପରାହ୍ନ ୪ଟା।
- ଗୁରୁ ଦେବପ୍ରସାଦ ଦାସ ଫାଉଣ୍ଡେଶନ୍ ପକ୍ଷରୁ ଆୱାର୍ଡ ଫେଷ୍ଟିଭାଲ୍ ୨୦୨୫, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ବିଶ୍ୱନାଥ ସଙ୍ଗୀତାଳୟ ପକ୍ଷରୁ ଲାସ୍ୟ ଲାବଣ୍ୟ ନୃତ୍ୟ ଉତ୍ସବ, ସ୍ଥାନ: ଉତ୍କଳ ରଙ୍ଗମଞ୍ଚ, ଜିକେସିଏମ୍, ଓଆର୍‌ସି, ସମୟ: ସନ୍ଧ୍ୟା ୬ଟା ୩୦।
- ସୌଭାଗ୍ୟ ନଗର ବରିଷ୍ଠ ନାଗରିକ ସଂଘ ପକ୍ଷରୁ ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ସୌଭାଗ୍ୟ ନଗର ପୂଜା ମଣ୍ଡପ, ଲେନ୍ ୫,୬, ସମୟ: ସନ୍ଧ୍ୟା ୬ଟା ୩୦।
- ନୀଳାଦ୍ରି ଆଧ୍ୟାତ୍ମିକ ଟ୍ରଷ୍ଟ ପକ୍ଷରୁ ଶ୍ରୀଜଗନ୍ନାଥ ନାଗାର୍ଜୁନ ବେଶ ପ୍ରଦର୍ଶନ ମହୋତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।
- ୨୮ତମ ବାର୍ଷିକ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନର ପ୍ରସଙ୍ଗ ଶ୍ରୀରାମ ଚନ୍ଦ୍ରଙ୍କ ବନବାସ, ସ୍ଥାନ: ବାଲିଅନ୍ତା ସ୍ଥିତ ଶ୍ରୀନିକୁଞ୍ଜ ବିହାରୀ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା।
- ୯ମ ବାର୍ଷିକ କାଳୀପୂଜା ମହୋତ୍ସବ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ 'ଷ୍ଟାର ନାଇଟ', ସ୍ଥାନ: ରସୁଲଗଡ଼ ଜିଜିପି କଲୋନୀ ସ୍ଥିତ ମା'ଦକ୍ଷିଣ କାଳୀଙ୍କ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା।

## କଟକ

- ଦିବ୍ୟଜ୍ୟୋତି ଚାରିଟେବଲ୍ ଟ୍ରଷ୍ଟ ପକ୍ଷରୁ ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ: ହାଟଶିଶୁଆ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର, ଟାଙ୍ଗୀ-ଚୌଦ୍ୱାର ବ୍ଲକ, ନପଙ୍ଗ ପଞ୍ଚାୟତ, ସମୟ: ସକାଳ ୯ଟା।
- ଶ୍ରୀଅରବିନ୍ଦ ବିଜ୍ଞାନ ପରିଷଦ ପକ୍ଷରୁ ୨୦ତମ ବାର୍ଷିକ ରାଜ୍ୟସ୍ତରୀୟ ବିଜ୍ଞାନ ମେଳାର ଉଦ୍‌ଯାପନୀ, ସ୍ଥାନ: ମାତୃଭବନ ପରିସର,କଟକ, ସମୟ: ସକାଳ ୯ଟା ୩୦।
- ପଞ୍ଚଦଶ ଚିତ୍ତରଞ୍ଜନ ଦାସ ବକ୍ତୃତାମାଳା, ସ୍ଥାନ: ଦି ୟୁନିଭର୍ସ, ମୈତ୍ରୀ ସରଣୀ, ସମୟ: ପୂର୍ବାହ୍ନ ୧୦ଟା।
- ସାରଳା ସାହିତ୍ୟ ସଂସଦ ପକ୍ଷରୁ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଜୟନ୍ତୀ ଓ ସମ୍ମାନ ପ୍ରଦାନ ସମାରୋହ, ସ୍ଥାନ: ସାରଳା ଭବନ, ସମୟ: ସନ୍ଧ୍ୟା ୬ଟା

## ପୁରୀ

- ଶ୍ରୀଜଗନ୍ନାଥ ବକ୍ତା ସମାଜ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ହରଚଣ୍ଡୀ ସାହି ଶିଶୁ ମନ୍ଦିର, ସମୟ: ସକାଳ ୯ଟା।
- ପ୍ରତିଭା ସମ୍ମାନ ସମାରୋହ, ସ୍ଥାନ: ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଭବ୍ୟ ନାରୀଶକ୍ତି ଫାଉଣ୍ଡେଶନର ରାଜ୍ୟସ୍ତରୀୟ ପ୍ରତିଯୋଗିତା, ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ଲାଇଫ୍ ଗାର୍ଡଙ୍କ ସହ ବାତ୍ୟା ସମ୍ପର୍କିତ ଆଲୋଚନା, ସ୍ଥାନ: ଗୋଲ୍‌ଡେନ ଟ୍ରି ସମ୍ମୁଖ ବେଳାଭୂମି, ସମୟ: ପୂର୍ବାହ୍ନ ୧୦ଟା।
- ସାରସ୍ୱତ ବିଦ୍ୟା ମନ୍ଦିରର ବାର୍ଷିକ ବିଜ୍ଞାନ ମେଳା, ସ୍ଥାନ: ବିଶ୍ୱମ୍ଭର ବିଦ୍ୟାପୀଠ, ସମୟ: ପୂର୍ବାହ୍ନ ୧୧ଟା।
- ପାଚିକା ପାଚକ ସଂଘର ରାଜ୍ୟସ୍ତରୀୟ ବୈଠକ, ସ୍ଥାନ: ଶ୍ରୀଚୈତନ୍ୟ ଚନ୍ଦ୍ରାଶ୍ରମ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ପୁରୀ ରେଲ୍‌ୱେ ଷ୍ଟେଶନ ଟ୍ୟାକ୍ସି ଆସୋସିଏଶନର କାଳୀପୂଜା ବିସର୍ଜନ ଉତ୍ସବ, ସ୍ଥାନ: ପୁରୀ ରେଲ୍‌ୱେ ଷ୍ଟେଶନ, ସମୟ: ଅପରାହ୍ନ ୩ଟା।
- ଗାନ୍ଧିଜୀ ସାମାଜିକ ଅନୁଷ୍ଠାନ ପକ୍ଷରୁ ଶ୍ରୀକ୍ଷେତ୍ର ପ୍ରତିଭା ସମ୍ମାନ ଉତ୍ସବ, ସ୍ଥାନ: ମୁକ୍ତାକାଶ ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୬ଟା।
- ମା' ଉଗ୍ରତାରା ବ୍ୟବସାୟୀ ମହାସଂଘ ପକ୍ଷରୁ କାଳୀ ପୂଜା ବିସର୍ଜନ, ସ୍ଥାନ: ଗୌଡ଼ବାଡ଼ ସାହି, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା

- ଆମରି ସତ୍ୟ ବିକାଶ ପରିଷଦ ପକ୍ଷରୁ କବିତା ପାଠ ଓ ଆଲୋଚନାଚକ୍ର, ସ୍ଥାନ: ରୋଟାରୀ କ୍ଲବ୍, ଜଟଣୀ, ସମୟ: ସକାଳ ୯ଟା ୩୦।

## ବାଲେଶ୍ୱର

- ୨୬ତମ ରାଜ୍ୟସ୍ତରୀୟ ଶିଶୁ ନାଟକ ମହୋତ୍ସବ ଓ କଳାକାରର ୩୫ତମ ବାର୍ଷିକ ଉତ୍ସବର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ଆଦିବାସୀ ମେଳା ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଟାଉନ ହଲ ପଡ଼ିଆ, ବଡ଼ବଜାର ଛକ, ଜଳେଶ୍ୱର, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ମା' ଭଦ୍ରକାଳୀଙ୍କ ମହାଲକ୍ଷ୍ମୀ ବେଶ, ସ୍ଥାନ: ଭଦ୍ରକାଳୀ ପୀଠ, ଭଦ୍ରକ, ସମୟ: ସକାଳ ୬ଟା।
- କାଳୀପୂଜାର ୬ଷ୍ଠ ଦିନ, ସ୍ଥାନ: ଚରମ୍ପା, ଭଦ୍ରକ, ସମୟ: ସକାଳ ୯ଟା।
- ମହାଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ଭଦ୍ରକାଳୀ ପୀଠ, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ଆଞ୍ଚଳିକ ବରିଷ୍ଠ ନାଗରିକ ପରିଷଦର ସମ୍ବର୍ଦ୍ଧନା ସଭା, ସ୍ଥାନ: ସୋସୋ, ହାଟଡ଼ିହୀ, ସମୟ: ପୂର୍ବାହ୍ନ ୧୦ଟା।
- ଚନ୍ଦ୍ରଶେଖର କପ୍ ମହାକୁମ୍ଭ ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ନେହେରୁ ଷ୍ଟାଡ଼ିୟମ, ଚମ୍ପୁଆ, ସମୟ: ଅପରାହ୍ନ ୫ଟା।

## ମୟୂରଭଞ୍ଜ

- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର

- ଓଡ଼ିଶା ନାଟ୍ୟ ସଂଘ ସାଧାରଣ ପରିଷଦ ବୈଠକ, ସ୍ଥାନ: ବିଏସଇଟି, ରାମଚନ୍ଦ୍ରପୁର, ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ

- ଶ୍ରୀଶ୍ରୀ ନିଗମାନନ୍ଦ ଯୋଗଶ୍ରମରେ ନାରାୟଣ ସେବା କାର୍ଯ୍ୟକ୍ରମ, ସ୍ଥାନ: ଖଣ୍ଡଦେଉଳି ଆସିକା, ସମୟ: ସକାଳ ୮ ଟା।

## ଢେଙ୍କାନାଳ

- ବାର୍ଷିକ ଆସର, ସ୍ଥାନ: ସନ୍ଧ୍ୟାତାରା ଭବନ, କାଠଗଡା, ଢେଙ୍କାନାଳ, ସମୟ: ଅପରାହ୍ନ ୪ଟା ୧୫।

## ଅନୁଗୋଳ

- ରାଜ୍ୟସ୍ତରୀୟ ସାଂସ୍କୃତିକ ପ୍ରତିଯୋଗିତା ଉଦ୍‌ଯାପନ କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ ମ୍ୟୁନିସିପାଲିଟି ଟାଉନ୍ ହଲ, ସମୟ: ଅପରାହ୍ନ ୫ଟା।

## ଜଗତ୍‌ସିଂହପୁର

- ଭାରତୀୟ ସାଂସ୍କୃତିକ ସହଯୋଗ ଓ ମୈତ୍ରୀ ସମିତିର ଜିଲାସ୍ତରୀୟ ସମ୍ମିଳନୀ, ସ୍ଥାନ: ଶ୍ରମିକ ଭବନ, ମଧୁବନ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା

- ଶ୍ରୀ ସିଦ୍ଧ ବଳଦେବଜୀଉ ଗୋତୀର୍ଥ ଗୋ ନବରାତ୍ର ମହୋତ୍ସବ, ସ୍ଥାନ:ବସନ୍ତ ବଗିଚା, ଗୁଣ୍ଡିଚା ମନ୍ଦିର ନିକଟ, ନାଗପାଟଣା, କେନ୍ଦ୍ରାପଡା ସହର, ସମୟ: ପ୍ରାତଃ ୫ଟା।

## ଯାଜପୁର

- ଗୋକର୍ଣ୍ଣିକା ସାହିତ୍ୟ ସମାଜର ୫୧ତମ ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ-ଗୋକର୍ଣ୍ଣେଶ୍ୱର ମହାଦେବ ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ଓଡିଶା କୃଷକ ସଭାର ୨୫ତମ ରାଜ୍ୟ ସମ୍ମିଳନୀ ଉଦ୍‌ଘାଟନ ଉତ୍ସବରେ ଖୋଲା ଅଧିବେଶନ, ସ୍ଥାନ:ରଣପୁର ପଞ୍ଚୁଦୋଳ ପଡିଆ, ସମୟ:ମଧ୍ୟାହ୍ନ ୧୨ଟା।

## ନବରଙ୍ଗପୁର

- ଜିଲାସ୍ତରୀୟ ଶିଶୁ ସାଂସ୍କୃତିକ କାର୍ଯ୍ୟକ୍ରମ ମହକ, ସ୍ଥାନ: ନବରଙ୍ଗପୁର କଲେଜ, ସମୟ : ପୂର୍ବାହ୍ନ ୧୦ଟା ୩୦।
- ଉମରକୋଟ ପ୍ରିମିୟର ଲିଗ୍ ପ୍ରସ୍ତୁତି ବୈଠକ, ସ୍ଥାନ: ବିଜୁପଟ୍ଟନାୟକ ମିନି ଷ୍ଟାଡିୟମ୍, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ

- ସ୍ନେହୀ ସମାଜ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର, ସୁନାବେଡା, ସମୟ: ସକାଳ ୯ଟା।
- ଓଡ଼ିଶା ବ୍ରାହ୍ମଣ ମହାସଂଘର ସାଧାରଣ ବୈଠକ, ସ୍ଥାନ: ଜଗନ୍ନାଥ ମନ୍ଦିର ପରିସର, ସୁନାବେଡା-୧, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ଆଇଆଇଏମ ସମ୍ବଲପୁର ପକ୍ଷରୁ ବାର୍ଷିକ ବାଣିଜ୍ୟ ସମ୍ମିଳନୀ ମର୍ମଜ୍ଞ ୧୦.୦ କାର୍ଯ୍ୟକ୍ରମ, ସ୍ଥାନ : କୋଣାର୍କ ପ୍ରେକ୍ଷାଳୟ, ସମୟ : ପୂର୍ବାହ୍ନ ୧୦ଟା।
- ଅନ୍ୟା ଆୟୋଜନରେ କବି ରାଜେନ୍ଦ୍ର ପଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳୀ କାର୍ଯ୍ୟକ୍ରମ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ଅପରାହ୍ନ ୫ଟା।

## ରାଉରକେଲା

- ଅଲ୍ ଇଣ୍ଡିଆ ଇଣ୍ଟର ଏନ୍‌ଆଇଟି ସ୍ପୋର୍ଟସ ମିଟ୍ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଦିଲ୍ଲୀପ ଟିର୍କୀ ଷ୍ଟାଡିୟମ୍, ସମୟ: ସକାଳ ୮ଟା।
- ଶ୍ରେଷ୍ଠ ଓଡିଆଣୀ ଅଡିଶନର ଉଦଯାପନୀ ସମାରୋହ, ସ୍ଥାନ: ରାଉରକେଲା କ୍ଲବ, ସମୟ: ପୂର୍ବାହ୍ନ ୧୦ଟା।

## ସୁନ୍ଦରଗଡ଼

- ପଶ୍ଚିମ ଓଡ଼ିଶା କଳାକାର ମଞ୍ଚ ପକ୍ଷରୁ ନୂଆଁଖାଇ ଭେଟଘାଟ, ସ୍ଥାନ: ସଂସ୍କୃତି ଭବନ, ସୁନ୍ଦରଗଡ,ସମୟ:ପୂର୍ବାହ୍ନ ୧୦ଟା।

## ବରଗଡ଼

- ମାଁ ଶ୍ୟାମାକାଳୀଙ୍କ ବାର୍ଷିକ ପୂଜା ମହୋତ୍ସବ, ସ୍ଥାନ:ଶ୍ୟାମାକାଳୀ ମନ୍ଦିର, ବରଗଡ଼, ସମୟ: ସକାଳ ୬ଟା।

## କଳାହାଣ୍ଡି

- ସମ୍ଭାବ୍ୟ ବାତ୍ୟାକୁ ନେଇ ଜିଲାପାଳଙ୍କ ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

## ବୌଦ୍ଧ

- ରକ୍ତ ସମ୍ପର୍କ, ସ୍ଥାନ: ବ୍ଲଡ ବ୍ୟାଙ୍କ, ବୌଦ୍ଧ, ସମୟ: ସକାଳ ୯ଟା।

## ଦେବଗଡ଼

- ତୃତୀୟ ରାଜ୍ୟସ୍ତରୀୟ ନାରୀ କବି ସମ୍ମିଳନୀ, ସ୍ଥାନ: ଦେବଗଡ଼ ସଂସ୍କୃତି ଭବନ, ସମୟ: ସକାଳ ୯ଟା ୩୦।

## ସୁବର୍ଣ୍ଣପୁର

- ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପଦଯାତ୍ରା, ସ୍ଥାନ: ଡୁଙ୍ଗୁରିପାଲି ଆରଏମସି ନିକଟରୁ ବ୍ଲକ ଅଫିସ ପର୍ଯ୍ୟନ୍ତ, ସମୟ: ସକାଳ ୮ଟା।
- ଅଖଣ୍ଡ ବ୍ରହ୍ମ ଅଲେଖ ମହିମା ଯଜ୍ଞ, ସ୍ଥାନ: ସୋନପୁର ବ୍ଲକ ଜଗନ୍ନାଥପାଲିସ୍ଥିତ ଗଇଲବେର୍ଣ୍ଣା ମହିମା ମଠ, ସମୟ: ଅପରାହ୍ନ ୫ଟା।

## ଝାରସୁଗୁଡ଼ା

- ବେଲପାହାଡ଼ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ବେଲପାହାଡ଼ସ୍ଥିତ ରତନ ଟାଟା ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।

## ଅଭିନେତା ସତୀଶ ...

ହାସ୍ୟାଭିନେତା ଦୀର୍ଘଦିନ ହେଲା କିଡ୍‌ନୀଜନିତ ରୋଗରେ ପୀଡ଼ିତ ଥିଲେ। ନିକଟରେ ତାଙ୍କ କିଡ୍‌ନୀ ପ୍ରତିରୋପଣ କରାଯାଇଥିଲା। ତେବେ କିଡ୍‌ନୀ କାମ ନ କରିବା କାରଣରୁ ତାଙ୍କର ପରଲୋକ ହୋଇଥିବା ଚଳଚ୍ଚିତ୍ର ନିର୍ମାତା ଅଶୋକ ପଣ୍ଡିତ ସୋସିଆଲ୍ ମିଡିଆ ଜରିଆରେ ସ୍ପଷ୍ଟ କରିଛନ୍ତି। ଶାହଙ୍କ ପରଲୋକ ଚଳଚ୍ଚିତ୍ର ଶିଳ୍ପ ପାଇଁ ଅପୂରଣୀୟ କ୍ଷତି ବୋଲି ସେ କହିଛନ୍ତି। ସତୀଶଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଏବଂ ଚଳଚ୍ଚିତ୍ର ଶିଳ୍ପର ଖ୍ୟାତନାମା ବ୍ୟକ୍ତିତ୍ୱ ଶୋକବ୍ୟକ୍ତ କରିଛନ୍ତି। ୧୯୫୧ ଜୁନ୍ ୨୫ରେ ମୁମ୍ବାଇରେ ଜନ୍ମିତ ସତୀଶ ଭାରତୀୟ ସିନେମା ଏବଂ ଟେଲିଭିଜନରେ ଜଣେ ଖ୍ୟାତନାମା ବ୍ୟକ୍ତିତ୍ୱ ଥିଲେ। ସେ ଅନେକ ଦଶନ୍ଧି ଧରି ଅଭିନୟ ସହ ଜଡ଼ିତ ଥିଲେ। ଜାନେ ଭି ଦୋ ୟାରୋ, ମାଲାମାଲ୍, ହିରୋ ହିରାଲାଲ୍, ମେଁ ହୁଁ ନା ଏବଂ କାଲ୍ ହୋ ନା ହୋ ଭଳି ଚଳଚ୍ଚିତ୍ରରେ ହାସ୍ୟାଭିନୟ ପାଇଁ ବହୁ ପ୍ରଶଂସା ସାଉଁଟିଥିଲେ। ଫିଲ୍ମ ଆଣ୍ଡ ଟେଲିଭିଜନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆରୁ ସ୍ନାତକ ହାସଲ ପରେ ସେ ୧୯୭୮ରେ ଅରବିନ୍ଦ ଦେଶାଇ କି ଆଜୀବ ଦସ୍ତାନ ଏବଂ ୧୯୭୯ରେ ଗମନ ଭଳି ଚଳଚ୍ଚିତ୍ରରେ ଛୋଟ ଭୂମିକାରେ ଅଭିନୟ ଆରମ୍ଭ କରିଥିଲେ। ଚଳଚ୍ଚିତ୍ର ନିର୍ମାତା କୁନ୍ଦନ ଶାହଙ୍କ 'ଜାନେ ଭି ଦୋ ୟାରୋ' ଚଳଚ୍ଚିତ୍ରରେ ଦୁର୍ନୀତିଗ୍ରସ୍ତ ମ୍ୟୁନିସିପାଲ କମିଶନର ଡି' ମେଲୋ ଭୂମିକାରେ ଅଭିନୟ ପାଇଁ ସେ ଘରେ ଘରେ ପରିଚିତ ହୋଇଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏଇ ପରା ତୁମ ଡେଙ୍ଗା ଉଆସ,
ଚିଲ ପଶି ବିଲ ଯାଉଛି
ଏଇ ପରା ତୁମ ସୁଆଗୀ ମାଇପ
ଲୁଣ ନାହିଁ ପେଯ ପିଉଛି।**

ଘରର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ। ଚାଳ ଛପର କଣା ହୋଇଗଲାଣି ଯେ ଚିଲ ପକ୍ଷୀ ବେଳ ଅବେଳରେ ପଶିଆସୁଛି। ସ୍ତ୍ରୀକୁ ଟିକେ ଭଲରେ ଖାଇବାକୁ ଦେଇହେଉନି, ସେ ବାଧହୋଇ ପେଯ ପିଉଛି। ସ୍ୱାମୀର ଅପାରଗତା ପ୍ରତି ସ୍ତ୍ରୀର କଟୁକ୍ତି ଭାବ ପ୍ରକାଶ ପାଇବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଏକୁଟିଆ ଘର ଚୋରକୁ
ବୁଢ଼ାକାଳେ ବିଭା ପରକୁ।**

ସାଇପଡ଼ିଶା ପାଖ ଛାଡ଼ି ଏକୁଟିଆ ସ୍ଥାନରେ ଘର କରି ରହିଲେ ମନ ମଧ୍ୟରେ ସବୁବେଳେ ଚୋରି ଯିବାର ଭୟ ଦେଖାଦେଇଥାଏ। ଠିକ୍ ସେହିପରି ବୃଦ୍ଧକାଳେ ତରୁଣୀଟିଏ ବାହାହେଲେ ସେ ସ୍ତ୍ରୀ ପରପୁରୁଷର ପ୍ରୀତିରେ ମଜି ରହିବାର ଏକ ପ୍ରକାରର ଭୟ ମନକୁ ଆନ୍ଦୋଳିତ କରୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

## କାକିନାଡ଼ାରେ ସ୍ଥଳଭାଗ ...

ପାଇଁ ରାଜ୍ୟର ପାଣିପାଗରେ ବିଶେଷ ପରିବର୍ତ୍ତନ ହୋଇ ନ ପାରେ, କିନ୍ତୁ କାଁ ଭାଁ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହିତ ହାଲୁକାରୁ ମଧ୍ୟମଧରଣର ବର୍ଷା ହେବ। ୨୭ରେ ମାଲକାନଗିରି, ରାୟଗଡ଼ା, ଗଜପତି, ଗଞ୍ଜାମ, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଓ କନ୍ଧମାଳ ଜିଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏହିସବୁ ଜିଲାରେ ୭ ସେ.ମି.ରୁ ୨୦ ସେ.ମି. ପର୍ଯ୍ୟନ୍ତ ବର୍ଷା ହେବ। ସେହିପରି ନୂଆପଡ଼ା, ବଲାଙ୍ଗୀର, ବୌଦ୍ଧ, ନୟାଗଡ଼, ଖୋର୍ଦ୍ଧା, ପୁରୀ, କଟକ, କେନ୍ଦ୍ରାପଡ଼ା ଏବଂ ଜଗତ୍‌ସିଂହପୁର ଜିଲାରେ ପ୍ରବଳ ବର୍ଷା (୭ ସେ.ମି.ରୁ ୧୧ ସେ.ମି.) ନେଇ ୟେଲୋ ୱାର୍ନିଂ ଜାରି ହୋଇଛି। ସୋମବାର ମାଲକାନାଗିରି, କୋରାପୁଟ, ରାୟଗଡ଼ା, ଗଜପତି ଏବଂ ଗଞ୍ଜାମ ଜିଲାରେ ଭୀଷଣ ବର୍ଷା (୨୦ ସେ.ମି.ରୁ ଅଧିକ) ନେଇ ରେଡ୍ ୱାର୍ନିଂ ଜାରି କରାଯାଇଛି। ଏହି ସମୟରେ ପବନର ବେଗ ଘଣ୍ଟା ପ୍ରତି ୬୦ରୁ ୭୦ କି.ମି. ଏବଂ ୮୦ କି.ମି. ପର୍ଯ୍ୟନ୍ତ ରହିପାରେ। ସେହିପରି ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧା ଏବଂ ପୁରୀ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ନିଂ ଦିଆଯାଇଛି। ଏହି ସମୟରେ ପବନର ବେଗ ଘଣ୍ଟାପ୍ରତି ୫୦ କି.ମି.ରୁ ୭୦ କି.ମି. ପର୍ଯ୍ୟନ୍ତ ବହିବା ନେଇ ଆକଳନ କରାଯାଇଛି। ଏଥିସହ ରାଜ୍ୟର ଅନ୍ୟ ସମସ୍ତ ଜିଲାରେ ପ୍ରବଳ ବର୍ଷା ନେଇ ପୂର୍ବାନୁମାନ କରାଯାଇଛି। ୨୯ ତାରିଖରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି ଏବଂ ରାୟଗଡ଼ା ଜିଲାରେ ଭୀଷଣ ବର୍ଷା ନେଇ ରେଡ୍ ୱାର୍ନିଂ ଜାରି କରାଯାଇଛି। ଅନ୍ୟପକ୍ଷରେ ସମୁଦ୍ର ଅଶାନ୍ତ ରହିବ। ତେଣୁ ୨୬ ତାରିଖଠାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ରକୁ ଯିବା ପାଇଁ ବାରଣ କରାଯାଇଛି। ଏଥିସହ ସମସ୍ତ ବନ୍ଦରରେ ୩ ନମ୍ବର ବିପଦ ସଙ୍କେତ ଦିଆଯାଇଛି।

ସମୀକ୍ଷା ବୈଠକ ପରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପୂଜାରୀ ଗଣମାଧ୍ୟମକୁ କହିଛନ୍ତି, ସମ୍ଭାବ୍ୟ ବାତ୍ୟା ପାଇଁ କେଉଁସବୁ ଜିଲାରେ ଛୁଟି ଘୋଷଣା ହେବ ସେନେଇ ଖୁବ୍‌ଶୀଘ୍ର ନିଷ୍ପତ୍ତି ନିଆଯିବ। ଅଧିକାରୀମାନେ ଛୁଟିରେ ରହିବେ କି ନାହିଁ ସେନେଇ ରବିବାର ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଏବଂ ଜିଲାପାଳଙ୍କ ସହ ବୈଠକ ପରେ ନିଷ୍ପତ୍ତି ନିଆଯିବ। ଲୋକଙ୍କ ଜୀବନ ରକ୍ଷାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ ରହିବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଭୂସ୍ଖଳନ ହେଲେ ସେହି ସ୍ଥାନରେ ଜିଲାପାଳମାନେ ତୁରନ୍ତ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବେ। ରାସ୍ତା ଉପରେ ପାଣି ଚାଲିଲେ, ଉଭୟ ପଟ ରାସ୍ତା ବନ୍ଦ କରି ଲୋକଙ୍କୁ ଖାଦ୍ୟ ଯୋଗାଇବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ୨୮ ଓ ୨୯ରେ ବାତ୍ୟା ଓଡ଼ିଶାକୁ ପ୍ରଭାବିତ କରିବ। ବାତ୍ୟା ଅନେକ ସମୟରେ ଦିଗ ପରିବର୍ତ୍ତନ କରିଥାଏ। ତେଣୁ ଆଇଏମ୍‌ଡିର ପୂର୍ବ ଅନୁମାନ ଅନୁଯାୟୀ ସରକାରଙ୍କ ପକ୍ଷରୁ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ। ସରକାରଙ୍କ ପକ୍ଷରୁ ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍ ଏବଂ ଅଗ୍ନିଶମ ବାହିନୀକୁ ସଜାଗ

## ପ୍ରଥମ ପୃଷ୍ଠାରୁ...

ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ ସ୍ୱାସ୍ଥ୍ୟ, କୃଷି, ଶକ୍ତି, ସମବାୟ ବିଭାଗକୁ ପ୍ରସ୍ତୁତ ରହିବାକୁ କୁହାଯାଇଛି। ବିପର୍ଯ୍ୟୟ ପ୍ରକୋପ ଯାହା ବି ହେଉ, ସରକାର ସବୁ ପ୍ରକାର ପଦକ୍ଷେପ ପାଇଁ ପ୍ରସ୍ତୁତ ଅଛନ୍ତି, ଲୋକେ ଏଥିନେଇ ଆତଙ୍କିତ ହେବାର ନାହିଁ ବୋଲି ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି। ସମୀକ୍ଷା ବୈଠକରେ ଏସ୍‌ଆର୍‌ସି ଦେଓରଞ୍ଜନ କୁମାର ସିଂ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଗଞ୍ଜାମ: ଅଧିକାରୀଙ୍କୁ ୩୦ ଯାଏ ମୁଖ୍ୟାଳୟ ଛାଡ଼ିବା ମନା

ସମ୍ଭାବ୍ୟ ଭବାତ୍ୟାକୁ ନେଇ ଗଞ୍ଜାମ ଜିଲାପାଳଙ୍କ ଓସ୍ୱାନ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲାପାଳ ଡ.ପ୍ରମୋଦ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ହୋଇଛି। ଏଥିରେ ଆଭାସି ମାଧ୍ୟମରେ ଜିଲାର ସମସ୍ତ ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀ ଯୋଡ଼ି ହୋଇଥିଲେ। ଜିଲାରେ ଜିରୋ କାଜୁଆଲିଟି ଉପରେ ଗୁରୁତ୍ୱାରୋପ କରାଯାଇଛି। ଆସନ୍ତା ୩୦ ଯାଏ କୌଣସି ଅଧିକାରୀ ମୁଖ୍ୟାଳୟ ଛାଡ଼ି ନ ଯିବାକୁ ନିର୍ଦ୍ଦେଶ ହୋଇଛି। ଯେଉଁମାନେ ଛୁଟିରେ ଯାଇଛନ୍ତି ତୁରନ୍ତ କାର୍ଯ୍ୟରେ ଯୋଗଦେବାକୁ କୁହାଯାଇଛି। ଜିଲାର ସମୁଦ୍ରକୂଳିଆ ଅଞ୍ଚଳରେ ମତ୍ସ୍ୟଜୀବୀଙ୍କୁ ସମୁଦ୍ରକୁ ନ ଯିବାକୁ କୁହାଯାଇଛି। ଯେଉଁମାନେ ଯାଇଛନ୍ତି ସେମାନେ ଫେରିବା ଆସିବାକୁ ପ୍ରଶାସନ ପରାମର୍ଶ ଦେଇଛି। ସ୍ଥିତି ମୁକାବିଲା ପାଇଁ ଜିଲାର ୧୧୦ଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ଏବଂ ସ୍କୁଲଗୁଡ଼ିକୁ ପ୍ରସ୍ତୁତ ରଖାଯାଇଛି। ସେଠାରେ ବୈଠକ କରି ଲୋକଙ୍କୁ ସଚେତନ କରିବାକୁ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବାତ୍ୟା ସମ୍ପର୍କିତ ସୂଚନା ଦେବାକୁ ବ୍ଲକ୍ ଓ ଜିଲାସ୍ତରୀୟ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ପ୍ରତି ପଞ୍ଚାୟତ ଓ ସହରାଞ୍ଚଳରେ ଜଣେ ଲେଖାଏ ପ୍ରତିନିଧିଙ୍କୁ ନେଇ ଏକ ହ୍ୱାଟ୍ସଆପ୍ ଗ୍ରୁପ୍ କରିବାକୁ କୁହାଯାଇଛି। ଉପକୂଳବର୍ତ୍ତୀ ଅଞ୍ଚଳରେ ପଞ୍ଚାୟତଗୁଡ଼ିକରେ ନୋଡାଲ ଅଫିସର ନିଯୁକ୍ତି ହୋଇଛନ୍ତି। ଏଥିସହ ଗର୍ଭବତୀଙ୍କୁ ଆବଶ୍ୟକସ୍ଥଳେ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ବ୍ୟବସ୍ଥା ହୋଇଥିବା ଅତିରିକ୍ତ ଜିଲାପାଳ ପୃଷ୍ଟି କହିଛନ୍ତି। ବୈଠକରେ ଅତିରିକ୍ତ ଜିଲାପାଳ ଦେବଦତ୍ତ ପଣ୍ଡା, ଛତ୍ରପୁର ଉପଜିଲାପାଳ ଶିବାଶିଷ ବରାଳ, ଜିଲା ଜରୁରିକାଳୀନ ଅଧିକାରୀ ଅଭିଷେକ ସାହୁଙ୍କ ସହ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ୨ ଅଷ୍ଟ୍ରେଲୀୟ ମହିଳା ...

ସେମାନଙ୍କ ହୋଟେଲ ରେଡିସନ୍ ବ୍ଲ୍ୟୁ'ରୁ ଏକ କାଫେକୁ ଜଗିଂକରି ଯାଉଥିବା ବେଳେ ବାଇକ୍ ଚାଳକ ଅକିଲ ଖାନ୍ ଆସି ପ୍ରଥମେ ଜଣଙ୍କୁ ମନ୍ଦ ଉଦ୍ଦେଶ୍ୟରେ ସ୍ପର୍ଶ କରିଥିଲେ। ସେ ସେଠାରୁ କିଛି ବାଟ ଯାଇ ପୁଣି ସେମାନଙ୍କ ନିକଟକୁ ଫେରି ଅନ୍ୟ ମହିଳା ଖେଳାଳିଙ୍କୁ ଅସଦାଚରଣ କରିଥିଲେ। ଉଭୟେ ପ୍ରତିରୋଧ କରିବା ସତ୍ତ୍ୱେ ସେ ଏପରି କରିବାରେ ସଫଳ ହୋଇଥିଲେ। ଅସଦାଚରଣର ଶିକାର ହୋଇଥିବା ୨ ମହିଳା ଖେଳାଳି ତୁରନ୍ତ ଏସ୍‌ଓଏସ୍ ନୋଟିଫିକେଶନ୍ ପଠାଇଥିଲେ। ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ସୁରକ୍ଷା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଷ୍ଟ୍ରେଲିଆ ଦଳର ସିକ୍ୟୁରିଟି ମ୍ୟାନେଜର ଡାନି ସିମନ୍ସ ସନ୍ଧ୍ୟାରେ ଏମ୍‌ଆଇଜି ଥାନାରେ ଅଭିଯୋଗ ଦାଖଲ କରିଥିଲେ। ସ୍ଥାନୀୟ ପୋଲିସ ଏଫ୍‌ଆଇଆର୍ ରୁଜୁକରି ଅଭିଯୁକ୍ତ ଅକିଲଙ୍କୁ ଶୁକ୍ରବାର ଗିରଫ କରିଛି। ଏନେଇ ସବ୍-ଇନ୍‌ସ୍ପେକ୍ଟର ନିଧି ରଘୁବଂଶୀ କହିଛନ୍ତି, ଦୁଇ କ୍ରିକେଟର ହୋଟେଲରୁ ବାହାରି କାଫେକୁ ଯାଉଥିବାବେଳେ ବାଇକ୍ ଚାଳକ ଅକିଲ ତାଙ୍କ ପିଛା କରିବା ସହ ଆପତ୍ତିଜନକ ଭାବେ ସେମାନଙ୍କୁ ଛୁଇଁଥିଲେ। ସୂଚନା ପାଇବା ପରେ ଏସିପି ହିମାନୀ ମିଶ୍ର ଉଭୟ ଖେଳାଳିଙ୍କୁ ଭେଟି ସେମାନଙ୍କ ବୟାନ ରେକର୍ଡ କରାଇଥିଲେ। ଅଭିଯୁକ୍ତଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍)ର ଦଫା ୭୪ (ମହିଳାଙ୍କ ମର୍ଯ୍ୟାଦାକୁ କ୍ଷତି ପାଇଁ ଆପରାଧିକ ବଳ ପ୍ରୟୋଗ) ଓ ଦଫା ୭୮ (ପିଛା କରିବା) ବଳରେ ମାମଲା ରୁଜୁ କରାଯାଇଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଦେବଜିତ ସାଇକିଆ କରିଛନ୍ତି, ଏହା ଏକ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଘଟଣା, ଯାହାକି ବିଦେଶରେ ଭାରତର ଛବିକୁ ନିନ୍ଦିତ କରିଛି। ଅଭିଯୁକ୍ତଙ୍କୁ ଦଣ୍ଡିତ କରିବା ପାଇଁ ଆଇନକୁ ତା' କାମ କରିବାକୁ ଦିଅନ୍ତୁ।

## ବିମାନ ଚଳାଚଳ ...

ସହରଗୁଡ଼ିକୁ ସଂଯୋଗ କରି ଆଞ୍ଚଳିକ ବିମାନ ସଂଯୋଗକୁ ବୃଦ୍ଧି କରିବା ପାଇଁ ବିମାନ କମ୍ପାନୀଗୁଡ଼ିକୁ ଭାୟାବିଲିଟି ଗ୍ୟାପ୍ ଫଣ୍ଡ୍ ପ୍ରୋତ୍ସାହନ ପ୍ରଦାନ କରାଯିବ। ସେହିପରି ରକ୍ଷଣାବେକ୍ଷଣ, ମରାମତି ଏବଂ ମରାମତିକୁ ଗୁରୁତ୍ୱ ଦିଆଯିବ। ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ବିଶ୍ୱସ୍ତରୀୟ ମେଣ୍ଟେନାନ୍ସ ରିପେୟାର ଆଣ୍ଡ ଓଭରହଉଲ(ଏମ୍‌ଆରଓ) ସୁବିଧା ପ୍ରତିଷ୍ଠା ଏବଂ କାର୍ଯ୍ୟକ୍ଷମ କରାଯିବ; ଯାହାଦ୍ୱାରା ଏକ ଆତ୍ମନିର୍ଭରଶୀଳ ବିମାନ ରକ୍ଷଣାବେକ୍ଷଣ ଇକୋସିଷ୍ଟମ ସୃଷ୍ଟି ଏବଂ ଘରୋଇ ନିବେଶକୁ ଆକର୍ଷିତ କରାଯାଇପାରିବ। ଏହାସହିତ ଉଦୀୟମାନ ପ୍ରଯୁକ୍ତିବିଦ୍ୟା ଏବଂ ଉଦ୍ଭାବନକୁ ପ୍ରୋତ୍ସାହନ ଦିଆଯିବ। ଡ୍ରୋନ୍, ସିପ୍ଲେନ୍, ଇ.ଭିଟିଓଏଲ୍ ବିମାନ ଏବଂ ମହାକାଶଯାନ ଉତ୍ପାଦନ ଭଳି ଭବିଷ୍ୟତ ପ୍ରଯୁକ୍ତିର ପ୍ରୋତ୍ସାହନ, ଯାହା ଓଡ଼ିଶାକୁ ନୂତନ ଯୁଗର ବିମାନ ଚଳାଚଳ କରିବାରେ ସକ୍ଷମ ହେବ। ଏହି ଯୋଜନାରେ କାର୍ଗୋ ଓ ଲଜିଷ୍ଟିକ୍‌କୁ ମଧ୍ୟ ବିକଶିତ କରାଯିବ। କୃଷି ରପ୍ତାନି, ଶିଳ୍ପ ଲଜିଷ୍ଟିକ୍ସ ଏବଂ ସମୟ-ସମ୍ବେଦନଶୀଳ ବାଣିଜ୍ୟକୁ ସହଜ କରିବା ପାଇଁ ବିମାନ କାର୍ଗୋ ଭିତ୍ତିଭୂମିକୁ ସୁଦୃଢ଼ କରାଯାଇପାରିବ। ଏହାସହିତ ପ୍ରତିଷ୍ଠିତ ଶିଳ୍ପ ଅଂଶୀଦାରମାନଙ୍କ ସହ ସହଭାଗିତାରେ ବିମାନ ଚଳାଚଳ-କେନ୍ଦ୍ରିତ ଦକ୍ଷତା ବୃଦ୍ଧି କରିବା ସହ ଉଡ଼ାଣ ତାଲିମ ଏବଂ ଟେକ୍ନିସିଆନ୍, ପାଇଲଟ୍-ବିଶେଷକରି ଝିଅମାନେ ଏବଂ ବିମାନବନ୍ଦରର ଗ୍ରାଉଣ୍ଡ ଷ୍ଟାଫ୍‌ଙ୍କ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମାଧ୍ୟମରେ ନିଯୁକ୍ତି ସୁଯୋଗ ମିଳିବ। ଏହାବାଦ୍ ରାଜ୍ୟସାରା ବିମାନ ପ୍ରକଳ୍ପଗୁଡ଼ିକର ନୀତି ଯୋଜନା, ସମନ୍ୱୟ ଏବଂ କାର୍ଯ୍ୟାନ୍ୱୟନ ପାଇଁ ଏକ ବୃତ୍ତିଗତ ସଂସ୍ଥା ଭାବରେ କାର୍ଯ୍ୟ କରିବା ପାଇଁ ବିମାନ ନିର୍ଦ୍ଦେଶାଳୟର ପୁନର୍ଗଠନ ଏବଂ ସଶକ୍ତୀକରଣ କରାଯିବ ବୋଲି ମୁଖ୍ୟ ସଚିବ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଚନ୍ଦ୍ର ସହ ବୁଧଙ୍କ ସଂଯୋଗରୁ ପାରିବାରିକ ଦୁଶ୍ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ବହୁତ ଦିନରୁ ଲାଗି ହରିଥିବା ରୁଗ୍‌ଣ ସ୍ୱାସ୍ଥ୍ୟରେ ଉନ୍ନତି ଆଶା ରହିଛି। ପଡ଼ୋଶୀଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିବ। କୌଣସି ଗୁରୁତ୍ୱପୂର୍ଣ୍ଣ କାମର ସମାଧାନ ସକାଶେ ସହକର୍ମୀମାନେ ଆପଣଙ୍କ ପରାମର୍ଶ ଲୋଡ଼ିପାରନ୍ତି।

**ବୃଷ** କର୍ମାଧିପ ଏକାଦଶ ସ୍ଥାନରେ ରହିଥିବାରୁ ଦୀର୍ଘ ଦିନରୁ ଚେଷ୍ଟା କରୁଥିବା କାମରେ ଆଂଶିକ ସଫଳତା ପାଇବେ। ବନ୍ଧୁଙ୍କ ପରିହାସଯୁକ୍ତ ଛୋଟ କଥାକୁ ବଡ଼ ଆକାରରେ ଚିନ୍ତା କରିପାରନ୍ତି। ଅସାବଧାନତା ହେତୁ କେତେକ ବ୍ୟତିକ୍ରମ ଦେଖାଦେବ। ବନ୍ଧୁମାନଙ୍କ ସମାଲୋଚନାର ଶରବ୍ୟ ହୋଇ ମାନସିକ ଅଶାନ୍ତିରେ ସମୟ କାଟିବେ।

**ମିଥୁନ** ଦୁଃସ୍ଥାନରେ ରାଶ୍ୟାଧିପତି ଥିବାରୁ ଦୈହିକ ଦୁର୍ବଳତା ଯୋଗୁ କର୍ମକ୍ଷେତ୍ରରେ ମନୋବଳ କମିଯିବ। ଖଳ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେବେ। ଗୃହ, ଜମିଜମା, ମାଲିମକଦ୍ଦମା, ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ସୁଫଳ ପାଇବେ। ଅଭାବ ଥିଲେ ମଧ୍ୟ ବନ୍ଧୁମାନଙ୍କ ସାହାଯ୍ୟ ଏବଂ ସହଯୋଗରୁ କାମ ଅଟକିବ ନାହିଁ।

**କର୍କଟ** ରାହୁଦୃଷ୍ଟ କର୍ମାଧିପ ଯୋଗୁ କର୍ମକ୍ଷେତ୍ରରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ ନ କଲେ ଅସୁବିଧା ଭୋଗିବେ। ଅଫିସରେ ଯେତେଟା ପରିସ୍ଥିତିକୁ ଜଟିଳ ଭାବୁଛନ୍ତି, ବାସ୍ତବରେ ସେପରି କିଛି ହେବନି। କୌଣସି ଧାର୍ମିକ ଅନୁଷ୍ଠାନ ସହିତ ଜଡିତ ରହି ବ୍ୟସ୍ତତା ଅନୁଭବ କରିବେ।

**ସିଂହ** ତୃତୀୟାଧିପତିଙ୍କ ଦୁର୍ବଳତା କାରଣରୁ ହିତୈଷୀଙ୍କ ସାନ୍ତ୍ୱନା ବାଣୀ ମନରେ ଆଶ୍ୱସ୍ତି ଭରିଦେବ। ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେବ। କରଜ ଅଥବା ଭଡ଼ା ସୂତ୍ରରୁ କିମ୍ବା ବକେୟା ଟଙ୍କା ଆଜି ପାଇପାରିବେ। ବନ୍ଧୁଙ୍କ ସାହାଯ୍ୟ ସହଯୋଗ ଫଳରେ ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବାରେ ସମର୍ଥ ହେବେ।

**କନ୍ୟା** ପାପଗ୍ରହ ମଧ୍ୟସ୍ଥ ବୁଧଙ୍କ ଯୋଗୁ ପରକଥାରେ ମନ ଦେଇ ନିଜ କାମକୁ ଅବହେଳା କରିପାରନ୍ତି। କର୍ମକ୍ଷେତ୍ରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହେବେ। ନିଜ ଲୋକମାନେ ନିଜ ନିଜର ସ୍ୱାର୍ଥସାଧନ ଆଶାରେ ଆପଣଙ୍କ ଗୁଣଗାନ କରିବେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବ।

**ତୁଳା** ଶୁକ୍ର କେନ୍ଦ୍ରକୋଣାଧିପ ଶନିଙ୍କ ଦୃଷ୍ଟିରେ ଥିବାରୁ ଚେଷ୍ଟା କରୁଥିବା କାମରେ ପାରିବାରିକ ସମର୍ଥନ ପାଇବେ। ଫେରନ୍ତା ବାଟରେ ଜଣେ ଯୁବକ ବ୍ୟକ୍ତିଠାରୁ ଯଥେଷ୍ଟ ସହାୟତା ପାଇବାର ସୂଚନା ରହିଛି। କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ସ୍ୱାର୍ଥହାନି ଆଶଙ୍କାରେ ଆତ୍ମୀୟମାନେ କ୍ରମଶଃ ଦୂରେଇ ଯାଇପାରନ୍ତି।

**ବିଛା** ନୀଚାଭିମୁଖୀ ଶନିଙ୍କ କାରଣରୁ ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ। କର୍ମକ୍ଷେତ୍ରରେ ଉତ୍ସାହିତ ହେବେ ଓ ସଫଳତା ହାସଲ କରିବେ। ଖର୍ଚ୍ଚ ପରିମାଣ ଦି'ଗୁଣା ହୋଇପାରେ, ଏଣୁ ସାମୟିକ ବିଷାଦଗ୍ରସ୍ତ ହୋଇପାରନ୍ତି। ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**ଧନୁ** ରାଶ୍ୟାଧିପତି ଅଷ୍ଟମ ସ୍ଥାନସ୍ଥ ଯୋଗୁ ପ୍ରତ୍ୟେକ କ୍ଷେତ୍ରରେ ସାମାନ୍ୟ ଅସୁବିଧା ଥିବାର ଅନୁଭବ କରିବେ। କର୍ମକ୍ଷେତ୍ରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇଁ ମନୋବଳ ବୃଦ୍ଧି ପାଇବ। ଆନୁଷ୍ଠାନିକ କାମ, ସଭାସମିତି, ସାହିତ୍ୟ କ୍ଷେତ୍ରରେ ପ୍ରଶଂସିତ ହେବେ। ପରିବାରରେ ଭୁଲ୍ ବୁଝାମଣାର କୁଫଳ ଭୋଗିବାକୁ ପଡ଼ିପାରେ।

**ମକର** କର୍ମାଧିପତି ନୀଚ ସ୍ଥାନରେ ଥିବାରୁ କର୍ମକ୍ଷେତ୍ରରେ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ। ପରିବାରରେ ପିଲାଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ବନ୍ଧୁଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ନ ଦେଖି ଓ ତାହାଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ସାମାନ୍ୟ ବିଳମ୍ବରେ କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ ହେବାର ଆଶା ରହିଛି।

**କୁମ୍ଭ** ରାହୁଙ୍କ କୁପ୍ରଭାବରୁ ପ୍ରତ୍ୟେକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବ ନାହିଁ। ସଭାସମିତିରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହୋଇପାରନ୍ତି। ବ୍ୟବସାୟରେ ଲାଭ ମିଳିବ, କିନ୍ତୁ ବଦ୍‌ଖର୍ଚ୍ଚ ରୋକିବା ପାଇଁ ଚେଷ୍ଟିତ ହେବେ। କୌଣସି ଜିନିଷ ଅନ୍ୟ ସ୍ଥାନରେ ରଖି ଖୋଜିବା ସମୟରେ ପାଇ ପାରିବେ ନାହିଁ।

**ମୀନ** ବୁଧ କ୍ଷେତ୍ରସ୍ଥ ତୃତୀୟାଧିପତି ଯୋଗୁ ବହୁ ପ୍ରତୀକ୍ଷିତ ଖବରଟି ଆଜି ପାଇବେ। ପରିବାରରେ ହଠାତ୍ ପ୍ରତିକ୍ରିୟା ପ୍ରକାଶ କରନ୍ତୁ ନାହିଁ, ଯାହାକି ସମସ୍ୟାକୁ ବୃଦ୍ଧି କରିବ। ରାଜନୀତିରେ ବିଶିଷ୍ଟ ବ୍ୟକ୍ତିଙ୍କ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଆଗେଇଯିବେ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାଇଲେ ବିବାଦ ଭିତରକୁ ଟଣା ହୋଇପାରନ୍ତି।

ଆଜି ଅକ୍ଟୋବର ୨୬ ତାରିଖ, କାର୍ତ୍ତିକ ଶୁକ୍ଳ ୫ମୀ ରବିବାର। ରାଶିନକ୍ଷତ୍ର-ଦିବା ଘ.୧୦।୪୬ମି. ଗତେ, ମୂଳା/ଧନୁ, ୫ମୀ ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୩୪ ଗତେ ଘ.୦୮।୫୧ ମଧ୍ୟେ, ଘ.୧୨।୫୫ମି. ଗତେ ଘ.୦୨।୫୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୩।୪୬ ଗତେ ଘ.୦୫।୧୨ ମଧ୍ୟେ ରାହୁକାଳ।

# ଅଧିକାରୀଙ୍କୁ ମୁଖ୍ୟାଳୟ ନ ଛାଡ଼ିବାକୁ ନିର୍ଦ୍ଦେଶ

**ସମ୍ଭାବ୍ୟ ବାତ୍ୟା 'ମୋନ୍ଥା'କୁ ନେଇ ଜିଲା ପ୍ରଶାସନର ପ୍ରସ୍ତୁତି**

- ପ୍ରଶାସନ ସଜାଗ, ଜିରୋ କାଜୁଆଲ୍‌ଟିକୁ ଗୁରୁତ୍ୱ
- ଆବଶ୍ୟକସ୍ଥଳେ ସ୍ଥାନାନ୍ତର ହେବେ ଗ୍ରାମବାସୀ

ଖୋର୍ଦ୍ଧା,୨୫।୧୦(ପ୍ରଭାତ ପାଣିଗ୍ରାହୀ)

ସମ୍ଭାବ୍ୟ ବାତ୍ୟା 'ମୋନ୍ଥା'କୁ ଦୃଷ୍ଟିରେ ରଖି ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଶନିବାର ଜିଲାପାଳ ଅମ୍ରିତ୍ ଋତୁରାଜ ଅଭାସୀ ମାଧ୍ୟମରେ ଜିଲାର ପ୍ରଶାସନିକ ଅଧିକାରୀ ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ସଜାଗ ରହିବା ସହ ପ୍ରସ୍ତୁତି ଶେଷ କରିବାକୁ ସମସ୍ତ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଜିଲାର ସମସ୍ତ ସରକାରୀ ଅଧିକାରୀଙ୍କ ଛୁଟି ବାତିଲ କରାଯାଇଛି। ଏଥିସହିତ ବିନା ଅନୁମତିରେ କେହି ମୁଖ୍ୟାଳୟ ନ ଛାଡ଼ିବାକୁ ନିର୍ଦ୍ଦେଶ ରହିଛି। ବାତ୍ୟା ପ୍ରଭାବରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଜିଲା ପ୍ରଶାସନ ସଜାଗ ରହିଛି। କେହି ଭୟଭୀତ ନ ହେବାକୁ ଜିଲାପାଳ ଜିଲାବାସୀଙ୍କୁ ପରାମର୍ଶ ଦେଇଛନ୍ତି।

ଜିଲାର ସମସ୍ତ ବିଡିଓ, ତହସିଲଦାର, ସ୍ୱାସ୍ଥ୍ୟ, ପ୍ରାଣୀଧନ ବିଭାଗ, କୃଷି ବିଭାଗ, ବିଦ୍ୟୁତ୍ ବିଭାଗ, ଅଗ୍ନିଶମ ସେବା ବିଭାଗ, ପାନୀୟଜଳ ବିଭାଗ, ବେସାମରିକ ଯୋଗାଣ ବିଭାଗ, ପୌର ପରିଷଦ, ବିଜ୍ଞାପିତ ଅଞ୍ଚଳ ପରିଷଦ ବିଭାଗୀୟ ଅଧିକାରୀ ବାତ୍ୟା ମୁକାବିଲା ନିମନ୍ତେ ସଜାଗ ରହିବାକୁ ନିର୍ଦ୍ଦେଶ ରହିଛି। ବାତ୍ୟାଜନିତ ଯୋଗାଯୋଗ, ସୂଚନା ପ୍ରଦାନ ଲାଗି ସମସ୍ତ ତହସିଲଦାର, ବିଡିଓମାନେ ନିଜ କାର୍ଯ୍ୟାଳୟରେ କଣ୍ଟ୍ରୋଲ ରୁମ କାର୍ଯ୍ୟକାରୀ ସହ ଜିଲା କାର୍ଯ୍ୟାଳୟ କଣ୍ଟ୍ରୋଲ ରୁମ୍ ସହ ଯୋଗାଯୋଗ ରଖିବେ। ସେହିପରି ବର୍ଷା ହେବାର ରିପୋର୍ଟ ଦୈନିକ ଜିଲା କଣ୍ଟ୍ରୋଲ ରୁମକୁ ପଠାଇବାକୁ ନିର୍ଦ୍ଦେଶ ଦିଆଯାଇଛି । ଯେ କୌଣସି ଜରୁରୀକାଳୀନ ପରିସ୍ଥିତିରେ ମୁକାବିଲା ନିମନ୍ତେ ସମସ୍ତ ଲାଇନ୍ ଡିପାର୍ଟମେଣ୍ଟ ସଜାଗ ରହିବା ସହ ସେମାନଙ୍କ କର୍ମଚାରୀଙ୍କୁ ପ୍ରସ୍ତୁତ ରଖିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ସମସ୍ତ ଅତ୍ୟାବଶ୍ୟକ ଔଷଧ ସାମଗ୍ରୀ ପ୍ରସ୍ତୁତ କରି ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପର୍ଯ୍ୟାପ୍ତ ପରିମାଣରେ ସାପ କାମୁଡ଼ା ଇଞ୍ଜେକ୍ସନ ପ୍ରତ୍ୟେକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ମହଜୁଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଅଗ୍ନିଶମ ସେବା କର୍ମଚାରୀ ପ୍ରସ୍ତୁତ ରହିବେ। ବନ୍ୟା ପ୍ଲାବିତ ଅଞ୍ଚଳରେ ଧନଜୀବନ ସୁରକ୍ଷା ପାଇଁ ବିଡିଓମାନେ ବହୁମୁଖି ବାତ୍ୟା ଆଶ୍ରୟସ୍ଥଳୀରେ ସମସ୍ତ ସୁବିଧା ସହ ପ୍ରସ୍ତୁତ ରଖିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ଆରକ୍ଷୀ ଅଧୀକ୍ଷକ ବିବେକାନନ୍ଦ ଶର୍ମା, ଅତିରିକ୍ତ ଜିଲାପାଳ(ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ, ଅତିରିକ୍ତ ଜିଲାପାଳ(ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଭୁବନେଶ୍ୱର ଉପଜିଲାପାଳ ଡ. ମନୋରଞ୍ଜନ ସାହୁ, ଖୋର୍ଦ୍ଧା ଉପଜିଲାପାଳ କିଶୋର କୁମାର ପଣ୍ଡା, ଡେପୁଟି କଲେକ୍ଟର ସୁଶ୍ରୀ ଶ୍ରୀତପା ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

## ନାଗଦେବତାଙ୍କୁ ପୂଜିଲେ ମହିଳା ବ୍ରତଧାରୀ



ଜଟଣୀ,୨୫।୧୦(ରବୀନ୍ଦ୍ରନାଥ ମହାକୁଡ଼)

ଖୋର୍ଦ୍ଧା ଜିଲାର ବିଭିନ୍ନ ସ୍ଥାନରେ ଶନିବାର ନାଗ ଚାତୁର୍ଥୀ ପର୍ବ ପାଳିତ ହୋଇଯାଇଛି। ନାଗ ଦେବତାଙ୍କ ଉଦ୍ଦେଶ୍ୟରେ ପରିବାର ଓ ପିଲାଙ୍କର ମଙ୍ଗଳ କାମନା ସହ ଶୁଭ ମନାସୀ ଏହି ପର୍ବ ପାଳନ କରିଥାନ୍ତି। ବିଶେଷକରି ତେଲୁଗୁ ସମ୍ପ୍ରଦାୟର ଲୋକେ ନାଗ ଚତୁର୍ଥୀକୁ ଏକ ବିଶେଷପର୍ବ ଭାବେ ପାଳନ କରିଥାନ୍ତି। ଏହି ପରିପ୍ରେକ୍ଷୀରେ ଜଟଣୀ ସହର ଏବଂ ଏହାର ପାଖଆଖ ଅଞ୍ଚଳରେ ବସବାସ କରୁଥିବା ଦକ୍ଷିଣ ଭାରତୀୟ ତେଲୁଗୁ ସମ୍ପ୍ରଦାୟ ଲୋକେ ନାଗଚତୁର୍ଥୀ ପାଳନ କରିଛନ୍ତି। ମହିଳାମାନେ ଉପବାସ ରହି ଉଇହୁଙ୍କା ନିକଟକୁ ଯାଇ ପୂର୍ଜାର୍ଚ୍ଚନା କରିଥିଲେ। ନାଗଦେବତାଙ୍କ ଉଦ୍ଦେଶ୍ୟରେ କ୍ଷୀର ଅର୍ପଣ କରିବା ସହ ସିନ୍ଦୂର, କଜଳ, ଚନ୍ଦନ, ଫୁଲ, ଧୂପ, ଦୀପ ଦେଇ ପୂଜାର୍ଚ୍ଚନା କରିଥିଲେ। ତେଲୁଗୁ ସମ୍ପ୍ରଦାୟ ମହିଳାଙ୍କ ସହିତ ଅନ୍ୟ ସମ୍ପ୍ରଦାୟର ମହିଳାମାନେ ମଧ୍ୟ ନାଗଦେବତାଙ୍କୁ ପୂଜା କରି ଆଶୀର୍ବାଦ ଭିକ୍ଷା କରିଥିବା ଦେଖିବାକୁ ମିଳିଥିଲା।

## ଚୋରି ସାମଗ୍ରୀ ଜବତ, ୨ ଗିରଫ

**ଜଟଣୀ,୨୫।୧୦(ରବୀନ୍ଦ୍ରନାଥ ମହାକୁଡ଼):** ଜଟଣୀ ଥାନା ଅଧୀନ ରାମଚନ୍ଦ୍ରପୁର ବଜାରସ୍ଥିତ ଏକ କୋଚିଂ ସେଣ୍ଟରରୁ ଚୋରି ଅଭିଯୋଗରେ ପୋଲିସ ଦୁଇ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଏହି ଥାନା ଅଧୀନ ବାଲିଛକ ମୁଣ୍ଡିଆସାହିର ରମେଶ ଜେନା(୨୪) ଏବଂ ଏହି ଅଞ୍ଚଳର ଭିଣ୍ଡି ଓରଫ ରାଜୁ ମାଳି(୪୨)। ଏମାନଙ୍କଠାରୁ ୫ ହଜାର ଟଙ୍କା, ଲୁହାରଡ୍ ଏବଂ ଏକ ମ୍ୟୁଜିକ ସିଷ୍ଟମ ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୪୭୯/୨୫) ରୁଜୁ ପରେ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ଷ୍ଟାଲିନ ବିଶ୍ୱାଳ କହିଛନ୍ତି। ସୂଚନା ମୁତାବକ, ଗତ ୨୦ ତାରିଖ ରାତିରେ ରାମଚନ୍ଦ୍ରପୁର ବଜାରସ୍ଥ ଏକ କୋଚିଂ ସେଣ୍ଟରରୁ ଚୋରି ହୋଇଥିବା ନେଇ ଅନୁଷ୍ଠାନ ପକ୍ଷରୁ ରାଜେଶ ସ୍ୱାଇଁ ଅଭିଯୋଗ କରିଥିଲେ। ଅଭିଯୁକ୍ତମାନେ ଅନୁଷ୍ଠାନରୁ ଅର୍ଥ ସହିତ ଉପରୋକ୍ତ ସାମଗ୍ରୀ ଚୋରିକରି ନେଇଥିଲେ। ଅପୋଲିସ ଘଟଣାର ତଦନ୍ତ ଚଳାଇ ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି।

## ଡିସ୍‌ଲେକ୍ସିଆ ସଚେତନତା ପଦଯାତ୍ରା

ଖୋର୍ଦ୍ଧା,୨୫।୧୦(ପ୍ରଭାତ ପାଣିଗ୍ରାହୀ)



ଡିସ୍‌ଲେକ୍ସିଆ ସଚେତନା ମାସ ଉପଲକ୍ଷେ ବାହାରିଥିବା ପଦଯାତ୍ରା।

ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ଭୁବନେଶ୍ୱରଙ୍କ ନିର୍ଦ୍ଦେଶକ୍ରମେ ଖୋର୍ଦ୍ଧା ଜିଲା ସମଗ୍ର ଶିକ୍ଷା ଆନୁକୂଲ୍ୟରେ ଅନ୍ତଃନିବେଶୀ ଶିକ୍ଷା ବିଭାଗ ଆନୁକୂଲ୍ୟରେ ସ୍ୱତନ୍ତ୍ର ଶିକ୍ଷଣ ଅକ୍ଷମତା(ଡିସ୍‌ଲେକ୍ସିଆ) ସଚେତନତା ମାସ ଉପଲକ୍ଷେ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଖୋର୍ଦ୍ଧାର ଛାତ୍ରୀମାନେ ପ୍ଲାକାର୍ଡ ଧରି କ୍ୟାମ୍ପସ ପରିସରରୁ ପଦଯାତ୍ରାରେ ବାହାରି ସଚେତନତା ବାର୍ତ୍ତା ଦେଇଥିଲେ। ସମବାୟ ଛକ, ପୁରୁଣା ମେଡିକାଲ, ପୁରୁଣା ବସଷ୍ଟାଣ୍ଡ ଟ୍ରାଫିକ ଛକ ଦେଇ ବିଦ୍ୟାଳୟକୁ ଫେରିଥିଲେ। ଜିଲା ସୂଚନା ଓ ଲୋକ ସେବା ସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶର୍ମିଷ୍ଠା ଜେନା, ଅନ୍ତଃନିବେଶୀ ଶିକ୍ଷା ବିଭାଗ ସଂଯୋଜିକା ପୁଷ୍ପମିତ୍ର ମିଶ୍ର ପତାକା ଦେଖାଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ କ୍ୟାମ୍ପସ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ପୁଷ୍ପମିତ୍ର ସ୍ୱତନ୍ତ୍ର ଶିକ୍ଷଣ ଅକ୍ଷମତା ଦିବସ ପାଳନ ଆଭିମୁଖ୍ୟ ସମ୍ପର୍କରେ ପିଲାଙ୍କୁ ବୁଝାଇଥିଲେ। ଛାତ୍ରୀଛାତ୍ର ଓ ବ୍ୟକ୍ତିବିଶେଷମାନେ ପଢ଼ିବା, ଲେଖିବାରେ ଓ ଗାଣିତିକ ସମାଧାନ କରିବାରେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏହିପ୍ରକାର ସମସ୍ୟା ସେମାନଙ୍କ ମସ୍ତିଷ୍କ ଗଠନ ଓ କାର୍ଯ୍ୟର ବ୍ୟତିକ୍ରମ ଯୋଗୁ ସୃଷ୍ଟି ହୋଇଥାଏ। ଡିସ୍‌ଲେକ୍ସିଆଙ୍କ ପାଖରେ ବି ସାମର୍ଥ୍ୟ ଅଛି, ସହଯୋଗର ହାତ ବଢ଼ାଇଲେ ଆଗକୁ ବଢ଼ିବେ ବୋଲି କହିଥିଲେ। ସମ୍ମାନିତ ଅତିଥି ମନୋବିଜ୍ଞାନୀ ଶୁଭଶ୍ରୀ ପଶ୍ଚିମକବାଟ ଏହାର ଲକ୍ଷଣ, କାରଣ ସମ୍ପର୍କରେ କହିଥିଲେ। ଏହା ହେଉଛି ଏକ ଜୀବନବ୍ୟାପୀ ସମସ୍ୟା। ଏହା ସାମାଜିକ ଜୀବନରେ ଓ ଦୈନନ୍ଦିନ ନିତ୍ୟକର୍ମ କରିବାରେ ଅଧିକ ପ୍ରଭାବ ପକାଇ ଛାତ୍ରୀଛାତ୍ରଙ୍କ ବ୍ୟକ୍ତିତ୍ୱ ବିକାଶରେ ବାଧକ ସୃଷ୍ଟି କରିଥାଏ। ତେଣୁ ସମସ୍ତ ଛାତ୍ରୀଛାତ୍ର ଓ ବ୍ୟକ୍ତି ବିଶେଷ ଏହିପରି ସମସ୍ୟାର ସମ୍ମୁଖୀନ ହେବା ସତ୍ତ୍ୱେ ସେମାନଙ୍କ ମଧ୍ୟରେ ଥିବା ସାମର୍ଥ୍ୟ ଅଛି ବୋଲି ଅନୁଭବ କରିବା ଉଚିତ୍ ବୋଲି କହିଥିଲେ। ଏହି ସବୁ ସମସ୍ୟା ଥିବା ସତ୍ତ୍ୱେ ବହୁ ବିଶିଷ୍ଟ ବ୍ୟକ୍ତି ଯେପରିକି ଆଲବର୍ଟ ଆଇନ ଷ୍ଟାଇନ, ବେଲ ଗ୍ରିଟ୍ସ, ଭାରତୀୟ ଚଳଚ୍ଚିତ୍ର ଅଭିନେତାଙ୍କ ଉଦାହରଣ ପିଲାମାନଙ୍କୁ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭରତ ଚନ୍ଦ୍ର ପ୍ରଧାନ, ପ୍ରଧାନ ଶିକ୍ଷକ ଅଗାଧୁ ସେଠୀ, ସିଆର୍‌ସିସି ମନୋଜ ଦାଶ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଖୋର୍ଦ୍ଧାର ସମସ୍ତ ଶିକ୍ଷୟିତ୍ରୀ, ଜଟଣୀ, ଖୋର୍ଦ୍ଧା, ବେଗୁନିଆ, ଟାଙ୍ଗୀ ବ୍ଲକର ସମସ୍ତ ସମ୍ବଳ ଶିକ୍ଷକ ଉପସ୍ଥିତ ଥିଲେ।

## ଶିବସୁନ୍ଦର ସଭାପତି, ପ୍ରସନ୍ନ ସାଧାରଣ ସମ୍ପାଦକ

**ଉତ୍କଳ ସମ୍ମିଳନୀ ଖୋର୍ଦ୍ଧା ଜିଲା ଶାଖାର ନୂତନ କର୍ମକର୍ତ୍ତା ଚୟନ**

ଖୋର୍ଦ୍ଧା,୨୫।୧୦(ପ୍ରଭାତ ପାଣିଗ୍ରାହୀ)

ଉତ୍କଳ ସମ୍ମିଳନୀ ଖୋର୍ଦ୍ଧା ଜିଲା ଶାଖାର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଏନେଇ ସ୍ଥାନୀୟ ଶ୍ୟାମ ମାଧବ ବାସନ୍ତୀଦେବୀ ମେମୋରିଆଲ ପାଠାଗାର ପରିସରରେ ବରିଷ୍ଠ ସଭ୍ୟ ଅଧିବକ୍ତା ଶିବ ସୁନ୍ଦର ପଟ୍ଟନାୟକଙ୍କ ସଭାପତିତ୍ୱରେ ବୈଠକ ହୋଇଥିବା ବେଳେ ଆଗାମୀ ୩ବର୍ଷ ପାଇଁ କର୍ମକର୍ତ୍ତା ଚୟନ କରାଯାଇଛି। ଉପଦେଷ୍ଟା ଭାବେ ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂହ ଓ ଭୀମସେନ ପ୍ରଧାନ, ସଭାପତି ଭାବେ ଅଧିବକ୍ତା ଶିବ ସୁନ୍ଦର ପଟ୍ଟନାୟକ, ଉପସଭାପତି ବରିଷ୍ଠ ସାହିତ୍ୟିକ ବୈକୁଣ୍ଠନାଥ ରାଜଗୁରୁ ଓ ଅଧ୍ୟାପକ ଗୋପାଳକୃଷ୍ଣ ଦାସଙ୍କୁ ମନୋନୀତ କରାଯାଇଛି। ସେହିପରି ସାମାଜିକ କର୍ମୀ ପ୍ରସନ୍ନ କୁମାର ପଟ୍ଟନାୟକ ସାଧାରଣ ସମ୍ପାଦକ, ଗବେଷକ ଲକ୍ଷ୍ମୀଧର ବଡ଼ଜେନା ସଙ୍ଗଠନ ସମ୍ପାଦକ, ଅଧିବକ୍ତା ଦେବଦତ୍ତ ବିଶ୍ୱାଳ କୋଷାଧ୍ୟକ୍ଷ ଏବଂ ଇତିଶ୍ରୀ ସାହୁ ସହ ସମ୍ପାଦକ ରହିଛନ୍ତି। ଜିଲା କାର୍ଯ୍ୟକାରିଣୀ ସଦସ୍ୟଭାବେ ଅଧିବକ୍ତା ବିଜୟ କୁମାର ସାମନ୍ତସିଂହାର, ଅଧିବକ୍ତା ବିଧାନ ଚନ୍ଦ୍ର ମହାନ୍ତି, ଅଧିବକ୍ତା ଅଶୋକ କୁମାର ମହାପାତ୍ର, ଅଧିବକ୍ତା ଶରତ ଚନ୍ଦ୍ର ପରିଡ଼ା, ଅଧିବକ୍ତା ସୁଶାନ୍ତ ସାମୁଏଲ, ଖବରଦାତା ବନ ବିହାରୀ ବେହେରା, ବିଳାସିନୀ ଦାସ, ଜ୍ୟୋତ୍ସ୍ନା ମହାରଣା, ଶିକ୍ଷାବିତ୍ ଜବାହାରଲାଲ ସୁବୁଦ୍ଧି, ବୀର ଦୁଃଶାସନ ପ୍ରଧାନଙ୍କ ସମେତ ୧୦ଜଣ କେନ୍ଦ୍ରୀୟ କମିଟିର ସଭ୍ୟଭାବେ ମନୋନୀତ ହୋଇଛନ୍ତି।

## ଫାଇନାଲରେ ଗୁରୁଜଙ୍ଗ

**ନୀଳକଣ୍ଠ ମେମୋରିଆଲ ଗୁରୁଜଙ୍ଗ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ**

ଖୋର୍ଦ୍ଧା,୨୫।୧୦(ପ୍ରଭାତ ପାଣିଗ୍ରାହୀ)

ଗୁରୁଜଙ୍ଗ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ନୀଳକଣ୍ଠ ମେମୋରିଆଲ ଗୁରୁଜଙ୍ଗ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଅଷ୍ଟମ ଦିବସରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ଗୁରୁଜଙ୍ଗ ଏବଂ ନୂଆଗାଁ ଟିମ୍ ମଧ୍ୟରେ ହୋଇଥିଲା। ଗୁରୁଜଙ୍ଗ ଟିମ୍ ପ୍ରଥମେ ବ୍ୟାଟିଂ କରି ସୁଜିତ ପରିଡ଼ାଙ୍କ ୫୧ରନ ଏବଂ ସୂର୍ଯ୍ୟକାନ୍ତ ଗୁମାନସିଂଙ୍କ ୫୩ ରନ ସହାୟତାରେ ୭ ଓଭରରେ ଦୁଇଟି ଉଇକେଟ ବିନିମୟରେ ୧୧୨ ରନ ସଂଗ୍ରହ କରିଥିଲା। ଜବାବରେ ନୂଆଗାଁ ଟିମ୍ ଧର୍ମେନ୍ଦ୍ର ବିଶ୍ୱାଳଙ୍କ ୨୨ରନ ସହାୟତାରେ ୭ଉଇକେଟ ବିନିମୟରେ ୬୮ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଫଳରେ ଗୁରୁଜଙ୍ଗ ଟିମ୍ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଶ୍ରେଷ୍ଠ ଖେଳାଳିଭାବେ ସୁଜିତ ପରିଡାଙ୍କୁ ଅତିଥି ଭବାନୀ ପ୍ରାସାଦ ମହାନ୍ତି ପୁରସ୍କୃତ କରିଥିଲେ। ସାନୁଜ ବିଶ୍ୱାଳ, ଅମିତ ବେହେରା, ତ୍ରିନାଥ ପରିଡା, ବିଶ୍ୱଜିତ ଗୁମାନସିଂ, ରୋହିତ ସାହୁ ଏବଂ ବିଶ୍ୱାସ କୁମାର ରଥ ମ୍ୟାଚ୍ ପରିଚାଳନା କରିଥିଲେ।

ସେହିପରି ଗୁରୁଜଙ୍ଗ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅବସରରେ ସ୍ଥାନୀୟ ଅଞ୍ଚଳର ଖେଳାଳିଙ୍କୁ ନେଇ ଆୟୋଜିତ ମିନି ଆଧାର ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ ନୂଆଗାଁ ବନାମ କୁରାଡମଲ୍ଲ ଟିମ୍ ମଧ୍ୟରେ ହେଇଥିଲା। କୁରାଡମଲ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୧୪୧ ରନ ସଂଗ୍ରହ କରିଥିଲା। ଜବାବରେ ନୂଆଗାଁ ଟିମ୍ ୮. ୫ ଓଭରରେ ୪ ଉଇକେଟ ବିନିମୟରେ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଶ୍ରେଷ୍ଠ ଖେଳାଳିଭାବେ ଧର୍ମେନ୍ଦ୍ର ବିଶ୍ୱାଳ ଅତିଥି ସୁଜ୍ଞାନ ଦାସଙ୍କଠାରୁ ପୁରସ୍କୃତ ହୋଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ ଅରିସଲ ଏବଂ ଗୁରୁଜଙ୍ଗ ଟିମ୍ ମଧ୍ୟରେ ହୋଇଥିଲା। ଅରିସଲ ଟିମ୍ ପ୍ରଥେମେ ବ୍ୟାଟିଂ କରି ୧୦ ଓଭରରେ ୫ଉଇକେଟ ବିନିମୟରେ ୧୪୭ ରନ ସଂଗ୍ରହ କରିଥିଲା। ଜବାବରେ ଗୁରୁଜଙ୍ଗ ଟିମ୍ ୮.୩ ଓଭରରେ ୩ ଉଇକେଟ ବିନିମୟରେ ୧୪୮ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଅତିଥି ସିଦ୍ଧାର୍ଥ ଜେନା ଶ୍ରେଷ୍ଠ ଖେଳାଳି ଜ୍ୟୋତିରଞ୍ଜନ ସାହୁଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

## ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀରେ ଏକତା ମାର୍ଚ୍ଚ


ଖବରଦାତା ସମ୍ମିଳନୀରେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଏବଂ ଅଧିକାରୀମାନେ।

ଖୋର୍ଦ୍ଧା,୨୫।୧୦(ପ୍ରଭାତ ପାଣିଗ୍ରାହୀ)

ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ସାରା ଭାରତରେ ଏକତା ମାର୍ଚ୍ଚ (ପଦଯାତ୍ରା) ଆୟୋଜନ କରାଯିବ। ଏହିକ୍ରମରେ ଖୋର୍ଦ୍ଧା ଜିଲା ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ଏକାମ୍ର ଭୁବନେଶ୍ୱର, ଜୟଦେବ, ଖୋର୍ଦ୍ଧା ଏବଂ ପୁରୀ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ଚିଲିକା ବିଧାନସଭା ନିର୍ବାଚନମଣ୍ଡଳୀରେ ପଦଯାତ୍ରା ଆୟୋଜନ କରାଯିବ। ଏନେଇ ଶନିବାର ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳଙ୍କ ଓସ୍ୱାନ ସମ୍ମିଳନୀ କକ୍ଷରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ସଭାପତିତ୍ୱ କରି ଏହି କାର୍ଯ୍ୟକ୍ରମ ସଂକ୍ରାନ୍ତରେ ତଥ୍ୟ ଉପସ୍ଥାପନ କରିଥିଲେ। ଭୁବନେଶ୍ୱର ଏକାମ୍ରରେ ନଭେମ୍ବର ୧୧, ଜୟଦେବରେ ନଭେମ୍ବର ୧୩ ଏବଂ ଖୋର୍ଦ୍ଧାରେ ନଭେମ୍ବର ୧୫ରେ ପଦଯାତ୍ରା ଆୟୋଜନ କରାଯିବ। ଏହି ପଦଯାତ୍ରା ପାଇଁ ସମ୍ପୂର୍ଣ୍ଣ ରୁଟଚାର୍ଟ ପ୍ରସ୍ତୁତ କରାଯାଇଛି। ତଦନୁସାରେ ଭୁବନେଶ୍ୱର ଏକାମ୍ରରେ ଲିଙ୍ଗରାଜ ମନ୍ଦିରଠାରୁ ଏଜି ଛକ ଦେଇ ନୟାପଲ୍ଲୀ କସ୍ତୁରା ପଡିଆରେ ଶେଷ ହେବ। ପ୍ରାୟ ୧୦କିମିର ପଦଯାତ୍ରା ରହିବ। ସେହିପରି ଜୟଦେବରେ ଜୟଦେବ ପୀଠ ଠାରୁ ଶିଶୁ ଅନନ୍ତ ପୀଠ ପର୍ଯ୍ୟନ୍ତ ପ୍ରାୟ ୭ରୁ ୮ କିମି ପଦଯାତ୍ରା ଆୟୋଜନ କରାଯିବ। ଖୋର୍ଦ୍ଧାରେ ବରୁଣେଇ ପଞ୍ଚ ପାଇକ ପୀଠ ଠାରୁ ବାହାରି ଏସ୍‌ପିଙ୍କ କାର୍ଯ୍ୟାଳୟ ଦେଇ ବ୍ଲକ୍ ଅଫିସ, କୋର୍ଟ ଛକ ଦେଇ ବିଜେବି ହାଇସ୍କୁଲ ପଡିଆରେ ପ୍ରାୟ ୧୦କିମିର ପଦଯାତ୍ରା ଅନୁଷ୍ଠିତ ହେବ। ଚିଲିକାରେ ନାରୁଣୀଠାରୁ ବାଲୁଗାଁ ଏନ୍‌ଏସି ପର୍ଯ୍ୟନ୍ତ ପ୍ରାୟ ୧୪ କିମିର ପଦଯାତ୍ରା ରହିବ।

ପ୍ରତି ସଂସଦୀୟ କ୍ଷେତ୍ରରେ ଆୟୋଜିତ ହେବାକୁ ଥିବା ଏହି ପଦଯାତ୍ରାରେ ଛାତ୍ରୀଛାତ୍ର, ଯୁବ ଅନୁଷ୍ଠାନ, ସାମାଜିକ ସଙ୍ଗଠନ ସମେତ ସ୍ୱେଚ୍ଛାସେବୀ, ମାଇଁ ଭାରତ, ଜନପ୍ରତିନିଧି, ବିଶିଷ୍ଟ ପ୍ରତିଭା ସମ୍ପନ୍ନ ବ୍ୟକ୍ତିବିଶେଷ, ସର୍ବସାଧାରଣ ସାମିଲ ହେବେ। ଏଥିରେ ସ୍ୱଚ୍ଛ ଭାରତ, ଏକ ପେଡ୍ ମା' କେ ନାମ, ସ୍ୱାସ୍ଥ୍ୟ, କ୍ରୀଡ଼ା ସଚେତନତା ଶିବିର, ସ୍ୱଦେଶୀ ମେଳା, ନିଶାମୁକ୍ତ ଭାରତ ଶପଥ ପାଠ, ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ ବୋଲି ବିଧାୟକ କହିଛନ୍ତି। ଏହି ପଦଯାତ୍ରା ମାଧ୍ୟମରେ ଯୁବପିଢ଼ୀଙ୍କ ମଧ୍ୟରେ ଏକତା, ଦେଶପ୍ରେମ ଓ ନାଗରିକ କର୍ତ୍ତବ୍ୟବୋଧ ଜାଗ୍ରତ ସହ ଆତ୍ମନିର୍ଭର ଭାରତର ସଂକଳ୍ପକୁ ସାକାର କରାଯିବ। ସମସ୍ତଙ୍କୁ ଏହି ମହାନ ଉଦ୍ୟମରେ ସାମିଲ ହେବାକୁ ବିଧାୟକ ଆହ୍ୱାନ ଦେଇଛନ୍ତି। ଜିଲା କ୍ରୀଡ଼ାଧିକାରୀ ଗୀତାଞ୍ଜଳି ପଣ୍ଡା ଖବରଦାତା ସମ୍ମିଳନୀର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ନାସଙ୍କ ସମେତ ଭାଜପା ଜିଲା ସଭାପତି ବିଶ୍ୱରଞ୍ଜନ ବଡ଼ଜେନା, ବରିଷ୍ଠ ଭାଜପା ନେତା ନିକୁଞ୍ଜ ପଟ୍ଟନାୟକ, ଦିଲୀପ ହୋତା ପ୍ରମୁଖ ଉପସ୍ଥିତ ଥିଲେ।


# ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ବିକାଶ ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ ବିଭାଗ, ଓଡ଼ିଶା

**ଲୋକସେବା ଭବନ, ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧**

**ଓଡ଼ିଶା ରାଜ୍ୟର କେନ୍ଦ୍ରୀୟ OBC ତାଲିକାରେ ବର୍ଗ ଏବଂ ସମ୍ପ୍ରଦାୟର ଅନ୍ତର୍ଭୁକ୍ତ/ବାଦ୍ ଦେବା ସମ୍ପର୍କରେ ଜାତୀୟ ପଛୁଆ ବର୍ଗ କମିଶନ ଅଧ୍ୟକ୍ଷ ମାନ୍ୟବର ଶ୍ରୀ ହନ୍ସରାଜ ଗଙ୍ଗାରାମ ଅହିରଙ୍କ ଜନଶୁଣାଣି ୨୯।୧୦।୨୦୨୫, ଦିବା: ୧୧ ଘଟିକା, ସ୍ଥାନ: ଓଡ଼ିଶା ରାଜ୍ୟ ଅତିଥି ଭବନ, ଭୁବନେଶ୍ୱର**

No. V-: ନିମ୍ନଲିଖିତ ଜାତିଗୁଡ଼ିକୁ କେନ୍ଦ୍ରୀୟ OBC ତାଲିକାରେ ଅନ୍ତର୍ଭୁକ୍ତ/ବାଦ୍ ଦେବା ପାଇଁ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ବିକାଶ, ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ ବିଭାଗ, ଓଡ଼ିଶାକୁ ଜାତୀୟ ପଛୁଆ ବର୍ଗ କମିଶନ ଏବଂ ବ୍ୟକ୍ତିବିଶେଷଙ୍କଠାରୁ ପ୍ରାପ୍ତ ହୋଇଛି।

"Barai, Bania, Putulibandha Vasya, Vasya Bania, Vashya, Vaishy, Vaishya, Vashya Bania, Vaishya Bania, Vashya Banik, Vaishya Banik, Potali Bania, Gandha Banik, Vaishya Putuli Bania, Paudar Bania, Podar Bania, Subarna Banik, Sunari Bania, Sunari Banik, Subarna Bania, Astolohi Bania, Swarnakara Bania, Baisya Astaloi Karmakar, Pradhan, Padhan, Odapadhan, Jhadua Gouda, Naria Gouda, Bashya Gopa, Mahabhoi, Gendu, Nepalis, Gorkha, Mahakul, Mahakud, Gopal Baishnab, Kalanjia Gouda, Karanjia Gouda, Kanoujia Gouda, Jyotisha Abadhan, Jyotish Nayak, Khandal, Khandual, Gakulakapu, Kapu, Kampo, Reddy, Nagavasam, Mahisya, Saunties, Mahesh, Maheshya, Paltan, Khandayat, Chasa Paika, Paikali Khandayat, Kalinga Sudra Khandayat, Mahanayak Sudra, Baisya Karan, Odia, Odia Khandayat, Mahanayak, Mahalayak, Chasa Mahanty, Mahanty, Ashini Patara, Rana, Raju, Sinko, Ekadas Teli, Tailik Baishya, Teloga,, Mahanta, Mahat, Khandayat Kalanji, Odra Khandayat Kalanji, Kalinga, Dalapati, Dalua, Rajasri Balasi, Balasi, Dalakhandayat, Dalua Paika, Kshitibansa, Matibansa Ojha, Kshitibansa Naik, Ojhakaran, Kshitibansa Nayak, Matibansa Abadhan, Khuria, Ellama, Banka, Pallia, Agnikula Kshatriya, Bangadesiya Tambili, Tamila, Tambila, Sagua, Gandhamali, Thanapati , Haladia Teli, Hansi Tanti, Oda Paiko, Oda Paika, Oda"

ଏହି ପରିପ୍ରେକ୍ଷୀରେ, ଜାତୀୟ ପଛୁଆ ବର୍ଗ କମିଶନ **୨୯।୧୦।୨୦୨୫, ଦିବା: ୧୧ଘଟିକା, ସ୍ଥାନ: ଓଡ଼ିଶା ରାଜ୍ୟ ଅତିଥି ଭବନ, ଭୁବନେଶ୍ୱର**ରେ ଏକ ଜନଶୁଣାଣି କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ପରିପ୍ରେକ୍ଷୀରେ, ଉପରୋକ୍ତ ଜାତି/ବର୍ଗର ଅନ୍ତର୍ଭୁକ୍ତୀକରଣ/ବାଦ୍ ଦେବା ପାଇଁ ଆଗ୍ରହୀ ବ୍ୟକ୍ତିମାନଙ୍କୁ ଉପରୋକ୍ତ ଜାତି/ବର୍ଗର ସାମାଜିକ ଏବଂ ଶିକ୍ଷାଗତ ଅବସ୍ଥା ସମ୍ପର୍କରେ ଉପସ୍ଥିତରହି ପ୍ରାସଙ୍ଗିକ ସୂଚନା ପ୍ରଦାନ କରିବାକୁ ଆମନ୍ତ୍ରିତ କରାଯାଉଛି।

ଯଦି କୌଣସି ବ୍ୟକ୍ତି/ସଂଗଠନ ଉପରୋକ୍ତ ଜାତି/ବର୍ଗର ଅନ୍ତର୍ଭୁକ୍ତୀକରଣ OBC ତାଲିକାରୁ କିମ୍ବା ବର୍ଗକୁ ବାଦ୍ ଦେବା ସମ୍ପର୍କରେ ସେମାନଙ୍କର ଆପତ୍ତି ଦାଖଲ କରିବାକୁ ଚାହାନ୍ତି, ତେବେ ନିର୍ଦ୍ଧାରିତ ତାରିଖ ଏବଂ ସମୟରେ Affidavit ମାଧ୍ୟମରେ ଜାତୀୟ ପଛୁଆ ବର୍ଗ କମିଶନଙ୍କ ନିକଟରେ ଦାଖଲ କରିବାକୁ ଅନୁରୋଧ କରାଯାଉଛି। Affidavit ଫର୍ମାଟ **ncbc.nic.in**ରୁ ଡାଉନଲୋଡ୍ କରାଯାଇପାରିବ।

**OIPR-26001/11/0020/2526** ସ୍ୱା./– ନିର୍ଦ୍ଦେଶକ, ପଛୁଆ ବର୍ଗ

**ସ୍ୱେଚ୍ଛାସେବୀଙ୍କୁ ଦୁର୍ବ୍ୟବହାର ଅଭିଯୋଗ**

ପୁରୀ,୨୫।୧୦(ଅଜିତ୍ କୁମାର ମହାନ୍ତି)- ହବିଷିଆଳି ଶିବିରରେ ଜଣେ ମହିଳା ସ୍ୱେଚ୍ଛାସେବୀଙ୍କୁ ଦୁର୍ବ୍ୟବହାର ହୋଇଥିବା ନେଇ ସୂଚନା ମିଳିଛି ୨ ଜଣ ଜେସିପି ବା ଜଗନ୍ନାଥ ଟେମ୍ପଲ୍ ପୋଲିସ ମହିଳା ସ୍ୱେଚ୍ଛାସେବୀଙ୍କୁ ଦୁର୍ବ୍ୟବହାର କରିଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ଶନିବାର ସକାଳୁ କେତେଜଣ ହବିଷିଆଳିଙ୍କୁ ନେଇ ମହିଳା ସ୍ୱେଚ୍ଛାସେବୀ ମହାପ୍ରଭୁଙ୍କ ଦର୍ଶନ ପାଇଁ ଯାଉଥିବା ବେଳେ ଜେସିପି ଦ୍ୱୟ ଦୁର୍ବ୍ୟବହାର କରିଥିବା କୁହାଯାଉଛି। ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ଏଭଳି ଘଟଣା ଘଟିଥିବା ଜଣାପଡ଼ିଛି। ଏନେଇ ସ୍ୱେଚ୍ଛାସେବୀ ଜଣଙ୍କ ପୋଲିସ ଦ୍ୱାରସ୍ଥ ହୋଇଥିବା ବେଳେ ପୋଲିସ ଏନେଇ ଜେସିପିଙ୍କୁ ପଚରାଉଚରା କରିଥିବା ସୂଚନା ମିଳିଛି। ତେବେ ଏନେଇ ପୋଲିସ ପକ୍ଷରୁ କୌଣସି ସୂଚନା ପ୍ରଦାନ କରାଯାଇ ନାହିଁ।

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୨୫।୧୦।୨୦୨୫

| | |
|---|---|
| ୧୦,୪୩,୭୦୦ ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

# ଜିରୋ କାଜୁଆଲଟି ଉପରେ ଗୁରୁତ୍ୱ

ପୁରୀ,୨୫।୧୦(ଅଜିତ୍ କୁମାର ମହାନ୍ତି)

ସାମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଶନିବାର ଆଭାସୀ ମାଧ୍ୟମରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବାତ୍ୟା ଦ୍ୱାରା ଯେପରି ଧନଜୀବନ ହାନିକୁ ରୋକାଯାଇପାରିବ ସେଥିପ୍ରତି ସମସ୍ତେ ସତର୍କ ରହିବାକୁ ଜିଲାପାଳ ପରିଡ଼ା ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପାଣିପାଗ ବିଭାଗର ବର୍ତ୍ତମାନ ସୁଦ୍ଧା ପୂର୍ବାନୁମାନ ଅନୁଯାୟୀ, ଏହି ବାତ୍ୟା ଓଡ଼ିଶାରେ ଲ୍ୟାଣ୍ଡଫଲ୍‌ର ଆଶଙ୍କା ନ ଥିବାବେଳେ ଏହା ପ୍ରଭାବରେ ପ୍ରବଳ ବର୍ଷାର ଆଶଙ୍କା ରହିଛି। ତେଣୁ ଆମକୁ ଅଧିକ ସତର୍କ ଓ ସଚେତନ ହେବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ସମସ୍ତ ବିଭାଗ ସେମାନଙ୍କ ଦାୟିତ୍ୱକୁ ସୁଚାରୁରୂପେ ପରିଚାଳନା କରି ଧନଜୀବନ ହାନିକୁ ରୋକିବାରେ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଥିଲେ। ସମସ୍ତ ବିଡିଓ ଓ ତହସିଲଦାର ସେମାନଙ୍କ ଅଞ୍ଚଳର ଖାଲୁଆ ଓ ତଳିଆ ଅଞ୍ଚଳକୁ ଚିହ୍ନଟ କରି ଆବଶ୍ୟକ ସ୍ଥଳେ ସମ୍ପୃକ୍ତ ଅଞ୍ଚଳର ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

ସେହିପରି କଚ୍ଚା ଘର, ଚାଳ ଓ ମାଟି ଘର ଲୋକଙ୍କୁ ମଧ୍ୟ ନିରାପଦ ସ୍ଥାନକୁ ନେବା ଓ ସମସ୍ତ ବାତ୍ୟା ଆଶ୍ରୟସ୍ଥଳଗୁଡ଼ିକରେ ଲୋକମାନେ ରହିବା ଉପଯୋଗୀ କରିବାକୁ ସେ ପରାମର୍ଶ ଦେଇଥିଲେ।

**ସାମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ**

**ସମସ୍ତ ଅଧିକାରୀ, କର୍ମଚାରୀଙ୍କ ଛୁଟି ବାତିଲ୍**

ସମ୍ପ୍ରତି ପାଣିପାଗ ବିଭାଗ ପକ୍ଷରୁ ସାମ୍ଭାବ୍ୟ ବାତ୍ୟା ଓ ବର୍ଷାର ଆଶଙ୍କା କରାଯାଇଥିବା ଦୃଷ୍ଟିରୁ ପୁରୀ ଜିଲାର ସମସ୍ତ ଅଧିକାରୀ, କର୍ମଚାରୀଙ୍କ ଛୁଟି ଚଳିତ ମାସ ୩୦ ତାରିଖ ପର୍ଯ୍ୟନ୍ତ ବାତିଲ୍ ସହ ସଦର ମହକୁମା ନ ଛାଡ଼ିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ଅପରପକ୍ଷରେ ଜିଲା ପ୍ରଶାସନ ସମସ୍ତ କାର୍ଯ୍ୟକୁ ଅତି ଗୁରୁତ୍ୱର ସହ ପରିଚାଳନା କରୁଛନ୍ତି। ଜନସାଧାରଣ ସତର୍କ ଓ ସଚେତନ ରହିବା ସହ ଅଯଥା ଭୟଭୀତ ନ ହେବାକୁ ଜିଲାପାଳ ଅନୁରୋଧ କରିଛନ୍ତି। ବାତ୍ୟା ପାଇଁ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ଛୁଟି ଚଳିତ ମାସ ୩୦ ତାରିଖ ପର୍ଯ୍ୟନ୍ତ ବାତିଲ କରାଯାଇଛି। ପଲିଥିନ, ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ, ଔଷଧ, ଗୋଖାଦ୍ୟ ଇତ୍ୟାଦି ମହଜୁଦ ରଖିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟାରେ ଗଛ ଭାଙ୍ଗି ରାସ୍ତା ଅବରୋଧ କଲେ ତୁରନ୍ତ ତାହାକୁ ଅପସାରଣ କରିବା, ବନ୍ୟା ହେଲେ ଲୋକଙ୍କୁ ସହାୟତା କରିବା ପାଇଁ ଅଗ୍ନିଶମ ବିଭାଗ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜନପ୍ରତିନିଧି, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସରକାରୀ କର୍ମଚାରୀ ପରସ୍ପର ସମନ୍ୱୟ ରଖି କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଥିଲା। ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ବିଭିନ୍ନ ସୂଚନା ପ୍ରଦାନ ସହ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷଙ୍କ ପରାମର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋରଦାର



ପୁରୀ,୨୫।୧୦(ଅଜିତ୍ କୁମାର ମହାନ୍ତି)

ସାମ୍ଭାବ୍ୟ ବାତ୍ୟା ମୋନ୍ଥାକୁ ନେଇ ରାଜ୍ୟ ସରକାର ଉପକୂଳ ଜିଲାଗୁଡ଼ିକୁ ଆଲର୍ଟ କରିଛନ୍ତି। ବାତ୍ୟା ଓ ପ୍ରବଳ ବର୍ଷା ମୁକାବିଲା ପାଇଁ ପୁରୀ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକୁ ପ୍ରସ୍ତୁତ କରାଯାଇଥିବା ବେଳେ ଅଗ୍ନିଶମ ବାହିନୀକୁ ଉଦ୍ଧାର ଓ ସହାୟତା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରଖାଯାଇଛି। ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରୁ କୂଳକୁ ଆସିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଖାଦ୍ୟ, ଔଷଧ, ଆମ୍ବୁଲାନ୍ସ ବ୍ୟବସ୍ଥା କରାଯାଇଛି। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରା କହିଛନ୍ତି, 'ସାମ୍ଭାବ୍ୟ ବାତ୍ୟା ପ୍ରଭାବରେ ପୁରୀ ଜିଲାରେ ଆସନ୍ତା ୨୭ ଓ ୨୮ ତାରିଖରେ ପ୍ରବଳ ବର୍ଷା ହେବା ସମ୍ଭାବନା ରହିଥିବା ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ସହରାଞ୍ଚଳରେ ପ୍ରବଳ ବର୍ଷା ଯୋଗୁଁ ଜଳ ବନ୍ଦୀ ସମସ୍ୟା ହେଲେ ପୌରପାଳିକା ପକ୍ଷରୁ ପମ୍ପସେଟ୍ ବ୍ୟବସ୍ଥା ରହିଛି। ଅପରପକ୍ଷରେ ସାମ୍ଭାବ୍ୟ ବାତ୍ୟା 'ମୋନ୍ଥା'ର ମୁକାବିଲା ପାଇଁ ଜିଲା ଅଗ୍ନିଶମ ବିଭାଗ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ବାତ୍ୟା ମୋନ୍ଥାର ପ୍ରକୋପରେ ରାସ୍ତାଘାଟରେ ପଡ଼ିଥିବା ଗଛକୁ କାଟି ତ୍ୱରିତ ଯାତାୟାତ ଉପଯୋଗୀ କରିବା, କୌଣସି ଜନବସତି ବର୍ଷା ଜଳରେ ବୁଡ଼ିଗଲେ ତୁରନ୍ତ ପାଣି ନିଷ୍କାସନ ପାଇଁ ମୋଟର ପମ୍ପର ବ୍ୟବସ୍ଥା କରିବା ଏବଂ ବାତ୍ୟାର ପ୍ରଭାବରେ ଧନଜୀବନ କ୍ଷୟକ୍ଷତିକୁ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ କରିବା ପାଇଁ ଜିଲା ଅଗ୍ନିଶମ ବିଭାଗ କର୍ମଚାରୀ ପ୍ରସ୍ତୁତ ରହିଛନ୍ତି ବୋଲି ଜିଲା ସହକାରୀ ଅଗ୍ନିଶମ ଅଧିକାରୀ ପ୍ରଭାତ କୁମାର ରାଉତ ସୂଚନା ଦେଇଛନ୍ତି। ଜିଲାରେ ଜଣେ ସହକାରୀ ଅଗ୍ନିଶମ ଅଧିକାରୀଙ୍କ ସମେତ ୮ଜଣ ଷ୍ଟେଶନ ଅଧିକାରୀ, ୨୧ଜଣ ଅଗ୍ନିଶମ କର୍ମଚାରୀ, ୨୨ଜଣ ଅଗ୍ନିଶମ ବାହିନୀ ଚାଳକ, ୯୪ଜଣ ଅଗ୍ନିକ ବାତ୍ୟା ମୁକାବିଲା ପାଇଁ ପ୍ରସ୍ତୁତ ହୋଇ ରହିଛନ୍ତି ବୋଲି ସୂଚନା ମିଳିଛି। ସାମ୍ଭାବ୍ୟ ବାତ୍ୟା ପାଇଁ ପୁରୀ ସମୁଦ୍ର ବେଳାଭୂମିକୁ ବିପଦସଙ୍କୁଳ ଅଞ୍ଚଳ ଭାବେ ଘୋଷଣା କରାଯିବ। ବେଳାଭୂମିରେ ନାଲି ପତାକା ଲଗାଯିବା ସହ ୨୪ଘଣ୍ଟିଆ ପଇଁତରା ବ୍ୟବସ୍ଥା ରହିବ।

## ସଂକ୍ଷେପରେ

### ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସମନ୍ୱିତା

ପୁରୀ,୨୫।୧୦(ଅଜିତ୍ କୁମାର ମହାନ୍ତି)

ପ୍ରତିଭାର କୌଣସି ବୟସ ନ ଥାଏ। ବାଧାବିଘ୍ନ ମଧ୍ୟ ପ୍ରତିଭାକୁ ପ୍ରସ୍ଫୁଟିତ ହେବାରେ ଅଟକାଇ ପାରେନାହିଁ। ଏହାକୁ ପ୍ରମାଣିତ କରିଛନ୍ତି ପୁରୀର ସମନ୍ୱିତା ଦାସ। ମାତ୍ର ୨ ବର୍ଷ ୭ ମାସ ବୟସରେ ସମନ୍ୱିତା ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇ ପୁରୀ ଓ ରାଜ୍ୟ ନିମନ୍ତେ ଗୌରବ ଆଣିଛନ୍ତି। ସମନ୍ୱିତାଙ୍କୁ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟୁଛି। ପୁରୀ ଚକ୍ରତୀର୍ଥ ରୋଡ୍ ନୂଆସାହିର ଶିବପ୍ରସାଦ ଦାସ ଓ ମନସ୍ୱିତା ମହାନ୍ତିଙ୍କ ଝିଅ ସମନ୍ୱିତା। ସେ ୮୫ଟି ଇଂଲିଶ ବିପରୀତ ଶବ୍ଦ, ରାଜଧାନୀ ନାମ, ଭାରତର ୯ଟି ପଡ଼ୋଶୀ ଦେଶର ନାମ, ୭ଟି ମହାଦେଶ, ୫ଟି ମହାସାଗର, ୮ଟି ଗ୍ରହ, ଭାରତର ଜାତୀୟ ସଙ୍ଗୀତ,୨୦ଟି ଜାତୀୟ ସଂକେତ, ବିଭିନ୍ନ ରାଜ୍ୟର ନୃତ୍ୟ ନାମ ଆଦି ମନେରଖି ଅନର୍ଗଳ କହିପାରୁଛନ୍ତି। ଶିବପ୍ରସାଦ ଗତ ସେପ୍ଟେମ୍ବର ୩ରେ ଅନ୍‌ଲାଇନ ଜରିଆରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସମନ୍ୱିତାଙ୍କ ୨୦ଟି ଭିଡିଓ ଅପଲୋଡ୍ କରି ଆବେଦନ କରିଥିଲେ। ବଛାଯାଇଥିବା ୧୨୦ଟି ସାଧାରଣ ଜ୍ଞାନ, ମଣିଷ ଶରୀରର ୩୨ଟି ଅଙ୍ଗ, ୮ଟି ଗ୍ରହ, ରାଜ୍ୟର ରାଜଧାନୀ ନାମ, ଜିଲାର ନାମ ସହ ୨ ମିନିଟ୍‌ରୁ କମ୍ ସମୟରେ ୮୫ଟି ଇଂଲିଶରେ ବିପରୀତ ଶବ୍ଦ, ଋତୁ, ବର୍ଷ, ମାସ, ସପ୍ତାହ, ମହାଦେଶ, ମହାସାଗର ଆଦି ପ୍ରଶ୍ନର ଠିକ୍ ଉତ୍ତର ରଖିଥିବାରୁ ତାଙ୍କୁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସ ପାଇଁ ମନୋନୀତ କରାଯାଇଥିଲା। ପରେ ତାଙ୍କ ଘର ଠିକଣାରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସର ମାନପତ୍ର, ପରିଚୟପତ୍ର ଓ ମେଡାଲ ପ୍ରଦାନ କରାଯାଇଥିଲା।

### ସପ୍ତଶକ୍ତି କାର୍ଯ୍ୟକ୍ରମ

ପୁରୀ,୨୫।୧୦(ଅଜିତ୍ କୁମାର ମହାନ୍ତି)

ଘୋଡ଼ାବଜାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗୁରୁବାର ବିଦ୍ୟାଭାରତୀ ଶିକ୍ଷା ବିକାଶ ସମିତି, ଓଡ଼ିଶା ପକ୍ଷରୁ ସପ୍ତଶକ୍ତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜୟନ୍ତୀ ପଟ୍ଟନାୟକ ଓ ମୁଖ୍ୟବକ୍ତା ଭାବେ କଲ୍ୟାଣୀ ନନ୍ଦୀ ଯୋଗଦେଇ ସମ୍ୟକ୍ ବିବରଣୀ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରଙ୍କ ମା'ମାନଙ୍କ ସାମୂହିକ ସଙ୍ଗୀତଗାନ କାର୍ଯ୍ୟକ୍ରମକୁ ଆକର୍ଷଣୀୟ କରିଥିଲା।

# ୧୦ ହିତାଧିକାରୀଙ୍କୁ ଚାବି ହସ୍ତାନ୍ତର

ପୁରୀ,୨୫।୧୦(ଅଜିତ୍ କୁମାର ମହାନ୍ତି)

**ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅଙ୍ଗୀକାର ଗୃହ ପ୍ରବେଶ ଉତ୍ସବ**

ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହରୀ ୨.୦ ରେ ଅଙ୍ଗୀକାର ଗୃହ ପ୍ରବେଶ ଉତ୍ସବ ଶନିବାର ଅପରାହ୍ନରେ ସଦ୍‌ଭାବନା ସଭାଗୃହଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ପୁରୀ ପୌରପାଳିକା ପକ୍ଷରୁ ପ୍ରଦତ୍ତ କାର୍ଯ୍ୟାଦେଶ ଆଧାରରେ ନିର୍ମାଣ କରାଯାଇଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହରୀ ମାଧ୍ୟମରେ ୧୦ ହିତାଧିକାରୀଙ୍କୁ ଗୃହ ପ୍ରବେଶ ପାଇଁ ଚାବି ହସ୍ତାନ୍ତର କରାଯାଇଛି।

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି ଯୋଗଦେଇ ନିଜର ଘରଟିଏ ସମସ୍ତଙ୍କ ସ୍ୱପ୍ନ ଥାଏ। ଏଥିରେ ସରକାର ସହଯୋଗ କରୁଛନ୍ତି। ତେଣୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହରୀରେ କାର୍ଯ୍ୟାଦେଶ ପାଉଥିବା ହିତାଧିକାରୀ ନିଷ୍ଠା ଓ ପରିଶ୍ରମର ସହ ଏହାକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ପୂର୍ଣ୍ଣାଙ୍ଗ କରିବାକୁ ଆହ୍ୱାନ ଦେଇଥିଲେ। ଯେଉଁମାନେ ଗୃହ ପ୍ରବେଶ କରୁଛନ୍ତି ସେମାନେ ତାହାର ଯତ୍ନ ନେବା ସହ ସ୍ୱଚ୍ଛ ରଖିବାକୁ ମହାନ୍ତି ପରାମର୍ଶ ଦେଇଥିଲେ। ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ଏଥିରେ ଅଧ୍ୟକ୍ଷତା କରିବା ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହରୀର ରୂପରେଖ ସମ୍ପର୍କରେ ଆଲୋକପାତ କରିବା ସହ କାର୍ଯ୍ୟାଦେଶ ପାଇଥିବା ହିତାଧିକାରୀ ନିର୍ଦ୍ଧାରିତ ସମୟରେ ଗୃହ ନିର୍ମାଣ ପୂର୍ଣ୍ଣାଙ୍ଗ କରି ପ୍ରୋତ୍ସାହନ ରାଶି ହାସଲ ପାଇଁ ଲକ୍ଷ୍ୟ ରଖିବାକୁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ମୁଖ୍ୟ ଯୋଗାଣ ଅଧିକାରୀ ସଞ୍ଜୀବ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଗୋଷ୍ଠୀ ସଂଗଠକ ରେଶମା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅତିଥିମାନେ ୧ନଂ. ୱାର୍ଡର ଗୋବିନ୍ଦ ଜେନା, ୧୮ନଂ. ୱାର୍ଡର କଲ୍ୟାଣୀ ମୈତ୍ର, ୨୫ନଂ. ୱାର୍ଡର ଚନ୍ଦନ ନାୟକ ଓ ରଶ୍ମିବାଳା ନାୟକ, ୨୬ ନଂ. ୱାର୍ଡର ଆର୍ ଶ୍ରୀନୁ ସେଠୀ, ଭଗବତୀ ବେହେରା, ୟୁ ରମେଶ, ୟୁ ଲକ୍ଷ୍ମୀ, ବି. ଜଗନ୍ନାଥ ରେଡ୍ଡୀ ଓ ଲକ୍ଷ୍ମୀ ମାଳୀଙ୍କୁ ଗୃହଗୁଡ଼ିକ ପୂର୍ଣ୍ଣାଙ୍ଗ କରି ସାରିଥିବାରୁ ଗୃହ ପ୍ରବେଶର ଚାବି ହସ୍ତାନ୍ତର କରିଥିଲେ। ଶେଷରେ ସାବିତ୍ରୀ ବେହେରା ଧନ୍ୟବାଦ ଦେଇଥିଲେ।

## ଅଜଣା ବ୍ୟକ୍ତିଙ୍କ ମୃତଦେହ ଜବତ

କୋଣାର୍କ,୨୫।୧୦(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଥାନା ଅଧୀନସ୍ଥ ଅଚ୍ୟୁତପୁର ପଞ୍ଚାୟତର ଆଲୋପୁର ଗ୍ରାମ ସନ୍ନିକଟ ଧାନ ବିଲରୁ ପୋଲିସ ଏକ ଅଜଣା ବ୍ୟକ୍ତିଙ୍କ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ତଦନ୍ତ ଆରମ୍ଭ କରିଛି।ପ୍ରକାଶ ଯେ, ଆଲୋପୁର ଗ୍ରାମ ସନ୍ନିକଟ ଗହୀର ଧାନ ବିଲରେ ଏକ ଅଜଣା ବ୍ୟକ୍ତିଙ୍କ ଶବ ପଡ଼ିଥିବା ଦେଖି ଲୋକମାନେ କୋଣାର୍କ ଥାନାକୁ ଜଣାଇଥିଲେ। ଖବରପାଇ କୋଣାର୍କ ଥାନା ଏସ୍‌ଆଇ କେଦାର ଚନ୍ଦ୍ର ଦୋରା ସଦଳବଳ ଘଟଣାସ୍ଥଳରେ ପହଞ୍ଚି ବିଲରେ ପଡ଼ିଥିବା ବ୍ୟକ୍ତିଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଇଥିଲେ। ଏହା ଏକ ହତ୍ୟାକାଣ୍ଡ ନା ଆତ୍ମହତ୍ୟାଜନିତ ଘଟଣା ତଦନ୍ତ ପରେ ସତ୍ୟ ଉନ୍ମୋଚିତ ହେବ ବୋଲି ସାଧାରଣରେ ଆଲୋଚନା ହେଉଛି। ଏନେଇ କୋଣାର୍କ ପୋଲିସ ପକ୍ଷରୁ ୨୬/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି ବୋଲି କୋଣାର୍କ ଥାନାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ପ୍ରକାଶ କରିଛନ୍ତି।

## ତିରୁଣା-ବଉଲାଙ୍ଗ ରାସ୍ତା ଅବସ୍ଥା ଶୋଚନୀୟ

ଯୋଗେଶ୍ୱରପୁର,୨୫।୧୦(ରଶ୍ମିରଞ୍ଜନ ସାହୁ)

ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନସ୍ଥ ବଉଲାଙ୍ଗରୁ ତିରୁଣା ପ୍ରାୟ ୩ କିମି ରାସ୍ତା ମରାମତି ଅଭାବରୁ ଶୋଚନୀୟ ହୋଇପଡ଼ିଛି। ଉକ୍ତ ରାସ୍ତା ଉପରେ ସୋରଭା ଓ ବଉଲାଙ୍ଗ ପଞ୍ଚାୟତର ପ୍ରାୟ ୨୦ ହଜାର ଜନସାଧାରଣ ଯାତାୟାତ ପାଇଁ ନିର୍ଭର କରନ୍ତି। ଏହି ରାସ୍ତା ଦେଇ ପୁରୀ, କୋଣାର୍କ ଓ କାଳିଆ ଗାଦି ମଠକୁ ଦୈନିକ ଯାନବାହନ ଯାତାୟାତ କରୁଥିବାବେଳେ ବିଭିନ୍ନ ସ୍ଥାନରେ ଛୋଟବଡ଼ ଖାଲ ହୋଇ ବର୍ଷାପାଣି ଜମିରହୁଛି। ଦୁଇ ଓ ଚାରିଚକିଆ ଯାନ ଖାଲରେ ଗଳିପଡୁଛି। ବିଭିନ୍ନ ସମୟରେ ରାତିରେ ସାଇକେଲ ଆରୋହୀ ଖାଲରେ ପଡ଼ି ଆହତ ହେଉଛନ୍ତି। ରାସ୍ତା ମରାମତି ପାଇଁ ସୋରଭାର ପୂର୍ବତନ ସରପଞ୍ଚ ବାବୁଲାଲ୍ ସ୍ୱାଇଁ, ବଉଲାଙ୍ଗର ପୂର୍ବତନ ସରପଞ୍ଚ କମଳାକାନ୍ତ କୁଅଁର ଓ ପଞ୍ଚେଣା ଗ୍ରାମର ପ୍ରଭାକର ପାତ୍ର ଦାବି କରିଛନ୍ତି।

## ନାଗ ଚତୁର୍ଥୀ ବା ନାଗଲ ଚତୁର୍ଥୀ ପାଳିତ



ପୁରୀ,୨୫।୧୦(ଅଜିତ୍ କୁମାର ମହାନ୍ତି)

ଶନିବାର କାର୍ତ୍ତିକ ଶୁକ୍ଳ ଚତୁର୍ଥୀ ଅବସରରେ ପୁରୀର ବିଭିନ୍ନ ସମ୍ପ୍ରଦାୟ ପକ୍ଷରୁ ନାଗ ଚତୁର୍ଥୀ ବିଧିବିଧାନ ଅନୁଯାୟୀ ପାଳିତ ହୋଇଛି। ନାଗ ଚତୁର୍ଥୀରେ ଏହି ବ୍ରତ କଲେ ନାଗ ଦଂଶନର ଭୟ ରହି ନ ଥାଏ ବୋଲି ବିଶ୍ୱାସ ରହିଛି। ମହିଳାମାନେ ଶୁଦ୍ଧପୂତ ଭାବେ ଚଉରା ନିକଟରେ ପିତଳର ନାଗ ନାଗୁଣୀଙ୍କ ମୂର୍ତ୍ତି ସ୍ଥାପନ କରିଥାନ୍ତି। ସେଠାରେ ବିଭିନ୍ନ ରଙ୍ଗବେରଙ୍ଗର ଚିତା ପକାଇ ଫୁଲ, ସିନ୍ଦୂର ଦେଇ ବିଭନ୍ନ ପ୍ରକାର ଫଳମୂଳ ଦେଇ ପୂଜା କରିଥିଲେ। ତେଲୁଗୁ ସମ୍ପ୍ରଦାୟରେ ନାଗ ଚତୁର୍ଥୀକୁ ଏକ ବିଶେଷ ପର୍ବ ଭାବେ ପାଳନ କରାଯାଇଥାଏ। ପୁରୀରେ ବାସ କରୁଥିବା ତେଲୁଗୁ ସମ୍ପ୍ରଦାୟମାନେ ବେଶ୍ ଉତ୍ସାହର ସହ ନାଗ ଚତୁର୍ଥୀ ବା ନାଗଲ ଚତୁର୍ଥୀକୁ ପାଳନ କରିଥିବା ଦେଖିବାକୁ ମିଳିଛି। ମହିଳାମାନେ ଦିନତମାମ ଉପବାସ ରହି ଉଇହୁଙ୍କା ନିକଟକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ସେହିପରି ନାଗଦେବତାଙ୍କୁ ସନ୍ତୁଷ୍ଟ କରିବା ନିମନ୍ତେ ହୁଙ୍କା ନିକଟରେ ଅଣ୍ଡା ସମର୍ପଣ କରାଯାଇଥିଲା।

# 'ସଞ୍ଜ ସକାଳେ ପ୍ରଭୁଙ୍କ ନାମ ଜପି ସବୁ ଭୁଲିଯାଉ'

ପୁରୀ,୨୫।୧୦(ଅଜିତ୍ କୁମାର ମହାନ୍ତି)

ହୁଳହୁଳି ଧ୍ୱନିରେ କମ୍ପୁଛି ହବିଷିଆଳି କେନ୍ଦ୍ର, ଶୁଭୁଛି ଭଜନ କୀର୍ତ୍ତନ। ସଞ୍ଜ ସକାଳେ ମହାପ୍ରଭୁଙ୍କ ନାମ ଜପି ସବୁ ଭୁଲିଯାଉଛନ୍ତି ହବିଷିଆଳି। ରାଜ୍ୟ ସରକାରଙ୍କ ପକ୍ଷରୁ ଚଳିତ ବର୍ଷ ୫ଟି ହବିଷିଆଳି କେନ୍ଦ୍ର କରାଯାଇଛି। ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ହବିଷିଆଳିମାନେ ସେଠାରେ ରହି ହବିଷ କରୁଛନ୍ତି। ହବିଷିଆଳି କେନ୍ଦ୍ରରେ ସେମାନେ ଆକାଶ ଦୀପ ଜାଳିବା ସହ ତୁଳସୀ ଚଉରା ମୂଳେ ଦୀପ ଜାଳି ଠାକୁରଙ୍କୁ ଆରାଧନା କରୁଛନ୍ତି। ମହାପ୍ରଭୁଙ୍କ ପାଦ୍ମପଦ୍ମରେ ଚିତ୍ତ ଲଗାଇ ଦଳ ଦଳ ହୋଇ ବୃତ୍ତାକାରରେ ବିଷ୍ଣୁପ୍ରେମରେ ବିଭୋର ହୋଇ ନାଚୁଛନ୍ତି। ଜଣେ ମଥାରେ ମୁକୁଟ ସହ ମୟୂରଚୁଳ ଲଗାଇ ହାତରେ ବଂଶୀ ଧରି କୃଷ୍ଣ ସାଜୁଛନ୍ତି ତ ଆଉ କେହି ମଥାରେ ଚୁନରି ପକାଇ ରାଧାରାଣୀ ସାଜୁଛନ୍ତି। ଅନ୍ୟମାନେ ସଖୀ ହୋଇ ଆଧ୍ୟାତ୍ମିକତାରେ ନିମଗ୍ନ ହୋଇ ନୃତ୍ୟ କରନ୍ତି। ବୟସର ଅପରାହ୍ନରେ ପହଞ୍ଚିଥିଲେ ବି ସେମାନଙ୍କ ମନରେ ନ ଥାଏ ଲାଜର ଚିହ୍ନ। ହବିଷିଆଳି କେନ୍ଦ୍ରଗୁଡ଼ିକରେ ଏଭଳି ଚିତ୍ର ଦେଖିବାକୁ ମିଳୁଛି। ବୃନ୍ଦାବତୀ ନିବାସ, ବଗଲା ଧର୍ମଶାଳା, ମୋଚିସାହି କଲ୍ୟାଣ ମଣ୍ଡପ, ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ ଓ ରେଲୱେ କଲ୍ୟାଣ ମଣ୍ଡପରେ ହବିଷିଆଳି କେନ୍ଦ୍ର ଖୋଲାଯାଇଛି।

ବୃନ୍ଦାବତୀ ନିବାସରେ ରହୁଥିବା ବଲାଙ୍ଗୀରର ବୀଣାପାଣି ମିଶ୍ର କହିଛନ୍ତି, ସେମାନେ ସଞ୍ଜରୁ ସକାଳ କେବଳ ମହାପ୍ରଭୁଙ୍କ ଚିନ୍ତା କରୁଛନ୍ତି। ଆଖିରେ ନିଦ ନାହିଁ। ରାତି ୩ଟାରୁ ଉଠି ଗାଧୁଆପାଧୁଆ ସାରି ପ୍ରସ୍ତୁତ ହୋଇଯାଉ। ଭୋର ୪ଟା ବାଜିଲେ ଆମକୁ ମନ୍ଦିର ନେବାକୁ ସ୍ୱେଚ୍ଛାସେବୀ ଝିଅ, ପୁଅମାନେ ଆସି ପହଞ୍ଚିଯାନ୍ତି। ଆମେ ଖୁସିମନରେ ଗାଡ଼ିରେ ବସି ବଡ଼ଦେଉଳକୁ ଯାଉ। ସେହିପରି ଖୋର୍ଦ୍ଧାରୁ ଆସିଥିବା ବାସନ୍ତୀ ସାହୁ ଓ ବଲାଙ୍ଗୀରର ସୁଷମା ସାଏ କହିଛନ୍ତି, ଆମେ ସବୁ ବୁଢ଼ୀ ଦିଶୁଥିଲେ ବି ମହାପ୍ରଭୁଙ୍କ ଦର୍ଶନ ପାଇଁ ଗଲାବେଳେ ଆମ ଦିହରେ ସତେଯେମିତି ବଳ ପଶିଆସେ। ବେଗି ବେଗି ପାଦରେ ଧାଇଁ ମହାପ୍ରଭୁଙ୍କ ଦର୍ଶନ କରି ନିଜକୁ ଧନ୍ୟ ମଣୁ। ସକାଳୁ ଉଠି ଠାକୁରଙ୍କ ନାମ ନେଇ ଆମେ ମନ୍ଦିର ଯାଉ। ସଞ୍ଜରେ ତାଙ୍କ ଉଦ୍ଦେଶ୍ୟରେ ଭଜନ କୀର୍ତ୍ତନ କରୁ, ଆକାଶ ଦୀପ ଜାଳୁ। ଭଜନ ପ୍ରବଚନ, ପାଲା ଇତ୍ୟାଦି ମଧ୍ୟ ଶୁଣୁ ବୋଲି ସେମାନେ କହିଛନ୍ତି। ଗଞ୍ଜାମର ସୁଜ୍ଞାନୀ ସାହୁ, ପୁରୀର ସରସ୍ୱତୀ ବେହେରା ଓ ହାଡ଼ିଦେଈ ପାତ୍ର, ଅନୁଗୋଳର ସୁଲୋଚନା ପ୍ରଧାନ ପ୍ରମୁଖ କହିଛନ୍ତି, ସଞ୍ଜ ସକାଳେ ମହାପ୍ରଭୁଙ୍କ ନାମ ଗାଇ ଆମେ ଆମ ପରିବାରକୁ ଭୁଲିଗଲୁଣି। ଆମେ ବୁଢ଼ୀ ହୋଇଯାଇଛୁ ବୋଲି ଅନୁଭବ କରୁନାହୁଁ। ଆମେ ସବୁ କିଏ କୋଉଠୁ ଆସିଛୁ, ହେଲେ ଏତେ ମିଶିଗଲୁଣୁ ଯେ, ନିଜ ଭଉଣୀ ବା ସମ୍ପର୍କୀୟଙ୍କ ଭଳି ଲାଗୁଛି। ସନ୍ଧ୍ୟା ପୂର୍ବରୁ ମହାପ୍ରସାଦ ଖାଉଛୁ। ଏକାଦଶୀରେ ଆମକୁ ଫଳ ଦିଆଯାଇଥିଲା। ସମସ୍ତେ ଆମ ଦାୟିତ୍ୱ ଭଲଭାବେ ନେଉଛନ୍ତି। ନିଜେ ଜିଲାପାଳ ଦୁଇ ତିନି ଥର ଆମ ପାଖକୁ ଆସି ଭଲ ମନ୍ଦ ବୁଝିଯାଇଛନ୍ତି। ଅନ୍ୟ ଅଫିସରମାନେ ମଧ୍ୟ ଆମ ଖବର ବୁଝୁଛନ୍ତି। ସ୍ୱେଚ୍ଛାସେବୀ ମା'ମାନଙ୍କ ଆଦର ଯତ୍ନର ତୁଳନା ନାହିଁ। ଏଠାରୁ ଘରକୁ ଫେରିଯିବା କଥା ଭାବିଲା ବେଳକୁ ଛାତିରୁ କୋହ ଉଠୁଛି ବୋଲି ହବିଷିଆଳିମାନେ ପ୍ରକାଶ କରିଛନ୍ତି। ସନ୍ଧ୍ୟା ଆଗମନରେ ଆକାଶ ଦୀପ ଉଠାଇ ପ୍ରତ୍ୟେକଟି ସଜଳ ଆଖି ମହାଶୂନ୍ୟକୁ ଚାହିଁ ନୀରବରେ ପ୍ରିୟପରିଜନଙ୍କ ମଙ୍ଗଳ ମନାସିଥାନ୍ତି।



ହବିଷିଆଳିମାନେ ଆକାଶ ଦୀପକୁ ପୂଜା କରୁଛନ୍ତି ।


**ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ବିକାଶ ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ ବିଭାଗ, ଓଡ଼ିଶା**

**ଲୋକସେବା ଭବନ, ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧**

**ଓଡ଼ିଶା ରାଜ୍ୟର କେନ୍ଦ୍ରୀୟ OBC ତାଲିକାରେ ବର୍ଗ ଏବଂ ସମ୍ପ୍ରଦାୟର ଅନ୍ତର୍ଭୁକ୍ତ/ବାଦ୍ ଦେବା ସମ୍ପର୍କରେ ଜାତୀୟ ପଛୁଆ ବର୍ଗ କମିଶନ ଅଧକ୍ଷ ମାନ୍ୟବର ଶ୍ରୀ ହଂସରାଜ ଗଙ୍ଗାରାମ ଅହିରଙ୍କ ଜନଶୁଣାଣି ୨୯।୧୦।୨୦୨୫, ଦିବା: ୧୧ ଘଟିକା, ସ୍ଥାନ: ଓଡ଼ିଶା ରାଜ୍ୟ ଅତିଥି ଭବନ, ଭୁବନେଶ୍ୱର**

No. V-: ନିମ୍ନଲିଖିତ ଜାତିଗୁଡ଼ିକୁ କେନ୍ଦ୍ରୀୟ OBC ତାଲିକାରେ ଅନ୍ତର୍ଭୁକ୍ତ/ବାଦ୍ ଦେବା ପାଇଁ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ବିକାଶ, ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ ବିଭାଗ, ଓଡ଼ିଶାକୁ ଜାତୀୟ ପଛୁଆ ବର୍ଗ କମିଶନ ଏବଂ ବ୍ୟକ୍ତିବିଶେଷଙ୍କଠାରୁ ପ୍ରାପ୍ତ ହୋଇଛି।

"Barai, Bania, Putulibandha Vasya, Vasya Bania, Vashya, Vaishy, Vaishya, Vashya Bania, Vaishya Bania, Vashya Banik, Vaishya Banik, Potali Bania, Gandha Banik, Vaishya Putuli Bania, Paudar Bania, Podar Bania, Subarna Banik, Sunari Bania, Sunari Banik, Subarna Bania, Astolohi Bania, Swarnakara Bania, Baisya Astaloi Karmakar, Pradhan, Padhan, Odapadhan, Jhadua Gouda, Naria Gouda, Bashya Gopa, Mahabhoi, Gendu, Nepalis, Gorkha, Mahakul, Mahakud, Gopal Baishnab, Kalanjia Gouda, Karanjia Gouda, Kanoujia Gouda, Jyotisha Abadhan, Jyotish Nayak, Khandal, Khandual, Gakulakapu, Kapu, Kampo, Reddy, Nagavasam, Mahisya, Saunties, Mahesh, Maheshya, Paltan, Khandayat, Chasa Paika, Paikali Khandayat, Kalinga Sudra Khandayat, Mahanayak Sudra, Baisya Karan, Odia, Odia Khandayat, Mahanayak, Mahalayak, Chasa Mahanty, Mahanty, Ashini Patara, Rana, Raju, Sinko, Ekadas Teli, Tailik Baishya, Teloga,, Mahanta, Mahat, Khandayat Kalanji, Odra Khandayat Kalanji, Kalinga, Dalapati, Dalua, Rajasri Balasi, Balasi, Dalakhandayat, Dalua Paika, Kshitibansa, Matibansa Ojha, Kshitibansa Naik, Ojhakaran, Kshitibansa Nayak, Matibansa Abadhan, Khuria, Ellama, Banka, Pallia, Agnikula Kshatriya, Bangadesiya Tambili, Tamila, Tambila, Sagua, Gandhamali, Thanapati , Haladia Teli, Hansi Tanti, Oda Paiko, Oda Paika, Oda"

ଏହି ପରିପ୍ରେକ୍ଷୀରେ, ଜାତୀୟ ପଛୁଆ ବର୍ଗ କମିଶନ **୨୯।୧୦।୨୦୨୫, ଦିବା: ୧୧ଘଟିକା, ସ୍ଥାନ: ଓଡ଼ିଶା ରାଜ୍ୟ ଅତିଥି ଭବନ, ଭୁବନେଶ୍ୱର**ରେ ଏକ ଜନଶୁଣାଣି କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ପରିପ୍ରେକ୍ଷୀରେ, ଉପରୋକ୍ତ ଜାତି/ବର୍ଗର ଅନ୍ତର୍ଭୁକ୍ତୀକରଣ/ବାଦ୍ ଦେବା ପାଇଁ ଆଗ୍ରହୀ ବ୍ୟକ୍ତିମାନଙ୍କୁ ଉପରୋକ୍ତ ଜାତି/ବର୍ଗର ସାମାଜିକ ଏବଂ ଶିକ୍ଷାଗତ ଅବସ୍ଥା ସମ୍ପର୍କରେ ଉପସ୍ଥିତରହି ପ୍ରାସଙ୍ଗିକ ସୂଚନା ପ୍ରଦାନ କରିବାକୁ ଆମନ୍ତ୍ରିତ କରାଯାଉଛି।

ଯଦି କୌଣସି ବ୍ୟକ୍ତି/ସଂଗଠନ ଉପରୋକ୍ତ ଜାତି/ବର୍ଗର ଅନ୍ତର୍ଭୁକ୍ତୀକରଣ OBC ତାଲିକାରୁ କିମ୍ବା ବର୍ଗକୁ ବାଦ୍ ଦେବା ସମ୍ପର୍କରେ ସେମାନଙ୍କର ଆପତ୍ତି ଦାଖଲ କରିବାକୁ ଚାହାନ୍ତି, ତେବେ ନିର୍ଦ୍ଧାରିତ ତାରିଖ ଏବଂ ସମୟରେ Affidavit ମାଧ୍ୟମରେ ଜାତୀୟ ପଛୁଆ ବର୍ଗ କମିଶନଙ୍କ ନିକଟରେ ଦାଖଲ କରିବାକୁ ଅନୁରୋଧ କରାଯାଉଛି। Affidavit ଫର୍ମାଟ **ncbc.nic.in**ରୁ ଡାଉନଲୋଡ୍ କରାଯାଇପାରିବ।

**OIPR-26001/11/0020/2526** **ସ୍ୱା./– ନିର୍ଦ୍ଦେଶକ, ପଛୁଆ ବର୍ଗ**

# ୮ଜଣ ପାଇଲେ 'ଗୁରୁ ଦେବପ୍ରସାଦ ସମ୍ମାନ'

ଭୁବନେଶ୍ୱର,୨୫।୧୦(ସୌମ୍ୟରଞ୍ଜନ ରାଉତ)

ତ୍ରିଧାରା ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ୧୯ତମ ଗୁରୁ ଦେବପ୍ରସାଦ ପୁରସ୍କାର ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଭାରତ-ଜାପାନ-ମାଲେସିଆ ବନ୍ଧୁତ୍ୱର ଏହି ଉତ୍ସବରେ ଅତିଥି ଭାବେ ଯାଜପୁର ଏମ୍‌ପି ଡ. ରବୀନ୍ଦ୍ର ନାରାୟଣ ବେହେରା, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ, ଭାଜପା ନେତା ସମୀର ମହାନ୍ତି, ଏମ୍‌ଜିଏମ୍ ମିନିରାଲ୍ସର ଅଧ୍ୟକ୍ଷ ପଙ୍କଜ ଲୋଚନ ମହାନ୍ତି, ନୃତ୍ୟଶିଳ୍ପୀ ଗୁରୁ ଦାତୁକ ରାମଲୀ ଇବ୍ରାହୀମ୍, ତ୍ରିଧାରାର କାର୍ଯ୍ୟରତ ସମ୍ପାଦକ ସୀମାଞ୍ଚଳ ପଣ୍ଡା ଓ ନିର୍ଦ୍ଦେଶକ ଗୁରୁ ଗଜେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ୮ଜଣଙ୍କୁ ସମ୍ମାନିତ କରାଯାଇଥିଲା। ଓଡ଼ିଶୀ ନୃତ୍ୟରେ ଗୁରୁ ନିରଞ୍ଜନ ରାଉତ, ଭିଜୁଆଲ ଆର୍ଟ ଆଣ୍ଡ୍ ଲାଇଟ୍ ଡିଜାଇନରେ ସିଭାରାଜା ନଟରାଜନ ଏବଂ ଗୁରୁ ଯୁଧିଷ୍ଠିର ନାହକଙ୍କୁ '୧୯ତମ ଗୁରୁ ଦେବପ୍ରସାଦ ସମ୍ମାନ' ପ୍ରଦାନ କରାଯାଇଥିଲା। ସେହିପରି ଗୁରୁ ଜୟନ୍ତ ଆଚାର୍ଯ୍ୟ, ବିଦୂଷୀ ଡି ପ୍ରିୟଙ୍କା, ବିଦୂଷୀ ସୁଦୀପ୍ତା ପଣ୍ଡା ଏବଂ ଆର୍ଯ୍ୟ ନନ୍ଦେଙ୍କୁ '୧୯ତମ ଗୁରୁ ଦେବପ୍ରସାଦ ପ୍ରତିଭା ସମ୍ମାନ' ଦିଆଯାଇଥିଲା। ଏଥିସହ ସୁଶ୍ରୀ ୟୁୟୁରି ଆଇଜିମାଙ୍କୁ '୧୯ତମ ଗୁରୁ ଦେବପ୍ରସାଦ ଶିଶୁ ପ୍ରତିଭା ସମ୍ମାନ' ପ୍ରଦାନ କରାଯାଇଥିଲା। ପରେ ମାଲେସିଆର ସୂତ୍ର ଫାଉଣ୍ଡେଶନର ଶିଳ୍ପୀମାନଙ୍କୁ ନେଇ ଓଡ଼ିଶୀ ଦଳଗତ ନୃତ୍ୟ ରାଧେ ରାଧେ ଦା ସୁଇଟ୍ ସରେଣ୍ଡର ପରିବେଷିତ ହୋଇଥିଲା। ଏହାର ନୃତ୍ୟ ସଂରଚନା କରିଥିଲେ ଗୁରୁ ଗଜେନ୍ଦ୍ର କୁମାର ପଣ୍ଡା ଓ ଦାତୁକ ରାମଲୀ ଇବ୍ରାହିମ, ସଙ୍ଗୀତ ସଂଯୋଜନା କରିଥିଲେ ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡା, ପଣ୍ଡିତ ଲକ୍ଷ୍ମୀକାନ୍ତ ପାଲିତ୍ ଓ ସଙ୍ଗୀତା ପଣ୍ଡା ଏବଂ ତାଳ ସଂଯୋଜନା କରିଥିଲେ ଗୁରୁ ସଚ୍ଚିଦାନନ୍ଦ ଦାସ। ଶିଳ୍ପୀଙ୍କ ଦ୍ୱାରା ପରିବେଷିତ ଏହି ନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା। ଅଧ୍ୟାପକ ପୁଣ୍ୟ ଦର୍ଶନ ସାହୁ କାର୍ଯ୍ୟକ୍ରମ ସଂଚାଳନା କରିଥିଲେ।



ଉତ୍ସବରେ ଅତିଥିଙ୍କ ଗହଣରେ 'ଗୁରୁ ଦେବପ୍ରସାଦ ସମ୍ମାନ'ରେ ସମ୍ମାନିତ ବ୍ୟକ୍ତିତ୍ୱମାନେ।


ମାଲେସିଆର ସୂତ୍ର ଫାଉଣ୍ଡେଶନ ଶିଳ୍ପୀମାନେ ଓଡ଼ିଶୀ ନୃତ୍ୟ 'ରାଧେ ରାଧେ ଦା ସୁଇଟ୍ ସରେଣ୍ଡର' ପରିବେଷଣ କରୁଛନ୍ତି।

# ଉଚ୍ଚ ଶିକ୍ଷାରେ ଗୁଣାତ୍ମକ ପରିବର୍ତ୍ତନର ଆବଶ୍ୟକତା ରହିଛି

ଭୁବନେଶ୍ୱର,୨୫।୧୦(ସୁଚିସ୍ମିତା ସାହୁ)

ଓଡ଼ିଶା ସରକାରୀ ମହାବିଦ୍ୟାଳୟ ଅବସରପ୍ରାପ୍ତ ଶିକ୍ଷକ ସଂଘ ପକ୍ଷରୁ 'ଓଡ଼ିଶାରେ ଉଚ୍ଚଶିକ୍ଷା : ସମ୍ଭାବନା ଏବଂ ଆହ୍ୱାନ' ଶୀର୍ଷକ ଆଲୋଚନାଚକ୍ର ଶନିବାର ରେଡକ୍ରସ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଡ. ମିହିର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଆଲୋଚନାଚକ୍ରକୁ ଡ. ବୃନ୍ଦାବନ ମିଶ୍ର ଉଦ୍‌ଘାଟନ କରିଥିଲେ। ସେ କହିଲେ, ଶିକ୍ଷା ରାଷ୍ଟ୍ର ନିର୍ମାଣର ଚାବିକାଠି ଏବଂ ଶିକ୍ଷକମାନେ ପରିବର୍ତ୍ତନର ବାର୍ତ୍ତାବହ। ରମାଦେବୀ ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ଡ. ବିଜୟା ମିଶ୍ର ଜାତୀୟ ଶିକ୍ଷା ନୀତି-୨୦୨୦ର ବିଭିନ୍ନ ଦିଗ ଉପରେ କହିଥିଲେ। ପ୍ରଫେସର ଗୌରାଙ୍ଗ ଚରଣ ନନ୍ଦ ଓ ପ୍ରଫେସର ବିମଳ ଚରଣ ସ୍ୱାଇଁ ଯୋଗଦେଇ ଓଡ଼ିଶାରେ ଉଚ୍ଚ ଶିକ୍ଷାରେ ଗୁଣାତ୍ମକ ପରିବର୍ତ୍ତନର ଆବଶ୍ୟକତା ରହିଥିବା କହିଥିଲେ। ସଂଘର କାର୍ଯ୍ୟକାରୀ କମିଟି ସଦସ୍ୟ ଅମିୟ କୁମାର ମହାନ୍ତି, ସରକାରୀ କଲେଜ ଶିକ୍ଷକ ସଂଘର ସାଧାରଣ ସମ୍ପାଦକ ଡ. ସଞ୍ଜୟ ଦତ୍ତ, କାର୍ଯ୍ୟକାରୀ ବେସରକାରୀ କଲେଜ ଶିକ୍ଷକ ସଂଘ ପକ୍ଷରୁ ପ୍ରଫେସର ବୃନ୍ଦାବନ ମହାପାତ୍ର, ଧନେଶ୍ୱର ସାହୁ, ନିତ୍ୟାନନ୍ଦ ଦାସ ଏବଂ ଅମିୟ କୁମାର ମହାନ୍ତି ପ୍ରମୁଖ ଆଲୋଚନା କରିଥିଲେ। ଉପଦେଷ୍ଟା ସନତ ଦାସ ପଟ୍ଟନାୟକଙ୍କ ପ୍ରସ୍ତାବ ଅନୁଯାୟୀ ଦିବଂଗତ ଶିକ୍ଷକଙ୍କ ଉଦ୍ଦେଶ୍ୟରେ ୨ ମିନିଟ ନୀରବ ପ୍ରାର୍ଥନା ହୋଇଥିଲା। ସଂଘର ଉପଦେଷ୍ଟା ଡ. କାଞ୍ଚନବାଳା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# 'ଓଡ଼ିଆ ଅସ୍ମିତା' ରାଜନୈତିକ ସ୍ଲୋଗାନରେ ସୀମିତ ନୁହେଁ



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥି।

ଭୁବନେଶ୍ୱର,୨୫।୧୦(ସୌମ୍ୟରଞ୍ଜନ ରାଉତ)

'ଓଡ଼ିଆ ଅସ୍ମିତା' ଏକ ରାଜନୈତିକ ସ୍ଲୋଗାନ ଭିତରେ ସୀମିତ ନୁହେଁ। ଏହା ସବୁବେଳେ ଉତ୍କର୍ଷ ଥିଲା। ତେଣୁ ଓଡ଼ିଆ ଅସ୍ମିତାକୁ ରାଜନୈତିକ ବୟାନ ନ କରି ଏଥିପାଇଁ ଏହାର ମୌଳିକତା, ପ୍ରାଚୀନତା ଏବଂ ସ୍ୱତନ୍ତ୍ରତାକୁ ବଜାୟ ରଖିବାକୁ ପ୍ରକୃତ ପ୍ରୟାସ ହେବା ଆବଶ୍ୟକ। ଏହି ୩ଟି ବିଷୟକୁ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା ଓ ତର୍ଜମା କଲେ ଓଡ଼ିଆ ଅସ୍ମିତାର ପାରମ୍ପରିକ ଧାରା ଆହୁରି ଋଦ୍ଧିମନ୍ତ ହେବ ବୋଲି ଅତିଥିମାନେ କହିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଶନିବାର ଭାରତୀୟ ଇତିହାସ ସଂକଳନ ସମିତି ଓଡ଼ିଶାର ଅଷ୍ଟମ ପ୍ରାନ୍ତୀୟ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ବିକ୍ରମ କେଶରୀ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ 'ରାଷ୍ଟ୍ରୀୟତା ପୃଷ୍ଠଭୂମିରେ ଓଡ଼ିଆ ଅସ୍ମିତା' ଶୀର୍ଷକ ଆଲୋଚନା ହୋଇଥିଲା। ଅତିଥିଭାବେ ଇତିହାସ ସଙ୍କଳନ ସମିତିର ରାଷ୍ଟ୍ରୀୟ କାର୍ଯ୍ୟକାରୀ ସଭାପତି ପ୍ରଫେସର ଈଶ୍ୱର ଶରଣ ବିଶ୍ୱକର୍ମା, ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଚନ୍ଦ୍ରଶେଖର ହୋତା, ରାଷ୍ଟ୍ରୀୟ ସମ୍ପର୍କ ପ୍ରମୁଖ କମଲେଶ ଦାଶ, ଉତ୍କଳ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଯଜ୍ଞେଶ୍ୱର ଦଣ୍ଡପାଟ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଦଧିବାମନ ମିଶ୍ର ପ୍ରମୁଖ ଓଡ଼ିଆ ଅସ୍ମିତା ସମ୍ପର୍କରେ ମତ ରଖିଥିଲେ। ଏଥିସହ ଦୟାନଦୀର ଇତିହାସ ସମ୍ପର୍କରେ ଅଧିକ ଅଧ୍ୟୟନର ଆବଶ୍ୟକତା ରହିଥିବା ମତ ପ୍ରକାଶ ପାଇଥିଲା। ଇତିହାସ ସଂକଳନ ସମିତିର ଓଡ଼ିଶା ରାଜ୍ୟ ପ୍ରଚାର ପ୍ରମୁଖ ଅଜିତ୍ ଦାଶ କାର୍ଯ୍ୟକ୍ରମର ଗଣମାଧ୍ୟମ ସଂଯୋଜନା ଦାୟିତ୍ୱ ନିର୍ବାହ କରିଥିଲେ।

# ପ୍ରାଚୀ ସାହିତ୍ୟ, ସଂସ୍କୃତି, ସଭ୍ୟତା ଏ ଜାତିକୁ ଦିଗ୍‌ଦର୍ଶନ ଦେଇଛି

ଭୁବନେଶ୍ୱର,୨୫।୧୦(ସୌମ୍ୟରଞ୍ଜନ ରାଉତ)

ଓଡ଼ିଶାର ଅତୀତ ଗୌରବକୁ ବିଶ୍ୱ ଦରବାରରେ ଉପସ୍ଥାପନ କରିବା ସହ ଏହାର ଭୌଗୋଳିକ ପରମ୍ପରାକୁ ଉଜ୍ଜୀବିତ କରି ରଖିବାରେ ପ୍ରାଚୀ ସାହିତ୍ୟ, ସଂସ୍କୃତି ଓ ସଭ୍ୟତାର ଅବଦାନ ଏ ଜାତିକୁ ନୂତନ ଦିଗ୍‌ଦର୍ଶନ ଦେଇଆସିଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଶୁକ୍ରବାର ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ପ୍ରାଚୀ ସଭ୍ୟତା, ସାହିତ୍ୟ, ସଂସ୍କୃତି ଓ ପରିବେଶ ସମ୍ପର୍କିତ ଆଲୋଚନାଚକ୍ରରେ ଏହି ମତପ୍ରକାଶ ପାଇଛି। ଯୋଗଗୁରୁ ପରମହଂସ ପ୍ରଜ୍ଞାନାନନ୍ଦଜୀ ମହାରାଜ ଓ ପ୍ରାଚୀ ପରିକ୍ରମା ଚାରିଟେବୁଲ ଟ୍ରଷ୍ଟର ସଭାପତି ସ୍ୱାମିଜୀ ଶୁଦ୍ଧାନନ୍ଦ ଗିରି ଉଦ୍‌ଘାଟକ ଭାବେ ଯୋଗଦେଇ ପ୍ରାଚ୍ୟ ସାହିତ୍ୟର ତାତ୍ତ୍ୱିକ ଭିତ୍ତି ଉପରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ଐତିହାସିକ ଅନିଲ ଧୀର ପ୍ରାଚୀ ସାହିତ୍ୟ ଓ ସଂସ୍କୃତି ଉପରେ ଗବେଷଣାତ୍ମକ ସନ୍ଦର୍ଭ ପାଠ କରିଥିଲେ। ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ ସଭାପତିତ୍ୱ ଅଭିଭାଷଣରେ ପ୍ରାଚୀ ସାହିତ୍ୟ, ସଂସ୍କୃତି ଓ ପରିବେଶ ସମ୍ପର୍କରେ ଅଭିଭାଷଣ ରଖିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା ପ୍ରାଚୀ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଅନ୍ୟତମ ଆଲୋଚକ ଭାବେ ନ୍ୟାଶନାଲ ଆର୍କାଇଭ୍‌ସ ଅଫ୍ ଇଣ୍ଡିଆର ପୂର୍ବତନ ଉପ-ନିର୍ଦ୍ଦେଶକ ଲଲାଟେନ୍ଦୁ ଦାସ ମହାପାତ୍ର, ଉତ୍କଳ ବିଶ୍ୱବିଦ୍ୟାଳୟ ଭୂଗୋଳ ବିଭାଗର ଡ. କବୀର ସେଠୀ ପ୍ରମୁଖ ପ୍ରାଚୀ ସାହିତ୍ୟର ଇତିହାସ ଓ ପ୍ରତ୍ନତତ୍ତ୍ୱ ଏବଂ ପରିବେଶ ବିଜ୍ଞାନ ଉପରେ ବକ୍ତବ୍ୟ ରଖିଥିଲେ। ଦ୍ୱିତୀୟ ଅଧିବେଶନରେ ମହବୋଧି ସମାଜର ସୌରେନ୍ଦ୍ର ମହାପାତ୍ର, ରାଜ୍ୟ ଅଭିଲେଖାଗାର ଅଧୀକ୍ଷକ ଡ. ସୁଲେମାନ ଅଲ୍ଲୀ, ପ୍ରାଚୀ ଗବେଷକ ହଂସନାଥ ସାହୁ, ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ସହକାରୀ ପ୍ରଫେସର ଡ. ରମେଶ ଚନ୍ଦ୍ର ମଲ୍ଲିକ ପ୍ରମୁଖ ପ୍ରାଚୀ ସମ୍ପ୍ରଦାୟର କାହାଣୀ, ମୌଖିକ ପରମ୍ପରା ଓ ଧାର୍ମିକ ଦୃଷ୍ଟିକୋଣ ଉପରେ କହିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ସହସଚିବ ସଞ୍ଜୟ କୁମାର ଛୁଆଲସିଂ ଧନ୍ୟବାଦ ଜ୍ଞାପନ କରିଥିଲେ।



ଆଲୋଚନାଚକ୍ରରେ ଯୋଗଗୁରୁ ପରମହଂସ ପ୍ରଜ୍ଞାନାନନ୍ଦଜୀ ମହାରାଜଙ୍କ ସହ ଅନ୍ୟ ଅତିଥିମାନେ।

# ବାଲିପାଟଣା ବ୍ଲକସ୍ତରୀୟ ସୁରଭି

ବାଲିପାଟଣା,୨୫।୧୦(ଅଭିମନ୍ୟୁ ନାୟକ): ବାଲିପାଟଣା ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ବନମାଳିପୁର ସ୍ଥିତ ପିଏମ୍‌ଶ୍ରୀ କୁଶଭଦ୍ରା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ନବକିଶୋର ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅପରାହ୍ଣରେ ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ଡ. ଅରବିନ୍ଦ ଢାଲି ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବିଭିନ୍ନ ବର୍ଗରେ ୧୦ଟି କ୍ଲଷ୍ଟର ସ୍ତରରେ ହୋଇଥିବା ୧୩ଟି ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ୨୮ଜଣ ପ୍ରତିଯୋଗୀ ଓ ଗୋଷ୍ଠୀ ନୃତ୍ୟରେ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ଜିଲାସ୍ତରକୁ ମନୋନୀତ ହୋଇଛି। ବ୍ଲକ ଶିକ୍ଷାଧିକାରୀ ଡ.ପ୍ରଭାତ କୁମାର ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶୁଭ୍ରାଂଶୁ ଶେଖର ପାଢ଼ୀ, ପ୍ରଧାନ ଶିକ୍ଷୟିତ୍ରୀ କୁମୁଦିନୀ ଦେଈ, ଜିଲା ପରିଷଦ ସଭ୍ୟ ଗଙ୍ଗାଧର ମଲ୍ଲିକ, ପବିତ୍ର ପଟେଲ, ପୂର୍ବତନ ଜିଲା ପରିଷଦ ସଦସ୍ୟ ଭାଗୀରଥି ପାତ୍ର, ପ୍ରେସ କ୍ଲବ ସଭାପତି ଦିଲୀପ କୁମାର ଓଝା, ସହ ଶିକ୍ଷା ଅଧିକାରୀ ଯଶୋଦା ସାହୁ, ବିଜୟ କୁମାର ବେହେରା, ପ୍ରଧାନ ଶିକ୍ଷକ ବିଜୟ ବେହେରା, ସାମାଜିକ କର୍ମୀ କିଶୋର ଜେନା, ଶିକ୍ଷକ ନେତା ପ୍ରଭାକର ମଲ୍ଲିକ, ଆଲୋକ ରଞ୍ଜନ ସାହୁ, ରଶ୍ମିରଞ୍ଜନ ପଣ୍ଡା, ପଞ୍ଚ ସଖା ସେତୁ ସମିତି ସଭାପତି ପ୍ରତାପ ସାହୁ, ପୂର୍ବତନ ପ୍ରଧାନ ଶିକ୍ଷକ ରଘୁନାଥ ଲେଙ୍କା ଅତିଥିଭାବେ ଯୋଗଦେଇଥିଲେ।

# ସର୍ବ ପ୍ରାଚୀନ ରହସ୍ୟମୟ ଦେବତା ଦାରୁବ୍ରହ୍ମରୂପୀ ଶ୍ରୀଜଗନ୍ନାଥ

ଭୁବନେଶ୍ୱର,୨୫।୧୦
(ସୌମ୍ୟରଞ୍ଜନ ରାଉତ)

ବିଶ୍ୱର ସର୍ବପ୍ରାଚୀନ ରହସ୍ୟମୟ ଦେବତା ହେଉଛନ୍ତି ଦାରୁବ୍ରହ୍ମରୂପୀ ଶ୍ରୀଜଗନ୍ନାଥ। ପ୍ରାଗ୍-ଐତିହାସିକ ସମୟରୁ ଆରମ୍ଭ କରି ଉତ୍କଳର ଆଦିମ ଅଧିବାସୀ, ଦ୍ରାବିଡ଼ ତଥା ଆର୍ଯ୍ୟ ସଭ୍ୟତାର ମହାମିଳନରେ ଶ୍ରୀଜଗନ୍ନାଥ ଚେତନାର ପ୍ରବହମାନ ଧାରା ଓ ବିକାଶରେ ଅପୂର୍ବ ସମନ୍ୱୟ ପରିଲକ୍ଷିତ ହୋଇଛି। ଏହି ପ୍ରବହମାନ ଧାରା ମଧ୍ୟରୁ ପ୍ରାଚୀନ ଶାବରୀୟ ପରମ୍ପରା ଅନ୍ୟତମ। ଶାବର ସଂସ୍କୃତିରେ ବୃକ୍ଷ ପୂଜାକୁ ପ୍ରାଧାନ୍ୟ ଦିଆଯାଇଥିବାରୁ ବୃକ୍ଷରୂପୀ ଦେବତାଙ୍କୁ ସେମାନେ ଜଗନ୍ତ ସମ୍ବୋଧନ କରୁଥିଲେ ବୋଲି ଶନିବାର ଶ୍ରୀଜଗନ୍ନାଥ ଉପାସନାରେ ଦାରୁ ଦେବତା ଓ ଶାବର ସଂସ୍କୃତି ଶୀର୍ଷକ ଜାତୀୟ ଆଲୋଚନାଚକ୍ରରେ ସଂସ୍କୃତି ଗବେଷକମାନେ ମତ ରଖିଛନ୍ତି। ନୀଳାଦ୍ରି ଆଧ୍ୟାତ୍ମିକ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ, ଶିକ୍ଷାବିତ୍ ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ପ୍ରମୁଖ ଯୋଗଦେଇ ଶ୍ରୀଜଗନ୍ନାଥ ଉପାସନାରେ ଶାବରୀୟ ପ୍ରଭାବ ଉପରେ ବକ୍ତବ୍ୟ ରଖିଥିଲେ। ଟ୍ରଷ୍ଟ ସଭାପତି ଦଇତାପତି ରାମଚନ୍ଦ୍ର ଦାସ ମହାପାତ୍ର ଅଧ୍ୟକ୍ଷତା କରିଥିବାବେଳେ ସାଧାରଣ ସମ୍ପାଦକ ନନ୍ଦକିଶୋର ଜେନା ଅତିଥି ପରିଚୟ ଦେଇଥିଲେ। ଜାତୀୟ ଆଲୋଚନାଚକ୍ରର ଆବାହକ ତଥା ଟ୍ରଷ୍ଟର କାର୍ଯ୍ୟକାରୀ ସଭାପତି ଡ. ଭାସ୍କର ମିଶ୍ର କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ଏହି ଅବସରରେ ଅତିଥିମାନେ 'ନୀଳାଦ୍ରିଶ ଶ୍ରୀଜଗନ୍ନାଥଙ୍କ ନାଗାର୍ଜୁନ ବେଶ' ପୁସ୍ତକକୁ ଉନ୍ମୋଚନ କରୁଛନ୍ତି। ଟ୍ରଷ୍ଟି ଆଡ୍‌ଭୋକେଟ୍ ପୂର୍ଣ୍ଣଚନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ।

# କନିଷ୍ଠ, ବରିଷ୍ଠ ବିଭାଗର ୨୦ ଛାତ୍ରୀଛାତ୍ର ପୁରସ୍କୃତ

ବାଲକାଟୀ,୨୫।୧୦(ମନୋଜ ମଣ୍ଡଳ)

**ମଣ୍ଡଳସ୍ତରୀୟ ସୁରଭି ୨୦୨୫**

ବାଲକାଟୀସ୍ଥିତ ପ୍ରତାପ ଶାସନ ବାଳକ ଉଚ୍ଚ ବିଦ୍ୟାଳୟରେ ମଣ୍ଡଳସ୍ତରୀୟ ସୁରଭି ୨୦୨୫ ଶନିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ପୂର୍ବାହ୍ଣ ଅଧିବେଶନ ଆୟୋଜିତ ସଭାରେ ବ୍ଲକ ମଣ୍ଡଳ ଶିକ୍ଷା ଅଧିକାରୀ ଭକ୍ତ ବତ୍ସଳ ମହାପାତ୍ର ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ଜୟଦେବ ବିଧାୟକ ନବ କିଶୋର ମଲିକ, ସମ୍ମାନିତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ଖଟୁଆ, ଉପାଧ୍ୟକ୍ଷା ଇତିଶ୍ରୀ ଜେନା, ଜିଲା ପରିଷଦ ସଭ୍ୟ କୁନମୁନ ଲେଙ୍କା, ଅତିରିକ୍ତ ବିଡିଓ ଅପରାଜିତା ସ୍ୱାଇଁ, ସ୍ଥାନୀୟ ସରପଞ୍ଚ ରୀନାରାଣୀ ବେହେରା, ସମିତି ସଭ୍ୟ ଗଙ୍ଗାଧର ମହାରି, ପରିଚାଳନା କମିଟି ସଭାପତି ବିଜୟ କୁମାର ମୁଦୁଲି ପ୍ରମୁଖ ଯୋଗଦେଇଥିଲେ।

ସେହିପରି ଅପରାହ୍ଣରେ ଆୟୋଜିତ ଅଧିବେଶନରେ ପୂର୍ବତନ ବିଧାୟକ ଡ. ଅରବିନ୍ଦ ଢାଲି ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ମୋ ସ୍କୁଲ ସମ୍ପାଦକ ବିଧୁଭୂଷଣ ପଟ୍ଟନାୟକ, ସ୍କୁଲ ସଭାପତି ପ୍ରଶାନ୍ତ କୁମାର ବାରିକ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗୀତା କରାଯାଇ କନିଷ୍ଠ ଓ ବରିଷ୍ଠ ବିଭାଗରେ ୨୦ଜଣ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଛି। ଏହି ଅବସରରେ ବେଣ୍ଟପୁର ଆଦର୍ଶ ବିଦ୍ୟାଳୟର ଛାତୀଛାତ୍ରମାନେ ପ୍ରଥମ ସ୍ଥାନ ଅଧିକାର କରି କୃତୀତ୍ୱ ଅର୍ଜନ କରିଛନ୍ତି। ସୋମାନେ ହେଲେ ରଚନାରେ ବିଶ୍ୱରଞ୍ଜନ ପଣ୍ଡା, ଡ୍ରଇଂରେ ଅନନ୍ୟା ରଥ, ସଙ୍ଗୀତରେ ସାଇନି ମିଶ୍ର, ପୋଷଣ ଚିତ୍ରକଳାରେ ଆଦ୍ୟ ଦେବସ୍ମିତା, ଇଲୋକ୍ୟୁଶନ୍‌ରେ ମୋନାଲିକା ପାତ୍ର ଏବଂ ଡିବେଟ୍‌ରେ ଦେବାଶିଷ ପତି ପ୍ରଥମ ସ୍ଥାନରେ ମନୋନୀତ ହୋଇଛନ୍ତି। ଶିକ୍ଷକ ବିଷ୍ଣୁ ଚରଣ ବେହେରା, ସିମାଞ୍ଚଳ ନାୟକ, ଗଣେଶ କରଣ, ବିନୋଦ କୁମାର ସାହୁ, ତପନ କୁମାର ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିନୋଦ କୁମାର ଖୁଣ୍ଟିଆ ମଞ୍ଚ ପରିଚାଳନା କରିଥିବା ବେଳେ ସ୍କୁଲ୍ ପ୍ରଧାନ ଶିକ୍ଷୟିତ୍ରୀ ତପସ୍ୱିନୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଶିକ୍ଷକ ଯୋଗେନ୍ଦ୍ର କୁମାର ସେଠୀଙ୍କ ନିର୍ଦ୍ଦେଶନାରେ ଚଢେଇବର ସ୍କୁଲର ଛାତ୍ରୀଛାତ୍ରମାନେ ଆମ ଓଡିଶା ନୃତ୍ୟ ନାଟିକା ପରିବେଷଣ କରିଥିଲେ।



ବାଲକାଟୀସ୍ଥିତ ପ୍ରତାପ ଶାସନ ବାଳକ ଉଚ୍ଚ ବିଦ୍ୟାଳୟରେ ମଣ୍ଡଳସ୍ତରୀୟ ସୁରଭି ୨୦୨୫ରେ ଯୋଗଦେଇଥିବା ଅତିଥିମାନେ।


**ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ବିକାଶ ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ ବିଭାଗ, ଓଡ଼ିଶା**
**ଲୋକସେବା ଭବନ, ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧**

**ଓଡ଼ିଶା ରାଜ୍ୟର କେନ୍ଦ୍ରୀୟ OBC ତାଲିକାରେ ବର୍ଗ ଏବଂ ସମ୍ପ୍ରଦାୟର ଅନ୍ତର୍ଭୁକ୍ତ/ବାଦ୍ ଦେବା ସମ୍ପର୍କରେ ଜାତୀୟ ପଛୁଆ ବର୍ଗ କମିଶନ ଅଧ୍ୟକ୍ଷ ମାନ୍ୟବର ଶ୍ରୀ ହଂସରାଜ ଗଙ୍ଗାରାମ ଅହିରଙ୍କ ଜନଶୁଣାଣି ୨୯।୧୦।୨୦୨୫, ଦିବା: ୧୧ ଘଟିକା, ସ୍ଥାନ: ଓଡ଼ିଶା ରାଜ୍ୟ ଅତିଥି ଭବନ, ଭୁବନେଶ୍ୱର**

No. V-: ନିମ୍ନଲିଖିତ ଜାତିଗୁଡ଼ିକୁ କେନ୍ଦ୍ରୀୟ OBC ତାଲିକାରେ ଅନ୍ତର୍ଭୁକ୍ତ/ବାଦ୍ ଦେବା ପାଇଁ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ବିକାଶ, ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ ବିଭାଗ, ଓଡ଼ିଶାକୁ ଜାତୀୟ ପଛୁଆ ବର୍ଗ କମିଶନ ଏବଂ ବ୍ୟକ୍ତିବିଶେଷଙ୍କଠାରୁ ପ୍ରାପ୍ତ ହୋଇଛି।

"Barai, Bania, Putulibandha Vasya, Vasya Bania, Vashya, Vaishy, Vaishya, Vashya Bania, Vaishya Bania, Vashya Banik, Vaishya Banik, Potali Bania, Gandha Banik, Vaishya Putuli Bania, Paudar Bania, Podar Bania, Subarna Banik, Sunari Bania, Sunari Banik, Subarna Bania, Astolohi Bania, Swarnakara Bania, Baisya Astaloi Karmakar, Pradhan, Padhan, Odapadhan, Jhadua Gouda, Naria Gouda, Bashya Gopa, Mahabhoi, Gendu, Nepalis, Gorkha, Mahakul, Mahakud, Gopal Baishnab, Kalanjia Gouda, Karanjia Gouda, Kanoujia Gouda, Jyotisha Abadhan, Jyotish Nayak, Khandal, Khandual, Gakulakapu, Kapu, Kampo, Reddy, Nagavasam, Mahisya, Saunties, Mahesh, Maheshya, Paltan, Khandayat, Chasa Paika, Paikali Khandayat, Kalinga Sudra Khandayat, Mahanayak Sudra, Baisya Karan, Odia, Odia Khandayat, Mahanayak, Mahalayak, Chasa Mahanty, Mahanty, Ashini Patara, Rana, Raju, Sinko, Ekadas Teli, Tailik Baishya, Teloga,, Mahanta, Mahat, Khandayat Kalanji, Odra Khandayat Kalanji, Kalinga, Dalapati, Dalua, Rajasri Balasi, Balasi, Dalakhandayat, Dalua Paika, Kshitibansa, Matibansa Ojha, Kshitibansa Naik, Ojhakaran, Kshitibansa Nayak, Matibansa Abadhan, Khuria, Ellama, Banka, Pallia, Agnikula Kshatriya, Bangadesiya Tambili, Tamila, Tambila, Sagua, Gandhamali, Thanapati , Haladia Teli, Hansi Tanti, Oda Paiko, Oda Paika, Oda"

ଏହି ପରିପ୍ରେକ୍ଷୀରେ, ଜାତୀୟ ପଛୁଆ ବର୍ଗ କମିଶନ **୨୯।୧୦।୨୦୨୫, ଦିବା: ୧୧ଘଟିକା, ସ୍ଥାନ: ଓଡ଼ିଶା ରାଜ୍ୟ ଅତିଥି ଭବନ, ଭୁବନେଶ୍ୱର**ରେ ଏକ ଜନଶୁଣାଣି କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ପରିପ୍ରେକ୍ଷୀରେ, ଉପରୋକ୍ତ ଜାତି/ବର୍ଗର ଅନ୍ତର୍ଭୁକ୍ତୀକରଣ/ବାଦ୍ ଦେବା ପାଇଁ ଆଗ୍ରହୀ ବ୍ୟକ୍ତିମାନଙ୍କୁ ଉପରୋକ୍ତ ଜାତି/ବର୍ଗର ସାମାଜିକ ଏବଂ ଶିକ୍ଷାଗତ ଅବସ୍ଥା ସମ୍ପର୍କରେ ଉପସ୍ଥିତରହି ପ୍ରାସଙ୍ଗିକ ସୂଚନା ପ୍ରଦାନ କରିବାକୁ ଆମନ୍ତ୍ରିତ କରାଯାଉଛି।

ଯଦି କୌଣସି ବ୍ୟକ୍ତି/ସଂଗଠନ ଉପରୋକ୍ତ ଜାତି/ବର୍ଗର ଅନ୍ତର୍ଭୁକ୍ତୀକରଣ OBC ତାଲିକାରୁ କିମ୍ବା ବର୍ଗକୁ ବାଦ୍ ଦେବା ସମ୍ପର୍କରେ ସେମାନଙ୍କର ଆପତ୍ତି ଦାଖଲ କରିବାକୁ ଚାହାନ୍ତି, ତେବେ ନିର୍ଦ୍ଧାରିତ ତାରିଖ ଏବଂ ସମୟରେ Affidavit ମାଧ୍ୟମରେ ଜାତୀୟ ପଛୁଆ ବର୍ଗ କମିଶନଙ୍କ ନିକଟରେ ଦାଖଲ କରିବାକୁ ଅନୁରୋଧ କରାଯାଉଛି। Affidavit ଫର୍ମାଟ **ncbc.nic.in**ରୁ ଡାଉନଲୋଡ୍ କରାଯାଇପାରିବ।

**OIPR-26001/11/0020/2526** ସ୍ୱା./- ନିର୍ଦ୍ଦେଶକ, ପଛୁଆ ବର୍ଗ

**ଶୃଙ୍ଖଳିତ ଭସାଣି ପାଇଁ ମହାନଗର ଶାନ୍ତି କମିଟିର କୃତଜ୍ଞତା**

କଟକ,(ଶିଲ୍ପା ପ୍ରିୟଦର୍ଶିନୀ): କଟକରେ ଶାନ୍ତି ଶୃଙ୍ଖଳାରେ କାଳୀ ଭସାଣି ଶୋଭାଯାତ୍ରା ସମାପ୍ତ ହୋଇଥିବାରୁ କଟକ ମହାନଗର ଶାନ୍ତି କମିଟି ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଦୁର୍ଗାପୂଜା ଭସାଣିରେ ଘଟିଥିବା ଗଣ୍ଡୋଗୋଳ ପରେ କାଳୀ ଭସାଣିରେ ସମସ୍ତେ ଏକଜୁଟ ହୋଇ ସମାରୋହକୁ ସୁରୁଖୁରୁରେ ସମାପନ କରିବା କଟକ ଭାଇଚାରାର ବଜାୟ ରଖିବା ପ୍ରୟାସ ପ୍ରଂଶସନୀୟ। ଏହି ସଫଳତା ପାଇଁ ସମସ୍ତ ନିର୍ବାଚିତ ଜନପ୍ରତିନିଧି, କଟକ ମହାନଗର ପୂଜା କମିଟି ସମ୍ପାଦକ, ରାଜନୈତିକ ଦଳର ନେତୃବୃନ୍ଦ, ପୋଲିସ ପ୍ରଶାସନ, ଜିଲା ପ୍ରଶାସନ, କଟକ ମହାନଗର ନିଗମ, ଶାନ୍ତି କମିଟି ଓ ସମସ୍ତ ପୂଜା କମିଟି କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଥିବା ଏକ ପ୍ରେସ ବିବୃତିରେ କମିଟି ସଭାପତି ଦେବେନ୍ଦ୍ରନାଥ ସାହୁ ଓ ସାଧାରଣ ସମ୍ପାଦକ ଭିକାରୀ ଦାସ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### କାଳୀମେଢ଼ ଭସାଣି ଶୋଭାଯାତ୍ରାରେ ଛିନ୍ତାଇ, ଜଣେ ଗିରଫ

**କଟକ,୨୫।୧୦(କାର୍ତ୍ତିକ ସାହୁ)**

କାଳୀ ମେଢ଼ ଭସାଣି ଶୋଭାଯାତ୍ରାରେ ଶୁକ୍ରବାର ରାତିରେ ଛିନ୍ତାଇ କରୁଥିବା ବେଳେ ଜଣେ ଯୁବକ ଲୋକଙ୍କ ହାତରେ ଧରାପଡ଼ିଛନ୍ତି। ସମ୍ପୃକ୍ତ ଯୁବକଙ୍କୁ ଦରଘାବଜାର ଥାନା ପୋଲିସକୁ ହସ୍ତାନ୍ତର କରାଯାଇଛି। ଥାନାରେ ମାମଲା ରୁଜୁ ହେବା ସହ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ପଟ୍ଟାପୋଲ ଅଞ୍ଚଳର ସେକ ଫକିର ଓରଫ ଲାଲୁ (୨୯)। ଅଭିଯୁକ୍ତ ଲାଲୁ ଜଣେ କୁଖ୍ୟାତ ଅପରାଧି ବୋଲି ପୋଲିସ ଜାଣିବାକୁ ପାଇଛି। ଅଭିଯୁକ୍ତ ନିକଟରୁ ୩ଟି ମୋବାଇଲ, ୨୦୦୦ ଟଙ୍କା, ସୁନା ଭଳି ଦିଶୁଥିବା ୧ଟି ରିଙ୍ଗ ଓ ୧ଟି ଲକେଟ ଜବତ କରାଯାଇଛି।

### ପୂର୍ବତନ ସହକାରୀ ଯନ୍ତ୍ରୀଙ୍କ ସ୍ମୃତିଚାରଣ ସଭା

**ଫୁଲନଖର,୨୫।୧୦(ସତ୍ୟରଞ୍ଜନ ଦାସମହାପାତ୍ର)**

କଟକ ଜିଲା ବାରଙ୍ଗ ବ୍ଲକ ଅନ୍ତର୍ଗତ ହରିଅନ୍ତା ପଞ୍ଚାୟତ ଖନ୍ଦୋଳ ସହକାରୀ ଯନ୍ତ୍ରୀ ସ୍ୱର୍ଗତ ଉଗ୍ରସେନ ପଟ୍ଟନାୟକଙ୍କ ଏକାଦଶାହ ଉପଲକ୍ଷେ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଛି। ଗାୟକ ସୁରେନ୍ଦ୍ର ଛୋଟରାୟଙ୍କ ଅଧ୍ୟକ୍ଷତା ଆୟୋଜିତ ସଭାରେ ମୁଖ୍ୟ ଅତିଥି ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ, ଜଗତସିଂହପୁର ଏମ୍‌ପିଙ୍କ କଟକ ଜିଲା ପ୍ରତିନିଧି ବନ୍ଧୁଚରଣ ସାହୁ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦିଗାମ୍ବର ମହାପାତ୍ର, ହରିଅନ୍ତା ସରପଞ୍ଚ ପଦ୍ମିନୀ ପ୍ରଧାନ, ପୂର୍ବତନ ସରପଞ୍ଚ କେଦାରନାଥ ଜେନା, ପୂର୍ବତନ ସରପଞ୍ଚ ଜୟଦେବ ପ୍ରଧାନ, ବରିଷ୍ଠ ସାମାଜିକ କର୍ମୀ ଗଣେଶ ଚନ୍ଦ୍ର ସାହୁ, କଟକ ସଦର ପ୍ରେସର କାର୍ଯ୍ୟକାରୀ ସଭାପତି ଲଳିତ କୁମାର ଦାଶ, ଶିକ୍ଷକ ଗଗନବିହାରୀ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ପଟ୍ଟନାୟକଙ୍କ ସ୍ମୃତି ଚାରଣ କରିବା ସହ ତାଙ୍କ ସ୍ମୃତିରେ ଏକ ପୁସ୍ତକ ଉନ୍ମୋଚନ କରାଯାଇଥିଲା

# 'ତୃଣମୂଳସ୍ତରରୁ ସଚେତନତାର ଆବଶ୍ୟକତା ରହିଛି'

## ପିଆଇବି ପକ୍ଷରୁ ତମାଖୁମୁକ୍ତ ଯୁବସମାଜ ଅଭିଯାନ ଶୀର୍ଷକ କର୍ମଶାଳା

**କଟକ,୨୫।୧୦(କାର୍ତ୍ତିକ ସାହୁ)**

ଯୁବସମାଜ ତମାଖୁ ନିଶାରେ ପଡ଼ି ଶାରୀରିକ ଓ ମାନସିକ କ୍ଷତିର ଶିକାର ହେଉଛନ୍ତି। କିଶୋରାବସ୍ଥାରେ ତମାଖୁ ନିଶା ନାନାପ୍ରକାର ଗୁରୁତର ବ୍ୟାଧି ସୃଷ୍ଟି କରୁଛି। ଯୁବପିଢ଼ିଙ୍କୁ ତମାଖୁ ନିଶା କବଳରୁ ରକ୍ଷା କରିବା ଲାଗି ବ୍ୟାପକ ସଚେତନତା ସହ ତମାଖୁ ସଂକ୍ରାନ୍ତ ଆଇନ କଡ଼ାକଡ଼ି ପାଳନର ଆବଶ୍ୟକତା ରହିଛି। ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ପକ୍ଷରୁ କଟକ କ୍ଲବ ଆନେକ୍ସ-୨ଠାରେ ଶୁକ୍ରବାର ଆୟୋଜିତ ତମାଖୁମୁକ୍ତ ଯୁବସମାଜ ଅଭିଯାନ ଶୀର୍ଷକ ଗଣମାଧ୍ୟମ କର୍ମଶାଳାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ପିଆଇବି/ସିବିସିର ଅତିରିକ୍ତ ମହାନିର୍ଦ୍ଦେଶକ ତଥା ଅତିରିକ୍ତ ପ୍ରେସ ରେଜିଷ୍ଟ୍ରାର ଅଖିଳ କୁମାର ମିଶ୍ର କହିଲେ, ତମାଖୁ ସେବନର ଅପକାରିତା ସମ୍ପର୍କରେ ଜନ ସଚେତନତା ସୃଷ୍ଟି କ୍ଷେତ୍ରରେ ଗଣମାଧ୍ୟମର ବେଶ ଗୁରୁତ୍ୱ ରହିଛି। ଅତିରିକ୍ତ ଜିଲାପାଳ ଶିବ ଟପ୍ପୋ କହିଲେ, ସାମ୍ପ୍ରତିକ ସମାଜରେ ଅଧିକ ସଂଖ୍ୟାରେ ଯୁବବର୍ଗ ନିଶା କବଳରେ ପଡୁଛନ୍ତି। ନିଶା ନିବାରଣ ଏବଂ ଏହାର



ତମାଖୁମୁକ୍ତ ଯୁବସମାଜ ଅଭିଯାନ ଶୀର୍ଷକ କର୍ମଶାଳାରେ ଉପସ୍ଥିତ ଅତିଥିବୃନ୍ଦ।

କୁପ୍ରଭାବ ରୋକିବା ଲାଗି ସରକାର ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ତେବେ ସରକାରଙ୍କ ପଦକ୍ଷେପକୁ ବ୍ୟାପକ ମାତ୍ରାରେ ପ୍ରଚାରପ୍ରସାର କରିବାରେ ଗଣମାଧ୍ୟମର ପ୍ରମୁଖ ଭୂମିକା ରହିଛି।

ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ଚିକିତ୍ସା ପ୍ରତିଷ୍ଠାନ ବିଶେଷଜ୍ଞ ପ୍ରଫେସର ଡା. ସୁରେନ୍ଦ୍ର ନାଥ ସେନାପତି କହିଲେ, ଭାରତରେ ପ୍ରତ୍ୟେକ ବର୍ଷ ପ୍ରାୟ ୧୪ ଲକ୍ଷ ୬୧ ହଜାର ଲୋକ କର୍କଟ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏମାନଙ୍କ ମଧ୍ୟରୁ ପ୍ରାୟ ୨୦% ତମାଖୁ ଜନିତ। ଓଡ଼ିଶାରେ ବାର୍ଷିକ ପ୍ରାୟ ୫୨,୯୬୦ କର୍କଟ ରୋଗୀଙ୍କ ମଧ୍ୟରୁ ୩୦% ତମାଖୁ ଜନିତ କର୍କଟ ଆକ୍ରାନ୍ତ ଥିବା ଅଧ୍ୟୟନରୁ ଜଣାପଡ଼େ। କଟକ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରଶାନ୍ତ କୁମାର ହୋତା କହିଲେ, ଗଣମାଧ୍ୟମ, ବିଶେଷ କରି ସେଲିବ୍ରିଟିମାନେ ତମାଖୁ ଉତ୍ପାଦର ପ୍ରଚାରପ୍ରସାର କରିବା ଦ୍ୱାରା ପିଲାମାନେ ଅଧିକ ପ୍ରଭାବିତ ହେଉଛନ୍ତି। ସେମାନଙ୍କ ଲାଗି ସୂଚନା, ଶିକ୍ଷା ଏବଂ ସଚେତନତାରେ ଗଣମାଧ୍ୟମର ପ୍ରମୁଖ ଭୂମିକା ରହିଛି। ସମାଜର ସମ୍ପାଦକ ତପନ କୁମାର ମିଶ୍ର କହିଲେ, ସାମାଜିକ ଓ ସାଂସ୍କୃତିକ ପ୍ରଭାବରେ ଅଧିକାଂଶ ଲୋକ ତମାଖୁ ନିଶା କବଳରେ ପଡୁଛନ୍ତି।

ସିବିସିର ସହାୟକ ନିର୍ଦ୍ଦେଶକ ପ୍ରଦୀପ କୁମାର ଚୌଧୁରୀ ସ୍ୱାଗତ ଭାଷଣ ଓ ପିଆଇବି ଭୁବନେଶ୍ୱରର ସହାୟକ ନିର୍ଦ୍ଦେଶକ ମହେନ୍ଦ୍ର ପ୍ରସାଦ ଜେନା ଧନ୍ୟବାଦ ଦେଇଥିଲେ। ଦୂରଦର୍ଶନ ସମାଚାର ବିଭାଗ ମୁଖ୍ୟ ଡା. ଅଭିଷେକ ମିଶ୍ର, ଆକାଶବାଣୀ ସମାଚାର ବିଭାଗ ମୁଖ୍ୟ ଡ. ସତ୍ୟ ନାରାୟଣ ପଟ୍ଟନାୟକ, ବାର୍ତ୍ତା ସମ୍ପାଦକ ନିର୍ମାଲ୍ୟ ବେହେରା, କ୍ଷେତ୍ର ପ୍ରଚାର ଅଧିକାରୀ ସସ୍ମିତା ପାଇକରାୟ, ପିଆଇବିର ଗଣମାଧ୍ୟମ ଓ ଯୋଗାଯୋଗ ଅଧିକାରୀ ସ୍ୱାଧୀନ ଶକ୍ତିପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ।

# ରଘୁନାଥଜୀଉ ମହାବିଦ୍ୟାଳୟରେ ଫକୀର ମୋହନ କଥା ସାହିତ୍ୟ ଆଲୋଚନାଚକ୍ର

**କଟକ,୨୫।୧୦(କାର୍ତ୍ତିକ ସାହୁ)**

ଦେଉଳସାହିସ୍ଥିତ ରଘୁନାଥ ଜୀଉ ସ୍ନାତକ ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ ଫକୀର ମୋହନ କଥା ସାହିତ୍ୟରେ ସମାଜ ଚିତ୍ର ଶୀର୍ଷକ ଆଲୋଚନାଚକ୍ର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଚନ୍ଦ୍ର ମୋହନ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଗବେଷକ ଡ. ନିରଞ୍ଜନ ସାହୁ ଫକୀର ମୋହନ ଉପନ୍ୟାସରେ ସମାଜ ଚିତ୍ର ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଆଦିକବି ସାରଳା ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ସୁରଞ୍ଜନ ଲେଙ୍କା ଗଳ୍ପ ଜଗତ କଥା ଆଲୋଚନା କରିଥିଲେ। ବିଭାଗୀୟ ମୁଖ୍ୟ ଡ. ସରୋଜ କୁମାର ଦାଶ ଫକୀର ମୋହନଙ୍କ ସମଗ୍ର କଥା ସାହିତ୍ୟ ସମ୍ପର୍କରେ ତଥ୍ୟ ରଖିଥିଲେ। ଅଧ୍ୟାପକ ନୀହାର ରଞ୍ଜନ ରଥ ଅତିଥି ପରିଚୟ ଓ ଛାତ୍ରୀ ପ୍ରୀତି କୁମାରୀ ବେହେରା ଧନ୍ୟବାଦ ଦେଇଥିଲେ। ଛାତ୍ରୀ ଧରିତ୍ରୀ ବିନ୍ଧାଣି, ଶୁଭଶ୍ରୀ ସାହୁ, ରତ୍ନଶିଳା ସାହୁ ପ୍ରବନ୍ଧ ଉପସ୍ଥାପନା କରିଥିଲେ।


କୃତୀ ପ୍ରତିଯୋଗୀଙ୍କ ସହ ଅତିଥି।

# ଉତ୍କଳ ସାମନ୍ତ ସମାଜର ଚିତ୍ରଗୁପ୍ତ ପୂଜା

**କଟକ,୨୫।୧୦(ଶିଳ୍ପା ପ୍ରିୟଦର୍ଶିନୀ)**

ଉତ୍କଳ ସାମନ୍ତ ସମାଜ ପକ୍ଷରୁ ଶ୍ରୀଶ୍ରୀ ଚିତ୍ରଗୁପ୍ତଙ୍କ ପୂଜା ଥୋରିଆ ସାହିସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ମନୋରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭଗବାନ ଚିତ୍ରଗୁପ୍ତଙ୍କ ପୂଜା ଅର୍ଚ୍ଚନା କରାଯିବା ସହ ଆଗାମୀ ଦିନରେ କେତେକ ଜନହିତକର କାର୍ଯ୍ୟକ୍ରମ ହାତକୁ ନେବାକୁ ପ୍ରସ୍ତାବ ଗ୍ରହଣ କରାଯାଇଛି। ଉତ୍ସବରେ ରବୀନ୍ଦ୍ର ନାଥ ମହାନ୍ତି, ଗୋକୁଳାନନ୍ଦ ପଟ୍ଟନାୟକ, ଲକ୍ଷ୍ମୀ ପ୍ରସାଦ ଦାସ, ପ୍ରିୟରଞ୍ଜନ ମହାପାତ୍ର, ଭୁବନାନନ୍ଦ ମହାନ୍ତି, ଦ୍ୱିପାୟନ ପଟ୍ଟନାୟକ, ଅଜୟ ଦାସ, ଚୌଧୁରୀ ସତ୍ୟ ପ୍ରକାଶ ଦାସ, ନିର୍ମଳ ପଟ୍ଟନାୟକ, ଅବସରପ୍ରାପ୍ତ ଜଷ୍ଟିସ ପ୍ରଦୀପ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



# ସ୍ୱାସ୍ଥ୍ୟସେବା ଶିବିର: ୧୦୩ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

**ଚୌଦ୍ୱାର,୨୫।୧୦(ଆଶୁତୋଷ ଦାସ)**

ଚୌଦ୍ୱାର ପୌରପାଳିକା ୧୯ନଂ. ୱାର୍ଡ ବରିଷ୍ଠ ନାଗରିକ କ୍ଲବ ପରିସରରେ ବୟୋଜ୍ୟେଷ୍ଠଙ୍କ ନିମନ୍ତେ ଏକ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଚୌଦ୍ୱାର ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ସାଇ ଏନ୍‌ଜିଓ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଶିବିରରେ ୧୦୩ଜଣ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବିତରଣ କରାଯାଇଥିଲା। ପୌରଉପାଧ୍ୟକ୍ଷ ତଥା ପୌରପାଳିକା ସ୍ୱାସ୍ଥ୍ୟ ଓ ପରିମଳ ସବ୍‌କମିଟି ଅଧ୍ୟକ୍ଷ ଶୁଭେନ୍ଦୁ ସାମଲ, ପ୍ରତାପ କିଶୋର ସାମଲ ଅତିଥି ଭାବେ ଯୋଗଦେଇ ଶିବିର ଉଦ୍‌ଘାଟନ କରି


ଶିବିରରେ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

ବୟସାଧିକ ରୋଗ ପାଇଁ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ସେବନ କରିବାକୁ ପରାମର୍ଶ ଦେଇଥିଲେ। ସାଇ ଏନ୍‌ଜିଓର ପ୍ରୋଗ୍ରାମ କୋଅର୍ଡିନେଟର ପ୍ରଦୀପ କୁମାର ସ୍ୱାଇଁଙ୍କ ସଂଯୋଜନାରେ ଅନୁଷ୍ଠିତ ଶିବିରରେ ମେଡିକାଲ ଅଫିସର ଡା. ବି.ରୋଶନି, ଡା.ଲଲିପା ପ୍ରିୟଦର୍ଶିନୀ ସାହୁ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଲିପସିତା ମହାରଣା, ନର୍ମଦା ସିଂ, କାଜଲ ମହାରଣା ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ବରିଷ୍ଠ ନାଗରିକ କ୍ଲବର ଅଭୟ ସ୍ୱାଇଁ, ସୁଶାନ୍ତ ସାହୁ, ଗୌରାଙ୍ଗ ଦାସ, ନାରାୟଣ ସାହୁ, ତ୍ରୈଲୋକ୍ୟ ଜେନା, ଦେବରାଜ ମିଶ୍ର, ବିବିତ୍ରାନନ୍ଦ ନାୟକ, ଶିଶିର କୁମାର ଶତପଥୀ, ଆଶାଦିଦି ସସ୍ମିତା ମଲ୍ଲ, ପ୍ରମିଳା ମଲ୍ଲିକ, ଅଙ୍ଗନୱାଡ଼ି କର୍ମୀ ସ୍ମୃତିଶ୍ରୀ ଜଗଦେବ, କାଜଲ ଭଟ୍ଟ ଓ ସୁଲେଖା ସାହୁ ପ୍ରମୁଖ ପରିଚାଳନା କରିଥିଲେ।

# ୟୁଥ୍ ରେଡ୍‌କ୍ରସ୍ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର।

**ଖୁଣ୍ଟୁଣୀ,୨୫।୧୦(ସଚ୍ଚିଦାନନ୍ଦ ପଣ୍ଡା)**

ଖୁଣ୍ଟୁଣୀସ୍ଥିତ ରାଧାନାଥ ରଥ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶନିବାର ୟୁଥ ରେଡ୍‌କ୍ରସର ପ୍ରାରମ୍ଭିକ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ରବି ନାରାୟଣ ଦାସ ଓ ଅଡିଟ ଅଫିସର ଅନିରୁଦ୍ଧ ପତ୍ରି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ । ପ୍ରାଣୀ ବିଜ୍ଞାନ ଅଧ୍ୟାପକ ଚିତ୍ତରଞ୍ଜନ ଦାସ ପ୍ରୋଗ୍ରାମ ରେଡ୍‌କ୍ରସ ସଂଯୋଜକ ସ୍ୱାଗତ ଭାଷଣ ଦେଇଥିଲେ। କୌଣସି ସ୍ଥାନରେ ଯଦି ଦୁର୍ଘଟଣା ଘଟିବ ସେତେବେଳେ ସାହସିକତାର ସହିତ କିଭଳି ତାର ସାମ୍ନା କରି ଦୃଢ଼ତାର ସହିତ ମୁକାବିଲା କରିହେବ ସେ ଉପରେ ଆଲୋକପାତ କରିଥିଲେ। ପ୍ରଶାସନିକ ଅଧିକାରୀ ଅନିରୁଦ୍ଧ ପତ୍ରି ରେଡ୍‌କ୍ରସ ଉପରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପିକା ରାଜଲକ୍ଷ୍ମୀ ପଣ୍ଡା ୟୁଥ ରେଡ୍‌କ୍ରସ କିଭଳି ଭାରତରେ ପ୍ରଚାର ପ୍ରସାର ହୋଇଥିଲା ଓ ଏହାର ମୁଖ୍ୟ ଉଦ୍ଦେଶ୍ୟ କିଭଳି ରାଷ୍ଟ୍ରକୁ ଏକତା ଡୋରିରେ ବାନ୍ଧି ରଖିଥିଲା ତାର ଅବତାରଣା କରିଥିଲେ। ରେଡ୍‌କ୍ରସ ସଦସ୍ୟଙ୍କ ମାନବିକତା ହେଲା ଅସୁସ୍ଥ ରୋଗୀଙ୍କୁ ସାହାଯ୍ୟ କରିବା ଓ ରକ୍ତଦାନ ଭଳି ମହତ କାର୍ଯ୍ୟକ୍ରମ କରି ଅନ୍ୟର ଜୀବନ ବଞ୍ଚାଇବା ସେ ବିଷୟରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମ ବ୍ରଜ ଭୂଷଣ ପାତ୍ର, ଚକ୍ରଧର ସାହୁ, ଗୋବର୍ଦ୍ଧନ ବେଉରା ଓ ଆକାଶ ବେଜ ପରିଚାଳନା କରିଥିଲେ। ଅଧ୍ୟାପକ ସୁରେନ୍ଦ୍ର ପେଣ୍ଟୋଇ ସମସ୍ତଙ୍କୁ ଶପଥପାଠ କରାଇବା ସହିତ ଧନ୍ୟବାଦ ଦେଇଥିଲେ।

# ଦରଦୀ ମଣିଷ ଥିଲେ ବୀଣାପାଣି ଜେନା

**କଟକ,୨୫।୧୦(କାର୍ତ୍ତିକ ସାହୁ)**

ପର ହିତ ଲାଗି ଜୀବନଧାରଣ କରିବା ତଥା ପର ଦୁଃଖରେ ସମପ୍ରାଣନା ଅନୁଭବ କରିବା ଆଜିର ଯୁଗରେ ବିରଳ। ଉତ୍ସର୍ଗୀକୃତ ଭାବରେ ଆତ୍ମାକୁ ସମାଜ ପାଇଁ ପ୍ରସାରିତ କରି ରଖିବାକୁ ଜଣେ ଉତ୍ତମ ଲୋକ ହିଁ ପସନ୍ଦ କରିଥାଏ। ଏଭଳି ଜଣେ ଦରଦୀ ମଣିଷ ଥିଲେ ବୀଣାପାଣି ଜେନା। ପ୍ରଫେସରପଡ଼ାଠାରେ ଆୟୋଜିତ ସାମାଜିକ କର୍ମୀ ବୀଣାପାଣି ଜେନାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳନରେ ବକ୍ତାମାନେ ଏଭଳି ମତପ୍ରକାଶ କରିଛନ୍ତି। ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ପ୍ରଫେସର ଡକ୍ଟର ଅରବିନ୍ଦ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଡାକ୍ତର ପ୍ରଭାବତୀ ନାୟକ ଓ ଆଇନଜୀବୀ ପ୍ରଦିଲା ପଟ୍ଟନାୟକ ପ୍ରମୁଖ ଯୋଗଦେଇ ବୀଣାପାଣି ଜେନା ଓ ତାଙ୍କ ସ୍ୱାମୀ ଡ. ଭ୍ରମରବର ଜେନାଙ୍କ ପ୍ରତିମୂର୍ତ୍ତୀ ଓ ସ୍ମରଣିକା ଉନ୍ମୋଚନ କରିଥିଲେ। ଡ. ସାୟନ୍ତନା ପାତ୍ର ଦାସଙ୍କ ଦ୍ୱାରା ଏକ ପ୍ରାମାଣିକ ଚଳଚିତ୍ର ପ୍ରଦର୍ଶିତ ହୋଇଥିଲା। ଜ୍ୟେଷ୍ଠ କନ୍ୟା ଡ. ସୌମ୍ୟା ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡ. ପ୍ରଦୀପ ଧନ୍ୟବାଦ ଦେଇଥିଲେ।

# ୩ ଦିନ ହେବ ବାରଣ୍ଡାରେ ରୋଗୀ, ସମ୍ପର୍କୀୟ

**କଟକ,୨୫।୧୦(ଶିଳ୍ପା ପ୍ରିୟଦର୍ଶିନୀ)**

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଏସ୍‌ସିବି)ରେ ରୋଗୀ ଚିକିତ୍ସା ପାଇଁ ଡହଳ ବିକଳ ହେଉଛନ୍ତି। ସମ୍ପୂର୍ଣ୍ଣ ଚିକିତ୍ସା କରାଇବାକୁ ହେଲେ କେବଳ ପରୀକ୍ଷା ପାଇଁ ୪ରୁ ୫ ଦିନ ସମୟ ମେଡିକାଲରେ ରୋଗୀ କାଟୁଛନ୍ତି। ଏଭଳି ଏକ ଘଟଣା ମେଡିକାଲର ରକ୍ତଭଣ୍ଡାର ସମ୍ମୁଖରେ ଶନିବାର ଦେଖିବାକୁ ମିଳିଛି। ମେଡିକାଲର ନେଫ୍ରୋଲୋଜି ବିଭାଗରେ ଡାକ୍ତର ଦେଖାଇବାକୁ ଢେଙ୍କାନାଳରୁ ଆସିଥିବା ରୋଗୀ ଗତ ବୁଧବାରରୁ ମେଡିକାଲ ଆସିଥିଲେ ମଧ୍ୟ ସମ୍ପୂର୍ଣ୍ଣ ଭାବେ ଚିକିତ୍ସା ପାଇପାରିନାହାନ୍ତି। ଏପରିକି ଦୂରରୁ ଆସିଥିବାରୁ ରୋଗୀଙ୍କ ପାଇଁ ମେଡିକାଲ ବାରଣ୍ଡା ହିଁ ଆଶ୍ରୟ ନେବା ପାଇଁ ଏକ ମାତ୍ର ଭରସା ପାଲଟିଛି।


ମେଡିକାଲ ବାରଣ୍ଡାରେ ରୋଗୀ ଓ ସମ୍ପର୍କୀୟ।

**ଏସ୍‌ସିବିରେ ରୋଗୀ ହଟହଟା**

■ ପରୀକ୍ଷା କରି ଡାକ୍ତରଙ୍କୁ ଦେଖାଇବା ପାଇଁ ରୋଗୀ କରୁଛନ୍ତି ଅପେକ୍ଷା

ମିଳିଥିବା ସୂଚନା ଅନୁଯାୟୀ, ଢେଙ୍କାନାଳ ଜିଲାର ତ୍ରିଲୋଚନ ନାୟକ ଗତ ବୁଧବାର ସ୍ୱାସ୍ଥ୍ୟ ସମସ୍ୟା ନେଇ ଏସ୍‌ସିବିକୁ ଆସିଥିଲେ। ଗୁରୁବାର ନେଫ୍ରୋଲୋଜି ବିଭାଗରେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ରକ୍ତ ପରୀକ୍ଷା କରାଇଥିଲେ। ହେଲେ ଯେଉଁ ରିପୋର୍ଟ କିଛି ଘଣ୍ଟା ମଧ୍ୟରେ ଆସିବା କଥା ସେହି ରିପୋର୍ଟ ୨୪ ଘଣ୍ଟା ପରେ ଦିଆଯିବ ବୋଲି ମେଡିକାଲ କର୍ମଚାରୀ କହିଥିଲେ। ଦୂରରୁ ଆସିଥିବାରୁ ଡାକ୍ତର ଦେଖାଇ ଔଷଧ ନେଇ ଘରକୁ ଫେରିବାକୁ ସ୍ଥିର କରିବାରୁ ମେଡିକାଲରେ ଆଶ୍ରୟ ନେବାକୁ ତାଙ୍କୁ ଜାଗା ମିଳି ନ ଥିଲା। ଫଳରେ ଆଜକୁ ୩ ଦିନ ହେଲା ରକ୍ତଭଣ୍ଡାର ସମ୍ମୁଖ ବାରଣ୍ଡାରେ ଆଶ୍ରୟ ନେଉଛନ୍ତି ତ୍ରିଲୋଚନ ଓ ତାଙ୍କ ସ୍ତ୍ରୀ। ଅନ୍ୟପଟେ ତ୍ରିଲୋଚନ ୨୪ ଘଣ୍ଟା ପରେ ରିପୋର୍ଟ ପାଇଥିବାବେଳେ ଶନିବାର ଅପରାହ୍ନ ପର୍ଯ୍ୟନ୍ତ ଡାକ୍ତର ଦେଖାଇପାରି ନାହାନ୍ତି। ଏସ୍‌ସିବି ମେଡିକାଲରେ ଏଭଳି ଘଟଣା କେବଳ ଏହି ଗୋଟିଏ ବିଭାଗରେ ନୁହେଁ, ବରଂ ପ୍ରାୟ ବିଭାଗରେ ଏଭଳି ସମସ୍ୟା ଲାଗିରହି ଆସୁଥିବାବେଳେ ଏହାର ସମାଧାନ କେବେ ହେବ ସେ ନେଇ ପ୍ରଶ୍ନ ଉଠିଛି। ଏ ସମ୍ପର୍କରେ ମେଡିକାଲ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

**ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ବିକାଶ ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ ବିଭାଗ, ଓଡ଼ିଶା**

**ଲୋକସେବା ଭବନ, ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧**

**ଓଡ଼ିଶା ରାଜ୍ୟର କେନ୍ଦ୍ରୀୟ OBC ତାଲିକାରେ ବର୍ଗ ଏବଂ ସମ୍ପ୍ରଦାୟର ଅନ୍ତର୍ଭୁକ୍ତ/ବାଦ୍ ଦେବା ସମ୍ପର୍କରେ ଜାତୀୟ ପଛୁଆ ବର୍ଗ କମିଶନ ଅଧ୍ୟକ୍ଷ ମାନ୍ୟବର ଶ୍ରୀ ହଂସରାଜ ଗଙ୍ଗାରାମ ଅହିରଙ୍କ ଜନଶୁଣାଣି ୨୯।୧୦।୨୦୨୫, ଦିବା: ୧୧ ଘଟିକା, ସ୍ଥାନ: ଓଡ଼ିଶା ରାଜ୍ୟ ଅତିଥି ଭବନ, ଭୁବନେଶ୍ୱର**

No. V-: ନିମ୍ନଲିଖିତ ଜାତିଗୁଡ଼ିକୁ କେନ୍ଦ୍ରୀୟ OBC ତାଲିକାରେ ଅନ୍ତର୍ଭୁକ୍ତ/ବାଦ୍ ଦେବା ପାଇଁ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ବିକାଶ, ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ ବିଭାଗ, ଓଡ଼ିଶାକୁ ଜାତୀୟ ପଛୁଆ ବର୍ଗ କମିଶନ ଏବଂ ବ୍ୟକ୍ତିବିଶେଷଙ୍କଠାରୁ ପ୍ରାପ୍ତ ହୋଇଛି।

"Barai, Bania, Putulibandha Vasya, Vasya Bania, Vashya, Vaishy, Vaishya, Vashya Bania, Vaishya Bania, Vashya Banik, Vaishya Banik, Potali Bania, Gandha Banik, Vaishya Putuli Bania, Paudar Bania, Podar Bania, Subarna Banik, Sunari Bania, Sunari Banik, Subarna Bania, Astolohi Bania, Swarnakara Bania, Baisya Astaloi Karmakar, Pradhan, Padhan, Odapadhan, Jhadua Gouda, Naria Gouda, Bashya Gopa, Mahabhoi, Gendu, Nepalis, Gorkha, Mahakul, Mahakud, Gopal Baishnab, Kalanjia Gouda, Karanjia Gouda, Kanoujia Gouda, Jyotisha Abadhan, Jyotish Nayak, Khandal, Khandual, Gakulakapu, Kapu, Kampo, Reddy, Nagavasam, Mahisya, Saunties, Mahesh, Maheshya, Paltan, Khandayat, Chasa Paika, Paikali Khandayat, Kalinga Sudra Khandayat, Mahanayak Sudra, Baisya Karan, Odia, Odia Khandayat, Mahanayak, Mahalayak, Chasa Mahanty, Mahanty, Ashini Patara, Rana, Raju, Sinko, Ekadas Teli, Tailik Baishya, Teloga,, Mahanta, Mahat, Khandayat Kalanji, Odra Khandayat Kalanji, Kalinga, Dalapati, Dalua, Rajasri Balasi, Balasi, Dalakhandayat, Dalua Paika, Kshitibansa, Matibansa Ojha, Kshitibansa Naik, Ojhakaran, Kshitibansa Nayak, Matibansa Abadhan, Khuria, Ellama, Banka, Pallia, Agnikula Kshatriya, Bangadesiya Tambili, Tamila, Tambila, Sagua, Gandhamali, Thanapati , Haladia Teli, Hansi Tanti, Oda Paiko, Oda Paika, Oda"

ଏହି ପରିପ୍ରେକ୍ଷୀରେ, ଜାତୀୟ ପଛୁଆ ବର୍ଗ କମିଶନ **୨୯।୧୦।୨୦୨୫, ଦିବା: ୧୧ଘଟିକା, ସ୍ଥାନ: ଓଡ଼ିଶା ରାଜ୍ୟ ଅତିଥି ଭବନ, ଭୁବନେଶ୍ୱର**ରେ ଏକ ଜନଶୁଣାଣି କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ପରିପ୍ରେକ୍ଷୀରେ, ଉପରୋକ୍ତ ଜାତି/ବର୍ଗର ଅନ୍ତର୍ଭୁକ୍ତୀକରଣ/ବାଦ୍ ଦେବା ପାଇଁ ଆଗ୍ରହୀ ବ୍ୟକ୍ତିମାନଙ୍କୁ ଉପରୋକ୍ତ ଜାତି/ବର୍ଗର ସାମାଜିକ ଏବଂ ଶିକ୍ଷାଗତ ଅବସ୍ଥା ସମ୍ପର୍କରେ ଉପସ୍ଥିତରହି ପ୍ରାସଙ୍ଗିକ ସୂଚନା ପ୍ରଦାନ କରିବାକୁ ଆମନ୍ତ୍ରିତ କରାଯାଉଛି।

ଯଦି କୌଣସି ବ୍ୟକ୍ତି/ସଂଗଠନ ଉପରୋକ୍ତ ଜାତି/ବର୍ଗର ଅନ୍ତର୍ଭୁକ୍ତୀକରଣ OBC ତାଲିକାରୁ କିମ୍ବା ବର୍ଗକୁ ବାଦ୍ ଦେବା ସମ୍ପର୍କରେ ସେମାନଙ୍କର ଆପତ୍ତି ଦାଖଲ କରିବାକୁ ଚାହାନ୍ତି, ତେବେ ନିର୍ଦ୍ଧାରିତ ତାରିଖ ଏବଂ ସମୟରେ Affidavit ମାଧ୍ୟମରେ ଜାତୀୟ ପଛୁଆ ବର୍ଗ କମିଶନଙ୍କ ନିକଟରେ ଦାଖଲ କରିବାକୁ ଅନୁରୋଧ କରାଯାଉଛି। Affidavit ଫର୍ମାଟ **ncbc.nic.in**ରୁ ଡାଉନଲୋଡ୍ କରାଯାଇପାରିବ।

**OIPR-26001/11/0020/2526** ସ୍ୱା./- ନିର୍ଦ୍ଦେଶକ, ପଛୁଆ ବର୍ଗ

ଆମ ମନ ଆଉ ପ୍ରାଣ ସବୁବେଳେ ପ୍ରଶଂସା ଶୁଣିବାକୁ ବ୍ୟାକୁଳ ହୁଏ। ସେଥିପାଇଁ ଆମେ ସମାଲୋଚନା ସହିପାରୁନା ଏବଂ କାହା ଦ୍ୱାରା ନଗଣ୍ୟ ଓ ଉପେକ୍ଷିତ ହେବାକୁ ଚାହୁଁ ନାହିଁ। କିନ୍ତୁ ଆମେ ଯେପରି ସର୍ବଦା ଧକ୍କା ଓ ପରାଜୟ ନିମିତ ପ୍ରସ୍ତୁତ ହେବାକୁ ପଡ଼ିବ ଏବଂ ଧୀର ଶାନ୍ତ ଭାବେ ସହିବାକୁ ପଡ଼ିବ। -ଶ୍ରୀମା

# ମମ୍‌ଦାନିଙ୍କ ମଡେଲ



ଆକାର ପଟେଲ

ଗୁଜରାଟୀ ପିତା ଓ ପଞ୍ଜାବୀ ମାତାଙ୍କ ସନ୍ତାନ ଭାବେ ଜୋହରାନ ମମ୍‌ଦାନି ଜୁନ୍‌ରେ ଡେମୋକ୍ରାଟିକ୍ ପାର୍ଟିର ନୋମିନେଶନ ବା ପ୍ରାର୍ଥିତ୍ୱ ହାସଲ କରିବା ପରେ ୪ ନଭେମ୍ବରରେ ହେବାକୁ ଥିବା ସାଧାରଣ ନିର୍ବାଚନରେ ନ୍ୟୁୟର୍କ ସହରର ମେୟର ହେବା ସମ୍ଭାବନା ଦେଖାଦେଇଛି। ତାଙ୍କ ପ୍ରଚାର କେମିତି ଥିଲା ଏବଂ ସେ ଶୀର୍ଷକୁ କେମିତି ଆସିଲେ ସେ ସମ୍ପର୍କରେ ମୁଁ ଗୁରୁତ୍ୱ ଦେଇଥିଲି। ଚଳିତବର୍ଷ ଜାନୁଆରୀରେ ତାଙ୍କ ସପକ୍ଷରେ ଜନମତ ହାର ୧% ଥିଲା, କିନ୍ତୁ ଜୁନ୍ ସୁଦ୍ଧା ସେ ପ୍ରାଇମେରୀ (ସାଧାରଣ ନିର୍ବାଚନରେ ଡେମୋକ୍ରାଟିକ ପାର୍ଟିର କିଏ ପ୍ରାର୍ଥୀ ହେବେ ସେଥିପାଇଁ ହୋଇଥିବା ନିର୍ବାଚନ)ରେ ଏହା ୪୩%ରେ ପହଞ୍ଚିଥିଲା। ଏବେ ସର୍ବେକ୍ଷଣରୁ ଜଣାପଡ଼ିଛି, ପୂରା ସହରର ନିର୍ବାଚନ କ୍ଷେତ୍ରରୁ ତାଙ୍କ ସପକ୍ଷରେ ୫୦% ସମର୍ଥନ ରହିଛି। ଏଭଳି ଘଟିବା ପଛରେ ଅନେକ କାରଣ ଅଛି। ପ୍ରଥମେ ନ୍ୟୁୟର୍କ ସହରର ଜନସଂଖ୍ୟା ସମ୍ବନ୍ଧୀୟ ତଥ୍ୟକୁ ବିଚାରକୁ ନେବା। ସହରରେ ୩,୫୦,୦୦୦ ମିଲିଅନେୟାର ଓ ୧୨୩ ବିଲିଅନେୟାର ଅଛନ୍ତି। କିନ୍ତୁ ଏହାର ଜନସଂଖ୍ୟାର ଏକଚତୁର୍ଥାଂଶ ଦାରିଦ୍ର୍ୟରେ ରହୁଛନ୍ତି। ଦାରିଦ୍ର୍ୟ କହିଲେ ୪ ଜଣ ସଦସ୍ୟ ଥିବା ଗୋଟିଏ ପରିବାର ବର୍ଷକୁ ୪୭,୦୦୦ ଡଲାର କିମ୍ବା ତାହାଠାରୁ କମ୍‌ରେ ବଞ୍ଚୁଛନ୍ତି। ନ୍ୟୁୟର୍କରେ ଏମାନଙ୍କ ସଂଖ୍ୟା ୨୦ ଲକ୍ଷରୁ ଅଧିକ। ମମ୍‌ଦାନି ତାଙ୍କ ପ୍ରଚାରର ଆରମ୍ଭରୁ ଏହି ସମସ୍ୟା ଉପରେ ଗୁରୁତ୍ୱ ଦେଇଥିଲେ। ମମ୍‌ଦାନିଙ୍କ ପ୍ରତିଦ୍ୱନ୍ଦ୍ୱୀ ଅପରାଧ ଓ ସୁରକ୍ଷା ଭଳି ପୁରୁଣା ପ୍ରସଙ୍ଗ ଉପରେ ଗୁରୁତ୍ୱ ଦେଇଥିଲେ, ହେଲେ ସେ ଶସ୍ତାରେ ଗରିବ ଲୋକଙ୍କୁ ଜିନିଷ ଯୋଗାଇ ଦେବାକୁ କହିଥିଲେ। ସମାଧାନ ପାଇଁ ମମ୍‌ଦାନି ଲୋକଙ୍କ ସମ୍ମୁଖରେ ୩ଟି ବିଷୟ ରଖିଥିଲେ। ଆପାର୍ଟମେଣ୍ଟଗୁଡ଼ିକରେ(ଯେଉଁଠି ୨୦ ଲକ୍ଷ ଭଡ଼ାଟିଆ ରହୁଛନ୍ତି) ୪ ବର୍ଷ ପାଇଁ ଭଡ଼ା ବୃଦ୍ଧି ବନ୍ଦ କରିବା ; ୫ ବର୍ଷ ବୟସ ପର୍ଯ୍ୟନ୍ତ ପିଲାମାନଙ୍କର ମାଗଣାରେ ଶିଶୁଯତ୍ନ(ସେବା) ଏବଂ ମାଗଣା ବସ୍‌ସେବା ଯୋଗାଇଦେବାକୁ କହିଥିଲେ। ଗୋଟିଏ ବର୍ଷ ପୂର୍ବରୁ ସେ ଆରମ୍ଭ କରିଥିବା ତାଙ୍କ ପ୍ରଚାରର ଏହି ବାର୍ତ୍ତାରେ କୌଣସି ପରିବର୍ତ୍ତନ କରିନାହାନ୍ତି। ସଫଳତାର ଦ୍ୱିତୀୟ ବିଷୟ ହେଉଛି, ସ୍ୱେଚ୍ଛାସେବୀ ସେନାକୁ ସେ ସମର୍ଥନ କରିଥିଲେ। ଜୁନ୍‌ରେ ଏମାନଙ୍କ ସଂଖ୍ୟା ୫୦,୦୦୦ ଥିଲା ଏବଂ ଏମାନଙ୍କ ମଧ୍ୟରୁ ୩୦,୦୦୦ ପ୍ରତି ଘରକୁ ଯାଇ ଏପରିକି ରାସ୍ତାରେ ପ୍ରଚାର କରିଥିଲେ ଓ ତାଙ୍କ ସପକ୍ଷରେ ପାଣ୍ଠି ସଂଗ୍ରହ କିମ୍ବା ସ୍ୱେଚ୍ଛାସେବୀ ଭାବେ ଯୋଗଦେବା ପାଇଁ ଲୋକଙ୍କୁ କଲ୍ କରିଥିଲେ। ତେବେ ଅକ୍ଟୋବର ଶେଷସୁଦ୍ଧା ଏହି ସଂଖ୍ୟା ଦୁଇଗୁଣ ବୃଦ୍ଧିପାଇବାର ସମ୍ଭାବନା ରହିଛି। ମମ୍‌ଦାନିଙ୍କ ରାଜନୈତିକ କେନ୍ଦ୍ର ଡେମୋକ୍ରାଟିକ ସୋସିଆଲିଷ୍ଟ ଅଫ୍ ଆମେରିକା(ଡିଏସ୍‌ଏ)ର ନ୍ୟୁୟର୍କ ଶାଖାରୁ ଏହାର ମୂଳଦୁଆ ପଡ଼ିଥିଲା। ଏକ ଦଶନ୍ଧି ପୂର୍ବରୁ ଏହି ଗୋଷ୍ଠୀ ନିର୍ବାଚନରେ ଅଂଶଗ୍ରହଣ କରିବା ଆରମ୍ଭ କରି ସଫଳ ହେବା ଦେଖାଯାଇଛି। କାରଣ ଏହା ଶ୍ରମିକ ଶ୍ରେଣୀର ଲୋକଙ୍କୁ ପ୍ରଭାବିତ କରୁଥିବା ସମସ୍ୟା ଉପରେ ଅଧିକ ଗୁରୁତ୍ୱ ଦେଇଥିଲା। ପୂର୍ବ ନିର୍ବାଚନଗୁଡ଼ିକରେ ଡିଏସ୍‌ଏର ସ୍ୱେଚ୍ଛାସେବୀ ଯେତିକି ସଂଖ୍ୟାରେ କାମ କରୁଥିଲେ ମମ୍‌ଦାନିଙ୍କ ପ୍ରଚାର ଯୋଗୁ ସେହି ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ଘଟିଛି। ତାଙ୍କ ପ୍ରଚାରରେ ଯୁବ ଗୋଷ୍ଠୀ(ମମ୍‌ଦାନିଙ୍କ ବୟସ ୩୪ ଏବଂ ତାଙ୍କ ଟିମ୍‌ର ଅନେକଙ୍କର ବୟସ ତାଙ୍କଠାରୁ କମ୍) ମଧ୍ୟରୁ ଅଧିକାଂଶ ତଥାକଥିତ ପରାମର୍ଶଦାତା ଓ ନିର୍ବାଚନ ରଣନୀତିକଙ୍କ ତୁଳନାରେ ଅଧିକ ଦକ୍ଷ ଓ ପ୍ରଭାବୀ ଭାବେ ଉଭା ହୋଇଥିଲେ। ତୃତୀୟ ବିଷୟ ହେଉଛି ନିଜେ ପ୍ରାର୍ଥୀ ମମ୍‌ଦାନି। ସେ ହେଉଛନ୍ତି ମୁସଲମାନ ଏବଂ ଖୋଲାଖୋଲି ଭାବେ ଏହି ପରିଚୟ ଦିଅନ୍ତି। ବିଶେଷକରି ନ୍ୟୁୟର୍କ ସହରରେ ୯/୧୧ ଆକ୍ରମଣ ପରେ ଇସ୍‌ଲାମ ବିରୋଧରେ ଘୃଣା ଭାବ ରହିଆସିଛି। ଏହି ସହରରେ ଆମେରିକା ବାହାରେ ଜନ୍ମିତ ଲୋକଙ୍କ ସଂଖ୍ୟା ମଧ୍ୟ ଜନସଂଖ୍ୟାର ୪୦ ପ୍ରତିଶତ। ଏଠାରେ ଅଧିକ ମୁସଲମାନ ଓ ଦକ୍ଷିଣ ଏସିଆର ଲୋକେ ବି ରହୁଛନ୍ତି, ଯେଉଁମାନେ ତାଙ୍କ ସମର୍ଥନରେ ରାଲି କରିଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି, ନ୍ୟୁୟର୍କରେ ରହୁଥିବା ଇହୁଦୀ ଯୁବପିଢ଼ିଙ୍କ ସମେତ ସବୁ ପ୍ରକାର ଲୋକଙ୍କୁ ନିଜଆଡ଼କୁ ଆଣିବାରେ ତାଙ୍କର ଦକ୍ଷତା ରହିଛି। ଏହା ତାଙ୍କ ଆକର୍ଷଣ ଓ ପ୍ରତିଭା ଯୋଗୁ ସମ୍ଭବ ହୋଇଛି। ତେବେ ସୋସିଆଲ ମିଡିଆରେ ତାଙ୍କର ଆଶ୍ଚର୍ଯ୍ୟଜନକ ସଫଳତାକୁ ଏକ ମଡେଲ ଭାବେ ଅନେକ ବର୍ଷ ଧରି ବିଚାର କରାଯିବ। ତେବେ କିଛି ମାସ ପୂର୍ବେ ଆମେରିକାର ସବୁଆଡ଼େ ରାଜନୀତିଜ୍ଞମାନେ ଏହାକୁ ନକଲ କରିଥିଲେ ମଧ୍ୟ ସେମାନଙ୍କ ମଧ୍ୟରୁ ଅନେକ ବିଫଳ ହୋଇଥିଲେ, କାରଣ ସେମାନଙ୍କଠାରେ ଏହାକୁ ସହଜ ଓ ମଜାଦାର କରିବାରେ ମମ୍‌ଦାନିଙ୍କ ଭଳି ଦକ୍ଷତା ନ ଥିଲା। ଏଥିପାଇଁ ଅମେରିକାର ବିଶେଷଜ୍ଞମାନେ ତାଙ୍କୁ ହାପି ୱାରିୟର ବୋଲି କହନ୍ତି।

ମୋ ମତରେ ଏହି ତିନୋଟି ବିଷୟ, ନଭେମ୍ବର ୪ ବିଜୟ ପାଇଁ ଆଧାର ଭାବେ କାମ କରୁଛି। ଯେତେବେଳେ ବି ହେଉ, ଯଦି ସେ ଜିତନ୍ତି, ତା'ହେଲେ ଇସ୍ରାଏଲ ପ୍ରତି ଥିବା ଅନେକ ଆମେରିକୀୟଙ୍କ ଦୃଷ୍ଟିକୋଣରେ ପରିବର୍ତ୍ତନ ଆଣିବା ଲାଗି ଆଗକୁ ଆସିବେ। ଏବେ ଲଗାତର ଭାବେ ଜନମତ ସର୍ବେକ୍ଷଣ ଦର୍ଶାଉଛି ଯେ, ଇସ୍ରାଏଲ ବର୍ଣ୍ଣଭେଦ ଓ ନରସଂହାର ପଥ ଆପଣାଇଥିବାରୁ ଅଧିକାଂଶ ଆମେରିକୀୟଙ୍କର ପାଲେଷ୍ଟିନୀୟଙ୍କ ପ୍ରତି ସହାନୁଭୂତି ରହିଛି। ଇସ୍ରାଏଲର ଶକ୍ତିଶାଳୀ ଲବି ହେତୁ ତାହାର ଏଭଳି ପଦକ୍ଷେପକୁ ରାଜନୀତିରେ ସ୍ୱୀକାର କରାଯାଇପାରିନାହିଁ, କାରଣ ଏହା ନିର୍ବାଚନ କ୍ଷେତ୍ରରେ ଥିବା ପ୍ରାର୍ଥୀଙ୍କ ପାଇଁ ବାଧକ ହୋଇପାରେ। ମମ୍‌ଦାନିଙ୍କୁ ଜେହାଦି, ଉଗ୍ରପନ୍ଥୀ, ଇହୁଦୀ ବିରୋଧୀ ଏବଂ ଆହୁରି ଅନେକ କିଛି କୁହାଯାଇଥିଲେ ମଧ୍ୟ ସେ ଏହିସବୁ ଆହ୍ୱାନଗୁଡ଼ିକୁ ସଫଳତାର ସହ ମୁକାବିଲା କରିଛନ୍ତି। ଆମେ ଜାଣିବାରେ ତାଙ୍କ ପ୍ରାର୍ଥିତ୍ୱ ଦୌଡ଼ରେ ପ୍ରତିଦ୍ୱନ୍ଦ୍ୱୀଙ୍କ ଆକ୍ରମଣର ଏହା ଏକ ପ୍ରମୁଖ ଅଂଶ ଭାବେ ରହିଥିଲା। ଏହା ଏବେ ମଧ୍ୟ ଜାରି ରହିଛି। ହେଲେ ଏହାର ପ୍ରଭାବ ମମ୍‌ଦାନିଙ୍କ ଉପରେ ପଡ଼ିନାହିଁ। ଯଦି ସେ ନ୍ୟୁୟର୍କର ମେୟର ହୁଅନ୍ତି ତେବେ ତାଙ୍କ ପ୍ରଚାରଶୈଳୀ ଓ ପ୍ଲାଟ୍‌ଫର୍ମ ଆମେରିକାରେ ଡିମୋକ୍ରାଟିକ ପାର୍ଟି ପାଇଁ ଏକ ମଡେଲ ପାଲଟିଯିବ। ଏହା ସତ୍ୟ ଯେ, ମମ୍‌ଦାନି ଯେତିକି ସଫଳ ହୋଇଛନ୍ତି ତାହାର କୌଣସି ବିକଳ୍ପ ନାହିଁ ବୋଲି ପାର୍ଟିରେ ଥିବା ଅନ୍ୟ ନେତୃବର୍ଗ ପ୍ରକାଶ କରିଛନ୍ତି। ଯଦି ଜଣେ ଗୁଜରାଟୀ-ପଞ୍ଜାବୀ ଯୁବକ ବିଶ୍ୱର ସବୁଠୁ ଶକ୍ତିଶାଳୀ ଦେଶକୁ ଏକ ନୂଆ ଦିଶା ପ୍ରଦାନ କରନ୍ତି, ତେବେ ତାହା ହେବା ସବୁଠୁ ବଡ଼ ସଫଳତା।

Email:aakar.patel@gmail.com

# ନୈତିକ ଶିକ୍ଷାର ମହାପ୍ରୟାଣ



ହରିଶଙ୍କର ମିଶ୍ର

ସମସ୍ତ ଦାନ ମଧ୍ୟରେ ଶିକ୍ଷାଦାନର ସ୍ଥାନ ଅତି ଉଚ୍ଚରେ। ସେଥିପାଇଁ ପ୍ରତ୍ୟେକ ଦାନ ସହ ଦକ୍ଷିଣା ଦିଆଯାଉଥିବା ବେଳେ ଶିକ୍ଷାଦାତାଙ୍କୁ ଦକ୍ଷିଣା ଦିଆଯାଇଥାଏ। ଏହାକୁ ଗୁରୁଦକ୍ଷିଣା କୁହାଯାଏ। ପ୍ରତ୍ୟେକ ଦାନରେ ଦାତା,ଗ୍ରହୀତା ରହିଥାନ୍ତି। କିନ୍ତୁ ବିଦ୍ୟାଦାନରେ ବିଦ୍ୟାଦାତା ଗୁରୁ ଓ ଗ୍ରହୀତା ଶିଷ୍ୟ ଭାବରେ ବିବେଚିତ ହୋଇଥାନ୍ତି। ଦାନରେ ଦାନ ଦ୍ରବ୍ୟ ଦୃଶ୍ୟମାନ ହୋଇଥାଏ। କିନ୍ତୁ ବିଦ୍ୟାଦାନ ଅଦୃଶ୍ୟ ଯୋଗୁ ତାହା ଗ୍ରହଣ ପରିବର୍ତ୍ତେ ଆହରଣ କରାଯାଏ। ବିନା ଗୁରୁରେ କୌଣସି ବିଦ୍ୟା ସଫଳ ହୋଇ ନ ଥାଏ। ଆମ ପରମ୍ପରାରେ ଗୁରୁଙ୍କୁ ଏକାଧାରରେ ବ୍ରହ୍ମା ବିଷ୍ଣୁ ମହେଶ୍ୱରଙ୍କ ସହ ତୁଳନା କରାଯାଇଥାଏ । ଗୁରୁଙ୍କଠାରୁ ଆହରଣ ବିଦ୍ୟା ସାରା ଜୀବନ ପାଇଁ ପଥ ପ୍ରଦର୍ଶକ ହୋଇଥାଏ। ତେଣୁ ଶଯ୍ୟାତ୍ୟାଗ ପରେ ଏବଂ କୌଣସି ଧାର୍ମିକ ବା କାମ୍ୟ କର୍ମ ଆରମ୍ଭରେ ପ୍ରଥମେ ଗୁରୁ ସ୍ମରଣ ବିଧି ରହିଛି । ଆବହମାନ କାଳରୁ ଏଇ ଗୁରୁ -ଶିଷ୍ୟ ପରମ୍ପରା ଆମର ଅନନ୍ୟ ସଂସ୍କୃତି ଥିଲା। ଶ୍ରୀକୃଷ୍ଣ ଗୁରୁ ସନ୍ଦିପନୀଙ୍କ ଆଶ୍ରମରେ ଶିକ୍ଷା ଲାଭ କରିବା ବା ମହାଭାରତରେ କୌରବ ପାଣ୍ଡବମାନେ ଆଚାର୍ଯ୍ୟ ଦ୍ରୋଣଙ୍କ ପାଖରେ ରହି ଯୁଦ୍ଧବିଦ୍ୟା ଶିକ୍ଷା ଲାଭ କରୁଥିବା ଆଦି ଅନେକ ଗୁରୁକୁଳର ଏଇ ଗୁରୁ -ଶିଷ୍ୟ ପରମ୍ପରା ଆବହମାନ କାଳରୁ ଏତେ ପ୍ରଭାବଶାଳୀ ଥିଲା ଯେ ସେହି ପ୍ରାତଃ ସ୍ମରଣୀୟ ଗୁରୁମାନେ ଆରୁଣୀ, ଉପମନ୍ୟୁ, ଅର୍ଜ୍ଜୁନଙ୍କ ପରି ଶିଷ୍ୟ ସୃଷ୍ଟି କରିପାରିଥିଲେ। ଗୁରୁଙ୍କ ଅଗୋଚରରେ ଶିକ୍ଷାଦାନ ଅନୁସରଣକରି ଧନୁର୍ବିଦ୍ୟା ଶିକ୍ଷାରେ ଯଥେଷ୍ଟ ଦକ୍ଷତା ଲାଭ କରିଥିବା ଏକଲବ୍ୟ ନିଜର ଦକ୍ଷିଣ ହସ୍ତର ବୃଦ୍ଧାଙ୍ଗୁଳିକୁ ଗୁରୁଙ୍କ ଇଚ୍ଛାରେ ଦକ୍ଷିଣା ଭାବରେ ଦେବାକୁ କୁଣ୍ଠିତ ହୋଇ ନ ଥିଲେ। ପ୍ରତ୍ୟେକ ବିଦ୍ୟାରେ ଯଥେଷ୍ଟ ପାରଦର୍ଶିତା ଲାଭ କରିଥିବା ଗୁରୁ କେବଳ ଭାରତରେ ହିଁ ଥିଲେ।

ପୁରାଣଠାରୁ ଆରମ୍ଭକରି ରାଜତନ୍ତ୍ରରେ କୁଳଗୁରୁଙ୍କ ପରାମର୍ଶ ସର୍ବମାନ୍ୟ ହେଉଥିବାରୁ ସେମାନଙ୍କର ସ୍ୱତନ୍ତ୍ର ସମ୍ମାନ ରହୁଥିଲା। ସେମାନଙ୍କର ଅର୍ଥ ଲାଳସା ନ ଥିଲା। ଗୁରୁକୁଳ ଲୋପ ପରେ ଚାଟଶାଳୀ ଖୋଲିଲା। ସେଥିରେ ଶିକ୍ଷାଦାତା ଅବଧାନ ଏବଂ ଗ୍ରହୀତା ଚାଟ ହୋଇଥିଲେ ବି ଗୁରୁଦକ୍ଷିଣା ଅତୁଟ ରହିଥିଲା। ସବୁବେଳେ ଗୁରୁ ଶିଷ୍ୟ ପରମ୍ପରା ପିତାପୁତ୍ର ସମ୍ପର୍କଠାରୁ ଅଧିକ ନିବିଡ଼ ରହୁଥିଲା। ଯେବେଠାରୁ ଗୁରୁ ଶିଷ୍ୟ ପରମ୍ପରା ଶିକ୍ଷକ ଓ ଛାତ୍ରୀଛାତ୍ରରେ ରୂପାନ୍ତରିତ ହୋଇଗଲା ସେବେଠାରୁ ଗୁରୁଦକ୍ଷିଣା ବ୍ୟବସ୍ଥାରେ ପୂର୍ଣ୍ଣଚ୍ଛେଦ ପଡ଼ିଗଲା। ଗୁରୁଦକ୍ଷିଣା ସରକାରୀ ଦରମାକୁ ପରିବର୍ତ୍ତନ ହୋଇଗଲା। ଆମର ପୂର୍ବରୁ ଯେଉଁ ଶିକ୍ଷା ଦିଆଯାଉଥିଲା ତାହା ନୈତିକତା ଓ ସାମାଜିକ ସଂହତିର ବାର୍ତ୍ତା ଦେଉଥିଲା। କିନ୍ତୁ ପରିବର୍ତ୍ତିତ ଶିକ୍ଷା ବ୍ୟବସ୍ଥା କେବଳ ସରକାରୀ ଚାକିରି ପାଇଁ ଉଦ୍ଦିଷ୍ଟ ହୋଇଗଲା । ତଥାପି ୭୦ ଦଶକ ଶେଷ ପର୍ଯ୍ୟନ୍ତ ଶିକ୍ଷକଙ୍କ ସମ୍ମାନ ଯଥେଷ୍ଟ ରହିଥିଲା। ସେ ପର୍ଯ୍ୟନ୍ତ ସମସ୍ତ ଶିକ୍ଷକ ବିନା ଶୁଳ୍କରେ ଛାତ୍ରୀ ଛାତ୍ରଙ୍କୁ ଯେକୌଣସି ସମୟରେ ପାଠ୍ୟକ୍ରମରେ ସନ୍ଦେହମୋଚନ କରୁଥିବାବେଳେ ଟିଉଶନକୁ ଘୃଣ୍ୟ ଓ ଅଧର୍ମ କର୍ମ ବିଚେନା କରୁଥିଲେ। କିନ୍ତୁ ୮୦ ଦଶକ ଆରମ୍ଭରୁ କେତେଜଣ ଅର୍ଥଲୋଭୀ ଶିକ୍ଷକ ଟିଉଶନକୁ ଅତିରିକ୍ତ ରୋଜଗାରର ମାଧ୍ୟମ କରିଦେଲେ। ପ୍ରଥମେ ଏହା ହାଇସ୍କୁଲରେ ସୀମିତ ଥିବାବେଳେ କ୍ରମେ କ୍ରମେ କଲେଜକୁ ବ୍ୟାପିଲା। ଯେଉଁ ଶିକ୍ଷକ ବା ଅଧ୍ୟାପକ ଟିଉଶନରେ ବ୍ୟସ୍ତ ରହିଲେ ସେମାନେ ଶ୍ରେଣୀ ପାଠପଢ଼ାରେ ଅବହେଳା ସହ ତାଙ୍କ ପାଖରେ ଟିଉଶନ ହେଉଥିବା ପିଲାମାନଙ୍କ ପ୍ରତି ଅଧିକ ଧ୍ୟାନଦେଲେ। କିନ୍ତୁ ଆର୍ଥିକ ଦୁର୍ବଳ ଛାତ୍ରୀଛାତ୍ରମାନେ ସେଥିରୁ ବଞ୍ଚିତ ହେଉଥିଲେ। ଶିକ୍ଷାକୁ ଦାନ ପରିବର୍ତ୍ତେ ଟଙ୍କାରେ ମୂଲ୍ୟାୟନ ହେଲା। ତଥାପି କେତେଜଣ ଶିକ୍ଷକ ଓ ଅଧ୍ୟାପକ ନିଶ୍ଚିତ ନୀତିନିଷ୍ଠ ଥିଲେ। ସେମାନଙ୍କଠାରୁ ଜ୍ଞାନ ଆହରଣ କରିଥିବା ଛାତ୍ରୀ ଛାତ୍ର ମଧ୍ୟ ବିପଥଗାମୀ ବା ସରକାରୀ ଚାକିରିରେ ଦୁର୍ନୀତିଗ୍ରସ୍ତ ହେଉ ନ ଥିଲେ। ପୂର୍ବରୁ ଥିବା ଶିକ୍ଷା ବ୍ୟବସ୍ଥା ପାଠ୍ୟକ୍ରମର ପରିବର୍ତ୍ତନ ଯୋଗୁ ନୈତିକ ଶିକ୍ଷା ଅବକ୍ଷୟ ମୁଖୀ ହୋଇଗଲା। ବିଗତ ଶତାବ୍ଦୀର ଶେଷ ଏଂ ଚଳିତ ଶତାବ୍ଦୀର ଆରମ୍ଭରୁ ଶିକ୍ଷାରେ ନୂଆ ଅଧ୍ୟାୟ ଆରମ୍ଭ ହେଲା। ଛତୁ ଫୁଟିବା ଭଳି ସ୍କୁଲ କଲେଜ ଖୋଲିବା ସହ ନିଯୁକ୍ତ ହୋଇଥିବା ଶିକ୍ଷକ ବା ଅଧ୍ୟାପକମାନଙ୍କର ଶୈକ୍ଷିକ ଦକ୍ଷତା ପରିବର୍ତ୍ତେ ଆନୁଗତ୍ୟକୁ ଯୋଗ୍ୟତାର ମାପକାଠି କରାଗଲା। କେତେକ କଲେଜରେ ନିଶ୍ଚିତ ପାସ୍‌ର ଅଲିଖିତ ପ୍ରତିଶ୍ରୁତି ଦିଆଯାଇଥିବାରୁ ଅସତ୍ ଉପାୟରେ ଛାତ୍ରୀଛାତ୍ରଙ୍କୁ ପରୀକ୍ଷା ବୈତରଣୀ ପାର କରାଗଲା। ସରକାରୀ ବା ଅନୁଦାନପ୍ରାପ୍ତ ସ୍କୁଲ କଲେଜରେ ଦକ୍ଷତା ନ ଥିବା ଶିକ୍ଷକ ଓ ଅଧ୍ୟାପକ ରହିଥିବାରୁ ଚାକିରିରୁ ବଞ୍ଚିତ କେତେଜଣ ଶିକ୍ଷିତ ଯୁବକ ଟିଉଟୋରିଆଲ ଆରମ୍ଭ କରିଦେଲେ। ଦକ୍ଷତା ଥିବା କେତେଜଣ ଶିକ୍ଷକ ଓ ଅଧ୍ୟାପକ ଙ୍କ ମାଧ୍ୟମରେ



ଶିକ୍ଷାଦାନ ଯୋଗୁ ସେମାନଙ୍କ ରୋଜଗାର ବଢ଼ିବାରେ ସେଥିରେ ମଧ୍ୟ ପ୍ରତିଯୋଗିତା ଆରମ୍ଭ ହେଲା। ଉପାନ୍ତ ବା ଅଗମ୍ୟ କଲେଜ ପରୀକ୍ଷା କେନ୍ଦ୍ରରୁ ପ୍ରଶ୍ନପତ୍ର କୌଣସି ମତେ ଅଣାଯାଇ ଛାତ୍ରୀଛାତ୍ରଙ୍କୁ ଯୋଗାଇ ସେମାନଙ୍କ କୃତିତ୍ୱର ଶ୍ରେୟ ତାଙ୍କ ଟିଉଟୋରିଆଲର ଦକ୍ଷତା ବୋଲି ପ୍ରଚାର ମାଧ୍ୟମରେ ଛାତ୍ରୀଛାତ୍ରମାନଙ୍କୁ ଆକର୍ଷିତ କରାଗଲା। କିଛି ବର୍ଷ ପୂର୍ବରୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ପ୍ରଶ୍ନପତ୍ର ପ୍ରଘଟର ମୂଳ ସେଇ ଟିଉଟୋରିଆଲର କରିତ୍‌କର୍ମା ପରିଚାଳକମାନେ ହିଁ ଥିଲେ। କିନ୍ତୁ କେବେଠାରୁ ତାହା ଚାଲିଥିଲା ତା'ର କୌଣସି ତଦନ୍ତ ବା ସମ୍ପୃକ୍ତ ବ୍ୟକ୍ତିଙ୍କ ଚିହ୍ନଟ ପରିବର୍ତ୍ତେ ଘଟଣାକୁ ଚାପି ଦିଆଗଲା। ତା'ପରେ ନିଶ୍ଚିତ ପାସ୍ ଯୋଜନାର ଟିଉଟୋରିଆଲର ନୂତନ ସଂସ୍କରଣ ହୋଇଗଲା କୋଚିଂ ସେଣ୍ଟର ନାମରେ। ରାଜନୈତିକ ପୃଷ୍ଠପୋଷକତା ମାଧ୍ୟମରେ କେତେଜଣ କରିତ୍‌କର୍ମା ମାଲିକ 'ନିଶ୍ଚିତ ସରକାରୀ ଚାକିରି' ପ୍ରଚାର ମାଧ୍ୟମରେ ବ୍ୟବସାୟ ଆରମ୍ଭ କରିଦେଲେ। ସେମାନଙ୍କ ମାଧ୍ୟମରେ ପ୍ରଚୁର ଅର୍ଥ ବିନିମୟରେ କେତେଜଣ ବ୍ୟକ୍ତି ସରକାରୀ ଚାକିରି ପାଇଲେ। କୋଚିଂ ଗୌଣ ହୋଇଯିବା ସହ ଚାକିରି ଆଶାୟୀ ଓ ମେଧାବୀମାନେ ନିରାଶ ହେଲେ। ସେଥିପାଇଁ ୨୦୧୯ ମସିହାରୁ ରାଜ୍ୟରେ ନିଯୁକ୍ତି ପାଇଥିବା କର୍ମଚାରୀଙ୍କ ମଧ୍ୟରୁ କେଉଁମାନେ ସେଇ କୋଚିଂ ସେଣ୍ଟର ସହ ସମ୍ପୃକ୍ତ ଥିଲେ ସେମାନଙ୍କ ନିଯୁକ୍ତି ସମ୍ବନ୍ଧୀୟ ତଦନ୍ତ ଜରୁରୀ ମନେହୁଏ। ଲୋକସେବା ଭବନରେ ୨୦୧୯ ଏବଂ ୨୦୨୩ରେ ପ୍ରାୟ ୧୪୦୦ ଏଏସ୍‌ଓ ନିଯୁକ୍ତିରେ ମଧ୍ୟ ଦୁର୍ନୀତିର ଗନ୍ଧ ରାଜନୈତିକ ପୃଷ୍ଠପୋଷକତାରେ ହୋଇଥିବା ବିଧାନସଭାରେ ଆଲୋଚନା ହୋଇଥିଲା। ଏବେ ପୋଲିସ ଏସ୍‌ଆଇ ପରୀକ୍ଷା କେଲେଙ୍କାରୀ ସ୍ପଷ୍ଟକରୁଛି ଯେ ରାଜନୈତିକ ଛତ୍ରଛାୟାରେ ସେହି ଅସାଧୁ ବ୍ୟକ୍ତି ଅନେକ ମେଧାବୀ ଚାକିରି ଆଶାୟୀଙ୍କୁ ବଞ୍ଚିତ କରିଛନ୍ତି।

ସେମାନଙ୍କ କୋଚିଂ ସେଣ୍ଟର ମାଧ୍ୟମରେ ନିଯୁକ୍ତି ପାଇଥିବା କର୍ମଚାରୀମାନେ କେବେ ବି ସାଧୁ ଚରିତ୍ରର, କାର୍ଯ୍ୟଦକ୍ଷ ହେବେ ନାହିଁ। ସେଥିପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀର ଗୋଟିଏ ପଞ୍ଚାୟତରୁ ୨୦ରୁ ଅଧିକ ନିଯୁକ୍ତି ପାଇଥିବା ପୋଲିସ ଏସ୍‌ଆଇଙ୍କ ଦକ୍ଷତା ଓ ସାଧୁତା ସହ ତତ୍କାଳୀନ ସରକାରଙ୍କ ପ୍ରତି ଆଙ୍ଗୁଠି ଉଠୁଛି। ଦୁର୍ନୀତି ମାଧ୍ୟମରେ କର୍ମଚାରୀ ନିଯୁକ୍ତି ହେଲେ ସରକାରଙ୍କର ଶୂନ୍ୟ ସହନଶୀଳତା କେବଳ ଏକ ଧୂଆଁବାଣ ହୋଇଯିବ। ତେଣୁ ପ୍ରଥମେ ରାଜ୍ୟର ପ୍ରତ୍ୟେକ କୋଚିଂ ସେଣ୍ଟରର ଦକ୍ଷତା ଓ ସାଧୁତା କୁ ତଦନ୍ତ ପରିସରଭୁକ୍ତ କରାଯାଉ। ନିଯୁକ୍ତି ପ୍ରକ୍ରିୟା ମଧ୍ୟ ଏକ ଦକ୍ଷ ନିରପେକ୍ଷ ସଂସ୍ଥା ମାଧ୍ୟମରେ ଆରମ୍ଭ ହେଉ। ଶିକ୍ଷା ବିଭାଗରେ ସ୍ୱତନ୍ତ୍ର ଅଭିଯାନ ମାଧ୍ୟମରେ ଶିକ୍ଷାରେ ଦକ୍ଷତା ନ ଥିବା ବା ଶିକ୍ଷାରେ ସାମାନ୍ୟ ଅବହେଳା କରୁଥିବା ପ୍ରତ୍ୟେକଙ୍କୁ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ବହିଷ୍କାର କରାଯାଉ। ତା'ହେଲେ ଶିକ୍ଷାରେ ନୈତିକତା ଆସିପାରିବ। ଶିକ୍ଷା ରେ ନୈତିକତା ଆସିଲେ ସମାଜ ସୁଧୁରିଯିବ।

ଗୁଣ୍ଡିଚାବିହାର, ପୁରୀ, ମୋ:୭୯୭୮୭୮୫୪୭୮

# 'ବର୍ନିଂ ଆର୍ଥ'ର ରୂପକାର

## ବ୍ୟକ୍ତିତ୍ୱ



ସୁନୀଲ ଅମ୍ରିତ

ଭାରତୀୟ ବଂଶୋଦ୍ଭବ ଇତିହାସକାର ସୁନୀଲ ଅମ୍ରିତଙ୍କୁ ୨୦୨୫ ବ୍ରିଟିଶ ଏକାଡେମୀ ବୁକ୍ ପ୍ରାଇଜ୍‌ର ବିଜେତା ଘୋଷଣା କରାଯାଇଛି। ତାଙ୍କ ପୁସ୍ତକ 'ଦ ବର୍ନିଂ ଆର୍ଥ: ଆନ୍ ଏନ୍‌ଭାଇରନ୍‌ମେଣ୍ଟାଲ ହିଷ୍ଟ୍ରି ଅଫ୍ ଦ ଲାଷ୍ଟ ଫାଇଭ୍ ହଣ୍ଡ୍ରେଡ୍ ଇୟର୍ସ'ରେ ମାନବ ଉଚ୍ଚାକାଂକ୍ଷା କିପରି ଗ୍ରହକୁ ରୂପାନ୍ତରିତ କରିଛି ଓ ଗ୍ରହ କିପରି ମାନବ ଇତିହାସକୁ ଗଢ଼ିଛି ତାହାର ଏକ ବିସ୍ତୃତ ବର୍ଣ୍ଣନା କରାଯାଇଛି। ବିଚାରକମାନେ ଏହାକୁ ଭବ୍ୟ ଓ ସୁନ୍ଦର ବ୍ୟାଖ୍ୟାନର ଏକ ପ୍ରାମାଣିକ ଦସ୍ତାବିଜ ବୋଲି ଅଭିହିତ କରିଛନ୍ତି। ବ୍ରିଟିଶ ଏକାଡେମୀ ବୁକ୍ ପ୍ରାଇଜ୍‌ର ଅଧ୍ୟକ୍ଷା ରେବେକା ଇୟର୍ଲେ ପୁସ୍ତକ ସମ୍ପର୍କରେ କହିଛନ୍ତି, ଏବର ଜଳବାୟୁ ପରିବର୍ତ୍ତନଜନିତ ସଙ୍କଟର ମୂଳ ବୁଝିବାକୁ ଚାହୁଁଥିବା ଯେକୌଣସି ବ୍ୟକ୍ତିଙ୍କ ପାଇଁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମନେହେଉଛି।

୨୦୧୩ ମସିହାରୁ ବାର୍ଷିକ ପ୍ରଦାନ କରାଯାଉଥିବା ବ୍ରିଟିଶ ଏକାଡେମୀର ଅଣ-କାଳ୍ପନିକ(ନନ୍-ଫିକ୍ସନ) ପୁସ୍ତକ ପୁରସ୍କାରର ସୁନୀଲ ହେଉଛନ୍ତି ୧୩ତମ ବିଜେତା। ଏହା ଏପରି କାର୍ଯ୍ୟକୁ ସ୍ୱୀକୃତି ଦିଏ ଯାହା ସତ୍ୟ ଓ ଯୁକ୍ତିମୂଳକ ଘଟଣା ଉପରେ ଆଧାରିତ ହୋଇଥାଏ। ତାଙ୍କ ପୁସ୍ତକ ମହାଦେଶ ଓ ଶତାବ୍ଦୀକୁ ଅତିକ୍ରମ କରିବାର ତଥ୍ୟ ଗୁଛିରଖିଛି। ପେରୁର ପର୍ତ୍ତୁଗୀଜ ରୁପା ଖଣିରୁ ଦକ୍ଷିଣ ଆଫ୍ରିକାର ବ୍ରିଟିଶ ସୁନା କ୍ଷେତ୍ର, ଔପନିବେଶିକ ରେଳପଥରୁ କେନ୍ଦ୍ରୀୟ ଏସିଆର ତୈଳ ପାଇପ୍‌ଲାଇନ ପର୍ଯ୍ୟନ୍ତ ବିଷୟ ପୁସ୍ତକରେ ଏଭଳି ଦର୍ଶାଯାଇଛି ଯେ କିପରି ଉତ୍ତୋଳନ ଓ ସାମ୍ରାଜ୍ୟ ଆଧୁନିକ ବିଶ୍ୱକୁ ଗଢ଼ିଛି ତାହା ସୁସ୍ପଷ୍ଟ ହୋଇଛି। ତାଙ୍କ ଲେଖାରେ ସେ ମାନବ ଇତିହାସକୁ ପୃଥିବୀର ଇତିହାସରୁ ଅଲଗା କରାଯାଇପାରେ ନାହିଁ ବୋଲି ବର୍ଣ୍ଣନା କରିଛନ୍ତି। ସେ କହନ୍ତି ପରିବେଶଗତ ରୂପାନ୍ତର ସବୁବେଳେ ରାଜନୈତିକ, ଶକ୍ତି, ଲାଭ, ଅସମାନତା ଦ୍ୱାରା ଚାଳିତ, ଯାହା ଆମ ସମାଜକୁ ବ୍ୟାଖ୍ୟା କରେ। ପ୍ରଗତିର ଅନୁସରଣ କିପରି ମଣିଷ ଓ ଗ୍ରହ ଉଭୟକୁ ପୁନର୍ଗଠନ କରିଛି ତାହା ସେ ପ୍ରକାଶ କରିଛନ୍ତି। ଏଭଳି ଏକ ଗବେଷଣାତ୍ମକ ପୁସ୍ତକ ରଚନା କରି ସେ ବ୍ରିଟିଶ ଏକାଡେମୀ ବୁକ୍ ପ୍ରାଇଜ୍ ପାଇବାକୁ ଯାଉଥିବାରୁ ତାଙ୍କ ବ୍ୟକ୍ତିତ୍ୱ ଚର୍ଚ୍ଚାକୁ ଆସିଛି।

ସୁନୀଲ ୪ ସେପ୍ଟେମ୍ବର ୧୯୭୯ରେ କେନିଆର ନାଇରୋବିଠାରେ ଭାରତୀୟ ମାତାପିତାଙ୍କଠାରୁ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ଜଣେ ବ୍ୟାଙ୍କର ଥିବା ବେଳେ ମାତା ଚକ୍ଷୁ ବିଶେଷଜ୍ଞ। ୧୯୮୦ରେ ମାତାପିତା ସିଙ୍ଗାପୁର ପଳାଇଯିବା ପରେ ସେ ସେଠାରେ ବଢ଼ିଥିଲେ। ୨୦୦୦ ମସିହାରେ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରୁ ବି.ଏ. ଏବଂ ୨୦୦୫ରେ ସେହି ଶିକ୍ଷାନୁଷ୍ଠାନରୁ ପିଏଚ୍.ଡି. ଡିଗ୍ରୀ ଅର୍ଜନ କରିଥିଲେ। ତାଙ୍କ ଗବେଷଣାତ୍ମକ ସନ୍ଦର୍ଭକୁ ଇଂଲିଶ୍ ଅର୍ଥନୈତିକ ଐତିହାସିକ ଏମା ରୋଥ୍‌ସଚାଇଲ୍‌ଡ ମୂଲ୍ୟାୟନ କରି ଉଚ୍ଚପ୍ରଶଂସା କରିଥିଲେ। ସୁନୀଲ ୨୦୦୬ରୁ ୨୦୧୫ ଯାଏ ୟୁନିଭର୍ସିଟି ଅଫ୍ ଲଣ୍ଡନ ଅଧୀନ ବିର୍‌କବେକ୍‌ଠାରେ ମଡର୍ନ ଏସିଆନ୍ ହିଷ୍ଟ୍ରି ପଢ଼ାଇଥିଲେ। ୨୦୧୫ରେ ସେ ଆମେରିକା ଯାଇ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରେ ସାଉଥ୍ ଏସିଆନ୍ ହିଷ୍ଟ୍ରିର ପ୍ରଫେସର ହୋଇଥିଲେ। ତାଙ୍କ ଶିକ୍ଷାଦାନ ପରିସର ବିଶ୍ୱସ୍ତର ଛୁଇଁବାରେ ଲାଗିଲା ଯେବେ ସେ ପର୍ଯ୍ୟାୟକ୍ରମେ ୨୦୨୦ରୁ ୨୦୨୫ ଯାଏ ୟେଲ୍'ର ହ୍ୱିଇଟ୍‌ନି ଆଣ୍ଡ ବେଟି ମ୍ୟାକ୍‌ମିଲାନ ସେଣ୍ଟର ଫର୍ ଇଣ୍ଟରନ୍ୟାଶନାଲ ଆଣ୍ଡ ଏରିଆ ଷ୍ଟଡିଜ୍‌ର ହେନ୍‌ରି ଆର୍. ଲୁସେ'ର ନିର୍ଦ୍ଦେଶକ ହୋଇପାରିଲେ। ସେ ବର୍ତ୍ତମାନ ୟେଲ ବିଶ୍ୱବିଦ୍ୟାଳୟରେ ରେନୁ ଆଣ୍ଡ ଆନନ୍ଦ ଧାୱନ ପ୍ରଫେସରଶିପ୍ ଅଫ୍ ହିଷ୍ଟ୍ରୀ ପଦବୀଧାରୀ ହୋଇଥିବା ବେଳେ ସ୍କୁଲ୍ ଅଫ୍ ଏନ୍‌ଭାଇରନ୍‌ମେଣ୍ଟରେ ଶିକ୍ଷାଦାନ କରୁଛନ୍ତି।

'ଦ ବର୍ନିଂ ଆର୍ଥ' ପୂର୍ବରୁ ସେ 'କ୍ରସିଂ ଦ ବେ ଅଫ୍ ବେଙ୍ଗଲ' ଓ 'ଅନରୁଲି ୱାଟର୍ସ' ପାଇଁ ପ୍ରସିଦ୍ଧି ଅର୍ଜନ କରିଥିଲେ। ତାଙ୍କ ଲେଖାରେ ଦେଶାନ୍ତରଣ, ସାମ୍ରାଜ୍ୟ ଓ ମୌସୁମୀ ବର୍ଷାର ଗଭୀର ଅଧ୍ୟୟନ ଥିବା ଲକ୍ଷ୍ୟ କରାଯାଇଥାଏ। ଗୋଟେ ନୂଆ ବିଷୟକୁ ଲୋକଲୋଚନକୁ ଆଣିବା ପାଇଁ ସେ କରିଥିବା ଅନ୍ୱେଷଣ ହିଁ ତାଙ୍କୁ ସ୍ୱତନ୍ତ୍ର ଲେଖକ ସ୍ତରକୁ ଉନ୍ନୀତ କରିପାରିଛି। ସେଥିପାଇଁ ସେ ମାକାର୍ଥର ଜିନିୟସ ଫେଲୋଶିପ, ୨୦୨୪ ଫୁକୁଓକା ଏକାଡେମିକ ପ୍ରାଇଜ୍ ଏବଂ ୨୦୨୫ ଟୋୟନବି ପ୍ରାଇଜ୍ ଭଳି ଉଚ୍ଚ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ବର୍ତ୍ତମାନ ବିଶ୍ୱ ଜଳବାୟୁ ପରିବର୍ତ୍ତନଜନିତ ସଙ୍କଟ ଦେଇ ଆଉଟୁପାଉଟୁ ହେଉଥିବା ବେଳେ ସେ କହିନ୍ତି, ଏହି ସମସ୍ୟାଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ କୌଣସି ପ୍ରସଙ୍ଗ ହୁଏତ ନାହିଁ। ଐତିହାସିକ ଦୃଷ୍ଟିକୋଣରୁ ଦେଖିଲେ ଆମେ ଏହି ସ୍ଥାନରେ କିପରି ପହଞ୍ଚିଲୁ ତାହା ବୁଝିବାରେ ସାହାଯ୍ୟ କରିବ ଏବଂ ଆମେ ଯେଉଁ ଜଟିଳତାରେ ଛନ୍ଦି ହୋଇଛୁ ସେଥିରୁ କିପରି ମୁକ୍ତ ହୋଇପାରିବୁ ତାହାର ବିଶ୍ଳେଷଣ କରିବାର ସମୟ ଆସିଥିବା ପୁସ୍ତକ ମାଧ୍ୟମରେ ସେ କହିବାକୁ ଚାହିଁଛନ୍ତି। ସେ ପାଠକଙ୍କୁ ପରିବେଶଗତ ପରିବର୍ତ୍ତନ ଓ ମାନବ ସଂଘର୍ଷ ମଧ୍ୟରେ ସଂଯୋଗ ଦେଖିବାକୁ ଆହ୍ୱାନ ଦେଇଛନ୍ତି। ସେ ଯୁକ୍ତି କରନ୍ତି ଯେ ଯୁଦ୍ଧ କେବଳ ଭୂମି ପାଇଁ ନୁହେଁ, ବରଂ ଜଙ୍ଗଲ, ତୈଳ, ଜଳ ଓ ଶ୍ରମ ଭଳି ସମ୍ପଦ ନିମନ୍ତେ ମଧ୍ୟ ଲଢ଼ାଯାଏ। ଯୁଦ୍ଧ ଓ ହିଂସା ପରିବେଶଗତ ସଙ୍କଟର ମୂଳରେ ରହିଛି।

କୁହାଯାଇପାରେ, ୪୭ ବର୍ଷ ବୟସରେ ସୁନୀଲ ଏକ ପିଢ଼ିର ଇତିହାସକାରଙ୍କ ମଧ୍ୟରେ ଠିଆ ହୋଇଛନ୍ତି, ଯାହାଙ୍କର କାର୍ଯ୍ୟ ଅଭିଲେଖାଗାର (ଆର୍କାଇଭସ୍) ଓ ସକ୍ରିୟ ଅଭିଯାନ (ଆକ୍ଟିଭିଜମ୍) ମଧ୍ୟରେ ସେତୁ ସୃଷ୍ଟି କରେ। ତାଙ୍କୁ ସମ୍ମାନିତ କରି ବ୍ରିଟିଶ ଏକାଡେମୀ ବୁକ୍ ପ୍ରାଇଜ୍ ସ୍ୱୀକାର କରୁଛି ଯେ ଆମେ କେଉଁଠାକୁ ଯାଉଛୁ ତାହା ଜାଣିବା ପାଇଁ ପ୍ରଥମେ ଆମେ ଆମ ପାଦ ତଳେ ଥିବା ଭୂମି ସହିତ ମେଳ ଖାଇବା ଆବଶ୍ୟକ।

ସୁନୀଲଙ୍କ ବ୍ୟକ୍ତିଗତ ଜୀବନକୁ ସନ୍ଧାନ କଲେ ସହଧର୍ମିଣୀ ରୁଥ୍ କୋଫେ ଓ ଦୁଇ ସନ୍ତାନଙ୍କ ସହ କନେକ୍ଟିକଟ୍ ହାମେଡେନ୍‌କୁ ଯିବାକୁ ପଡ଼ିବ।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଜଳବାୟୁ ପରିବର୍ତ୍ତନର ପ୍ରଭାବ ଏବଂ ଅନୁକୂଳ ବାସସ୍ଥାନର ଅଭାବ ଯୋଗୁ ଅନେକ ପ୍ରାଣୀ ଏବେ ବିଲୁପ୍ତିର ଦ୍ୱାରଦେଶରେ। ଏମାନଙ୍କ ମଧ୍ୟରେ ରହିଛି କୃଷ୍ଣସାର ମୃଗ। ଏହିକ୍ରମରେ ଛତିଶଗଡ଼ର ବାଲଦାବଜାର ଜିଲା ଅନ୍ତର୍ଗତ ବରଓ୍ୱାଁପଡ଼ା ଅଭୟାରଣ୍ୟରୁ ୧୯୭୦ ଦଶକରେ ଏହି ପ୍ରଜାତିର ମୃଗ ଲୋପ ପାଇଯାଇଥିଲା। ବ୍ୟାପକ ଶିକାର ଓ ଅଭୟାରଣ୍ୟରେ ଜବରଦଖଲ ଏବଂ ସେମାନଙ୍କ ଚାରଣଭୂମିକୁ ନଷ୍ଟ କରିବା ଯୋଗୁ ଏହା ଘଟିଥିଲା। ତେବେ ଦୀର୍ଘ ୫୦ ବର୍ଷ ପରେ ପୁନର୍ବାର କୃଷ୍ଣସାର ମୃଗ ଅଭୟାରଣ୍ୟକୁ ଫେରିଛନ୍ତି। ଏହା ଛତିଶଗଡ଼ ଜଙ୍ଗଲ ବିଭାଗର ପଦକ୍ଷେପ ଯୋଗୁ ସମ୍ଭବ ହୋଇପାରିଛି। କୃଷ୍ଣସାର ମୃଗ ଅଭୟାରଣ୍ୟରେ ବଂଶବୃଦ୍ଧି କରି କେମିତି ସୁରକ୍ଷିତ ଭାବେ ରହିପାରିବେ ସେଥିପାଇଁ ୨୦୨୧ରୁ ୨୦୨୬ ପର୍ଯ୍ୟନ୍ତ ଏକ ଯୋଜନା କରାଯାଇଛି। ଏହି ଯୋଜନା ପୂରିବାକୁ ଆଉ ବର୍ଷେ ବାକି ରହିଥିବାବେଳେ ଯୋଜନାରେ ବଡ଼ ସଫଳତା ମିଳିଛି। ବାହାରୁ ୧୫୦ରୁ ଊର୍ଦ୍ଧ୍ୱ କୃଷ୍ଣସାର ମୃଗ ଅଣାଯାଇଥିଲା। ଏବେ ଏମାନଙ୍କ ବଂଶବୃଦ୍ଧି ଘଟି ୨୦୦ ପାଖାପାଖି ହୋଇଛି। ମୃଗଙ୍କ ବାସସ୍ଥାନର ସୁରକ୍ଷା, ଚାରଣଭୂମିର ପୁନରୁଦ୍ଧାର ଏବଂ ପରିବେଶଗତ ସମନ୍ୱୟ ପଦକ୍ଷେପ ଯୋଗୁ ଏଭଳି ସଫଳତା ମିଳିଛି।

## ୫୦ ବର୍ଷ ତଳର ଧରିତ୍ରୀ

୨୬ ଅକ୍ଟୋବର ୧୯୭୬

- ଯୁକ୍ତରାଷ୍ଟ୍ର ଆମେରିକା ଓ ଭିଏତ୍‌ନାମ ମଧ୍ୟରେ କୂଟନୈତିକ ସମ୍ପର୍କ ସ୍ଥାପନ ନିମନ୍ତେ ଆମେରିକା ଦେଇଥିବା ପ୍ରସ୍ତାବକୁ ଭିଏତ୍‌ନାମ ଗ୍ରହଣ କରିଛି।
- ରୋଡେସିଆର ସଂଖ୍ୟାଗରିଷ୍ଠ ଶାସନ ପ୍ରତିଷ୍ଠା ଲାଗି ଡକ୍ଟର କିସିଞ୍ଜରଙ୍କ ଯୋଜନାକୁ ଜିମ୍ବାୱେ ଆଫ୍ରିକାନ୍ ଜାତୀୟ ୟୁନିୟନର ନେତା ରବର୍ଟ ମୁଗାଙ୍କ ଅଗ୍ରାହ୍ୟ।
- ଡ. ବାରବାରା ଘୋଷ ଭାରତୀୟ ନୌବାହିନୀର ପ୍ରଥମ ମହିଳା କମାଣ୍ଡର ପଦବୀରେ ନିଯୁକ୍ତ।

## ଚିରନ୍ତନୀ

ତଥାପି ଏ ଦେହ ସମ ହେଲା ତାହା ପ୍ରିୟ ତ
ତଥାପି ଏ ପାପ ଆଖି ଖୋଜିବୁଲେ ନିୟତ
ଖୋଜିବୁଲେ ଦେଖିବାକୁ ପରିଚିତ ମୁଖଟି
ଦେଖିବାକୁ ସୁକୁମାର ସେ ରୂପରୁ କିୟତ ।
-(ପଥର ପ୍ରେମିକ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | | 7 | | | | |
| | | 8 | | | 4 | | 5 | 2 |
| | | | | | 3 | | 4 | |
| | | | | | | 4 | 1 | 9 |
| | | | | | | | | |
| | | 4 | 5 | 6 | | | 3 | |
| 4 | | 3 | | | | | 2 | |
| | 1 | 5 | 2 | | | | 8 | 4 |
| 8 | 7 | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 5 | 7 | 4 | 3 | 2 | 8 | 6 | 1 |
| 6 | 2 | 3 | 5 | 1 | 8 | 9 | 7 | 4 |
| 8 | 4 | 1 | 6 | 7 | 9 | 3 | 5 | 2 |
| 1 | 7 | 8 | 2 | 6 | 3 | 5 | 4 | 9 |
| 4 | 6 | 2 | 9 | 5 | 1 | 7 | 3 | 8 |
| 5 | 3 | 9 | 7 | 8 | 4 | 2 | 1 | 6 |
| 2 | 9 | 5 | 1 | 4 | 7 | 6 | 8 | 3 |
| 7 | 8 | 4 | 3 | 2 | 6 | 1 | 9 | 5 |
| 3 | 1 | 6 | 8 | 9 | 5 | 4 | 2 | 7 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଜୀବଙ୍କ ସୁରକ୍ଷା, ଜଗତ ରକ୍ଷା

ମହାଶୟ,

ବନ୍ୟପ୍ରାଣୀଙ୍କୁ ସୁରକ୍ଷା ଦେବା ପାଇଁ ୧୯୭୨ ମସିହାରେ ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ପ୍ରଣୟନ କରାଯାଇଛି। କିନ୍ତୁ ଅନେକ ସମୟରେ ଦେଖାଯାଏ, ପଶୁପକ୍ଷୀମାନଙ୍କୁ ନିର୍ମମ ଭାବେ ଶିକାର କରି ତାଙ୍କର ମୂଲ୍ୟବାନ ଦାନ୍ତ, ଚମଡ଼ା, ପର, ଶିଙ୍ଗକୁ ବିକ୍ରି କରାଯାଉଛି। ଜନସଂଖ୍ୟା ବୃଦ୍ଧି ପାଇଁ ମନୁଷ୍ୟ ଜଙ୍ଗଲ କାଟି ଘର, ରାସ୍ତା ଏବଂ ବଡ଼ ବଡ଼ କଳକାରଖାନା ତିଆରି କରୁଛି। ଅନେକ ସ୍ଥାନରେ ଦେଖାଯାଏ, ଗ୍ରୀଷ୍ମ ଦିନରେ ସାଧାରଣ ଲୋକ ଏବଂ ଶିକାରୀମାନେ ଜଙ୍ଗଲରେ ନିଆଁ ଲଗାଇ ଦେବା ଯୋଗୁଁ ବହୁ ନିରୀହ ପଶୁ ପକ୍ଷୀମାନଙ୍କର ଜୀବନ ଚାଲିଯାଉଛି। ନୂତନ ଜଙ୍ଗଲ ସୃଷ୍ଟି କରିବା ପାଇଁ ସରକାର ବିଭିନ୍ନ ସମାଜସେବୀ ଅନୁଷ୍ଠାନମାନଙ୍କୁ ସହାୟତା ରାଶି ଯୋଗାଇ ଦେଉଛନ୍ତି। ହାତୀଙ୍କ ସୁରକ୍ଷା ପାଇଁ 'ହାତୀ କରିଡର' କରାଯାଇଛି। ଆସାମ ପରି ରାଜ୍ୟରେ ହାତୀଙ୍କ ସୁରକ୍ଷା ପାଇଁ ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ମହୁଚାଷ କରାଯାଉଛି। ଫଳରେ ମହୁମାଛିଙ୍କ ଗୁଣୁଗୁଣୁ ଶବ୍ଦ ହାତୀ ପାଇଁ ବିରକ୍ତିକର ହୋଇଥିବାରୁ ସେ ଉକ୍ତ ସୀମାରେଖା ଅତିକ୍ରମ ନ କରି ପୁଣି ନିଜ ବାସସ୍ଥାନକୁ ଫେରିଯାଏ। ଏହି ପଦ୍ଧତି ସମସ୍ତ ରାଜ୍ୟ ଓ ଅଞ୍ଚଳ ଯେଉଁଠାରେ ହାତୀ ଉପଦ୍ରବ ବୃଦ୍ଧି ପାଇବାରେ ଲାଗିଛି, ସେଠାରେ ପ୍ରୟୋଗ ହେବା ଆବଶ୍ୟକ। ଫଳରେ ଗଜରାଜ ସୁରକ୍ଷା ପାଇବା ସହ ଲୋକଙ୍କ ଧନ ଜୀବନ ଓ ଖାଦ୍ୟ ସୁରକ୍ଷିତ ହୋଇପାରିବ। ଜୀବଙ୍କୁ ସୁରକ୍ଷିତ ରଖିଲେ ଜଗତ ରକ୍ଷା ହୋଇପାରିବ । ଆସନ୍ତୁ ବନ୍ୟପ୍ରାଣୀଙ୍କ ସଂଖ୍ୟା ବୃଦ୍ଧି ପାଇଁ ମିଳିତ ଉଦ୍ୟମ କରିବା

– ରାଜସ୍ମିତା ବାରିକ, ନୀଳଗିରି, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଅନ୍ତ୍ୟୋଦୟ ଯୋଜନା ହିତାଧିକାରୀ ଚୟନରେ ଅନିୟମିତତା

ଗୋପ,୨୫।୧୦(ଭାରତୀ ଭୂଷଣ ଉପାଧ୍ୟାୟ)

- ତାଲିକାରେ ସମିତି ସଭ୍ୟଙ୍କ ନାମ
- ଅଭିଯୋଗ ପରେ ନାଁ କାଟିବାକୁ ବ୍ଲକ ପକ୍ଷରୁ ଉଦ୍ୟମ
- ତଥ୍ୟ ଲୁଚାଉଛନ୍ତି ବ୍ଲକ କର୍ତ୍ତୃପକ୍ଷ

ସରକାର ଅତ୍ୟନ୍ତ ଗରିବ ଅସହାୟ ଓ ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମ, ଅସହାୟ ବ୍ୟକ୍ତିଙ୍କୁ ପକ୍କା ଘର ଦେବାକୁ ସ୍ୱତନ୍ତ୍ର ଭାବେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ସାମିଲ କରିବା ପାଇଁ ନିର୍ଦ୍ଦେଶ ରହିଛି। କିନ୍ତୁ ବାସ୍ତବ ଚିତ୍ର ଅଲଗା ହୋଇଥିବା ବେଳେ ଗୋପ ବ୍ଲକ ଅନ୍ତର୍ଗତ ନୂଆଖୋଲମରା ପଞ୍ଚାୟତର ସମିତି ସଭ୍ୟଙ୍କ ନାମରେ ଏହି ଯୋଜନା ଗୃହ ଯାଇଥିବା ଭଳି ଅଭିଯୋଗ ହୋଇଛି। କେବଳ ସେତିକିରେ ଅଟକି ଯାଇନି ଗୋପ ବ୍ଲକ। ବିଭିନ୍ନ ପଞ୍ଚାୟତରେ ଏହି ଯୋଜନାରେ ହିତାଧିକାରୀ ଚୟନରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଥିବା ଜଣାପଡ଼ିଛି। ଏଭଳି ସମ୍ବେଦନଶୀଳ ଘଟଣା ସମ୍ପର୍କରେ ବିଡିଓ କିପରି ଜାଣିପାରିଲେନି ଓ ସମ୍ପୃକ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବେନିୟମ ଭାବେ ସମିତି ସଭ୍ୟଙ୍କୁ ଯୋଜନାରେ ସାମିଲ୍ ପାଇଁ ଅନୁମୋଦନ କଲେ ତାହା ତଦନ୍ତ ସାପେକ୍ଷ ହୋଇପଡ଼ିଛି।

ଗୋପ ବ୍ଲକ ଅଧିନ ନୂଆଖୋଲମରା ପଞ୍ଚାୟତର ସମିତିସଭ୍ୟ ବିଜୟ ଗୁରୁ ଚଞ୍ଚକତା କରି କିଛି ସରକାରୀ କର୍ମଚାରୀଙ୍କୁ ହାତ କରି ନିଜ ନାମରେ ଅନ୍ତ୍ୟୋଦୟ ଗୃହ ଯୋଜନା କାର୍ଯ୍ୟାଦେଶ ହାତେଇ ଥିବାବେଳେ ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଛି। ପୂର୍ବରୁ ଗୁରୁ ୨୦୧୫-୧୬ ଆର୍ଥିକ ବର୍ଷରେ ତାଙ୍କ ପତ୍ନୀ ବନିତା ଗୁରୁଙ୍କ ନାମରେ ବିଜୁ ପକ୍କା ଘର ଯୋଜନାରେ ୭୦ ହଜାର ଟଙ୍କା ଅନୁଦାନ ପାଇଥିବା ଉକ୍ତ ପଞ୍ଚାୟତର ଦିଲୀପ କୁମାର ପ୍ରଧାନ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ତୃଣମୂଳସ୍ତରରେ ହିତାଧିକାରୀ ଚୟନ ଲାଗି ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚ ଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି ଯୋଜନାରେ ସାମିଲ ଲାଗି ସ୍ୱତନ୍ତ୍ର ଭାବେ ମାର୍ଗଦର୍ଶିକା ଜାରି କରାଯାଇଥିଲେ ମଧ୍ୟ ସବୁ ସରକାରୀ ନିୟମକୁ ଉଲ୍ଲଂଘନ କରି କିପରି ଜଣେ ଜନ ପ୍ରତିନିଧିଙ୍କୁ ଯୋଜନାରେ ସାମିଲ କରାଯାଇଛି ତାହାର ଭିଜିଲାନ୍ସ ତଦନ୍ତର ଆବଶ୍ୟକତା ରହିଥିବା ସାଧାରଣରେ ଅଭିଯୋଗ ହୋଇଛି। ଅପରପକ୍ଷେ ଅନ୍ୟ କେତେକ ପଞ୍ଚାୟତରେ ମଧ୍ୟ ବ୍ୟାପକ ଅର୍ଥ କାରବାର କରାଯାଇ ଅଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରାଯାଇଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ବିଡିଓ ଛବିରାଣୀ ସାହୁଙ୍କୁ ଫୋନ୍ ମାଧ୍ୟମରେ ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ।

# ୱାକାଥନ୍ ମାଧ୍ୟମରେ ସାଇବର ସଚେତନତା

ପୁରୀ,୨୫।୧୦(ଅଜିତ୍ କୁମାର ମହାନ୍ତି)

ପୁରୀ ପୋଲିସ ପକ୍ଷରୁ ସାଇବର ସଚେତନତା ଅଭିଯାନର ଅଂଶ ଭାବେ ଗୋଟିଏ ବିଶେଷ 'ୱାକାଥନ' କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ୱାକାଥନ ଗୁଣ୍ଡିଚାମନ୍ଦିରଠାରୁ ଆରମ୍ଭ ହୋଇ ଟାଉନ୍ ଥାନା ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ପୁରୀ ବିଧାୟକ ସୁନୀଲ ମହାନ୍ତି, ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂ, ଅତିରିକ୍ତ ଏସ୍‌ପି ସୁଶୀଲ କୁମାର ମିଶ୍ର, ଅତିରିକ୍ତ ଏସ୍‌ପି ସଚିନ ପଟେଲ, ଅତିରିକ୍ତ ଏସ୍‌ପି ସୌମ୍ୟରଞ୍ଜନ ମଲ୍ଲିକ, ଡିଏସ୍‌ପି ସଦର ରବିନାରାୟଣ ଭଞ୍ଜ, କୁମ୍ଭାରପଡ଼ା ଥାନାଧିକାରୀ ସୁଶାନ୍ତ କୁମାର ସାହୁ, ଟାଉନ୍ ଥାନା ଅଧିକାରୀ ଗୋକୁଳ ରଞ୍ଜନ ଦାସ, ସାଇବର ଥାନାଧିକାରୀ ସଂଘମିତ୍ରା ନାୟକ, ଆର୍‌ଆଇ ଚିତ୍ତରଞ୍ଜନ ମହାନ୍ତି ଏବଂ ଇନ୍ସପେକ୍ଟର ବାସୁଦେବ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ୱାକାଥନ୍‌ରେ ୫୦୦ରୁ ଅଧିକ ଲୋକ ଅଂଶଗ୍ରହଣ କରିଥିଲେ। ବହୁସଂଖ୍ୟକ ଛାତ୍ରୀଛାତ୍ର, ଖବରଦାତା, ସେବାୟତ, ସ୍ଥାନୀୟ ଲୋକ ଓ ଜଗନ୍ନାଥ ମନ୍ଦିରକୁ ଆସିଥିବା ଭକ୍ତମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସାଇବର ଠକେଇ ସମ୍ପର୍କରେ ସଚେତନ ହୋଇଥିଲେ। ପୁରୀ ପୋଲିସ ଏହି ୱାକାଥନ୍ ମାଧ୍ୟମରେ ଭକ୍ତ ଓ ପର୍ଯ୍ୟଟକଙ୍କ ମଧ୍ୟରେ ସାଇବର ଅପରାଧ ସମ୍ପର୍କିତ ଜାଣିବା ବିଷୟ ଉପସ୍ଥାପିତ ହୋଇଥିଲା। ଲୋକମାନେ 'ସାଇବର ସଚେତନ ହୁଅନ୍ତୁ, ଠକାମିର ଶିକାରରୁ ବଞ୍ଚନ୍ତୁ' ସ୍ଲୋଗାନ ଦେଇ ବଡ଼ଦାଣ୍ଡରେ ପଦଯାତ୍ରା କରିଥିଲେ। ଏସ୍‌ପି ସିଂ କହିଛନ୍ତି, ଆଜିର ଏହି ୱାକାଥନ୍‌ର ଉଦ୍ଦେଶ୍ୟ ହେଉଛି ପୁରୀକୁ ଆସୁଥିବା ପର୍ଯ୍ୟଟକ ଓ ସ୍ଥାନୀୟ ଜନସାଧାରଣଙ୍କୁ ସାଇବର ଠକିବା ବିଷୟରେ ସଚେତନ କରିବା। ସଚେତନତା ହିଁ ସାଇବର ଠକିବା ବିରୋଧରେ ସବୁଠାରୁ ଶକ୍ତିଶାଳୀ ଅସ୍ତ୍ର। ପୁରୀ ପୋଲିସ ସର୍ବଦା ଜନସାଧାରଣଙ୍କ ସହ ଥିଲା ଓ ରହିବ, ଯେଉଁଠି ଡିଜିଟାଲ ଦୁନିଆରେ ନିଜ ସୁରକ୍ଷା ପାଇଁ ଲୋକମାନେ ଅଧିକ ସଚେତନ ହେବା ଆବଶ୍ୟକ। ଅଜଣା ଫୋନ କଲ୍, ଲିଙ୍କ କିମ୍ବା ମେସେଜରେ ବିଶ୍ୱାସ କରନ୍ତୁ ନାହିଁ। ଓଟିପି, ବ୍ୟାଙ୍କ ତଥ୍ୟ କାହାକୁ ମଧ୍ୟ ଦିଅନ୍ତୁ ନାହିଁ। ଅନ୍‌ଲାଇନ୍ ଠକାମିର ଶିକାର ହେଲେ ସାଇବର ହେଲ୍ପଲାଇନ୍ ନଂ.୧୯୩୦/୮୨୮୦୪୯୧୩୦୦ରେ ଯୋଗାଯୋଗ କରନ୍ତୁ। ସୋସିଆଲ ମିଡିଆରେ ନକଲି ଆକାଉଣ୍ଟ କିମ୍ବା ସନ୍ଦିଗ୍ଧ ପୋଷ୍ଟ ଦେଖିଲେ ତୁରନ୍ତ ନିକଟସ୍ଥ ଥାନାରେ ରିପୋର୍ଟ କରନ୍ତୁ। 'ସଚେତନତା ହିଁ ସୁରକ୍ଷା' ଏହି ମନ୍ତ୍ରକୁ ଅନୁସରଣ କରିବାକୁ ଅନୁରୋଧ କରାଯାଇଛି।

# ରାସ୍ତାରେ ମିଶିଲା ଉଚ୍ଛେଦ ହୋଇଥିବା ବେଆଇନ ନିର୍ମାଣ

- ପୁନଃ ରାସ୍ତା ଅବରୋଧ କଲେ କାର୍ଯ୍ୟାନୁଷ୍ଠାନ
- କାର୍ଯ୍ୟ ସମ୍ପୂର୍ଣ୍ଣ ସରିବା ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଚାଲିବ: ତହସିଲଦାର

ସାକ୍ଷୀଗୋପାଳ,୨୫।୧୦
(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)



ସ୍ଥାନୀୟ ଷ୍ଟେଟ ବ୍ୟାଙ୍କ ନିକଟରେ ଉଚ୍ଛେଦ ହୋଇଥିବା ଅଞ୍ଚଳକୁ ରାସ୍ତାରେ ମିଶାଯାଉଛି।

ଆଉ କିଛିଦିନ ପରେ ପୁରୀ ଜିଲାର ଦ୍ୱିତୀୟ ବୃହତ୍ତମ ପର୍ବ ସାକ୍ଷୀଗୋପାଳଙ୍କ ପବିତ୍ର ଅଁଳାନବମୀ ଓ ବଡ଼ ଏକାଦଶୀ ପର୍ବ। ଲକ୍ଷାଧିକ ଲୋକଙ୍କ ସମାଗମକୁ ଦୃଷ୍ଟିରେ ରଖି ଜିଲାଠୁ ଆରମ୍ଭ କରି ବ୍ଲକ ପ୍ରଶାସନର ଅଧିକାରୀମାନେ ଘନ ଘନ ଗସ୍ତ ଓ ବିଭିନ୍ନ ନିର୍ମାଣ କାର୍ଯ୍ୟର ସମୀକ୍ଷା କରୁଥିବା ଦେଖାଯାଉଛି। ଏପଟେ ସାକ୍ଷୀଗୋପାଳ ବସ୍ ଷ୍ଟାଣ୍ଡଠାରୁ ରାସ୍ତାର ଉଭୟ ପାର୍ଶ୍ୱରେ ଯେଉଁ ବେଆଇନ ନିର୍ମାଣ ପ୍ରଶାସନ ଦ୍ୱାରା ଭଙ୍ଗା ଯାଇଥିଲା, ସେ ସବୁ ସ୍ଥାନକୁ ଶନିବାର ଡ୍ରୋଜର୍ ଦ୍ୱାରା ରାସ୍ତାରେ ମିଶାଇ ଦିଆଯାଇଛି। ସନ୍ଧ୍ୟା ହୋଇଯିବାରୁ ଉକ୍ତ କାର୍ଯ୍ୟ ବନ୍ଦ କରାଯାଇଥିବା ବେଳେ ଆଗକୁ ବାକି କାର୍ଯ୍ୟ କରାଯିବ।

ଅନ୍ୟପଟେ ସାକ୍ଷୀଗୋପାଳ ନିୟନ୍ତ୍ରିତ ବଜାର ମଧ୍ୟରେ ଖୁବ୍‌ଶୀଘ୍ର ରାସ୍ତା ପାର୍ଶ୍ୱ ବ୍ୟବସାୟୀମାନଙ୍କୁ ଥଇଥାନ କରାଯିବ ବୋଲି ତହସିଲ୍‌ଦାର ସନ୍ତୋଷ କୁମାର ପାଣିଗ୍ରାହୀ ସୂଚନା ଦେଇଛନ୍ତି। ସେହିପରି ଖାଲି କରାଯାଇଥିବା ରାସ୍ତାରେ ଆଗକୁ କୌଣସି ବେଆଇନ ନିର୍ମାଣ କରି ଅବରୋଧ କଲେ ଉକ୍ତ ବ୍ୟକ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସତ୍ୟବାଦୀ ଥାନାଧିକାରୀ ବିଜୟ କେତନ ବେହେରା କହିଛନ୍ତି। ଏପଟେ ସାକ୍ଷୀଗୋପାଳ ବଡ଼ ବଜାର ବ୍ୟବସାୟୀ ସଂଘର ସହସମ୍ପାଦକ ବିଷ୍ଣୁପ୍ରସାଦ ମିଶ୍ର କହିଛନ୍ତି, ପ୍ରଶାସନ ପକ୍ଷରୁ ଯେଉଁ ରାସ୍ତା ସମ୍ପ୍ରସାରଣ କରାଯାଇଛି, ତାକୁ ଆମେ ସ୍ୱାଗତ କରୁଛୁ। କିଛି ଲୋକଙ୍କ ବେଆଇନ ନିର୍ମାଣକୁ ପ୍ରଶାସନ ଅଣଦେଖା କରି ଉଚ୍ଛେଦ କରୁ ନ ଥିବା ଦେଖାଯାଉଛି, ଯାହାଦ୍ୱାରା ବ୍ୟବସାୟୀଙ୍କ ମହଲରେ ଅସନ୍ତୋଷ ବୃଦ୍ଧି ପାଉଛି। ଘଟଣାସ୍ଥଳରେ ତହସିଲଦାର ସନ୍ତୋଷ ପାଣିଗ୍ରାହୀ, ଥାନାଧିକାରୀ ବିଜୟ କେତନ ବେହେରା, ଅତିରିକ୍ତ ତହସିଲଦାର ଓମ୍ ପ୍ରକାଶ ପରିଡ଼ା, ରାଜସ୍ୱ ନିରୀକ୍ଷକଙ୍କ ସମେତ ଅମିନ ଓ ପୋଲିସ ଫୋର୍ସ, ବିଦ୍ୟୁତ କର୍ମଚାରୀ ଉପସ୍ଥିତ ଥିଲେ।

# ସାମାନ୍ୟ ବଚସାରୁ ମାରପିଟ, ଭାଇଭଉଣୀ ଆହତ

ନିମାପଡ଼ା,୨୫।୧୦(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅନ୍ତର୍ଗତ ଅନ୍ଧୁଆର ପଞ୍ଚାୟତର ଖଣ୍ଡହତା ନିନିଗାଁ ଗ୍ରାମରେ ପୂର୍ବବିବାଦ ଓ ସାମାନ୍ୟ ବଚସାକୁ କେନ୍ଦ୍ର କରି ମାରପିଟ୍‌ର ସୂତ୍ରପାତ ହୋଇଛି। ଗୁରୁବାର ରାନି ସ୍ୱାଇଁ ନାମକ ଜଣେ ଯୁବତୀ ଛତୁ ଚାଷ କରିବାକୁ ତାଙ୍କ ବାଡ଼ି ସଫା କରୁଥିବା ବେଳେ ଉକ୍ତ ଗ୍ରାମର ସୁମନ୍ତ ସାହୁ ନାମଙ୍କ ଜଣେ ବ୍ୟକ୍ତି ରାନି ସ୍ୱାଇଁଙ୍କ ବାଡ଼ିରେ ପଶି ତାଙ୍କୁ ଅତି କଦର୍ଯ୍ୟ ଭାଷାରେ ଗାଳି ଗୁଲଜ କରିଥିଲେ। ରାନି ଏହାର ପ୍ରତିବାଦ କରିବାରୁ ସୁମନ୍ତ କ୍ରୋଧାନ୍ୱିତ ହୋଇ ରାନୀଙ୍କୁ ଦୁର୍ବ୍ୟବହାର କରିଥିଲେ। ଏତିକି ବେଳେ ରାନୀଙ୍କ ଭାଇ ରାକେଶ ଘଟଣାସ୍ଥଳରେ ପହଞ୍ଚି ଏହାର ପ୍ରତିବାଦ କରିବାରୁ ସୁମନ୍ତ ଆହୁରି ରାଗିଯାଇ ରାକେଶଙ୍କୁ ଏକ ବାଡ଼ିରେ ଆକ୍ରମଣ କରିଥିଲେ। ଆକ୍ରମଣରେ ଉଭୟ ଭାଇଭଉଣୀ ଆହତ ହୋଇ ନିମାପଡ଼ା ମେଡିକାଲ୍‌ରେ ଚିକିତ୍ସିତ ହୋଇଛନ୍ତି। ଏ ସମ୍ପର୍କରେ ରାନି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ଏ ସମ୍ପର୍କରେ ଆକ୍ରମଣକାରୀ ସୁମନ୍ତ ସାହୁଙ୍କ ବିରୋଧରେ କେସ୍ ନଂ ୩୨୮/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଗଣବଳାତ୍କାର ଘଟଣାରେ ୨ ଗିରଫ

ପୁରୀ,୨୫।୧୦(ଅଜିତ୍ କୁମାର ମହାନ୍ତି)

ଚନ୍ଦନପୁର ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ କାଳୀପୂଜା ଭସାଣିର ବିଳମ୍ବିତ ରାତିରେ ଗଣବଳାତ୍କାର ଅଭିଯୋଗରେ ପୋଲିସ ଶନିବାର ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ବୀରନରସିଂହପୁର ଦକ୍ଷିଣ ଭୋଇସାହିର ମୁନା ଭୋଇ(୨୦) ଓରଫ ପବିତ୍ର ଏବଂ ଗେଡୁ ଭୋଇ(୧୯) ଓରଫ ଆଲୋକ।

ସୂଚନା ମୁତାବକ, ଗତ ବୁଧବାର କାଳୀପୂଜା ଭସାଣି ଚାଲିଥିବା ବେଳେ ବିଳମ୍ବିତ ରାତିରେ ଚନ୍ଦନପୁର ଅଞ୍ଚଳରେ ଏକ ସମ୍ବେଦନଶୀଳ ଘଟଣା ଘଟିଥିଲା। ପରିବାର ଲୋକେ ଭସାଣି ଦେଖିବାକୁ ଯାଇଥିବା ବେଳେ ନାବାଳିକା ଜଣଙ୍କ ଘରେ ଏକୁଟିଆ ଶୋଇଥିଲେ। ଏହାର ସୁଯୋଗ ନେଇ ଅଭିଯୁକ୍ତମାନେ ତାଙ୍କ ଘରେ ପଶି ବଳାତ୍କାର କରିଥିଲେ। ଘଟଣା ସମ୍ପର୍କରେ ନାବାଳିକା ଜଣଙ୍କ ତାଙ୍କ ମା'ଙ୍କୁ ଜଣାଇଥିଲେ। ହେଲେ ଶୁକ୍ରବାର ଅପରାହ୍ନରେ ନାବାଳିକା ମା'ଙ୍କ ସହ ଥାନାକୁ ଆସି ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳ ପରିଦର୍ଶନ କରିଥିଲା। ଏନେଇ ଏସ୍‌ଡିପିଓ ରବିନାରାୟଣ ଭଞ୍ଜଙ୍କୁ ଅବଗତ କରିଥିଲେ। ପରେ ଏସ୍‌ଡିପିଓ ଓ ଫୋରେନ୍‌ସିକ ଟିମ୍ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଥିଲେ। ପୋଲିସ ଅଭିଯୁକ୍ତ ଯୁବକଙ୍କ ଘରେ ଚଢ଼ାଉ କରି ୨ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରିଥିଲା। ଶନିବାର ଅଭିଯୁକ୍ତ ଏବଂ ନାବାଳିକାଙ୍କ ଡାକ୍ତର ମାଇନା କରାଯାଇଛି। ପୋଲିସ ଶନିବାର ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।


**ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ**
ଆଞ୍ଚଳିକ କାର୍ଯ୍ୟାଳୟ: କଟକ
ପ୍ଲଟ୍ ନଂ.: ୪, ମହାନଦୀ ବିହାର, ପୋ.: ନୟାବଜାର, କଟକ-୭୫୩୦୦୪

**ଦଖଲ ନୋଟିସ୍**
[ପରିଶିଷ୍ଟ-୪ ରୁଲ ୮(୧)]
(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ନିୟମ ୮ ସହିତ ଧାରା ୧୩(୧୨) ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ଋଣ ରାଶି ସହିତ ଚୁକ୍ତିହାରରେ ପରିଶୋଧ ତାରିଖ ପର୍ଯ୍ୟନ୍ତ ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଓ ଦେୟ ଇତ୍ୟାଦି କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।

୧) ଯେହେତୁ ଋଣଗ୍ରହୀତା(ମାନେ) ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ରେ ଦିଆଯାଇଥିବା କ୍ଷମତା ପ୍ରୟୋଗ କରି ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି।

୨) ତେଣୁ ବିଶେଷକରି ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି ଉକ୍ତ ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର କରନ୍ତି ତେବେ **ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ**ର ଦାବି ମୁତାବକ ନିମ୍ନ ଦର୍ଶିତ ରାଶି ସହ ଚୁକ୍ତିହାରରେ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଓ ଦେୟ ଇତ୍ୟାଦି, ଡିମାଣ୍ଡ ନୋଟିସ୍ ଜାରି ହେବା ପରେ ଡିମାଣ୍ଡ ନୋଟିସ୍ ତାରିଖ ଠାରୁ ପଇଠ ତାରିଖ ପର୍ଯ୍ୟନ୍ତ ପରିଶୋଧ ରାଶି ଯଦି କିଛି ଥାଏ, ତାହାକୁ ବାଦ ଦେଇ ପ୍ରଦାନ କରିବାକୁ ବାଧ୍ୟ ହେବେ । ଦଖଲ ତାରିଖ ସୁଦ୍ଧା ନିମ୍ନରେ ଦର୍ଶିତ ବକେୟା ଦେୟ ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଓ ଦେୟ ପ୍ରଦାନ କରିବାକୁ ହେବ ।

**୩) ଏତଦ୍‌ଦ୍ୱାରା ଋଣଗ୍ରହୀତା ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା-(୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଆଳିପିଙ୍ଗଳ ଶାଖା / ଋଣଗ୍ରହୀତା/ବନ୍ଧକଦାତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ଦଖଲ ନିଆଯାଇଥିବା ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ପରିମାଣ | ଡିମାଣ୍ଡ ନୋଟିସ୍/ ଦଖଲ ନୋଟିସ୍ ତାରିଖ |
|---|---|---|---|
| **ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ପ୍ରେମାନନ୍ଦ ପାତ୍ର, (ମା ଯାଗେଶ୍ୱରୀ କେଏସକେ ର ସ୍ୱତ୍ୱାଧିକାରୀ),** ପିତା: ଶ୍ରୀଚରଣ ପାତ୍ର, ସା: ଯଶୋବନ୍ତପୁର, ପୋ: ଆଳିପିଙ୍ଗଳ, ଜିଲ୍ଲା: ଜଗତ୍‌ସିଂହପୁର, ପିନ୍ - ୭୫୪୧୦୩ / **ଗ୍ୟାରେଣ୍ଟିଦାତା ଏବଂ ବନ୍ଧକଦାତା: କଲ୍ୟାଣୀ ପାତ୍ର,** ସ୍ୱାମୀ: ପିତା: ଶ୍ରୀଚରଣ ପାତ୍ର, ସା: ଯଶୋବନ୍ତପୁର, ପୋ: ଆଳିପିଙ୍ଗଳ, ଜିଲ୍ଲା: ଜଗତ୍‌ସିଂହପୁର, ପିନ୍ - ୭୫୪୧୦୩, **ବର୍ତ୍ତମାନ ଠିକଣା:** ସା: ସିଏମ୍.୧୦, ଭିଏସ୍‌ଏସ୍ ନଗର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା-୭୫୧୦୦୭ / | **କଲ୍ୟାଣୀ ପାତ୍ର**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଜଗତ୍‌ସିଂହପୁର, ମୌଜା: ହରିହରପୁର, ଖାତା ନଂ.: ୧୮୩/୧୦୬, ପ୍ଲଟ୍ ନଂ.: ୩୮୭/୫୯୪, କ୍ଷେତ୍ର: ଏକର ୦.୦୮ ଡିସିମିଲି ଏବଂ **ପ୍ରେମାନନ୍ଦ ପାତ୍ର**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଜଗତ୍‌ସିଂହପୁର, ମୌଜା: ଯଶୋବନ୍ତପୁର, ଖାତା ନଂ.: ୫୦, ପ୍ଲଟ୍ ନଂ.: ୨୪୭୧, ୨୬୦୯, ୨୬୧୦, କ୍ଷେତ୍ର: ଏକର ୨.୨୫ ଡିସିମିଲି, ଏକର ୦.୨୦ ଡିସିମିଲି, ଏକର ୦.୧୧ ଡିସିମିଲି, **(ମୋଟ କ୍ଷେତ୍ର: ଏକର ୨.୫୬ ଡିସିମିଲି)** | **ଟ.୩୮,୬୨,୮୯୦/-** ସହିତ **୨୪.୧୦.୨୦୨୫** ଠାରୁ ଚୁକ୍ତିହାରରେ ସେବାବନ୍ଦ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ | ୨୦.୦୮.୨୦୨୫ / ୨୪.୧୦.୨୦୨୫ |

**ଆଇନଗତ ଉତ୍ତରାଧିକାରୀମାନେ: ୧) ଇଲାସ୍କ ପାତ୍ର,** ପିତା: ପ୍ରେମାନନ୍ଦ ପାତ୍ର, ସା: ଯଶୋବନ୍ତପୁର, ପୋ: ଆଳିପିଙ୍ଗଳ, ଜିଲ୍ଲା: ଜଗତ୍‌ସିଂହପୁର, ପିନ୍ - ୭୫୪୧୦୩ / **ବର୍ତ୍ତମାନ ଠିକଣା:** ସା: ସିଏମ୍.୧୦, ଭିଏସ୍‌ଏସ୍ ନଗର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା-୭୫୧୦୦୭, **୨) ଇତୁଷ ପାତ୍ର,** ପିତା: ପ୍ରେମାନନ୍ଦ ପାତ୍ର, ସା: ଯଶୋବନ୍ତପୁର, ପୋ: ଆଳିପିଙ୍ଗଳ, ଜିଲ୍ଲା: ଜଗତ୍‌ସିଂହପୁର, ପିନ୍ - ୭୫୪୧୦୩ / **ବର୍ତ୍ତମାନ ଠିକଣା:** ସା: ସିଏମ୍.୧୦, ଭିଏସ୍‌ଏସ୍ ନଗର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା-୭୫୧୦୦୭, **୩) ରିତିକ୍ ପାତ୍ର,** ପିତା: ପ୍ରେମାନନ୍ଦ ପାତ୍ର, ସା: ଯଶୋବନ୍ତପୁର, ପୋ: ଆଳିପିଙ୍ଗଳ, ଜିଲ୍ଲା: ଜଗତ୍‌ସିଂହପୁର, ପିନ୍ - ୭୫୪୧୦୩ / **ବର୍ତ୍ତମାନ ଠିକଣା:** ସା: ସିଏମ୍.୧୦, ଭିଏସ୍‌ଏସ୍ ନଗର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା-୭୫୧୦୦୭, **୪) ଇସିତା ପାତ୍ର,** ପିତା: ପ୍ରେମାନନ୍ଦ ପାତ୍ର, ସା: ଯଶୋବନ୍ତପୁର, ପୋ: ଆଳିପିଙ୍ଗଳ, ଜିଲ୍ଲା: ଜଗତ୍‌ସିଂହପୁର, ପିନ୍ - ୭୫୪୧୦୩ / **ବର୍ତ୍ତମାନ ଠିକଣା:** ସା: ସିଏମ୍.୧୦, ଭିଏସ୍‌ଏସ୍ ନଗର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା-୭୫୧୦୦୭

**ସ୍ଥାନ: କଟକ, ତାରିଖ : ୨୪.୧୦.୨୦୨୫** ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ



यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ**
୧ମ ମହଲା, କେ କେ ଭଓ୍ୱାସିଙ୍କା କମ୍ପାଉଣ୍ଡ, ଶ୍ରୀଜି କମ୍ପ୍ଲେକ୍ସ, ମାଛୁଆ ବଜାର, କ୍ୟାଣ୍ଟନ୍‌ମେଣ୍ଟ ରୋଡ଼, କଟକ-୭୫୩୦୦୧

**ମେଗା ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) / ୯(୧) ଅନୁଯାୟୀ ସ୍ଥାବର / ଅସ୍ଥାବର ସମ୍ପତ୍ତିଗୁଡିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଏତଦ୍‌ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)**ଙ୍କ ଦ୍ୱାରା ବ୍ୟାଙ୍କ ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡିକୁ ଗଠନାତ୍ମକ / ସାଙ୍କେତିକ/ ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନସ୍ୱାକ୍ଷରକାରୀ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ତା.୨୮.୧୧.୨୦୨୫ ରିଖ ମଧ୍ୟାହ୍ନ ୧୨.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ** ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତିଗୁଡ଼ିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଶାଖା / ଋଣଗ୍ରହୀତା/କୋ-ଓବ୍ଲିଗାଣ୍ଟ/ ଗ୍ୟାରେଣ୍ଟିଦାତା/ଅଂଶୀଦାରମାନଙ୍କ ନାମ ଓ ଠିକଣା | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡିକର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ | ଅମାନତ ରାଶି ଜମା କରିବାର ଆକାଉଣ୍ଟର ବିବରଣୀ |
|---|---|---|---|---|
| ୧. | କଲେଜ ସ୍କୋୟାର ଶାଖା, ମୋ: ୮୦୦୦୦୯୦୩୩୦ / **ଋଣଗ୍ରହୀତା: ମେସର୍ସ କ୍ରୀଷ୍ଣା ଏଣ୍ଟରପ୍ରାଇଜେସ୍, ସ୍ୱତ୍ୱାଧିକାରୀ: ଶ୍ରୀ ମନୋଜ କୁମାର ଖଣ୍ଡେଲୱାଲ,** ପିତା: ଶଙ୍କର ଲାଲ ଖଣ୍ଡେଲୱାଲ, ସା: ରାମଚନ୍ଦ୍ରପୁର, ଧାନମଣ୍ଡଳ, ଯାଜପୁର, ଓଡିଶା-୭୫୪୦୨୪, **ପଞ୍ଜିକୃତ କାର୍ଯ୍ୟାଳୟ/ୟୁନିଟ୍ ଠିକଣା (ନିଜସ୍ୱ):** ସା: ରାମଚନ୍ଦ୍ରପୁର, ପୋ: ଧାନମଣ୍ଡଳ, ଶିବ ମନ୍ଦିର ନିକଟ, ଥାନା: ବଡଚଣା, ଯାଜପୁର, ଓଡିଶା, ପିନ୍-୭୫୪୦୨୪, **ୟୁନିଟ୍/ସପ୍ (ଭଡା):** ପ୍ଲଟ୍ ନଂ.: ୩୧୭, ଖାତା ନଂ.: ୬୫, ମୌଜା: ଖୋସାଲିପୁର, ଚଣ୍ଡିଖୋଲ, ଯାଜପୁର, ଓଡିଶା, ପିନ୍-୭୫୪୨୯୬, **ଗୋଦାମ (ଭଡା):** ନିରଞ୍ଜନ ଦାସ, ପ୍ଲଟ୍ ନଂ.: ୧୭୨/୭୫୪୬୨, ଖାତା ନଂ.: ୭୭୨/୩୦୮୦, ଆଇବି ରୋଡ, ଲକ୍ଷ୍ମୀ ନାରାୟଣ ବିହାର, ଜଗତ୍‌ପୁର-ଚୌଦ୍ୱାର ରୋଡ, କଟକ, ଓଡିଶା, ପିନ୍-୭୫୪୦୨୧ / **କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀମତୀ ସୁମିତ୍ରା ଖଣ୍ଡେଲୱାଲ,** ସ୍ୱାମୀ: ଶ୍ରୀ ମନୋଜ କୁମାର ଖଣ୍ଡେଲୱାଲ, ସା: ରାମଚନ୍ଦ୍ରପୁର, ଧାନମଣ୍ଡଳ, ଯାଜପୁର, ଓଡିଶା-୭୫୪୦୨୪, **୨) ଶ୍ରୀମତୀ ଭଉଁରୀ ଦେବୀ ଖଣ୍ଡେଲୱାଲ,** ସ୍ୱତ୍ୱାଧିକାରୀ: ଶ୍ରୀ ମନୋଜ କୁମାର ଖଣ୍ଡେଲୱାଲଙ୍କ ମାତା, ସା: ରାମଚନ୍ଦ୍ରପୁର, ଧାନମଣ୍ଡଳ, ଯାଜପୁର, ଓଡିଶା-୭୫୪୦୨୪ / **ବକେୟା ରାଶି: ତା.୩୦.୦୪.୨୦୨୫ରିଖ ସୁଦ୍ଧା ଟ.୭୫,୯୦,୮୫୨.୧୨** + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | **ଶ୍ରୀମତୀ ଭଉଁରୀ ଦେବୀ ଖଣ୍ଡେଲୱାଲ,** ସ୍ୱାମୀ: ଶଙ୍କର ଲାଲ ଖଣ୍ଡେଲୱାଲଙ୍କ ନାମରେ ଥିବା ଫ୍ରିହୋଲ୍ଡ ଘରବାରୀ ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୩୩, ଖାତା ନଂ.: ୧୧୨/୨୧, ମୌଜା: ରାମଚନ୍ଦ୍ରପୁର, ଥାନା: ବଡଚଣା ନଂ.: ୯୬୭, ତହସିଲ: ଦର୍ପଣ ନଂ.: ୧୮, ଜିଲ୍ଲା: ଯାଜପୁର, କ୍ଷେତ୍ର: ଏକର୦.୧୩୦ ଡିସିମିଲି (୫୬୬୨.୮ ବର୍ଗଫୁଟ), ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୧୭, ଦକ୍ଷିଣ: ପ୍ଲଟ୍ ନଂ.: ୩୪, ପୂର୍ବ: ଧାନମଣ୍ଡଳ ରୋଡ, ପଶ୍ଚିମ: ଶ୍ରୀ ଏମ୍. ଅଗ୍ରୱାଲଙ୍କ ସମ୍ପତ୍ତି | ଟ.୬୭,୦୦,୦୦୦/- / ଟ.୬,୭୦,୦୦୦/- / ଟ.୬୭,୦୦୦/- | ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅମାନତ ରାଶି ପୈଠ କରନ୍ତୁ ଏବଂ ଚଲାଣ ଜେନେରେଟ୍ କରି ମଧ୍ୟ ପୈଠ କରନ୍ତୁ ଏବଂ ଅମାନତ ରାଶି ବିଡରଙ୍କ ଇଏମ୍‌ଡି ୱାଲେଟ୍‌କୁ ସ୍ଥାନାନ୍ତର କରନ୍ତୁ |
| ୨. | ଅରିଲୋ ଶାଖା, ମୋ: ୯୬୫୮୧୭୨୧୮୨ / **ଋଣଗ୍ରହୀତା: ମେସର୍ସ ପରିଡା ଟ୍ରେଡର୍ସ, ସ୍ୱତ୍ୱାଧିକାରୀ: ଶ୍ରୀ ଅଶୋକ କୁମାର ପରିଡା,** ପିତା: ଶ୍ରୀ କୁଳମଣି ପରିଡା / **ଅଂଶୀଦାରମାନେ: ୧) ଶ୍ରୀ ଅଶୋକ କୁମାର ପରିଡା,** ପିତା: ଶ୍ରୀ କୁଳମଣି ପରିଡା, **୨) ଶ୍ରୀମତୀ ପ୍ରଭାତି ପରିଡା,** ସ୍ୱାମୀ: ଶ୍ରୀ ଅଶୋକ କୁମାର ପରିଡା, ସମସ୍ତଙ୍କ ଠିକଣା- ସା: ମଧୁପୁର, ପୋ: ଅଲଣାହାଟ, ଥାନା: ନାଉଗାଁ, ଜିଲ୍ଲା: ଜଗତ୍‌ସିଂହପୁର, ଓଡିଶା-୭୫୪୧୦୭ / **ବକେୟା ରାଶି: ତା.୦୧.୦୫.୨୦୨୫ରିଖ ସୁଦ୍ଧା ଟ.୧୫,୨୫,୭୬୭/-** + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | ଶ୍ରୀ ଅଶୋକ କୁମାର ପରିଡା ଏବଂ ଶ୍ରୀମତୀ ପ୍ରଭାତି ପରିଡାଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୧୪୮, ରେଭିନ୍ୟୁ ଖାତା ନଂ.: ୪୪୯/୯୦, ମୌଜା: ମଧୁପୁର, ଥାନା ନଂ.: ୧୩, ତହସିଲ ନଂ.: ୧୨, ନାଉଗାଁ, ଜିଲ୍ଲା: ଜଗତ୍‌ସିଂହପୁର, ଓଡିଶା, କ୍ଷେତ୍ର: ଏକର୦.୦୭ ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ଗ୍ରାମ୍ୟ ରାସ୍ତା, ଦକ୍ଷିଣ: ଗ୍ରାମ୍ୟ ରାସ୍ତା, ପୂର୍ବ: ଭଗବାନ ପରିଡା, ପଶ୍ଚିମ: ପ୍ଲଟ୍ ନଂ.: ୧୧୪୯ | ଟ.୧୭,୦୯,୯୩୫/- / ଟ.୧,୭୦,୯୯୪/- / ଟ.୧୭,୦୯୯/- | ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅମାନତ ରାଶି ପୈଠ କରନ୍ତୁ ଏବଂ ଚଲାଣ ଜେନେରେଟ୍ କରି ମଧ୍ୟ ପୈଠ କରନ୍ତୁ ଏବଂ ଅମାନତ ରାଶି ବିଡରଙ୍କ ଇଏମ୍‌ଡି ୱାଲେଟ୍‌କୁ ସ୍ଥାନାନ୍ତର କରନ୍ତୁ |

ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତିଗୁଡିକୁ ଯାଞ୍ଚ କରିବାର ତାରିଖ ଓ ସମୟ: ଇ-ନିଲାମ ସୁଦ୍ଧା

ଇ-ନିଲାମ ତାରିଖ ଏବଂ ସମୟ: ତା. ୨୮.୧୧.୨୦୨୫ରିଖ ମଧ୍ୟାହ୍ନ ୧୨.୦୦ ଘଟିକା ରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ

ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ : ବିଡ୍ ଦାଖଲ ଏବଂ ନିଲାମ ସମୟ ସମାପ୍ତି ପୂର୍ବରୁ ଅମାନତ ରାଶି ସମ୍ପତ୍ତି ଆଇଡି ସହିତ ଲିଙ୍କ୍ / ମ୍ୟାପ୍‌ଡ୍ କରି ଦାଖଲ କରିବେ

ସମ୍ପତ୍ତି ଏନକମ୍ବ୍ରାନ୍‌ସେସ୍ ବିବରଣୀ ଯଦି ଥାଏ : ନାହିଁ

ରେଜିଷ୍ଟ୍ରେସନ୍ ଏବଂ ଲଗଇନ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବ୍‌ସାଇଟ୍: https://baanknet.com & https://www.unionbankofindia.co.in/auction-property/view-auction-property.aspx ଦେଖନ୍ତୁ।

ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) ଅନୁଯାୟୀ ୩୦ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) ଅନୁଯାୟୀ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଏହା ଏକ ନୋଟିସ୍ କି ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

ସ୍ଥାନ: କଟକ, ତାରିଖ: ୨୪.୧୦.୨୦୨୫ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



सत्यमेव जयते

## ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ
## ଭାରତ ସରକାର

## ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ବିଭାଗ
**ବର୍ଷ ୨୦୨୫-୨୬ ନିମନ୍ତେ ଅନୁସୂଚିତ ଜାତିର ଛାତ୍ରଛାତ୍ରୀଙ୍କ ପାଇଁ ମାଟ୍ରିକୋତ୍ତର ଛାତ୍ରବୃତ୍ତି ଯୋଜନା**
ଅଧୀନରେ ଉଚ୍ଚତର ଶିକ୍ଷାରେ ଅଧ୍ୟୟନ ଲାଗି
**ଅନୁସୂଚିତ ଜାତିର ବିଦ୍ୟାର୍ଥୀଙ୍କ ପାଇଁ ଛାତ୍ରବୃତ୍ତି ସମ୍ପର୍କରେ ଘୋଷଣା କରୁଛନ୍ତି**

| ଯୋଗ୍ୟତା ମାନଦଣ୍ଡ | ପରିସର | ହକଦାରିତା |
|---|---|---|
| ✔ ପିତାମାତା/ ଅଭିଭାବକଙ୍କ ବାର୍ଷିକ ଆୟ **ଟ.୨.୫୦ ଲକ୍ଷ**ରୁ ଅଧିକ ହୋଇ ନ ଥିବ<br>✔ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନ/ ବିଶ୍ୱବିଦ୍ୟାଳୟ / ମହାବିଦ୍ୟାଳୟ/ ବିଦ୍ୟାଳୟ ପାଠ୍ୟକ୍ରମରେ ଅଧ୍ୟୟନରତ ଛାତ୍ରଛାତ୍ରୀ | ✔ **ଏକାଦଶ** ଶ୍ରେଣୀ ପରବର୍ତ୍ତୀ ସମସ୍ତ ସ୍ୱୀକୃତିପ୍ରାପ୍ତ ପାଠ୍ୟକ୍ରମ<br>✔ ଦରଖାସ୍ତଗୁଡ଼ିକୁ ରାଜ୍ୟ ସରକାର / କେନ୍ଦ୍ରଶାସିତ ଅଞ୍ଚଳ ଦ୍ୱାରା ଗ୍ରହଣ ଓ ଯାଞ୍ଚ କରାଯିବ<br>✔ ସବୁଠାରୁ ଗରିବ ପରିବାରର ଆବେଦନକାରୀଙ୍କୁ ପ୍ରାଥମିକତା | ✔ ବାଧ୍ୟତାମୂଳକ **ଅଣ-ଫେରସ୍ତଯୋଗ୍ୟ** ଦେୟ (ଟ୍ୟୁସନ୍ ଦେୟ ସମେତ)<br>✔ ବାର୍ଷିକ **ଟ.୨୫୦୦ରୁ ଟ.୧୩୫୦୦** ପର୍ଯ୍ୟନ୍ତ ଶିକ୍ଷା ଭତ୍ତା<br>✔ ଦିବ୍ୟାଙ୍ଗ (ଭିନ୍ନକ୍ଷମ) ଛାତ୍ରଛାତ୍ରୀଙ୍କ ପାଇଁ **୧୦%** ଅତିରିକ୍ତ ଭତ୍ତା |

✔ ଛାତ୍ରଛାତ୍ରୀଙ୍କ ନିକଟରେ ଏକ ବୈଧ **ମୋବାଇଲ ନମ୍ବର, ଆଧାର ନମ୍ବର (ୟୁଆଇଡି), ଆଧାର ସଂଯୁକ୍ତ ବ୍ୟାଙ୍କ ଖାତା, ଆୟ ପ୍ରମାଣପତ୍ର, ପୂର୍ବବର୍ତ୍ତୀ ବର୍ଷର ମାର୍କଶିଟ୍ ଓ ଜାତି ପ୍ରମାଣପତ୍ର** ରହିଥିବା ଆବଶ୍ୟକ।

✔ **ଯୋଜନାର ମାର୍ଗଦର୍ଶିକା ଏବଂ ସବିଶେଷ ଯୋଗ୍ୟତା ମାନଦଣ୍ଡ ନିମ୍ନଦର୍ଶିତ ଲିଙ୍କ୍‌ରେ ଉପଲବ୍ଧ:**
**https://socialjustice.gov.in/schemes/25**

ଯୋଜନାର ମାର୍ଗଦର୍ଶିକା ପାଇଁ କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ

cbc 38101/11/0024/2526

# ୫ରେ ସଂଭାବନା ଓଡ଼ିଆଣୀ ସମିତିର ବୋଇତ ବନ୍ଦାଣ ଉତ୍ସବ

ଭୁବନେଶ୍ୱର,୨୫।୧୦ (ସୌମ୍ୟରଞ୍ଜନ ରାଉତ)

ଅତୀତର ନୌବାଣିଜ୍ୟ ପରମ୍ପରାକୁ ଉଜ୍ଜୀବିତ କରି ରଖିବା ପାଇଁ ସଂଭାବନା ଓଡ଼ିଆଣୀ ସମିତି ପକ୍ଷରୁ ନଭେମ୍ବର ୫ରେ ୧୧ତମ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହେବ। ଭୁବନେଶ୍ୱରର ଏକାମ୍ର ହାଟର ମୁକ୍ତାକାଶ ମଞ୍ଚ ଓ ସଂଲଗ୍ନ କୃତ୍ରିମ ପୁଷ୍କରିଣୀରେ ଅନୁଷ୍ଠିତ ହେବାକୁ ଥିବା ଏହି ଉତ୍ସବରେ ଓଡ଼ିଆଣୀଙ୍କ ମଧ୍ୟରେ ଚକୁଳି ଓ ଆରିସା ପିଠା, ଶଙ୍ଖ, ହୁଳହୁଳି, ଓଡ଼ିଆଣୀ ବେଶଭୂଷା ଓ ଶିଶୁ-କିଶୋରଙ୍କ ମଧ୍ୟରେ ବୋଇତ ଅଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିସହ ଓଡ଼ିଶାର ସାଂସ୍କୃତିକ ପରମ୍ପରା ଓ ନୌବାଣିଜ୍ୟ ସହ ଜଡିତ ସଙ୍ଗୀତ ଏବଂ ଓଡ଼ିଶୀ ନୃତ୍ୟ ପରିବେଷିତ ହେବ। ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଆବେଦନ ପତ୍ର ଏକାମ୍ର ହାଟଠାରେ ନଭେମ୍ବର ୩ ଅପରାହ୍ନ ୫ଟା ୩୦ରୁ ଉପଲବ୍ଧ ହେବ ବୋଲି ସଂଭାବନାର ଟ୍ରଷ୍ଟି ସ୍ମୃତି ମହାନ୍ତିଙ୍କ ସହ ଅନ୍ୟମାନେ ସୂଚନା ଦେଇଛନ୍ତି।

# ସମ୍ମିଳିତ ପ୍ରୟାସ ଦ୍ୱାରା ଶିଶୁ ଶ୍ରମମୁକ୍ତ ବିକଶିତ ଓଡ଼ିଶା ଗଠନ ସମ୍ଭବ

## ପିକକ ପକ୍ଷରୁ ରାଜ୍ୟସ୍ତରୀୟ ପରାମର୍ଶ କର୍ମଶାଳା

ଭୁବନେଶ୍ୱର, ୨୫।୧୦(ସୁଚିସ୍ମିତା ସାହୁ)




ବିକଶିତ ଓଡ଼ିଶା ଗଠନ ପାଇଁ ପ୍ରତ୍ୟେକ ଶିଶୁ ଶୈଶବ ସୁରକ୍ଷିତ, ଆନନ୍ଦମୟ ଏବଂ ଗୁଣାତ୍ମକ ଶିକ୍ଷା ଲାଭ କରିବାର ଆବଶ୍ୟକତା ରହିଛି। ଏଥିପାଇଁ କେବଳ ସରକାର ନୁହେଁ, ସମସ୍ତ ସ୍ୱେଚ୍ଛାସେବୀ ସଂଗଠନର ମିଳିତ ଉଦ୍ୟମରେ ହିଁ ଶିଶୁ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରାଯାଇପାରିବ। ବ୍ୟାପକ ସଚେତନତା ଏବଂ ସମ୍ମିଳିତ ପ୍ରୟାସ ଦ୍ୱାରା ହିଁ ଶିଶୁ ଶ୍ରମମୁକ୍ତ ବିକଶିତ ଓଡ଼ିଶା ଗଠନ ସମ୍ଭବ ହୋଇପାରିବ ବୋଲି ଶିଶୁଶ୍ରମ ନିରୋଧ ଉପରେ ଆୟୋଜିତ ରାଜ୍ୟସ୍ତରୀୟ ପରାମର୍ଶ କର୍ମଶାଳାରେ ବକ୍ତାମାନେ କହିଛନ୍ତି। ସ୍ୱେଚ୍ଛାସେବୀ ସଂଗଠନ ପିକକ ପକ୍ଷରୁ ରାଜ୍ୟ ଶ୍ରମ ବିଭାଗ ସହଯୋଗରେ ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରେ 'ଶିଶୁଶ୍ରମ ମୁକ୍ତ ଓଡ଼ିଶା: ବିକଶିତ ଓଡ଼ିଶା' ଶୀର୍ଷକ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ପୂର୍ବତନ କେନ୍ଦ୍ର ଶ୍ରମ ସଚିବ ଡ. ଲକ୍ଷ୍ମୀଧର ମିଶ୍ର ଯୋଗଦେଇ କହିଲେ, ଓଡ଼ିଶାରେ ଶିଶୁ ଶ୍ରମ ସ୍ଥିତିର ସମୀକ୍ଷା ହେବାର ଆବଶ୍ୟକତା ରହିଛି। ଓଡ଼ିଶାକୁ ଶିଶୁ ଶ୍ରମିକ ମୁକ୍ତ କରିବାକୁ ହେଲେ ଆମ ସମସ୍ତଙ୍କୁ ମିଳିତ ଭାବେ କାର୍ଯ୍ୟ କରିବାକୁ ପଡିବ ବୋଲି ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ସଦସ୍ୟା ଚନ୍ଦନା ଦାସ କହିଛନ୍ତି। ଶ୍ରମ ବିଭାଗର ଅତିରିକ୍ତ ଶ୍ରମ କମିଶନର ମଦନ ମୋହନ ପାଇକ, ଶିଶୁ ଶ୍ରମିକଙ୍କ ଉଦ୍ଧାର ଓ ପୁନର୍ବାସ ପାଇଁ ଶ୍ରମ ବିଭାଗର ଉଦ୍ୟମ ଉପରେ ଆଲୋଚନା କରିଥିଲେ। ଶ୍ରମ ବିଭାଗର ବୈଷୟିକ ପରାମର୍ଶଦାତା ଡ. ଭକ୍ତ ବନ୍ଧୁ ଆଚାର୍ଯ୍ୟ, ଏସ୍‌ସିଇଆର୍‌ଟିର ଉପନିର୍ଦ୍ଦେଶକ ଡ. ପୂର୍ଣ୍ଣଚନ୍ଦ୍ର ବ୍ରହ୍ମା, ଓଡ଼ିଶା ଅବସରପ୍ରାପ୍ତ ପୋଲିସ ଅଧିକାରୀ କଲ୍ୟାଣ ସଂଘ ସଭାପତି ସୂର୍ଯ୍ୟମଣି ତ୍ରିପାଠୀ, ସାମ୍ବାଦିକ ଯତୀନ୍ଦ୍ର ଦାଶ ପ୍ରମୁଖ ଆଲୋଚନା କରିଥିଲେ। ପିକକ ଅଧ୍ୟକ୍ଷା ଡ. ମିନାକ୍ଷୀ ପଣ୍ଡା ଅଧ୍ୟକ୍ଷତା କରିଥିବାବେଳେ ସମ୍ପାଦକ ରଞ୍ଜନ କୁମାର ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ରାଜ୍ୟ ଗ୍ରାମୀଣ ବିକାଶ ପ୍ରତିଷ୍ଠାନର ଉପନିର୍ଦ୍ଦେଶିକା ଡ. ଅମିତା ପାତ୍ର ଶିଶୁ ଅନୁକୂଳ ପଞ୍ଚାୟତ ଉପରେ ଗୁରୁତ୍ୱ ଦେଇଥିଲେ। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ଉପସଚିବ ସନ୍ନ୍ୟାସୀ ବେହେରା ସହାୟ ଯୋଜନା ଏବଂ ରାଜ୍ୟ ଗ୍ରାମୀଣ ବିକାଶ ପ୍ରତିଷ୍ଠାନର ଉପନିର୍ଦ୍ଦେଶକ ସୁବ୍ରତ ମିଶ୍ର ଅନ୍ତର୍ଭୁକ୍ତୀମୂଳକ ପ୍ରତିଷ୍ଠାନ ଗଠନ ଉପରେ ଗୁରୁତ୍ୱାରୋପ କରିଥିଲେ। କର୍ମଶାଳାରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ବିଶ୍ୱନାଥ ତରାଇ, କଟକ ଶିଶୁ କଲ୍ୟାଣ କମିଟିର ସଦସ୍ୟା ହରିହର ନାୟକ ଏବଂ ପିକକର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ପିକକର ରତ୍ନା ଦାଶ, ପୂଜା ପଣ୍ଡା, ଜ୍ୟୋତିଶଙ୍କର ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଧନେଶ୍ୱର, ରାମହରିଙ୍କୁ 'ଆଚାର୍ଯ୍ୟ ତାରିଣୀ ଚରଣ ପାତ୍ର ସମ୍ମାନ'




ଭୁବନେଶ୍ୱର,୨୫।୧୦(ସୌମ୍ୟରଞ୍ଜନ ରାଉତ)

ଉତ୍କଳିକା ପକ୍ଷରୁ 'ଆଚାର୍ଯ୍ୟ ତାରିଣୀ ଚରଣ ପାତ୍ର ସମ୍ମାନ ଉତ୍ସବ' ଶନିବାର ଭଞ୍ଜକଳା ମଣ୍ଡପଠାରେ ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ମର୍ଦ୍ଦଳ ଗୁରୁ ଧନେଶ୍ୱର ସ୍ୱାଇଁ ଏବଂ ପଣ୍ଡିତ ରାମହରି ଦାସଙ୍କୁ 'ଆଚାର୍ଯ୍ୟ ତାରିଣୀ ଚରଣ ପାତ୍ର ସମ୍ମାନ'ରେ ସମ୍ମାନିତ କରାଯାଇଛି। ପରେ ରାଜ୍ୟ ତଥା ବାହାରୁ ଆସିଥିବା ଶିଳ୍ପୀମାନେ ବିଭିନ୍ନ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ। ପଣ୍ଡିତ ରାମାରାଓ ପାତ୍ର ଓଡ଼ିଶୀ ବୀଣା ବାଦନ କରି ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ମୁରଲୀଧର ସ୍ୱାଇଁ ମର୍ଦ୍ଦଳରେ ପ୍ରହ୍ଲାଦ ନାଟକର ବିଭିନ୍ନ ଅରସା ଓ ଉକୁଟବାଣୀକୁ ପରିବେଷଣ କରିଥିଲେ। ଯୁବଶିଳ୍ପୀ ଇଂ. ନୁର୍‌ରାଜାଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟରେ ଆଦିଦେବ ଓ ପଲ୍ଲବୀ ନୃତ୍ୟ ପରିବେଷଣ କରିଥିଲେ। ଉତ୍କଳିକା ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦ୍ୱାରା ବୃନ୍ଦ ଓଡ଼ିଶୀ ନୃତ୍ୟ ପରିବେଷିତ ହୋଇଥିଲା। ଅତିଥି ଭାବେ ଓଡ଼ିଶୀ ବୀଣା ବାଦକ ରାମାରାଓ ପାତ୍ର, ଓଡ଼ିଶୀ ନୃତ୍ୟ ଶିଳ୍ପୀ ପି.ଭି. ଏସ୍ ରାମା ରାଓ, ନୃତ୍ୟ ଗୁରୁ ସ୍ନେହପ୍ରଭା ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ। 'ଆଚାର୍ଯ୍ୟ ତାରିଣୀ ଚରଣ ପାତ୍ର ସମ୍ମାନ' ପ୍ରଦାନ କରିବା ସହ ଶିଳ୍ପୀମାନଙ୍କୁ ପୁରସ୍କୃତ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଗୁରୁ ଶେଖର ସୁମନ ମାଝୀ ଧନ୍ୟବାଦ ଦେଇଥିଲେ।

## ଚୂଡ଼ଙ୍ଗଗଡ଼ ବାରଙ୍ଗ ମହୋତ୍ସବ ଫୁଟ୍‌ବଲ କପ୍ ଟୁର୍ନାମେଣ୍ଟର ଦ୍ୱିତୀୟ ଦିନ

# ସେମିରେ ମରିଚିଆ, ପ୍ରତାପନଗରୀ

ତ୍ରିଶୂଳିଆ,୨୫।୧୦(ତୁଷାର କାନ୍ତ ବେହେରା)

ଚୂଡ଼ଙ୍ଗଗଡ଼ ବାରଙ୍ଗ ମହୋତ୍ସବ କମିଟି ତରଫରୁ ଆୟୋଜିତ ଚୂଡ଼ଙ୍ଗଗଡ଼ ବାରଙ୍ଗ ମହୋତ୍ସବ ଫୁଟ୍‌ବଲ ଟୁର୍ନାମେଣ୍ଟ ଜାରି ରହିଛି। ବାରଙ୍ଗ ୟୁଥ ସ୍ପୋର୍ଟ୍ସ କ୍ଲବ ମରିଚିଆ ଖେଳପଡିଆଠାରେ ଶନିବାର ଦ୍ୱିତୀୟ ଦିନରେ ଚାଲିଥିବା ଚୂଡ଼ଙ୍ଗଗଡ ବାରଙ୍ଗ ମହୋତ୍ସବ ଫୁଟବଲ କପ ଟୁର୍ନାମେଣ୍ଟ ପ୍ରତିଯୋଗିତାରେ ମରିଚିଆ, ପ୍ରତାପନଗରୀ ସେମିଫାଇନାଲକୁ ପ୍ରବେଶ କରିଛନ୍ତି। ଚୂଡ଼ଙ୍ଗଗଡ ବାରଙ୍ଗ ମହୋତ୍ସବ କମିଟି ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ନାମେଣ୍ଟରେ ୧୬ଟି ଦଳ ଅଂଶ ଗ୍ରହଣ କରିଛନ୍ତି। ଏହି ଟୁର୍ନାମେଣ୍ଟର ଦିତୀୟ ଦିନରେ ୮ଟି ଦଳ ଅଂଶ ଗ୍ରହଣ କରିଥିଲେ। ପ୍ରଥମ କ୍ୱାଟର ଫାଇନାଲ ମ୍ୟାଚରେ ୟୁଥ ସ୍ପୋର୍ଟ୍ସ କ୍ଲବ, ମରିଚିଆ ୧-୦ ଗୋଲରେ ମା'ମଙ୍ଗଳା କ୍ଲବ, ଗୋଠପୁରକୁ ହରାଇ ସେମିଫାଇନାଲକୁ ପ୍ରବେଶ କରିଛି। ସେହିପରି ଦିତୀୟ କାଟର ଫାଇନାଲ ମ୍ୟାଚ୍‌ରେ ପ୍ରତାପ କ୍ଲବ, ପ୍ରତାପନାଗରୀ ୧-୦ ଗୋଲରେ ଜୟ ଜଗନ୍ନାଥ ଫୁଟବଲ କ୍ଲବ ମୁଣ୍ଡମୁହାଣକୁ ହରାଇ ସେମିଫାଇନାଲ ଖେଳିବାର ଯୋଗ୍ୟତା ଅର୍ଜନ କରିଛି। ଏହି ଟୁର୍ନାମେଣ୍ଟରେ ଦାରୁଠେଙ୍ଗ ଗ୍ରାମପଞ୍ଚାୟତ ସରପଞ୍ଚ ତପନ ଚକ୍ରବର୍ତ୍ତୀ ଓ ପୂର୍ବତନ ଜିଲାପରିଷଦ ସଭ୍ୟ କୁନାଲ ରାଉତ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ମହୋତ୍ସବ କମିଟି ସଭାପତି ତୁଷାରକାନ୍ତ ଚକ୍ରବର୍ତ୍ତୀ, ଏମ୍‌ପିଙ୍କ ପ୍ରତିନିଧି ଭୂପତି ଭୂଷଣ ପାଣି, ପ୍ରମୋଦ ରାଉତ ଯୋଗଦେଇଥିଲେ। ଭାଜପା ମଣ୍ଡଳ ସଭାପତି ସୁନିଲ ସ୍ୱାଇଁ, ମଳୟ କୁମାର ଦାଶ, ତପନ ସେଠୀ, ପ୍ରତାପ ମଣ୍ଡଳ, ଦିପକ ସ୍ୱାଇଁ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ମ୍ୟାଚଗୁଡିକୁ ରେଫରୀ ଦୈତାରୀ କାରୁଆ, ପ୍ରଦୀପ୍ତ କୁମାର ମହାନ୍ତି, ଏସ.କେ ଶାହାନୱାଜ ଆଲାମ ଓ ସାଇରାମ କିସକ୍ୟୁ ଖେଳକୁ ପରିଚାଳନା କରିଥିବାବେଳେ ହାସ୍ୟ ଅଭିନେତା ରଙ୍କନିଧି ରାଉତ ଧାରା ବିବରଣୀ ଦେଇଥିଲେ। ମରିଚିଆ ୟୁଥ ସ୍ପୋର୍ଟ୍ସ କ୍ଲବର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ହାଇୱା ଧକ୍କାରେ ଯୁବତୀ ମୃତ, ୨ଘଣ୍ଟା ରାସ୍ତାରୋକୋ

ତ୍ରିଶୂଳିଆ/ବାରଙ୍ଗ, ୨୫।୧୦ (ଲିଙ୍ଗରାଜ ରାଉତ/ତୁଷାର କାନ୍ତ ବେହେରା)




ବାରଙ୍ଗ ଥାନା ଗୋଡିସାହି ଫାଣ୍ଡି ଅନ୍ତର୍ଗତ ଗୋଡିସାହି ନିକଟରେ ଶନିବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ବାଇକକୁ ଏକ ବାଲି ବୋଝେଇ ହାଇୱା ଧକ୍କା ଦେଇଛି। ଫଳରେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ଚାଳକ ଗୁରୁତର ହୋଇଛନ୍ତି। ମୃତା ହେଲେ କେନ୍ଦୁଝର ଅଞ୍ଚଳର ସ୍ନିଗ୍ଧା ପାତ୍ର(୩୦) ଏବଂ ଗୁରୁତର ଜଣଙ୍କ ହେଲେ ଶୁଭକାନ୍ତ ସାହୁ(୩୦)। ଦୁର୍ଘଟଣା ଘଟାଇବା ପରେ ହାଇୱା ଚାଳକ ଫେରାର ହୋଇଯାଇଛନ୍ତି। ଘଟଣାପରେ ଉତ୍ତ୍ୟକ୍ତ ଲୋକେ ରାସ୍ତାରେ ହମ୍ପସ ନିର୍ମାଣ ଦାବି କରି ୨ ଘଣ୍ଟା ରାସ୍ତାରୋକୋ କରିଥିଲେ। ଏଥିଯୋଗୁ ବାରଙ୍ଗ-ବାଙ୍କୀ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ପୋଲିସ ପହଞ୍ଚି ବୁଝାଶୁଝା କରିବା ସହ ହମ୍ପସ ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଛି।

ପ୍ରକାଶ ଯେ, ସନ୍ଧ୍ୟା ପ୍ରାୟ ୬.୧୫ରେ ଏକ ବାଲି ବୋଝେଇ ହାଇୱା(ନଂ.ଓଡ଼ି ୦୫ଏଜେଡ ୩୧୩୨)ଟି ବାଙ୍କୀ କାଳିକାପ୍ରସାଦରୁ ଦ୍ରୁତଗତୀରେ ଗୋଡିସାହି ଆଡ଼କୁ ଆସୁଥିଲା। ଏହି ସମୟରେ ସ୍ନିଗ୍ଧା ତାଙ୍କ ସମ୍ପର୍କୀୟ ଶୁଭକାନ୍ତଙ୍କ ସହ ମା' ଚର୍ଚ୍ଚିକାଙ୍କ ଦର୍ଶନ ସାରି ଗୋବିନ୍ଦପୁର ପଟୁ ବାରଙ୍ଗ ଅଭିମୁଖେ ଫେରୁଥିଲେ। ଗୋଡିସାହି ପାଖ ଏକ ମସଲା କମ୍ପାନୀ ସାମ୍ନାରେ ବାଇକଟି ହାଇୱାକୁ ଓଭରଟେକ୍ କରି ଆସୁଥିଲା। ଏହି ସମୟରେ ଏକ ଷଣ୍ଢ ବାଇକ ଆଗକୁ ଆସିଯିବାରୁ ବାଇକଟିକୁ ପଛପଟରୁ ଦ୍ରୁତଗତିରେ ଆସୁଥିବା ହାଇୱାଟି ଧକ୍କା ଦେଇଥିଲା। ଫଳରେ ବାଇକ ବସିଥିବା ସ୍ନିଗ୍ଧା ଛିଟିକିପଡି ହାଇୱାର ପଛଚକ ତଳକୁ ପଳାଇ ଯାଇଥିଲେ। ଯାହାଫଳରେ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଏବଂ ଚାଳକ ଶୁଭକାନ୍ତ ଗୁରୁତର ହୋଇଥିଲେ। ଘଟଣା ପରେ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ରାସ୍ତାରୋକୋ କରିଥିଲେ। ବାରଙ୍ଗଥାନା ଅଧିକାରୀ ଦେବେନ୍ଦ୍ର ବିଶ୍ୱାଳ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଛନ୍ତି।


## ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ

ଆଞ୍ଚଳିକ କାର୍ଯ୍ୟାଳୟ: କଟକ
ପ୍ଲଟ୍ ନଂ.: ୪, ମହାନଦୀ ବିହାର, ପୋ.: ନୟାବଜାର, କଟକ-୭୫୩୦୦୪

**ଦଖଲ ନୋଟିସ୍**
[ପରିଶିଷ୍ଟ-୪ ରୁଲ ୮(୧)]
(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ନିୟମ ୮ ସହିତ ଧାରା ୧୩(୧୨) ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ଋଣ ରାଶି ସହିତ ଚୁକ୍ତିହାରରେ ପରିଶୋଧ ତାରିଖ ପର୍ଯ୍ୟନ୍ତ ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଓ ଦେୟ ଇତ୍ୟାଦି କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

୧) ଯେହେତୁ ଋଣଗ୍ରହୀତା(ମାନେ) ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ରେ ଦିଆଯାଇଥିବା କ୍ଷମତା ପ୍ରୟୋଗ କରି ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି।

୨) ତେଣୁ ବିଶେଷକରି ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି ଉକ୍ତ ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର କରନ୍ତି ତେବେ **ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ**ର ଦାବି ମୁତାବକ ନିମ୍ନ ଦର୍ଶିତ ରାଶି ସହ ଚୁକ୍ତିହାରରେ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଓ ଦେୟ ଇତ୍ୟାଦି, ଡିମାଣ୍ଡ ନୋଟିସ୍ ଜାରି ହେବା ପରେ ଡିମାଣ୍ଡ ନୋଟିସ୍ ତାରିଖ ଠାରୁ ପଇଠ ତାରିଖ ପର୍ଯ୍ୟନ୍ତ ପରିଶୋଧ ରାଶି ଯଦି କିଛି ଥାଏ, ତାହାକୁ ବାଦ ଦେଇ ପ୍ରଦାନ କରିବାକୁ ବାଧ୍ୟ ହେବେ। ଦଖଲ ତାରିଖ ସୁଦ୍ଧା ନିମ୍ନରେ ଦର୍ଶିତ ବକେୟା ଦେୟ ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଓ ଦେୟ ପ୍ରଦାନ କରିବାକୁ ହେବ।

**୩) ଏତଦ୍‌ଦ୍ୱାରା ଋଣଗ୍ରହୀତା ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା-(୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଆଳିପିଙ୍ଗଳ ଶାଖା / ଋଣଗ୍ରହୀତା/ବନ୍ଧକଦାତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ଦଖଲ ନିଆଯାଇଥିବା ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ପରିମାଣ | ଡିମାଣ୍ଡ ନୋଟିସ୍/ ଦଖଲ ନୋଟିସ୍ ତାରିଖ |
|---|---|---|---|
| **ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ପ୍ରେମାନନ୍ଦ ପାତ୍ର, (ମା ଯାଗେଶ୍ୱରୀ କେଏସକେ ର ସ୍ୱତ୍ୱାଧିକାରୀ),** ପିତା: ଶ୍ରୀଚରଣ ପାତ୍ର, ସା: ଯଶୋବନ୍ତପୁର, ପୋ: ଆଳିପିଙ୍ଗଳ, ଜିଲ୍ଲା: ଜଗତ୍‌ସିଂହପୁର, ପିନ୍ - ୭୫୪୧୦୩ / **ଗ୍ୟାରେଣ୍ଟିଦାତା ଏବଂ ବନ୍ଧକଦାତା: କଲ୍ୟାଣୀ ପାତ୍ର,** ସ୍ୱାମୀ: ପିତା: ଶ୍ରୀଚରଣ ପାତ୍ର, ସା: ଯଶୋବନ୍ତପୁର, ପୋ: ଆଳିପିଙ୍ଗଳ, ଜିଲ୍ଲା: ଜଗତ୍‌ସିଂହପୁର, ପିନ୍ - ୭୫୪୧୦୩, **ବର୍ତ୍ତମାନ ଠିକଣା:** ସା: ସିଏମ୍.୧୦, ଭିଏସ୍‌ଏସ୍ ନଗର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା-୭୫୧୦୦୭ / | **କଲ୍ୟାଣୀ ପାତ୍ର**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଜଗତ୍‌ସିଂହପୁର, ମୌଜା: ହରିହରପୁର, ଖାତା ନଂ.: ୧୮୩/୧୦୬, ପ୍ଲଟ୍ ନଂ.: ୩୮୭/୫୯୪, କ୍ଷେତ୍ର: ଏକର ୦.୦୮ ଡିସିମିଲି ଏବଂ **ପ୍ରେମାନନ୍ଦ ପାତ୍ର**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଜଗତ୍‌ସିଂହପୁର, ମୌଜା: ଯଶୋବନ୍ତପୁର, ଖାତା ନଂ.: ୫୦, ପ୍ଲଟ୍ ନଂ.: ୨୪୭୧, ୨୬୦୯, ୨୬୧୦, କ୍ଷେତ୍ର: ଏକର ୨.୨୫ ଡିସିମିଲି, ଏକର ୦.୨୦ ଡିସିମିଲି, ଏକର ୦.୧୧ ଡିସିମିଲି, **(ମୋଟ କ୍ଷେତ୍ର: ଏକର ୨.୫୬ ଡିସିମିଲି)** | ଟ.୩୮,୬୨,୮୯୦/- ସହିତ **୨୪.୧୦.୨୦୨୫** ଠାରୁ ଚୁକ୍ତିହାରରେ ସେବାବଦ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ | **୨୦.୦୮.୨୦୨୫ / ୨୪.୧୦.୨୦୨୫** |

**ଆଇନଗତ ଉତ୍ତରାଧିକାରୀମାନେ: ୧) ଇଲାସ୍କ ପାତ୍ର,** ପିତା: ପ୍ରେମାନନ୍ଦ ପାତ୍ର, ସା: ଯଶୋବନ୍ତପୁର, ପୋ: ଆଳିପିଙ୍ଗଳ, ଜିଲ୍ଲା: ଜଗତ୍‌ସିଂହପୁର, ପିନ୍ - ୭୫୪୧୦୩ / **ବର୍ତ୍ତମାନ ଠିକଣା:** ସା: ସିଏମ୍.୧୦, ଭିଏସ୍‌ଏସ୍ ନଗର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା-୭୫୧୦୦୭, **୨) ଇତୁଷ ପାତ୍ର,** ପିତା: ପ୍ରେମାନନ୍ଦ ପାତ୍ର, ସା: ଯଶୋବନ୍ତପୁର, ପୋ: ଆଳିପିଙ୍ଗଳ, ଜିଲ୍ଲା: ଜଗତ୍‌ସିଂହପୁର, ପିନ୍ - ୭୫୪୧୦୩ / **ବର୍ତ୍ତମାନ ଠିକଣା:** ସା: ସିଏମ୍.୧୦, ଭିଏସ୍‌ଏସ୍ ନଗର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା-୭୫୧୦୦୭, **୩) ରିତିକ୍ ପାତ୍ର,** ପିତା: ପ୍ରେମାନନ୍ଦ ପାତ୍ର, ସା: ଯଶୋବନ୍ତପୁର, ପୋ: ଆଳିପିଙ୍ଗଳ, ଜିଲ୍ଲା: ଜଗତ୍‌ସିଂହପୁର, ପିନ୍ - ୭୫୪୧୦୩ / **ବର୍ତ୍ତମାନ ଠିକଣା:** ସା: ସିଏମ୍.୧୦, ଭିଏସ୍‌ଏସ୍ ନଗର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା-୭୫୧୦୦୭, **୪) ଇସିତା ପାତ୍ର,** ପିତା: ପ୍ରେମାନନ୍ଦ ପାତ୍ର, ସା: ଯଶୋବନ୍ତପୁର, ପୋ: ଆଳିପିଙ୍ଗଳ, ଜିଲ୍ଲା: ଜଗତ୍‌ସିଂହପୁର, ପିନ୍ - ୭୫୪୧୦୩ / **ବର୍ତ୍ତମାନ ଠିକଣା:** ସା: ସିଏମ୍.୧୦, ଭିଏସ୍‌ଏସ୍ ନଗର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା-୭୫୧୦୦୭

**ସ୍ଥାନ: କଟକ, ତାରିଖ : ୨୪.୧୦.୨୦୨୫** — **ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ**

## यूनियन बैंक ऑफ इंडिया Union Bank of India

भारत सरकार का उपक्रम — A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ**
୧ମ ମହଲା, କେ କେ ଭଓ୍ୱାସିଙ୍କା କମ୍ପାଉଣ୍ଡ, ଶ୍ରୀଜି କମ୍ପ୍ଲେକ୍ସ, ମାଛୁଆ ବଜାର, କ୍ୟାଣ୍ଟନ୍‌ମେଣ୍ଟ ରୋଡ୍, କଟକ-୭୫୩୦୦୧

OIPR-09014/11/0202/2526



**OFFICE OF THE SUB-COLLECTOR-CUM-PRESIDENT, GOVERNING BODY, G.A. DEGREE MAHAVIDYALAYA KALIMELA, DIST-MALKANGIRI**

**NOTICE**

Notice No-68/25 Date-24.10.2025

It is hereby informed to all concerned that as per the direction of the Sub-Collector-Cum-President, Governing Body, G.A. Degree Mahavidyalaya Kalimela, Dist-Malkangiri that Dr. Padmalochan Rout, Lect. in English (Management Staff) required to keep his stand and report against his prolonged absent of 10 months to the President, G.B. on or before 06.11.2025 otherwise he will be terminated from his post.

Sd./- Sub-Collector-Cum-President
G.B., G.A.D.M. Kalimela



**OFFICE OF THE EXECUTIVE ENGINEER**
**Road Construction Department, Road Division, Daltonganj.**

e-Procurement Tender Notice
e-Tender Ref No- 9 /RCD/Daltonganj/2025-26/ 971 Dated:24.10.2025

| | | |
|---|---|---|
| 1. | Name of Work | IRQP Work of Shahpur-Garhwa via Budhiveer Tildag Road (Total Length-27.80 Km) for the year 2025-26. |
| 2. | Estimated Cost | Rs. 14,97,25,400.00 (Rupees Fourteen Crore Ninety Seven Lacs Twenty Five Thousand Four Hundred Rupees) Only. |
| 3. | Bid Security (Amount) | Rs. 14,97,300.00 (Rupees Fourteen Lacs Ninety Seven Thousand Three Hundred) Only. |
| 4. | Time of Completion | 06 Months |
| 5. | Date of Publication of Tender on Website | 06.11.2025, 10:30 AM |
| 6. | Last Date/Time of Online Bid Submission | 27.11.2025, 12:00 Noon |
| 7. | Date and Time of Bid opening | 28.11.2025, 12:30 PM |
| 8. | Bid (Tender Fee & EMD) Submission Address | Cost of bidding document (for a non refundable fee) & Bid security as indicated shall be payable online through http://jharkhandtenders.gov.in |
| 9. | Name & address of officer Inviting tender | Executive Engineer, R.C.D., Road Division, Daltonganj06562–225019 |
| 10. | E-mail Id | eercdmedini-jhr@nic.in |
| 11. | Helpline number of eProcurement cell | 0651-2401010 |

Note : Estimated amount may vary.
For further details can be seen on website http://jharkhandtenders.gov.in
PR.NO.364721 Road(25-26):D

Executive Engineer
Road Construction Department
Road Division, Daltonganj.



**ODISHA HYDRO POWER CORPORATION LTD** No.CAD-2094
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
**OFFICE OF THE GENERAL MANAGER (EL.)**
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☏ (0663) 2460661,
Email-hpschiplima@yahoo.in, Fax No. (0663) 2460505

No.CHEP/TW-100 (Vol.-V)/4000 Date: 22.10.2025

**'e'-Procurement Notice**
**TENDER CALL NOTICE NO.CHEP-37/2025-26**

**Unit Head, CHEP, Chiplima invites percentage rate tenders in two parts** for the work mentioned below, from the 'D' & 'C' Class of Contractors registered with the State Govt. of Odisha and contractors of equivalent grade / class registered with Central Govt. / MES / Railway for execution of civil works.

| Name of the Work | Estimated Cost / EMD | Cost of Tender Specification | Contract Period |
|---|---|---|---|
| Up-keeping & Cleaning of Chiplima Power House and Connected Areas under CHEP, Chiplima. | Rs.17,78,048.00 / EMD=Rs.17,800.00 | Rs.7,080.00 (Rs.6,000.00 + GST@18%) | 1 Year |

1. Availability of bids **ONLINE**: **from 11:00 AM of dtd.28.10.2025 up to 05:00 PM of dtd.11.11.2025.**
2. The date & time of opening of tender: **At 11:30 AM of dtd.12.11.2025.**

For further details and downloading of tender documents, Terms & Conditions, eligibility, corrigendum if any, please visit website https://tendersodisha.gov.in.

OIPR-04006/11/0108/2526 Sd/- Unit Head, CHEP, Chiplima



यूनियन बैंक ऑफ़ इंडिया | Union Bank of India
भारत सरकार का उपक्रम A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ**
୧ମ ମହଲା, କେ କେ ଭଓ୍ୱାସିଙ୍କ କମ୍ପାଉଣ୍ଡ, ଶ୍ରୀଜି କମ୍ପ୍ଲେକ୍ସ, ମାଛୁଆ ବଜାର, କ୍ୟାଣ୍ଟନ୍‌ମେଣ୍ଟ ରୋଡ୍, କଟକ-୭୫୩୦୦୧

**ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)**

ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ବଳରେ ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନମତେ ଦର୍ଶାଯାଇଥିବା ଅର୍ଥ ସହିତ ସେବାବଦ ସୁଧ ନୋଟିସ୍ ପାଇବାର **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମ ର ଧାରା ୧୩(୪) ଏବଂ କଥିତ ନିୟମର ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ **ଦଖଲ**କୁ ନେଇଛନ୍ତି। ଏତଦ୍ୱାରା ବିଶେଷ କରି ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ତତ୍‌ପରବର୍ତ୍ତୀ ସୁଧ ପାଇଁ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ପାରାଦୀପଗଡ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ପାରାଦୀପଗଡ ଶାଖା / ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ/ ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତାମାନେ: ୰ ପ୍ରଣବ କରଙ୍କ ପ୍ରତିନିଧିତ୍ୱ: ୧) ଶ୍ରୀ ବିଚିତ୍ରାନନ୍ଦ କର, ପିତା: ଶ୍ରୀ ଉଦୟନାଥ କର, ୨) ଶ୍ରୀମତୀ କାବେରୀ କର, ସ୍ୱାମୀ: ଶ୍ରୀ ପ୍ରଣବ କର, ଉଭୟଙ୍କ ଠିକଣା ସା.: ଗୋପିନାଥପୁର ଶାସନ, ଓସ୍ତର ଯଦୁପୁର, ମାର୍ଶାଘାଇ, ଜିଲ୍ଲା: କେନ୍ଦ୍ରାପଡା, ଓଡ଼ିଶା, ପିନ୍-୭୫୪୨୧୩ | ୩୧.୦୫.୨୦୨୫ ସୁଦ୍ଧା ଟ.୨୦,୫୪,୮୨୧.୮୩ + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୭.୦୬.୨୦୨୫ / ୨୩.୧୦.୨୦୨୫ | ଶ୍ରୀ ବିଚିତ୍ରାନନ୍ଦ କରଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ଖାତା ନଂ.: ୩୮, ପ୍ଲଟ୍ ନଂ.: ୮ ଏବଂ ୯, ପରିମିତ କ୍ଷେତ୍ର: ଏକର୦.୦୭ ଡିସିମିଲି, ମୌଜା: ଓସ୍ତର, ଥାନା: ମାର୍ଶାଘାଇ, ତହସିଲ: କିଆରବାଙ୍କ, ଜିଲ୍ଲା: କେନ୍ଦ୍ରାପଡା, ଏହାର ଚାରିପାର୍ଶ୍ୱରେ- ଉତ୍ତର: ଲୁଣା ନଦୀ, ଦକ୍ଷିଣ: ରାସ୍ତା, ପୂର୍ବ: କାହ୍ନୁ ଚରଣ ତ୍ରିପାଠୀ, ପଶ୍ଚିମ: କେଶବ ଚନ୍ଦ୍ର କର |

ତାରିଖ: ୨୪.୧୦.୨୦୨୫
ସ୍ଥାନ: କଟକ

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଶିରି



@ ଆଲୋକ



@ ପାର୍ବତୀ



@ ଶଶିକାନ୍ତ



@ ରଜତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପରିବେଶର ଗୁଣାତ୍ମକ ମାନ ସୁରକ୍ଷିତ ରଖିବା ଆବଶ୍ୟକ



ଉତ୍ସବରେ ପୂର୍ବତନ ପୋଲିସ ଡିଜି ଡ. ସତ୍ୟଜିତ ମହାନ୍ତି, ୟୁଏନ୍‌ଡିପି ଓଡ଼ିଶା କାର୍ଯ୍ୟାଳୟ ମୁଖ୍ୟ ଆଭା ମିଶ୍ରଙ୍କ ସମେତ ଅନ୍ୟ ଅତିଥିମାନେ।

## ଓଇଏସ୍‌ର ୪୪ତମ ପ୍ରତିଷ୍ଠା ଦିବସ, ପୁରସ୍କାର ପ୍ରଦାନ ଉତ୍ସବ

- ପ୍ରଫେସର ବି. ସୀତାରାମ ପାତ୍ରଙ୍କୁ 'ଆଜୀବନ କୃତି ପୁରସ୍କାର'
- ଡ. ଆର୍. ଭୀମା ରାଓ, ପ୍ରଫେସର ଶଶିକଳା ବେଉରାଙ୍କୁ 'ଓଇଏସ୍ ଫେଲୋ'

ଭୁବନେଶ୍ୱର, ୨୫।୧୦(ବନ୍ଦନା ସେଠୀ)

ଅସହନୀୟ ମାର୍ଗରେ ବିକାଶର ଧାରା ପରିଚାଳିତ ହେବା ଏବଂ ପ୍ରକୃତିର ସୁରକ୍ଷା ପ୍ରତି ଆମ ସମ୍ବେଦନଶୀଳତାରେ ଅବନତି ଘଟୁଥିବାରୁ ପରିବେଶଜନିତ ସମସ୍ୟା କ୍ରମେ ଗମ୍ଭୀର ରୂପ ଧାରଣ କରୁଛି। ମାତ୍ର ଏବେଠାରୁ ପରିବେଶର ଗୁଣାତ୍ମକ ମାନକୁ ସୁରକ୍ଷିତ ନ ରଖିଲେ ଆଗାମୀ ଭବିଷ୍ୟତ ମାନବଜାତି ସମେତ ସମଗ୍ର ଜୀବଜଗତ ନିମନ୍ତେ ଘାତକ ସାବ୍ୟସ୍ତ ହେବ। ଏଥିପାଇଁ ସରକାର, ବିଭିନ୍ନ ଅନୁଷ୍ଠାନ ଏବଂ ଜନସାଧାରଣଙ୍କ ସମ୍ମିଳିତ ଉଦ୍ୟମ ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ଶନିବାର ଓଡ଼ିଶା ପରିବେଶ ସମିତି (ଓଇଏସ୍)ର ୪୪ତମ ପ୍ରତିଷ୍ଠା ଦିବସ ଏବଂ ପୁରସ୍କାର ପ୍ରଦାନ ଉତ୍ସବ ସମିତିର ଗୃହରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ପୋଲିସ ଡିଜି ଡ. ସତ୍ୟଜିତ ମହାନ୍ତି ଯୋଗଦେଇ ସାମ୍ପ୍ରତିକ ବିଶ୍ୱ ପରିବେଶର ଦୃଶ୍ୟପଟ୍ଟ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ରୂପେ ୟୁଏନ୍‌ଡିପି ଓଡ଼ିଶା କାର୍ଯ୍ୟାଳୟ ମୁଖ୍ୟ ଆଭା ମିଶ୍ର ଯୋଗଦେଇ 'ପ୍ରକୃତି ଆଧାରିତ ସମାଧାନ ମାଧ୍ୟମରେ ବିପର୍ଯ୍ୟୟ ନୁହେଁ, ପାଣ୍ଠିର ସ୍ଥିରତା' ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଓୟୁଟିଆର୍‌ର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ବି. ସୀତାରାମ ପାତ୍ରଙ୍କୁ ପରିବେଶ ପାଇଁ ତାଙ୍କର ସାମଗ୍ରିକ ଅବଦାନ ନିମନ୍ତେ 'ଆଜୀବନ କୃତୀ ପୁରସ୍କାର' ପ୍ରଦାନ କରାଯାଇଥିଲା। ସେହିପରି ଡ. ଆର୍. ଭୀମା ରାଓ ଏବଂ ପ୍ରଫେସର ଶଶିକଳା ବେଉରାଙ୍କୁ 'ଓଇଏସ୍ ଫେଲୋ' ଉପାଧିରେ ସମ୍ମାନିତ କରାଯାଇଥିଲା।

ଏଥିସହ ଗୋପାଳକୃଷ୍ଣ ମହାପାତ୍ରଙ୍କୁ 'ପରିବେଶ ସମ୍ବାଦରେ ଉତ୍କର୍ଷ ପୁରସ୍କାର' ଏବଂ ଭାରତ ସରକାରଙ୍କ ପାଣିପାଗ ବିଭାଗ ଭୁବନେଶ୍ୱରର ପୂର୍ବତନ ନିର୍ଦ୍ଦେଶକ ଡ. ଶରତ ଚନ୍ଦ୍ର ସାହୁଙ୍କୁ 'ପରିବେଶ ଉତ୍କର୍ଷ ପୁରସ୍କାର', ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ଭୁବନେଶ୍ୱରର ଶିକ୍ଷା ଅଧିକାରୀ ନିକୁଞ୍ଜ ବିହାରୀ ସାହୁଙ୍କୁ 'ଜନପ୍ରିୟ ପରିବେଶ ଏବଂ ବିଜ୍ଞାନ ପୁରସ୍କାର', ଇନ୍‌ସାଫ ଅନୁଷ୍ଠାନର ପରାମର୍ଶଦାତା ଉତ୍କଳ ରଞ୍ଜନ ମହାନ୍ତିଙ୍କୁ 'ପ୍ରକୃତି ସଂରକ୍ଷଣ ପୁରସ୍କାର', ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଭୁବନେଶ୍ୱର ମୁଖ୍ୟ କାର୍ଯ୍ୟାଳୟକୁ ପରିବେଶ ସୁରକ୍ଷା ସହାୟତା ନିମନ୍ତେ 'କୃତଜ୍ଞତା ପ୍ରକାଶ' ଏବଂ ୫ଜଣଙ୍କୁ 'ଓଇଏସ ପୃଷ୍ଠପୋଷକ' ପୁରସ୍କାର ପ୍ରଦାନ କରାଯାଇଥିଲା। ଓଇଏସ୍ କାର୍ଯ୍ୟକାରୀ ସଭାପତି ଡ. ଜୟକୃଷ୍ଣ ପାଣିଗ୍ରାହୀ ଅଧ୍ୟକ୍ଷତା କରି ପରିବେଶ ସୁରକ୍ଷାରେ ଯୁବପିଢ଼ିଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ପୂର୍ବତନ ପିସିସିଏଫ୍ ଡ. ବିଜୟ କେତନ ପଟ୍ଟନାୟକ, ଓଇଏସ୍ ସଭାପତି ଡ. ସୁନ୍ଦର ନାରାୟଣ ପାତ୍ର, ଉପସଭାପତି ଡ. ଲାଲା ଏକେ ସିଂହ, ସମ୍ପାଦକ ଇଂ. ମନୋରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ୨୮ ଯାଏ ଚିଲିକାରେ ଡଙ୍ଗା ଚଳାଚଳ ନିଷିଦ୍ଧ

ବାଲୁଗାଁ,୨୫।୧୦ (ସଂଗ୍ରାମ ପାଇକରାୟ)

ସମ୍ଭାବ୍ୟ ବାତ୍ୟା 'ମୋନ୍ଥା'କୁ ନେଇ ଚିଲିକା ତଟବର୍ତ୍ତୀ ଅଞ୍ଚଳବାସୀ ଏବଂ ମତ୍ସ୍ୟଜୀବୀଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ଶନିବାର ବାଲୁଗାଁସ୍ଥିତ ଜିଲା ମତ୍ସ୍ୟ ବିଭାଗୀୟ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପକ୍ଷରୁ ଚିଲିକା ତଟବର୍ତ୍ତୀ ଅଞ୍ଚଳରେ ଡାକବାଜି ଯନ୍ତ୍ର ମାଧ୍ୟମରେ ଲୋକଙ୍କୁ ସତର୍କ କରାଯାଇଛି। ଏଥିସହ ଆସନ୍ତା ୨୮ତାରିଖ ଯାଏ ଚିଲିକାରେ ଯାତ୍ରୀବାହୀ ଏବଂ ମାଛଧରା ଡଙ୍ଗା ଚଳାଚଳକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ଯେଉଁମାନେ ଚିଲିକାରେ ମାଛ ଧରୁଛନ୍ତି ରବିବାର ସକାଳ ସୁଦ୍ଧା କୂଳକୁ ଫେରିଆସିବାକୁ ସେମାନଙ୍କୁ ନିବେଦନ କରାଯାଇଛି। ଡଙ୍ଗାଗୁଡ଼ିକୁ ସୁରକ୍ଷିତ ସ୍ଥାନରେ ନେଇ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମତ୍ସ୍ୟ ବିଭାଗ ନିର୍ଦ୍ଦେଶକ ମନୋରଞ୍ଜନ ଦାସ କହିଛନ୍ତି। ଅନ୍ୟପକ୍ଷରେ ପରସ୍ଥିତିକୁ ନଜରରେ ରଖି ଆବଶ୍ୟକ ପଡିଲେ ଚିଲିକାତଟ କଚ୍ଚାଘରେ ରହୁଥିବା ଲୋକଙ୍କୁ ନିକଟ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯିବ ବୋଲି ବାଲୁଗାଁ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ କହିଛନ୍ତି।


## ଜିଲ୍ଲାସ୍ତରୀୟ ଅନୁଷ୍ଠାନ ଭିତ୍ତିକ ତାଲିମ ପାଇଁ ବିଜ୍ଞାପନ

No. PP-40: ଚଳିତ ଶିକ୍ଷା ବର୍ଷ (୨୦୨୫-୨୬) ପାଇଁ ରାଜ୍ୟର ବିଭିନ୍ନ ଜିଲ୍ଲାର ନିମ୍ନ ଲିଖିତ ହସ୍ତଶିଳ୍ପ ତାଲିମ କେନ୍ଦ୍ର/ବିଦ୍ୟାଳୟ ଗୁଡ଼ିକରେ ଛାତ୍ର/ଛାତ୍ରୀ ଗ୍ରହଣ ନିମିତ୍ତ ଆଗ୍ରହୀ ପ୍ରାର୍ଥୀ/ପ୍ରାର୍ଥିନୀଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଦରଖାସ୍ତ କରିବାର ଶେଷ ତାରିଖ ୨୪।୧୧।୨୦୨୫। ତାଲିମ ସମୟରେ ପ୍ରାର୍ଥୀ/ପ୍ରାର୍ଥିନୀମାନଙ୍କୁ ମାସିକ ଟ୨୦୦୦/-ଙ୍କା ବୃତ୍ତି ପ୍ରଦାନ କରାଯିବ।

| କ୍ରମିକ ସଂଖ୍ୟା | ଜିଲ୍ଲାର ନାମ | ହସ୍ତଶିଳ୍ପ ବିଦ୍ୟାଳୟ/ ତାଲିମ କେନ୍ଦ୍ରର ନାମ | ହସ୍ତଶିଳ୍ପର (ପାଠ୍ୟକ୍ରମ) ନାମ | ସ୍ଥାନ ସଂଖ୍ୟା | ତାଲିମ ଅବଧି |
|---|---|---|---|---|---|
| ୧ | ବାଲେଶ୍ୱର | ବଉଳଗାଡ଼ିଆ ହସ୍ତଶିଳ୍ପ ତାଲିମ କେନ୍ଦ୍ର, ବଉଳ ଗାଡ଼ିଆ, ଈଶ୍ୱରପୁର, ବାଲେଶ୍ୱର | ପଥର ଖୋଦେଇ (ମୌଳିକ) | ୨୦ | ୧ ବର୍ଷ |
| ୨ | ବାଲେଶ୍ୱର | ବଉଳଗାଡ଼ିଆ ହସ୍ତଶିଳ୍ପ ତାଲିମ କେନ୍ଦ୍ର, ବଉଳଗାଡ଼ିଆ, ବାଲେଶ୍ୱର | ମୃତ୍ତିକା ଶିଳ୍ପ (ମୌଳିକ) | ୧୦ | ୧ ବର୍ଷ |
| ୩ | ବାଲେଶ୍ୱର | ବଉଳଗାଡ଼ିଆ ହସ୍ତଶିଳ୍ପ ତାଲିମ କେନ୍ଦ୍ର, ବଉଳ ଗାଡ଼ିଆ, ବାଲେଶ୍ୱର | ପଥର ଖୋଦେଇ (ଉଚ୍ଚତର) | ୧୦ | ୧ ବର୍ଷ |
| ୪ | ବରଗଡ଼ | ଚଢ଼େଇଗାଁ ହସ୍ତଶିଳ୍ପ ତାଲିମ କେନ୍ଦ୍ର, ଚଢ଼େଇଗାଁ, ବରଗଡ଼ | ମୃତ୍ତିକା ଶିଳ୍ପ (ମୌଳିକ) | ୨୦ | ୧ ବର୍ଷ |
| ୫ | ଭଦ୍ରକ | ମହାନ୍ତିପଡ଼ା ହସ୍ତଶିଳ୍ପ ତାଲିମ କେନ୍ଦ୍ର, ମହାନ୍ତିପଡ଼ା, ଭଦ୍ରକ | ମୃତ୍ତିକା ଶିଳ୍ପ (ମୌଳିକ) | ୨୦ | ୧ ବର୍ଷ |
| ୬ | ବଲାଙ୍ଗୀର | ବାହାଳି ହସ୍ତଶିଳ୍ପ ତାଲିମ କେନ୍ଦ୍ର, ବାହାଳି, ବଲାଙ୍ଗୀର | ଧାନରୁ ତିଆରି ହସ୍ତଶିଳ୍ପ (ମୌଳିକ) | ୨୦ | ୧ ବର୍ଷ |
| ୭ | କଟକ | ଲଳିତଗିରି ହସ୍ତଶିଳ୍ପ ତାଲିମ କେନ୍ଦ୍ର, ଲଳିତଗିରି, କଟକ | ପଥର ଖୋଦେଇ (ମୌଳିକ) | ୧୦ | ୧ ବର୍ଷ |
| ୮ | କଟକ | ରାଜନଗର ହସ୍ତଶିଳ୍ପ ତାଲିମ କେନ୍ଦ୍ର, ରାଜନଗର, ଚକଡ଼ା, ଆଠଗଡ଼, କଟକ | ବେତ ବାଉଁଶ (ମୌଳିକ) | ୨୦ | ୧ ବର୍ଷ |
| ୯ | କଟକ | ଘାସିପୁଟ ହସ୍ତଶିଳ୍ପ ତାଲିମ କେନ୍ଦ୍ର, ଘାସିପୁଟ, କଟକ | ବେତ ବାଉଁଶ (ମୌଳିକ) | ୧୨ | ୧ ବର୍ଷ |
| ୧୦ | ଦେଓଗଡ଼ | ଭିତରପଡ଼ା ହସ୍ତଶିଳ୍ପ ତାଲିମ କେନ୍ଦ୍ର, ଭିତରପଡ଼ା, ଦେଓଗଡ଼ | ଢୋକରା କାମ (ମୌଳିକ) | ୨୦ | ୧ ବର୍ଷ |
| ୧୧ | ଢେଙ୍କାନାଳ | କରମୂଳ ହସ୍ତଶିଳ୍ପ ତାଲିମ କେନ୍ଦ୍ର, କରମୂଳ, ଢେଙ୍କାନାଳ | ଆଦିବାସୀ ଅଳଙ୍କାର (ମୌଳିକ) | ୧୦ | ୧ ବର୍ଷ |
| ୧୨ | ଢେଙ୍କାନାଳ | ସାଆନ୍ଦାପଶିପାଟଣା ହସ୍ତଶିଳ୍ପ ତାଲିମ କେନ୍ଦ୍ର, ସାଆନ୍ଦାପଶିପାଟଣା, ଗନ୍ଦିଆ, ଢେଙ୍କାନାଳ | ବେତ ବାଉଁଶ (ମୌଳିକ) | ୧୨ | ୧ ବର୍ଷ |
| ୧୩ | ଢେଙ୍କାନାଳ | ସଦେଇବରେଣୀ ହସ୍ତଶିଳ୍ପ ତାଲିମ କେନ୍ଦ୍ର, ସଦେଇବରେଣୀ, ଢେଙ୍କାନାଳ | ଢୋକରା କାମ (ମୌଳିକ) | ୨୦ | ୧ ବର୍ଷ |
| ୧୪ | ଗଜପତି | ପାରଳାଖେମୁଣ୍ଡି ହସ୍ତଶିଳ୍ପ ତାଲିମ କେନ୍ଦ୍ର, ପାରଳାଖେମୁଣ୍ଡି, ଗଜପତି | ଶିଙ୍ଗ କାମ (ମୌଳିକ) | ୨୦ | ୧ ବର୍ଷ |
| ୧୫ | ଗଞ୍ଜାମ | ମାମୁଡ଼ିହ ହସ୍ତଶିଳ୍ପ ତାଲିମ କେନ୍ଦ୍ର, ମାମୁଡ଼ିହ, ଗଞ୍ଜାମ | କଂସା ଓ ପିତ୍ତଳ କାମ (ମୌଳିକ) | ୨୦ | ୧ ବର୍ଷ |
| ୧୬ | ଜଗତସିଂହପୁର | ଲୁଣ୍ଣକୁଆ ହସ୍ତଶିଳ୍ପ ତାଲିମ କେନ୍ଦ୍ର, ଲୁଣ୍ଣକୁଆ, ଜଗତସିଂହପୁର | ମୃତ୍ତିକା ଶିଳ୍ପ (ମୌଳିକ) | ୧୦ | ୧ ବର୍ଷ |
| ୧୭ | ଜଗତସିଂହପୁର | ଅବଦଲପୁର ହସ୍ତଶିଳ୍ପ ତାଲିମ କେନ୍ଦ୍ର, ଅବଦଲପୁର, ଜଗତସିଂହପୁର | ବେତ ବାଉଁଶ (ମୌଳିକ) | ୧୨ | ୧ ବର୍ଷ |
| ୧୮ | ଯାଜପୁର | ଗଡ଼ମଧୁପୁର ହସ୍ତଶିଳ୍ପ ତାଲିମ କେନ୍ଦ୍ର, ଗଡ଼ମଧୁପୁର, ଯାଜପୁର | କାଇଁଚ କାମ (ମୌଳିକ) | ୨୦ | ୧ ବର୍ଷ |
| ୧୯ | କଳାହାଣ୍ଡି | ଖଇରପଦର ହସ୍ତଶିଳ୍ପ ତାଲିମ କେନ୍ଦ୍ର, ଖଇରପଦର, କଳାହାଣ୍ଡି | କାଠ ଖୋଦେଇ (ମୌଳିକ) | ୨୦ | ୧ ବର୍ଷ |
| ୨୦ | କନ୍ଧମାଳ | ଫିରିଙ୍ଗିଆ ହସ୍ତଶିଳ୍ପ ତାଲିମ କେନ୍ଦ୍ର, ଫିରିଙ୍ଗିଆ, କନ୍ଧମାଳ | କାଠ ଖୋଦେଇ (ମୌଳିକ) | ୨୦ | ୧ ବର୍ଷ |
| ୨୧ | କେନ୍ଦ୍ରାପଡ଼ା | ଅନୁଆପଡ଼ା ହସ୍ତଶିଳ୍ପ ତାଲିମ କେନ୍ଦ୍ର, ଅନୁଆପଡ଼ା, ଡେରାବିଶ, କେନ୍ଦ୍ରାପଡ଼ା | କାଇଁଚ ଶିଳ୍ପ (ମୌଳିକ) | ୨୦ | ୧ ବର୍ଷ |
| ୨୨ | କେନ୍ଦୁଝର | ଆନନ୍ଦପୁର ହସ୍ତଶିଳ୍ପ ତାଲିମ କେନ୍ଦ୍ର, ଆନନ୍ଦପୁର, କେନ୍ଦୁଝର | କାଗଜ ମୁଖା (ମୌଳିକ) | ୨୦ | ୧ ବର୍ଷ |
| ୨୩ | କୋରାପୁଟ | ବୈପାରିଗୁଡ଼ା ହସ୍ତଶିଳ୍ପ ତାଲିମ କେନ୍ଦ୍ର, ବୈପାରିଗୁଡ଼ା, କୋରାପୁଟ | ବାଉଁଶ କାମ (ମୌଳିକ) | ୨୦ | ୧ ବର୍ଷ |
| ୨୪ | ମାଲକାନଗିରି | ମୁଦୁଲିପଡ଼ା ହସ୍ତଶିଳ୍ପ ତାଲିମ କେନ୍ଦ୍ର, ମୁଦୁଲିପଡ଼ା, ମାଲକାନଗିରି | ଆଦିବାସୀ ଅଳଙ୍କାର (ମୌଳିକ) | ୨୦ | ୧ ବର୍ଷ |
| ୨୫ | ମୟୂରଭଞ୍ଜ | ଖିଚିଙ୍ଗ ହସ୍ତଶିଳ୍ପ ତାଲିମ କେନ୍ଦ୍ର, ଖିଚିଙ୍ଗ, ମୟୂରଭଞ୍ଜ | ପଥର ଖୋଦେଇ (ମୌଳିକ) | ୧୦ | ୧ ବର୍ଷ |
| ୨୬ | ମୟୂରଭଞ୍ଜ | କୃଷ୍ଣ ଚନ୍ଦ୍ରପୁର ହସ୍ତଶିଳ୍ପ ତାଲିମ କେନ୍ଦ୍ର, କୃଷ୍ଣ ଚନ୍ଦ୍ରପୁର, ମୟୂରଭଞ୍ଜ | ସବାଇ ଘାସ (ମୌଳିକ) | ୧୦ | ୧ ବର୍ଷ |
| ୨୭ | ନବରଙ୍ଗପୁର | ନବରଙ୍ଗପୁର ହସ୍ତଶିଳ୍ପ ତାଲିମ କେନ୍ଦ୍ର, ନବରଙ୍ଗପୁର | ଲାଖ କାମ (ମୌଳିକ) | ୨୦ | ୧ ବର୍ଷ |
| ୨୮ | ନୟାଗଡ଼ | ଆଙ୍ଗିଶିଙ୍ଗି ହସ୍ତଶିଳ୍ପ ତାଲିମ କେନ୍ଦ୍ର, ଆଙ୍ଗିଶିଙ୍ଗି, ନୟାଗଡ଼ | ବେତ ବଉଁଶ (ମୌଳିକ) | ୧୦ | ୧ ବର୍ଷ |
| ୨୯ | ପୁରୀ | ପୁରୀ ହସ୍ତଶିଳ୍ପ ତାଲିମ କେନ୍ଦ୍ର, ନୀଳାଚଳ ହାଟ, ପୁରୀ | ପଥର ଖୋଦେଇ (ମୌଳିକ) | ୧୦ | ୧ ବର୍ଷ |
| ୩୦ | ପୁରୀ | ପୁରୀ ହସ୍ତଶିଳ୍ପ ତାଲିମ କେନ୍ଦ୍ର, ନୀଳାଚଳ ହାଟ, ପୁରୀ | ଶଙ୍ଖ ଶାମୁକା (ମୌଳିକ) | ୧୦ | ୧ ବର୍ଷ |
| ୩୧ | ରାଗୟଡ଼ା | ପୁଟାସିଙ୍ଗ ହସ୍ତଶିଳ୍ପ ତାଲିମ କେନ୍ଦ୍ର, ପୁଟାସିଙ୍ଗ, ରାୟଗଡ଼ା | ଜନଜାତି ଚିତ୍ରକଳା (ମୌଳିକ) | ୨୦ | ୧ ବର୍ଷ |
| ୩୨ | ରାୟଗଡ଼ା | ଚାଟିକୋଣ ହସ୍ତଶିଳ୍ପ ତାଲିମ କେନ୍ଦ୍ର, ଚାଟିକୋଣ, ରାୟଗଡ଼ା | ଡଙ୍ଗରିଆ କନ୍ଧ ଏମବ୍ରୋଡରୀ ଶାଲ (ମୌଳିକ) | ୨୦ | ୧ ବର୍ଷ |
| ୩୩ | ସମ୍ବଲପୁର | ସହଜବହଲ ହସ୍ତଶିଳ୍ପ ତାଲିମ କେନ୍ଦ୍ର, ସହଜବହଲ, ସମ୍ବଲପୁର | ମୃତ୍ତିକା ଶିଳ୍ପ (ମୌଳିକ) | ୨୦ | ୧ ବର୍ଷ |
| ୩୪ | ସୁବର୍ଣ୍ଣପୁର | କୁହିବହଲ ହସ୍ତଶିଳ୍ପ ତାଲିମ କେନ୍ଦ୍ର, କୁହିବହଲ, ସୁବର୍ଣ୍ଣପୁର | ମୃତ୍ତିକା ଶିଳ୍ପ (ମୌଳିକ) | ୨୦ | ୧ ବର୍ଷ |

**ଆବେଦନ ନିମନ୍ତେ ଯୋଗ୍ୟତା:**

ବୟସ: ମୌଳିକ ପାଠ୍ୟକ୍ରମ ପାଇଁ ୧୪ବର୍ଷରୁ ୪୦ବର୍ଷ ଓ ଉଚ୍ଚତର ପାଠ୍ୟକ୍ରମ ପାଇଁ ୧୫ବର୍ଷରୁ ୪୦ ବର୍ଷ। ତଫସିଲଭୁକ୍ତ ଜାତି/ଜନଜାତି/ଅନ୍ୟାନ୍ୟ ପଛୁଆ ବର୍ଗ/ଶାରୀରିକ ଭିନ୍ନକ୍ଷମ/ମହିଳା ଓ ସଂଖ୍ୟାଲଘୁ ସମ୍ପ୍ରଦାୟ ପ୍ରାର୍ଥୀମାନଙ୍କ ପାଇଁ ସର୍ବୋଚ୍ଚ ବୟସ ସୀମା ୩ ବର୍ଷ କୋହଳ କରାଯିବ।

**ଶିକ୍ଷାଗତ ଯୋଗ୍ୟତା – ୮ମ ପାସ୍ ଓ ତଦୂର୍ଦ୍ଧ୍ୱ**

ଉଚ୍ଚତର ପାଠ୍ୟକ୍ରମ ପାଇଁ ପ୍ରାର୍ଥୀ/ପ୍ରାର୍ଥିନୀ ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ କିମ୍ବା କୌଣସି ସରକାରୀ ଜିଲ୍ଲା ହସ୍ତଶିଳ୍ପ ତାଲିମ କେନ୍ଦ୍ରରୁ ସମ୍ପୃକ୍ତ ହସ୍ତଶିଳ୍ପରେ ମୌଳିକ ପାଠ୍ୟକ୍ରମରେ ତାଲିମ ସମାପ୍ତ କରିଥିବେ କିମ୍ବା ଜିଲ୍ଲାସ୍ତରୀୟ MCM ତାଲିମ କାର୍ଯ୍ୟକ୍ରମରେ ତାଲିମ ପ୍ରାପ୍ତ ହୋଇଥିବେ ତଥା କୌଣସି ନିପୁଣ ଶିଳ୍ପୀଙ୍କ ଅଧୀନରେ ଅନ୍ୟୂନ ୦୨ ବର୍ଷ କାର୍ଯ୍ୟ କରିବାର ଅଭିଜ୍ଞତା ଥିବା କିମ୍ବା କୌଣସି ରାଜ୍ୟ/ଜାତୀୟ ସ୍ତରୀୟ ହସ୍ତଶିଳ୍ପ ପୁରସ୍କାରପ୍ରାପ୍ତ କାରିଗରଙ୍କ ଅଧୀନରେ ଅନ୍ୟୂନ ୦୫ ବର୍ଷ କାର୍ଯ୍ୟ କରିବାର ଅଭିଜ୍ଞତା ଥିବ।

ସ୍ଥାନ ସଂରକ୍ଷଣ ବ୍ୟବସ୍ଥା: ତଫସିଲଭୁକ୍ତ ଜାତି/ଜନଜାତି/ଅନ୍ୟାନ୍ୟ ପଛୁଆ ବର୍ଗ/ଶାରୀରିକ ଭିନ୍ନକ୍ଷମ/ସଂଖ୍ୟାଲଘୁ ସମ୍ପ୍ରଦାୟ/ମହିଳା ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ପାଇଁ ସରକାରୀ ନିୟମ ଅନୁସାରେ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ରହିଛି।

ଆଗ୍ରହୀ ପ୍ରାର୍ଥୀ/ପ୍ରାର୍ଥିନୀମାନେ ଅନଲାଇନ୍ ମାଧ୍ୟମରେ **https://crafts.odisha.gov.in/** ୱେବସାଇଟ ପରିଦର୍ଶନ କରି Apply Online ଉପରେ Click କରି **https://spdp.odisha.gov.in/**ରେ ପ୍ରବେଶ କରିବା ପରେ Institutional Trainingର Apply Now ଉପରେ Click କରି ଆବେଦନ କରିପାରିବେ। ଏହି ସମ୍ବନ୍ଧୀୟ ସବିଶେଷ ତଥ୍ୟ ପାଇଁ ସମ୍ପୃକ୍ତ ଉପ ନିର୍ଦ୍ଦେଶକ (ହସ୍ତଶିଳ୍ପ)/ସହ ନିର୍ଦ୍ଦେଶକ (ହସ୍ତଶିଳ୍ପ)/ବ୍ଲକ ହସ୍ତଶିଳ୍ପ ବିକାଶ ଅଧିକାରୀଙ୍କ ସହ ଯୋଗାଯୋଗ କରିବାକୁ ଅନୁରୋଧ।

ସ୍ୱା./- ନିର୍ଦ୍ଦେଶକ
ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା, ଭୁବନେଶ୍ୱର
OIPR-31034/11/0006/2526



## OFFICE OF THE DEPUTY DIRECTOR RESEARCH

Research Development & Quality Promotion (R & B), Odisha
Sachivalaya Marg, Unit-IV, Bhubaneswar
E-mail : eeqcrandbbbsr@gmail.com
"e"-Procurement Notice
Government Of Odisha

No.B-632 **WORKS DEPARTMENT**

**Bid Identification No. 02/DDR-RDQP/25-26**

1. The Deputy Director Research, RD & QP (R&B), Odisha, Bhubaneswar on behalf of Governor of Odisha invites online bids / tenders in double cover system from eligible and reputed / ISO Certified laboratory equipment manufacturers or their Authorized distributors / dealers in double cover system for the work **"Supply, Installation & Commissioning of Spark based Optical Emission Spectrometer for laboratories under Research Development and Quality Promotion Wing, Government of Odisha during the financial year 2025-26"**
2. Nature of work : Procurement of Machineries / Equipment
3. No. of work : 1 No.
4. Tender Paper cost : Rs.10000.00
5. Type of bidder : Original Equipment Manufacturer (OEM)/ Authorized Distributor / Dealer of OEM
6. Availability of bid documents on the website : From 10.00 A.M. of 27.10.2025 to 5.30 P.M. of 17.11.2025
7. Date of opening of Bid : Dt.18.11.2025 at 11.30 A.M.
8. The Bidders have to participate in ONLINE bidding only. Further details can be seen from the website : https://tenderodisha.gov.in. Any addendum / corrigendum / cancellation of tender can also be seen in the said website.

Sd./- Deputy Director Research,
RD&QP (R&B), Bhubaneswar
OIPR-34167/11/0008/2526



## OFFICE OF THE SUPERINTENDING ENGINEER RWS&S DIVISION, BHUBANESWAR

E-mail: eebbsrrwss@gmail.com

**QUOTATION CALL NOTICE No. 20 of 2025-26**

No. O-1098: The Superintending Engineer, RWS&S Division, Bhubaneswar on behalf of Governor of Odisha invites sealed quotations from interested reputed Travel Agencies/Tour Operators/individuals for providing two No. of vehicle (Scorpio/Creta/Mahindra/Marazzon/Equivalent Mileage etc.) having seating capacity 7 Nos. including Driver which shall confirm to the terms and conditions (Appendix-A) for official use of Engineer-in-Chief, RWS & (O), Bhubaneswar on monthly basis as per the following details.

| Sl. No. | Nature of Work | Hiring of Vehicle for Office use of Engineer-in-Chief, RWS&S (O), Bhubaneswar |
|---|---|---|
| 1. | No. of Works | 02 (Two) |
| 2. | Time for Deployment | Three Years |
| 3. | Class of Contractors eligible | Reputed Travel Agencies/Tour Operators/Private Individuals |
| 4. | Availability of bids in the Office Superintending Engineer, RWS&S Division, Bhubaneswar | From Dt.28.10.2025 (11.00 A.M.) to Dt.06.11.2025 (1.00 P.M.) |
| 5. | Last date and time for submission of quotation papers in the quotation box kept in the Office of the Superintending Engineer, RWS&S Division, Bhubaneswar | Dt.07.11.2025 (1.00 P.M.) |
| 6. | Date & time of opening of bids | On Dt.07.11.2025 (04.00 P.M.) in the Office of the Superintending Engineer, RWS&S Division, BBSR |

Subsequent corrigendum if any shall display in the Office Notice Board.

Sd./- Executive Engineer
RWS&S Division, Bhubaneswar
OIPR-25011/11/0037/2526



## OFFICE OF THE SUPERINTENDING ENGINEER RURAL WORKS DIVISION, KARANJIA (MAYURBHANJ)

No.O-1151

E-mail ID : eerwkaranjia@yahoo.com
Letter No. 4303 // Date : 18.10.2025

**"e" Procurement Notice for Special Repair to Roads for year 2025-26**
**Bid Identification No. - RWDKNJ - 08/2025-26**

1. Name of the work : Road Works (As per Annexure), 2. Estimated Cost : Rs.5.08 to Rs.25.42 Lakhs Approximately (As per Annexure), 3. Class of Contractor : 'D', 'C' & 'C', 'B' Class (As per Annexure), 4. Period of Completion : As per Annexure, 5. Tender Paper Cost : Paper cost of bid as mentioned in Annexure of Road Works.
Further details can be seen from the website www.tendersodisha.gov.in

| Procurement Officer | Bid Identification No. | Availability of tender Online for bidding | | Last date & time of seeking Tender Clarification | Date & Time of Opening of Tender in O/o S.E.R.W. Division, Karanjia Technical & Financial Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Karanjia | Road Online RWDKNJ-08/25-26 | Dt.28.10.2025 at 10.00 A.M. | Dt.06.11.2025 upto 5.00 P.M. | Dt.04.11.2025 upto 1.00 P.M. | Dt.07.11.2025 at 11.00 A.M. |

Sd./- Executive Engineer
R.W. Division, Karanjia
OIPR-25086/11/0030/2526



## GOVERNMENT OF ODISHA PANCHAYATIRAJ & D.W. DEPARTMENT OFFICE OF THE PANCHAYAT SAMITI, NAUGAON, JAGATSINGHPUR

e-mail ID: ori-naugaon@nic.in
No. i-

**'e' Procurement Notice No. BDO/NPS-02 of 2025-26**

| | | |
|---|---|---|
| 1 | Number of the works | 04 (Four) Nos. |
| 2 | Tender Amount (Approx.) | Rs.22.32 Lakhs to Rs.24.33 lakhs |
| 3 | EMD (Online) | Rs.22,400 to Rs.24,400 |
| 4 | Tender Paper Cost (Online) (Non-Refundable) | Rs.6,000.00 |
| 5 | Class of Contractor | "C" & "B" Class Contractor |
| 6 | Period of Completion | 06 (Six) Calendar Months |

| Procurement Officer | Bid Identification No. | Availability of Tender | | Last date & time for seeking tender clarification | Date & Time of Opening of BID | Place of Opening of Bid |
|---|---|---|---|---|---|---|
| | | From | To | | | |
| Block Development Officer, Naugaon | BDO/NPS-02/ 2025-26 | 27.10.2025 at 10.00 hours | 10.11.2025 at 17.30 hours | 06.11.2025 upto 1.00 P.M. during office horus on working days | 11.11.2025 at 11.00 A.M. during office hours | O/o. the Panchayat Samiti, Naugaon |

Further details can be seen from the Govt. website **"https://tendersodisha.gov.in**.
All Corrigendum/Cancellation of tender if any, will only be uploaded in the above website.
OIPR-19447/11/0003/2526
Sd./- Block Development Officer, Naugaon



## GOVT. OF ODISHA OFFICE OF THE SUPERINTENDING ENGINEER RURAL WORKS DIVISION, ANANDAPUR

No.O-1124

E-Mail:- eerw_anandapur@yahoo.co.in

**NOTICE INVITING TENDER**
**NATIONAL COMPETITIVE BIDDING THROUGH e-PROCUREMENT NOTICE**
**Online-06 /EE/RW/AND/2025-26**
Annual Maintenance Plan of Rural Roads under Administrative Expenditure

No. ______// Date : 23.10.2025 //

**Executive Engineer, Rural Works Division, Anandapur on behalf of Government of Odisha invites PERCENTAGE (%) RATE tender for Annual Maintenance Plan of Rural Roads through e-Procurement as per annexure.** The bid should be submitted on-line in the website **www.tendersorissa.gov.in** by eligible class of contractors having legal competency & expertise, registered with the State Government & contractors of equivalent grades / class registered with Central Govt./ MES/ Railways for execution of only Civil works. The bidders should have necessary Portal Enrollment (with his own Digital Signature Certificate). The registered bidders of outside Odisha can also participate in this process, after necessary Portal Enrollment, but shall have to subsequently undergo registration with the appropriate authority of the State Government before award of the work.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender in : O/o the S.E., R.W. Division, Anandapur |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, R.W. Division, Anandapur | NCB-Online 06/EE/RW/ AND/2025-26 | 27.10.2025 at 10.00 A.M. | 04.11.2025 up to 5.00 P.M. | 03.11.2025 up to 5.00 P.M. | 06.11.2025 at 11.30 A.M. |

Sd./- Executive Engineer
R.W. Division, Anandapur
OIPR-25055/11/0027/2526

# ପାନ ଦୋକାନୀଙ୍କୁ ଖଣ୍ଡାରେ ହାଣି ହତ୍ୟା

ଜଗତ୍‌ସିଂହପୁର, ୨୫।୧୦ (ପ୍ରମୋଦ କୁମାର ନାୟକ)



ମୃତ ଜ୍ଞାନ ରଞ୍ଜନ ପୋଥାଳ।



ଘଟଣାସ୍ଥଳରୁ ମିଳିଥିବା ଖଣ୍ଡା।

- ୨ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି ପୋଲିସ
- ହତ୍ୟାର କାରଣ ଅସ୍ପଷ୍ଟ
- ନିଶା କାରବାର କିମ୍ବା ପୂର୍ବ ଶତ୍ରୁତାରୁ ହତ୍ୟା, ସେନେଇ ଚାଲିଛି ତଦନ୍ତ

ଜଗତ୍‌ସିଂହପୁର ଥାନା ଯୋଗଧାରୀ ଛକରେ ପାନ ଦୋକାନ କରିଥିବା ନିକଟସ୍ଥ ପୋକପୁର ଗାଁର ଜ୍ଞାନରଞ୍ଜନ ପୋଥାଳଙ୍କୁ ଖଣ୍ଡାରେ ହାଣି ବୀଭତ୍ସ ଭାବେ ହତ୍ୟା କରାଯାଇଛି। ଏ ସମ୍ପର୍କରେ ପୋକପୁର ଗାଁର ଜଣେ ବ୍ୟକ୍ତିଙ୍କ ଅଭିଯୋଗ ଆଧାରରେ ଜଗତ୍‌ସିଂହପୁର ଥାନାରେ ମାମଲା (ନଂ. ୮୫୮/୨୫) ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଖବର ଲେଖାହେବା ସୁଦ୍ଧା ପୋଲିସ ୨ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଜାରି ରଖିଛି। ମାତ୍ର କେଉଁମାନେ ହତ୍ୟା କରିଛନ୍ତି ଏବଂ ହତ୍ୟାକାଣ୍ଡର କାରଣ କ'ଣ ତାହା ସ୍ପଷ୍ଟ କରିନାହିଁ। ଜଗତ୍‌ସିଂହପୁର ସହର ୫୫ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଏଭଳି ନୃଶଂସ ହତ୍ୟାକାଣ୍ଡକୁ ନେଇ ସାଧାରଣରେ ଚିନ୍ତା ପ୍ରକଟ କରାଯିବା ସହ ଭୟର ବାତାବରଣ ସୃଷ୍ଟି ହୋଇଛି।

ସୂଚନା ଅନୁଯାୟୀ, ଜ୍ଞାନ ପାଖାପାଖି ୨ ବର୍ଷ ହେବ ଯୋଗଧାରୀ ଛକ ନିକଟ ଜଗତ୍‌ସିଂହପୁର ପୌର ପରିଷଦ ଗେଟ୍ ପାର୍ଶ୍ୱର ଏକ ସ୍ଥାନରେ ପାନ ଦୋକାନ କରିଥିଲେ। ଜ୍ଞାନଙ୍କ ଦୋକାନ ପାର୍ଶ୍ୱରେ ଗ୍ୟାରେଜ କରିଥିବା ବ୍ୟକ୍ତି ଏକ ନୂଆ ବାଇକ କିଣିଥିବାରୁ ସେ ଶୁକ୍ରବାର ରାତିରେ ଏକ ଭୋଜି ଦେଇଥିଲେ। ଏହି ଭୋଜି ଗ୍ୟାରେଜ ମାଲିକ ତାଙ୍କ ଦୁଇ ବନ୍ଧୁ ଓ ଜ୍ଞାନଙ୍କ ଭିତରେ ସୀମିତ ଥିଲା। ସଭିଏ ପରସ୍ପରକୁ ଜାଣିଥିଲେ। ରାତି ୯ରୁ ୯ଟା ୩୦ ଭିତରେ ଖିଆପିଆ ସରିଥିଲା। ଏହାପରେ ୩ ଜଣ ସେମାନଙ୍କ ଘରକୁ ଯାଇଥିବାବେଳେ ଜ୍ଞାନ ରହି ଯାଇଥିଲେ। ରାତି ୧୦ଟା ୩୦ ସୁଦ୍ଧା ଜ୍ଞାନ ଘରକୁ ନ ଫେରିବାରୁ ସ୍ତ୍ରୀ ବ୍ୟସ୍ତ ହୋଇପଡ଼ିଥିଲେ। ଗାଁର ଜଣେ ଯୁବକଙ୍କୁ ଧରି ସେ ପାନ ଦୋକାନରେ ପହଞ୍ଚିଥିଲେ। ସେଠାରେ ସେ ସ୍ୱାମୀଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମୃତ ଅବସ୍ଥାରେ ତଳେ ପଡ଼ିଥିବା ଦେଖିଥିଲେ। ପାଖରେ ଏକ ଖଣ୍ଡା ପଡ଼ିଥିଲା। ସେ କୋହ ସମ୍ଭାଳି ନ ପାରି ସ୍ୱାମୀଙ୍କୁ ଧରି କାନ୍ଦିବାରେ ଲାଗିଥିଲେ। କିଛି ସମୟ ଭିତରେ ସେଠାରେ ଲୋକାରଣ୍ୟ ହୋଇଯାଇଥିଲା। ଉପସ୍ଥିତ ଲୋକେ ଥାନାକୁ ଖବର ଦେବାରୁ ପୋଲିସ ପହଞ୍ଚି ପ୍ରଥମେ ସେ ସ୍ଥାନକୁ ସିଲ୍ କରିଥିଲା। ତା'ପରେ ସାଇଣ୍ଟିଫିକ୍ ଦଳ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରାଯାଇଛି। କୁକୁର କିଛି ବାଟ ଗଲାପରେ ରହି ଯାଇଥିଲା। ଏଥିରୁ ଅନୁମାନ କରାଯାଇଥିଲା ଯେ, ଅଭିଯୁକ୍ତମାନେ ପ୍ରଥମେ ଚାଲିକରି ଓ ପରେ କୌଣସି ଯାନରେ ସେ ସ୍ଥାନରୁ ପଳାଇ ଯାଇଥାଇପାରନ୍ତି। କେବଳ ଏତିକି ନୁହେଁ, ପାନ ଦୋକାନରେ ତାଲା ଝୁଲୁଥିବାବେଳେ ମୃତଦେହ ଏହା ସାମ୍ନାରେ ଥିବା ନଳକୂପ ପାଖରେ ପଡ଼ିଥିଲା। ଜ୍ଞାନଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ହୋଇଥିବାବେଳେ ମୃତଦେହ ପାଖରେ ଆଶାଜନକ ରକ୍ତ ନ ଥିବାବେଳେ ପାନ ଦୋକାନ ପଛପଟେ ଅଧିକ ରକ୍ତ ଦେଖିବାକୁ ମିଳିଛି। ଏନେଇ ଜ୍ଞାନଙ୍କୁ ଯୋଜନାବଦ୍ଧ ଭାବେ ଅପହରଣ କରି ଅନ୍ୟତ୍ର ହତ୍ୟା କରାଯିବାପରେ ପୁଣି ଆଣି ତାଙ୍କୁ ଦୋକାନ ଆଗରେ ଫିଙ୍ଗି ଦିଆଯାଇଛି, ନଚେତ ସେ ଜୀବନ ବଞ୍ଚାଇବା ପାଇଁ ପଛପଟୁ ଆଗକୁ ଘୁଷୁରି ଘୁଷୁରି ପହଞ୍ଚିଲା ପରେ ଚେତାଶୂନ୍ୟ ହୋଇପଡ଼ିଥିବା ଆଶଙ୍କା କରାଯାଉଛି। ପାରିପାର୍ଶ୍ୱିକ ଅବସ୍ଥାକୁ ନେଇ ପୋଲିସ ଗମ୍ଭୀରତାର ସହ ତଦନ୍ତ କରୁଛି। ହତ୍ୟାକାଣ୍ଡ ପଛରେ ନିଶା କାରବାର କିମ୍ବା ପୂର୍ବଶତ୍ରୁତା ରହିଛି, ସେ ଉପରେ ଅନୁସନ୍ଧାନ ଜାରି ରହିଛି। ଯେହେତୁ ଅତୀତରେ ଜ୍ଞାନ ଜନୈକ ବାଲି ମାଫିଆଙ୍କ ସହ ସମ୍ପର୍କରେ ଥିଲେ ଏବଂ ତାଙ୍କ ନାମରେ ଆପରାଧିକ ମାମଲା ରହିଛି ତେଣୁ ଏହି ପ୍ରସଙ୍ଗକୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯାଇପାରେ ବୋଲି ପୋଲିସ କହିଛି।

ଏ ସମ୍ପର୍କରେ ଏସ୍‌ଡିପିଓ ଆଜିଙ୍କ୍ୟ ମାଣେଙ୍କୁ ପଚାରିବାରୁ ଯେହେତୁ ଘଟଣାସ୍ଥଳରୁ ଏକ ଖଣ୍ଡା ମିଳିଛି ତେଣୁ ଯୋଜନାବଦ୍ଧ ହତ୍ୟାକାଣ୍ଡ ହୋଇଥିବା ସନ୍ଦେହ ଦୃଢ଼ୀଭୂତ ହୋଇଛି। ଏଥିରେ ଏକାଧିକଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି। ଯେହେତୁ ୪ ଜଣଙ୍କ ଭିତରେ ଭୋଜି ଓ ମଦ୍ୟପାନ ହୋଇଥିଲା ତେଣୁ ଅଧିକ କିଛି ଜାଣିବା ପାଇଁ ପୋଲିସ ସେମାନଙ୍କ ଭିତରୁ ୨ ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଏହି ମାମଲାକୁ ପୋଲିସ ଗୁରୁତ୍ୱର ସହ ନେଇ ତଦନ୍ତ ଚଳାଇଛି। ଖୁବଶୀଘ୍ର ଏହି ହତ୍ୟାକାଣ୍ଡରୁ ପର୍ଦ୍ଦା ହଟିବ ଏବଂ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଏସ୍‌ଡିପିଓ ମାଣେ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ୬ ମାସ ପୂର୍ବରୁ ଜ୍ଞାନଙ୍କ ବାପାଙ୍କ ଦେହାନ୍ତ ହୋଇଯାଇଛି। ତାଙ୍କର ୪ ବର୍ଷର ପୁଅ ଓ ୩ ମାସର ଏକ କନ୍ୟା ସନ୍ତାନ ରହିଛନ୍ତି। ପାନ ଦୋକାନ ହିଁ ତାଙ୍କ ଜୀବିକାର ମାଧ୍ୟମ ଥିବାରୁ ପରିବାର ସଦସ୍ୟ ଭାଙ୍ଗି ପଡ଼ିଛନ୍ତି।

# ୧୩ ଅଭିଯୁକ୍ତଙ୍କ ମଧ୍ୟରୁ ୮ ଜଣଙ୍କ ନାଁରେ ପୂର୍ବରୁ ରହିଛି ମାମଲା

ବ୍ରହ୍ମପୁର, ୨୫।୧୦ (ସୁବାସ ଚନ୍ଦ୍ର ପାଢ଼ୀ)

**ପୀତବାସ ପଣ୍ଡା ହତ୍ୟା ମାମଲା**

**ଶିବ ଶଙ୍କରଙ୍କ ନାଁରେ ୪୨, ବିକ୍ରମଙ୍କ ନାଁରେ ୨**

ବରିଷ୍ଠ ଆଇନଜୀବୀ ତଥା ଭାଜପା ନେତା ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ୧୩ ଅଭିଯୁକ୍ତଙ୍କ ମଧ୍ୟରୁ ୮ ଜଣଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ଆପରାଧିକ ମାମଲା ରହିଥିବା ପୋଲିସ ସୂଚନା ଦେଇଛି। ଏମାନଙ୍କ ମଧ୍ୟରେ ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ଏବଂ ପୂର୍ବତନ ମେୟର ଶିବ ଶଙ୍କର ଦାସ ଓରଫ ପିଣ୍ଟୁଙ୍କ ନାମ ରହିଛି।

ଶିବ ଶଙ୍କରଙ୍କ ନାମରେ ହତ୍ୟା ସମେତ ୪୨ଟି ମାମଲା ଥିବାବେଳେ ବିକ୍ରମଙ୍କ ନାମରେ ବ୍ରହ୍ମପୁର ଟାଉନ ଓ ସଦର ଥାନାରେ ଦୁଇଟି ମାମଲା ରହିଛି। ସେହିପରି ବ୍ରହ୍ମପୁର ମହାନଗର ନିଗମର କର୍ପୋରେଟର ମଳୟ ବିଷୋୟୀଙ୍କ ନାମରେ ଦୁଇଟି, ଯୋଗେନ୍ଦ୍ର ରାଉତ, ମଦନ ମୋହନ ଦଳେଇ, ବିପିନ ସ୍ୱାଇଁ ଓ କାଳୁ ଚରଣ ଭୂୟାଁଙ୍କ ନାମରେ ଗୋଟିଏ ଲେଖାଏ ମାମଲା ରହିଛି। ଅଭିଯୁକ୍ତ କୁନ୍ଦନ କୁମାରଙ୍କ ନାମରେ ବିହାରରେ ୩ଟି ମାମଲା ରହିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଅନ୍ୟ ୫ ଅଭିଯୁକ୍ତ ଚିଣ୍ଟୁ ପ୍ରଧାନ, ସୁନୀଲ ହୋତା, ରାଜେନ୍ଦ୍ର ସାହୁ, ସୀମାଞ୍ଚଳ ନାୟକ ଓ ଶିଶୁପାଳ ପାଣ୍ଡାନଙ୍କର ପୂର୍ବରୁ କୌଣସି ଆପରାଧିକ ରେକର୍ଡ ନ ଥିବା ପୋଲିସ ସୂଚନା ଦେଇଛି। ଚିଣ୍ଟୁ ବେଙ୍ଗାଲୁରୁରେ ଡେଲିଭରି ବୟ ଭାବେ କାମ କରୁଥିବାବେଳେ ସେ ଏହି ହତ୍ୟା ପାଇଁ ବାଇକ୍ ଚଳାଇଥିଲେ। ଅନ୍ୟ ଅଭିଯୁକ୍ତ କୁରୁପତି ଭୂୟାଁ ପୀତାବାସଙ୍କ ଉପରେ ଗୁଳି ଚଳାଇଥିବା ଅଭିଯୋଗ ରହିଛି। ଚିଣ୍ଟୁଙ୍କୁ ଉମା ବିଷୋୟୀ ୩ ଲକ୍ଷ ଟଙ୍କାରେ ନିୟୋଜିତ କରିଥିଲେ। କୁରୁପତି ଓ ଉମା ଏବେ ମଧ୍ୟ ଫେରାର ଅଛନ୍ତି। ସେମାନଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରଖିଛି ବୋଲି ପୋଲିସ କହିଛି।

# ଦୁର୍ଘଟଣାକୁ ନେଇ ଖଣ୍ଡା ବୁଲିଲା

ମହାକାଳପଡ଼ା, ୨୫।୧୦ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

**ଜମି କିଣାବିକାରୁ ଗଣ୍ଡଗୋଳର ସୂତ୍ରପାତ**

- ୨ ଖଣ୍ଡା, କାର ଜବତ, ୩ ଯୁବକ ଅଟକ

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ତନ୍ତିଆପାଳ ଥାନା ଅଧୀନ କଣ୍ଟିଲୋ ଛକରେ ଶନିବାର ଅପରାହ୍ନରେ ଏକ ରାସ୍ତା ଦୁର୍ଘଟଣାକୁ ନେଇ ଖଣ୍ଡା ବୁଲିଛି। ତେବେ ଏକ ଜମି କିଣାବିକାକୁ ନେଇ ଏହି ଗଣ୍ଡଗୋଳର ସୂତ୍ରପାତ ହୋଇଥିବା ଜଣାପଡ଼ିଛି। ସ୍ଥାନୀୟ ଲୋକେ ଭୟଭୀତ ହୋଇ ତନ୍ତିଆପାଳ ପୋଲିସକୁ ଖବର ଦେଇଥିଲେ। ପୋଲିସ ଟିମ୍ ୩ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି।

ମିଳିଥିବା ସୂଚନା ଅନୁସାରେ ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତି ତାଙ୍କ ଜମି ଅନ୍ୟ ଜଣଙ୍କୁ ବିକ୍ରି କରିଥିଲେ। କିଣିବା ଲୋକ ଜମି ପଟ୍ଟା ପାଇଛନ୍ତି। ହେଲେ ଜମି ବିକିବା ଲୋକ ପୁନର୍ବାର ଜମି ଫେରାଇବା ପାଇଁ ଚାପ ପକାଇଥିଲେ। ମାତ୍ର ଜମି କିଣିବା ଲୋକ ରାଜି ନ ହେବାରୁ ସେମାନଙ୍କ ମଧ୍ୟରେ ବିବାଦ ଲାଗି ରହିଛି। ଜମି ବିକିବା ଲୋକ ଉକ୍ତ ଅଞ୍ଚଳର ନିଜ ସମ୍ପର୍କୀୟ ଲୋକଙ୍କୁ ବିବାଦ ସମ୍ପର୍କରେ ଜଣାଇଥିଲେ। ତଦନୁଯାୟୀ ଭୁବନେଶ୍ୱରରେ ରହୁଥିବା ଉକ୍ତ ଅଞ୍ଚଳର ଜଣେ ଯୁବକ ଦୁଇ ସାଥୀଙ୍କୁ ଧରି ଏକ କାର ଯୋଗେ ସେଠାରେ ପହଞ୍ଚିଥିଲେ। ଏହି ସମୟରେ କଣ୍ଟିଲୋ ଛକରେ ରାସ୍ତା ଦୁର୍ଘଟଣା ଘଟିଥିଲା। ଫଳରେ ଦୁଇ ପକ୍ଷଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଥିବା ସ୍ଥାନୀୟ ଲୋକଙ୍କ ପକ୍ଷରୁ କୁହାଯାଇଛି। ଦୁର୍ଘଟଣା ପରେ କାର୍‌ରେ ଆସିଥିବା ଯୁବକମାନେ ଖଣ୍ଡା ବୁଲାଇ ଭୟଭୀତ କରିଥିଲେ। ଏହାକୁ ସ୍ଥାନୀୟ ଲୋକମାନେ ବିରୋଧ କରିବା ସହ ତନ୍ତିଆପାଳ ପୋଲିସକୁ ସୂଚନା ଦେଇଥିଲେ। ଘଟଣାସ୍ଥଳରେ ଥାନା ଅଧିକାରୀ କିଶୋର କୁମାର ତରାଇ ଓ ପୋଲିସ ଟିମ୍ ପହଞ୍ଚି ଜଣକୁ କାବୁ କରିଥିବାବେଳେ ଅନ୍ୟ ଦୁଇ ସହଯୋଗୀ ଖସି ପଳାଇଥିଲେ। ଅପରପକ୍ଷରେ ଘଟଣାସ୍ଥଳରେ କାରକୁ ସ୍ଥାନୀୟ ଉତ୍ତେଜିତ ଲୋକମାନେ ବାଡ଼େଇ ଭାଙ୍ଗି ଦେଇଥିଲେ। ଏହାସହ ଟାୟାର ଜାଳି ଜମ୍ଭୁ-ବାବର ମୁଖ୍ୟ ରାସ୍ତାକୁ ପ୍ରାୟ ୪ ଘଣ୍ଟା ଧରି ଅବରୋଧ କରିଥିଲେ। ପୋଲିସ ୨ ଖଣ୍ଡା ଏବଂ ଉକ୍ତ କାର୍ (ଓଡି୦୭ ୱାଇ ୫୧୦୦)କୁ ଜବତ କରିଥିବା ଜଣାପଡ଼ିଛି।

# ସ୍ତ୍ରୀ'ଙ୍କୁ ହତ୍ୟା ଉଦ୍ୟମ କରି ଜେଲ ଗଲେ ପ୍ରାଣୀଧନ ନିରୀକ୍ଷକ

ଦିଗପହଣ୍ଡି, ୨୫।୧୦ (ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ପ୍ରାଣୀ ଚିକିତ୍ସାଳୟରେ କାର୍ଯ୍ୟରତ ଜଣେ ପ୍ରାଣୀଧନ ନିରୀକ୍ଷକଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ କେନ୍ଦ୍ରାପଡ଼ା ଜିଲା ମହାକାଳପଡା ଥାନା ଅନ୍ତର୍ଗତ ବଡପଲ୍ଲୀ ଗ୍ରାମର ଶୁଭକାନ୍ତ ରାଉତ। ଶୁଭକାନ୍ତ ଦିଗପହଣ୍ଡି ବ୍ଲକ ଗୋକର୍ଣ୍ଣପୁର ଗ୍ରାମ ପ୍ରାଣୀଧନ ନୀରିକ୍ଷକ ଭାବେ କାର୍ଯ୍ୟ କରନ୍ତି। ସେ ସେଠାରେ ଏକ ଭଡ଼ାଘରେ ରହୁଥିଲେ। ୨୦୧୯ରେ ବାହାଘର ପରେ ବିଭିନ୍ନ ସମୟରେ ଶୁଭକାନ୍ତ ତାଙ୍କ ସ୍ତ୍ରୀଙ୍କୁ ମାରପିଟ୍ କରୁଥିବା ନେଇ ପୂର୍ବରୁ କେନ୍ଦ୍ରାପଡ଼ା ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ମକଦ୍ଦମା ରୁଜୁ ହେବା ପରେ ଶୁଭକାନ୍ତ ସେଠାକାର କୋର୍ଟରେ ଆଗାମୀ ଦିନରେ ସ୍ତ୍ରୀଙ୍କୁ ମାରପିଟ୍ କରିବେ ନାହିଁ ବୋଲି ସତ୍ୟପାଠ ଦାଖଲ କରି ଜାମିନରେ ମୁକୁଳିଥିଲେ। ପରେ ମଧ୍ୟ ସେ ତାଙ୍କ ସ୍ତ୍ରୀଙ୍କୁ ନିର୍ଯାତନା ଦେବା ଜାରି ରଖିଥିଲେ। ଶୁଭକାନ୍ତ ଓ ସ୍ତ୍ରୀ କିଛିଦିନ ଭଲରେ ରହିବା ପରେ ୨୦୨୦ରୁ ପୁଣିଥରେ ସେମାନଙ୍କ ମଧ୍ୟରେ ବିବାଦ ଆରମ୍ଭ ହୋଇଥିଲା। ଶୁକ୍ରବାର ଗୋକର୍ଣ୍ଣପୁର ଭଡ଼ାଘରେ ଶୁଭକାନ୍ତ ପୁଣି ସ୍ତ୍ରୀଙ୍କୁ ନିସ୍ତୁକ ମାଡ଼ ମାରି ହତ୍ୟା ଉଦ୍ୟମ କରିଥିଲେ। ଏନେଇ ଦିଗପହଣ୍ଡି ଥାନାରେ ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତିକରି ଦିଗପହଣ୍ଡି ଥାନା ଭାରପ୍ରାପ୍ତ ଆଇଆଇସି ତଥା ଡିଏସ୍‌ପି ପ୍ରଶାନ୍ତ ପାତ୍ର ନଂ. ୩୮୧/୨୫ରେ ମାମଲା ରୁଜୁ କରିଥିଲେ। ଏହାକୁ ଭିତ୍ତିକରି ଶନିବାର ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ସୋଫିଆ ମିଶ୍ର ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ଦିଗପହଣ୍ଡି ସବ୍‌ଜେଲକୁ ପଠାଯାଇଛି।

# ସିଟି ଆଣ୍ଡ ଜିଏସ୍‌ଟି ସହକାରୀ କମିଶନରଙ୍କ ଘରୁ ଚୋରି, ୨ ଗିରଫ

ଭୁବନେଶ୍ୱର, ୨୫।୧୦ (ସତ୍ୟଜିତ ରାଉତ)

ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବା କର (ସିଟି ଆଣ୍ଡ ଜିଏସଟି) କାର୍ଯ୍ୟାଳୟର ସହକାରୀ କମିଶନର(ଅଡିଟ) ରିପ୍ସିତା ବେହାରଙ୍କ ସରକାରୀ କ୍ୱାର୍ଟର୍ସରୁ ଅଳଙ୍କାର ଚୋରି ଅଭିଯୋଗରେ ନୟାପଲ୍ଲୀ ଥାନା ପୋଲିସ ୨ ଅଭିଯୁକ୍ତଙ୍କୁ ଶନିବାର ଗିରଫ କରିଛି। ସେମାନେ ହେଲେ ସାଲିଆ ସାହିରେ ରହୁଥିବା ଗଞ୍ଜାମ ଶେରଗଡ଼ର ବୁଲୁ ବେହେରା(୩୭) ଓ ନୟାଗଡ଼ ଜିଲା ଇଟାମାଟି ଅଞ୍ଚଳର ସୂର୍ଯ୍ୟମଣି ଖଣ୍ଡେଇ ଓରଫ ଟୁକୁନା (୪୯)। ସେମାନଙ୍କ ଠାରୁ ଗୋଟିଏ ମଙ୍ଗଳସୂତ୍ର ଜବତ କରାଯାଇଛି। ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯିବା ପରେ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ରିପ୍ସିତା ଜୟଦେବ ବିହାରସ୍ଥିତ ସରକାରୀ କ୍ୱାର୍ଟର୍ସ ନମ୍ବର ୨୪, ଡି-୪ ରେ ରୁହନ୍ତି। ଗତ ୨୩ ତାରିଖ ସକାଳ ପ୍ରାୟ ୧୦ଟା ବେଳେ ସେ ତାଙ୍କ କ୍ୱାର୍ଟର୍ସକୁ ତାଲା ପକାଇ ବାହାରକୁ ଯାଇଥିଲେ। ସନ୍ଧ୍ୟା ପ୍ରାୟ ୫ଟା ୩୦ ବେଳେ ରିପ୍ସିତା ଘରକୁ ଫେରିବା ବେଳକୁ କ୍ୱାର୍ଟର୍ସର ମୁଖ୍ୟ ଦ୍ୱାର ତାଲା ଭଙ୍ଗା ଯାଇଥିବାବେଳେ ବାହାର ପଟୁ ବନ୍ଦ ଥିବା ସେ ଦେଖିବାକୁ ପାଇଥିଲେ। ଏନେଇ ରିପ୍ସିତା ନୟାପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ।

## Business

# ୩ ଦିନରେ ହେବ ଜିଏସ୍‌ଟି ପଞ୍ଜୀକରଣ

ଭୁବନେଶ୍ୱର, ୨୫।୧୦




କେନ୍ଦ୍ର ସରକାର ନଭେମ୍ବର ପହିଲାରୁ ସାମଗ୍ରୀ ଓ ସେବା କର (ଜିଏସ୍‌ଟି) ପାଇଁ ଏକ ନୂଆ ଓ ସରଳ ପଞ୍ଜୀକରଣ ପ୍ରଣାଳୀ ଆରମ୍ଭ କରିବାକୁ ଯାଉଛନ୍ତି। ଏହି ବ୍ୟବସ୍ଥା ଅନୁଯାୟୀ, ନୂଆ ଆବେଦନକାରୀମାନଙ୍କୁ କେବଳ ୩ କାର୍ଯ୍ୟ ଦିବସ ଭିତରେ ଅନୁମତି ମିଳିଯିବ। ସରକାରଙ୍କ ଦ୍ୱାରା ଅଣାଯାଇଥିବା ଜିଏସ୍‌ଟି ସଂସ୍କାର ଅଧୀନରେ ଜିଏସ୍‌ଟି ପରିଷଦ ଏହାକୁ ଅନୁମୋଦନ ପ୍ରଦାନ କରିଛନ୍ତି। ଏହି ନୂଆ ବ୍ୟବସ୍ଥା ଫଳରେ ପଞ୍ଜୀକରଣ ପ୍ରକ୍ରିୟା ପୂର୍ବାପେକ୍ଷା ସରଳ ହେବ । ନୂଆ ନିୟମ ଅନୁଯାୟୀ,୨ ପ୍ରକାର ଆବେଦନକାରୀମାନଙ୍କୁ ସ୍ୱୟଂଚାଳିତ ଭାବେ ପଞ୍ଜୀକରଣ ମିଳିପାରିବ। ପ୍ରଥମେ ସିଷ୍ଟମ ଦ୍ୱାରା ଡାଟା ଓ ରିସ୍କ ବିଶ୍ଳେଷଣ ଆଧାରରେ ଚୟନ ହୋଇଥିବା ବ୍ୟକ୍ତିମାନେ ଏବଂ ଦ୍ୱିତୀୟରେ, ଯେଉଁମାନଙ୍କର ମାସିକ କର ଦେୟ (ଆଉଟପୁଟ ଟ୍ୟାକ୍ସ) ୨.୫ ଲକ୍ଷ ଟଙ୍କାରୁ କମ୍ ରହୁଛି ସେମାନେ ଏହି ସେବା ପାଇପାରିବେ। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ ଅନୁଯାୟୀ, ଏହି ନୂଆ ପ୍ରକ୍ରିୟା ଫଳରେ ପ୍ରାୟ ୯୬ ପ୍ରତିଶତ ନୂଆ ଆବେଦନକାରୀଙ୍କୁ ସିଧାସଳଖ ଲାଭ ମିଳିବ। ଗାଜିଆବାଦରେ ନୂଆ ସିଜିଏସ୍‌ଟି ଭବନର ଉଦ୍‌ଘାଟନ କରିବା ପରେ ଅର୍ଥମନ୍ତ୍ରୀ କହିଛନ୍ତି, ସରକାର ବର୍ତ୍ତମାନ ନୀତି ନିର୍ମାଣ ପରିବର୍ତ୍ତେ ସ୍ଥାନୀୟ ସ୍ତରରେ ନୀତିଗୁଡ଼ିକର ଠିକ୍ କାର୍ଯ୍ୟାନ୍ୱୟନ ଉପରେ ଧ୍ୟାନ ଦେଉଛନ୍ତି। ସେ ରାଜ୍ୟ ଓ କେନ୍ଦ୍ରୀୟ ଜିଏସ୍‌ଟି ୟୁନିଟ୍‌ଗୁଡ଼ିକୁ ଅନୁରୋଧ କରିଛନ୍ତି, କୌଣସି ଦ୍ୱନ୍ଦ୍ୱରେ ନ ପଡ଼ି ନୂଆ ନୀତିଗୁଡ଼ିକ ଅନୁଯାୟୀ କାର୍ଯ୍ୟ କରନ୍ତୁ ଏବଂ ନୂଆ ନିୟମଗୁଡ଼ିକୁ ଲାଗୁ କରନ୍ତୁ। ସେହିପରି ପ୍ରଶାସନ କରଦାତାଙ୍କ ପ୍ରତି ସମ୍ମାନଭାବ ରଖିବା ଉଚିତ ଏବଂ କର ଚୋରି ବିରୋଧରେ କଡ଼ା ପଦକ୍ଷେପ ନେବା ଦରକାର ବୋଲି ସେ କହିଛନ୍ତି। ଅର୍ଥମନ୍ତ୍ରୀ ଆହୁରି କହିଛନ୍ତି, ଆୟକର ରିଟର୍ନ ଭରିବା ପ୍ରକ୍ରିୟାକୁ ମଧ୍ୟ ସରଳ କରାଯାଇଛି। ଏଥିପାଇଁ ସ୍ୱୟଂଚାଳିତ ରିଫଣ୍ଡ ଓ ରିସ୍କ-ଆଧାରିତ ଅଡିଟ ସିଷ୍ଟମ ଆରମ୍ଭ କରାଯାଇଛି। ଦେଶବ୍ୟାପୀ ଜିଏସ୍‌ଟି ସେବା କେନ୍ଦ୍ରଗୁଡ଼ିକରେ ପର୍ଯ୍ୟାପ୍ତ ସଂଖ୍ୟକ କର୍ମଚାରୀ ରହିବା ଉପରେ ମଧ୍ୟ ସେ ଜୋର୍ ଦେଇଛନ୍ତି, ଯାହା ଦ୍ୱାରା ସାଧାରଣ ନାଗରିକଙ୍କୁ ଜିଏସ୍‌ଟି ସମ୍ବନ୍ଧୀୟ ସମସ୍ୟାଗୁଡ଼ିକର ସହଜରେ ସମାଧାନ ମିଳିପାରିବ। ପ୍ରତ୍ୟେକ ଜିଏସ୍‌ଟି କେନ୍ଦ୍ରରେ କରଦାତାଙ୍କ ସହାୟତା ପାଇଁ ହେଲ୍ପଡେସ୍କ ରହିବା ଆବଶ୍ୟକ ବୋଲି ସେ କହିଛନ୍ତି।

# ଓଡ଼ିଶା ଦିବ୍ୟାଙ୍ଗ କ୍ରିକେଟ ଟିମ୍‌କୁ ହାଇଟେକ୍‌ର ସହାୟତା




ଭୁବନେଶ୍ୱର, ୨୫।୧୦ (ଅନୁରାଧା ମହାରଣା)

ନଭେମ୍ବର ୩ରେ ନୂଆଦିଲ୍ଲୀଠାରେ ହେବାକୁ ଥିବା ଆଇଡିସିଏ ଜାତୀୟ ଟି-୨୦ କ୍ରିକେଟ ମ୍ୟାଚ୍ ପାଇଁ ଓଡ଼ିଶା ଦିବ୍ୟାଙ୍ଗ କ୍ରିକେଟ ଦଳର ଖେଳାଳିମାନେ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲର ଖେଳପଡ଼ିଆଠାରେ ପ୍ରଶିକ୍ଷଣ ନେଉଛନ୍ତି। ଦୀର୍ଘ ୮ ଦିନ ଧରି ହେବାକୁ ଥିବା ଏହି ଖେଳ ପ୍ରଶିକ୍ଷଣ ଶିବିରକୁ ମୁଖ୍ୟ ଅତିଥି ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ ଉଦ୍‌ଘାଟନ କରିଥିବାବେଳେ ଆଗାମୀ ଟି-୨୦ କ୍ରିକେଟ ମ୍ୟାଚ୍ ପାଇଁ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ଏମାନେ ଅକ୍ଷମ ନୁହନ୍ତି,ସମାଜର ସବୁଠାରୁ ସର୍ବୋତ୍ତମ ସକ୍ଷମ ହୋଇ ଦେଶ, ଜାତି ଓ ରାଷ୍ଟ୍ରକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରିଛନ୍ତି ବୋଲି କହିଛନ୍ତି। ଏହି କାର୍ଯ୍ୟକ୍ରମରେ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡ. ରବୀନ୍ଦ୍ରନାଥ ବେହେରା, ଡିନ୍ ଓ ନିର୍ଦ୍ଦେଶକ ଏକାଡେମୀ ପ୍ରଫେସର ଡ. ରାଧାମାଧବ ତ୍ରିପାଠୀ, ଫିଜିଓଥେରାପି କଲେଜ ପ୍ରିନ୍ସିପାଲ୍ ପ୍ରଫେସର ଡ. ଦୀପକ ସାମନ୍ତରାୟ, ଫାର୍ମାସୀ କଲେଜ ପ୍ରିନ୍ସିପାଲ ପ୍ରଫେସର୍ ଡ. ପ୍ରସନ୍ନ କୁମାର କର, +୨ ବିଜ୍ଞାନ ମହାବିଦ୍ୟାଳୟ ପ୍ରିନ୍ସିପାଲ ପ୍ରଫେସର୍ ଡ. ଚିତ୍ତରଞ୍ଜନ ସାହୁ, ହାଇଟେକ୍ ପବ୍ଲିକ୍ ସ୍କୁଲର ପ୍ରିନ୍ସିପାଲ୍ ରୀତା ତ୍ରିପାଠୀ, ଖେଳ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଲଳିତ କୁମାର ମହାନ୍ତି ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଦୀର୍ଘ ୮ ବର୍ଷ ଧରି ହାଇଟେକ୍ ତରଫରୁ ଖେଳାଳିମାନଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଆସୁଥିବାରୁ ଓଡ଼ିଶା ଡେଫ୍ କ୍ରିକେଟ ଆସୋସିଏସନ୍‌ର ଭାଇସ୍-ଚେୟାରମ୍ୟାନ୍ କମାଣ୍ଡର ଡି.କେ. ମିଶ୍ର, ସିଇଓ ଡ. ଶର୍ମିଳା ଶୁବ୍ରମନ୍ୟମ୍ ପ୍ରତିଷ୍ଠାତା ଅଧ୍ୟକ୍ଷ ପାଣିଗ୍ରାହୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ଉଦ୍‌ଘାଟନ ଉତ୍ସବକୁ ହାଇଟେକ୍ ଗ୍ରୁପ୍‌ର କ୍ରୀଡା ଅଧିକାରୀ ସୁରେଶ କୁମାର ନାୟକ, କ୍ରୀଡା ପ୍ରଶିକ୍ଷକ ମେଘବର୍ଣ୍ଣ ସ୍ୱାଇଁ, ପ୍ରଦୀପ ମିଶ୍ର ପରିଚାଳନା କରିଥିବାବେଳେ ଓଡ଼ିଆ ଅଧ୍ୟାପକ ତଥା ଓଡ଼ିଶୀ ନୃତ୍ୟଶିଳ୍ପୀ ଡ. ଚିତ୍ତରଞ୍ଜନ ସାହାଣୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ଜିନ୍ଦଲ ଷ୍ଟିଲ୍‌କୁ ରୋଟାରି ଇଣ୍ଡିଆ ନ୍ୟାଶନାଲ ସିଏସ୍‌ଆର୍ ଆୱାର୍ଡ



ଶାଲୁ ଜିନ୍ଦଲ

ଭୁବନେଶ୍ୱର, ୨୫।୧୦

ଗ୍ରାମାଞ୍ଚଳ ଜଳ ଯୋଗାଣ ଏବଂ ପରିମଳ ବ୍ୟବସ୍ଥାରେ ଉନ୍ନତି ଆଣିବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ, ଜିନ୍ଦଲ ଷ୍ଟିଲ୍‌କୁ ଜଳ, ପରିମଳ ଏବଂ ସ୍ୱଚ୍ଛତା ମେଗା ବର୍ଗରେ ରୋଟାରି ଇଣ୍ଡିଆ ନ୍ୟାଶନାଲ ସିଏସ୍‌ଆର୍ ଆୱାର୍ଡ (ପୂର୍ବାଞ୍ଚଳ) ୨୦୨୫ ପ୍ରଦାନ କରାଯାଇଛି । କୋଲକାତାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ, ଜିନ୍ଦଲ ଷ୍ଟିଲର ସଭାପତି ଏବଂ ଗ୍ରୁପ୍ ହେଡ୍ ମୁଖ୍ୟ (ସିଏସ୍‌ଆର୍ ଏବଂ ଏଜୁକେଶନ) ପ୍ରଶାନ୍ତ ହୋତା, ରୋଟାରି ଇଣ୍ଟରନ୍ୟାଶନାଲର ଡାଇରେକ୍ଟର ଫ୍ଲାଇଟ୍ ଲ୍ୟୁଟ୍‌ନାଣ୍ଟ ରୋଟେରିଆନ କେ.ପି. ନାଗେଶଙ୍କ ନିକଟରୁ ଏହି ସମ୍ମାନ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଦ୍ମଭୂଷଣ ଉଷା ଉଥୁପ, ପ୍ରସିଦ୍ଧ ଅଭିନେତ୍ରୀ ଋତୁପର୍ଣ୍ଣା ସେନ୍‌ଗୁପ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶା, ଛତିଶଗଡ଼ ଓ ଝାଡ଼ଖଣ୍ଡର ଲକ୍ଷ ଲକ୍ଷ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଓ ସେମାନଙ୍କ ପାଇଁ ଏକ ସ୍ୱାସ୍ଥ୍ୟକର ପରିବେଶ ସୁନିଶ୍ଚିତ କରିବା ପାଇଁ ଜିନ୍ଦଲ ଷ୍ଟିଲ ପକ୍ଷରୁ ଏହାର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେଶନ ଜରିଆରେ ରୂପାନ୍ତରକାରୀ କାର୍ଯ୍ୟକୁ ଏହି ସମ୍ମାନ ସ୍ୱୀକୃତି ପ୍ରଦାନ କରିଛି। ଜିନ୍ଦଲ ଷ୍ଟିଲର ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ନେତୃତ୍ୱରେ କମ୍ପାନୀର ପରିମଳ ଓ ପରିଚ୍ଛନ୍ନତା ଅଭିଯାନ 'ଜଳଛାୟା ପରିଚାଳନା' ଏବଂ 'ୱାଶ୍' କାର୍ଯ୍ୟକ୍ରମ ଜରିଆରେ ଓଡ଼ିଶା, ଛତିଶଗଡ଼ ଓ ଝାଡ଼ଖଣ୍ଡର ସ୍ଥାନୀୟ ସମୁଦାୟଗୁଡ଼ିକରେ ଉଲ୍ଲେଖନୀୟ ରୂପାନ୍ତରଣ ଆଣିପାରିଛି। ଜଳ ଛାୟା ବିକାଶ କାର୍ଯ୍ୟକ୍ରମଗୁଡ଼ିକ ଗ୍ରାମ୍ୟ ଜଳଛାୟା କମିଟି ଜରିଆରେ କାର୍ଯ୍ୟକାରୀ ହେଉଛି। ଏହି କାର୍ଯ୍ୟକ୍ରମ ଦ୍ୱାରା ପ୍ରକଳ୍ପ ଅଞ୍ଚଳର ଭୂତଳଜଳ ସ୍ତର, ମାଟିର ଆର୍ଦ୍ରତା, କୃଷି ଉତ୍ପାଦିକା ଶକ୍ତି ଓ ନିରନ୍ତ ଜଳ ଉପଲବ୍ଧତାକୁ ମଧ୍ୟ ବୃଦ୍ଧି କରିଥିବା ଜିନ୍ଦଲ ଫାଉଣ୍ଡେଶନର ଅଧ୍ୟକ୍ଷା ଶାଲୁ ଜିନ୍ଦଲ କହିଛନ୍ତି। ବିଭିନ୍ନ ଜଳ ପରିଚାଳନା କାର୍ଯ୍ୟକ୍ରମ ଜରିଆରେ ଜିନ୍ଦଲ ଫାଉଣ୍ଡେଶନ ପକ୍ଷରୁ ଓଡ଼ିଶା, ଛତିଶଗଡ଼ ଓ ଝାଡ଼ଖଣ୍ଡ ଏବଂ ଦେଶର ଅନ୍ୟ ପ୍ରାନ୍ତର ୩୪୦୦ ଗ୍ରାମର ୧୨.୫ ନିୟୁତ ଗ୍ରାମୀଣ ଓ ଆଦିବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣକୁ ସୁନିଶ୍ଚିତ କରାଯାଇଛି। ଜିନ୍ଦଲ ଫାଉଣ୍ଡେଶନ ପକ୍ଷରୁ ସରକାରୀ ସହବନ୍ଧନରେ ୫୦୦୦ ଶୌଚାଳୟ ନିର୍ମାଣ କରାଯାଇଛି।

# ଭାରତର ବୈଦେଶିକ ଭଣ୍ଡାର ୭୦୨.୩ ବିଲିୟନ ଡଲାରକୁ ବୃଦ୍ଧି

**ଭୁବନେଶ୍ୱର, ୨୫।୧୦:** ଭାରତର ବୈଦେଶିକ ଭଣ୍ଡାର ୭୦୨.୩ ବିଲିୟନ ଡଲାରକୁ ବୃଦ୍ଧି ହୋଇଛି। ଆରବିଆଇର ତଥ୍ୟ ଅନୁଯାୟୀ, ଭାରତର ବୈଦେଶିକ ମୁଦ୍ରା ଭଣ୍ଡାର ୪.୫ ବିଲିୟନ ଡଲାର ବଢ଼ି ୭୦୨.୩ ବିଲିୟନ ଡଲାର ହୋଇଛି। ସୁନା ଭଣ୍ଡାର ୬.୨ ବିଲିୟନ ବଢ଼ି ୧୦୮.୫ ବିଲିୟନ ଡଲାରକୁ ପହଞ୍ଚିଛି। ସୁନାର ଅଂଶ ୧୪.୭%କୁ ବଢ଼ିଛି। ଫରେନ କରେନ୍ସି ଆସେଟ ୧.୭ ବିଲିୟନ କମି ୫୭୦.୪ ବିଲିୟନ ଡଲାର ହୋଇଛି। ଆଇଏମଏଫ ପୋଜିସନ ୩ କୋଟି କମି ୪.୬୨ ବିଲିୟନ ରହିଛି। ୨୦୨୪ରେ ଆରବିଆଇ ୭୫ ଟନ ସୁନା କିଣି ମୋଟ ୮୮୦ ଟନ କରିଛି। ୨୦୨୫ରେ ଜାନୁଆରୀ-ସେପ୍ଟେମ୍ବରରେ ମାତ୍ର ୪ ଟନ କିଣାଯାଇଛି।




ରୋଟାରି ଇଣ୍ଡିଆ ନ୍ୟାଶନାଲ ସିଏସ୍‌ଆର୍ ଆୱାର୍ଡ-୨୦୨୫ କାର୍ଯ୍ୟକ୍ରମରେ ହେଲ୍ଥ କେୟାର ମେଗା କ୍ୟାଟେଗୋରିରେ ସ୍ୱର୍ଣ୍ଣ ସଞ୍ଜୀବନ ପ୍ରୋଜେକ୍ଟ ପାଇଁ ହ୍ୟୁଣ୍ଡାଇ ମୋଟର ଇଣ୍ଡିଆର କର୍ପୋରେଟ୍ ଆଫେୟାର୍ସ, କମ୍ୟୁନିକେଶନ ଆଣ୍ଡ ସିଏସ୍‌ଆର୍‌ର ଆସୋସିଏଟ୍ ଭାଇସ୍ ପ୍ରେସିଡେଣ୍ଟ ପୁନୀତ ଆନନ୍ଦଙ୍କୁ ସମ୍ମାନିତ କରାଯାଉଛି।

# ଭାରତର ଅର୍ଥନୀତି ୬.୬% ବଢ଼ିବା ନେଇ ଆକଳନ

ଭୁବନେଶ୍ୱର, ୨୫।୧୦

ଅନ୍ତର୍ଜାତୀୟ ମୁଦ୍ରା କୋଷ (ଆଇଏମଏଫ)ର ନୂଆ ବିଶ୍ୱ ଅର୍ଥନୀତି ରିପୋର୍ଟରେ ଭାରତୀୟ ଅର୍ଥନୀତିକୁ ନେଇ ସକାରାତ୍ମକ ଅନୁମାନ କରାଯାଇଛି। ୨୦୨୫-୨୬ରେ ଭାରତର ଅର୍ଥନୀତି ୬.୬ ପ୍ରତିଶତ ବଢ଼ିବ, ଯାହା ବିଶ୍ୱର ସବୁଠାରୁ ଦ୍ରୁତ ବଢୁଥିବା ବଡ଼ ଅର୍ଥନୀତି ହେବ। ଆଇଏମଏଫ କହିଛି, ଭାରତର ପ୍ରଥମ ତ୍ରୟମାସିକର ମଜବୁତ୍ ବୃଦ୍ଧି ଆମେରିକାର ଟାରିଫ ପ୍ରଭାବକୁ ସନ୍ତୁଳନ କରିଛି। ତେଣୁ ଅନୁମାନ ୬.୩ରୁ ବଢ଼ାଇ ୬.୬ ପ୍ରତିଶତ କରାଯାଇଛି। ଚୀନ ୪.୮ ପ୍ରତିଶତ ବଢ଼ିବ ବେଳେ ଭାରତ ଆଗରେ ରହିବ। ପ୍ରଥମ ତ୍ରୟମାସିକରେ ଭାରତର ଜିଡିପି ୭.୮ ପ୍ରତିଶତ ବଢ଼ିଥିଲା। ଘରୋଇ ଖର୍ଚ୍ଚ, ଶିଳ୍ପ ଉତ୍ପାଦନ ଓ ଭିତ୍ତିଭୂମି ନିବେଶ କାରଣରୁ ଏହା ସମ୍ଭବ ହୋଇଥିଲା। ତଥାପି ୨୦୨୬ରେ ଅନୁମାନ ୬.୨ ପ୍ରତିଶତକୁ ଖସାଇଛନ୍ତି ଆଇଏମଏଫ। ଘରୋଇ ଚାହିଦା ମଜବୁତ୍ ରହିବ ବୋଲି କୁହାଯାଇଛି। ବିଶ୍ୱ ଅର୍ଥନୀତି ୨୦୨୫ରେ ୩.୨ ଓ ୨୦୨୬ରେ ୩.୧ ପ୍ରତିଶତ ବଢ଼ିବ। ଦରବୃଦ୍ଧିଧୀରେ କମିବ, ମାତ୍ର ଦେଶଭେଦରେ ଭିନ୍ନତା ରହିବ। ବିକଶିତ ଦେଶ ୧.୬ ଓ ବିକାଶୋନ୍ମୁଖୀ ଦେଶ ୪.୨ ପ୍ରତିଶତ ବଢ଼ିବେ। ଭାରତ ସବୁଠାରୁ ଆଗରେ ରହିବ। ଆମେରିକା ୧.୯, ବ୍ରାଜିଲ ୨.୪, କାନାଡ଼ା ୧.୨ ଓ ଜାପାନ ୧.୧ ପ୍ରତିଶତ ବଢ଼ିବ। ସ୍ପେନ ୨.୯ ପ୍ରତିଶତ ସହ ବିକଶିତ ଦେଶମାନଙ୍କରେ ଆଗରେ ରହିବ ବୋଲି ଆକଳନ କରାଯାଇଛି।

# ୨ ଦୁର୍ଘଟଣାରେ ୪ ମୃତ

ମୁନିଗୁଡ଼ା/ରାଇଘର,୨୫।୧୦(ନନ୍ଦକିଶୋର ପଟ୍ଟନାୟକ/କିରଣ ପଟ୍ଟନାୟକ)

ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ଓ ନବରଙ୍ଗପୁର ଜିଲ୍ଲା ରାଇଘରରେ ଶନିବାର ସଡ଼କ ଦୁର୍ଘଟଣା ଘଟି ୪ ଜଣଙ୍କର ମୃତ୍ୟୁ ହୋଇଛି। ମୁନିଗୁଡ଼ା ଥାନା ଅଧୀନ ବୁରୁଜୁଗୁଡ଼ା ନିକଟରେ ଶନିବାର ସକାଳେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଉଭୟ ବାଇକ୍ ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ସେହିଭଳି ରାଇଘରରେ ଏକ ଟ୍ରକ୍‌କୁ ପଛରୁ ପିଟି ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ ମୁନିଗୁଡ଼ା ଗୋବର୍ଦ୍ଧନ ସାହିର ଦେବାଶିଷ ସାହୁ, ବାଙ୍କିଲି ଗ୍ରାମର ଅର୍ଜୁନ ଶିକକା, ରାଇଘର କଚରାପାରା ଆଦିବାସୀ ଗ୍ରାମର ରୋହିତ ଗଣ୍ଡ (୨୩) ଏବଂ ରାଜୁ ପାଣ୍ଡେ (୨୧)।

# ୬ ସହରରେ ଗଡ଼ିବ ୨୦୦ ଇ-ବସ୍

**ରାଜ୍ୟ କ୍ୟାବିନେଟ୍‌ର ନିଷ୍ପତ୍ତି**

**ସରକାର କିଣିବେ ୯୫୨.୫୬କୋଟି ଟଙ୍କାରେ ୨୦୦ ମିଡି ବସ୍**

ଭୁବନେଶ୍ୱର,୨୫।୧୦ (ରବିନାରାୟଣ ଜେନା)

ରାଜ୍ୟରେ ବସ୍ ସେବାକୁ ତ୍ୱରାନ୍ୱିତ କରିବା ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି। ଶନିବାର ଲୋକସେବାଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ୨୦୦ ଇ-ବସ୍ କିଣାଯିବା ଲାଗି ନିଷ୍ପତ୍ତି ହୋଇଛି। ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗଣମାଧ୍ୟମକୁ କହିଛନ୍ତି, ବସ୍ ସେବାକୁ ତ୍ୱରାନ୍ୱିତ କରିବା ଏବଂ ଏହାର ରକ୍ଷଣାବେକ୍ଷଣ ଓ ମିଡି ଇଲେକ୍ଟ୍ରିକ୍ ବସ୍ ପରିଚାଳନା ପ୍ରକଳ୍ପ ନିମନ୍ତେ ୯୫୨.୫୬ କୋଟି ଟଙ୍କାର ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ ଦେଇଛନ୍ତି। ପ୍ୟାକେଜ୍-୮ରେ କେନ୍ଦୁଝର,ବାରିପଦା ପାଇଁ ୨୫ଟି ଲେଖାଏ ଏବଂ ବ୍ରହ୍ମପୁର ଲାଗି ୫୦ଟି ବସ୍ କ୍ରୟ କରାଯିବାକୁ ରହିଛି। ସେହିପରି ପ୍ୟାକେଜ୍-୯ରେ ଅନୁଗୋଳ, ଝାରସୁଗୁଡ଼ା ପାଇଁ ୨୫ଟି ଲେଖାଏ ଏବଂ ସମ୍ବଲପୁର ଲାଗି ୫୦ଟି ବସ୍ କିଣାଯିବ। ଏହି ପ୍ରକଳ୍ପ ମାଧ୍ୟମରେ ଉପରୋକ୍ତ ପ୍ରମୁଖ ୬ଟି ସହରଗୁଡ଼ିକରେ ବସ୍ ଚାର୍ଜ, ଡିପୋ ଭିତ୍ତିଭୂମି ନିର୍ମାଣ ଓ ଏହାର ବ୍ୟାପକ ପରିଚାଳନା, ରକ୍ଷଣାବେକ୍ଷଣ କ୍ଷେତ୍ରରେ କାର୍ଯ୍ୟକାରୀ ହେବ; ଯାହାଦ୍ୱାରା ସହରୀ ବିକାଶ ଓ ସହରାଞ୍ଚଳ ପରିବହନ ସେବାରେ ଉନ୍ନତି ଆସିବ। ଏହି ଯୋଜନା 'ବିକଶିତ ଓଡ଼ିଶା', 'ବିକଶିତ ଭାରତ' ଓ 'ଆତ୍ମନିର୍ଭର ଭାରତ' ଏବଂ ଭିଜନ-୨୦୪୭ ସୁଦ୍ଧା ଏକ ପୂର୍ଣ୍ଣାଙ୍ଗ ବିକଶିତ ରାଜ୍ୟ ଗଠନ ଦିଗରେ ଏକ ବିଶେଷ ପଦକ୍ଷେପ ହେବ। ମୁଖ୍ୟ ସଚିବ କହିଥିଲେ, କ୍ୟାପିଟାଲ ରିଜିଅନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ (ଆମ୍ବସ୍) ବର୍ତ୍ତମାନ ଦୈନିକ ପ୍ରାୟ ତିନି ଲକ୍ଷ ଯାତ୍ରୀଙ୍କୁ ସେବା ପ୍ରଦାନ କରିଆସୁଛି। ଏନେଇ ବିଭିନ୍ନ ରୁଟରେ ୬୭୦ଟି ଆମ-ବସ୍ ଚଳାଚଳ କରୁଛି। ଏହି ପ୍ରକଳ୍ପ ସହରାଞ୍ଚଳ ପରିବହନ ଓ ଯାତାୟାତ ଦିଗରେ ଆବଶ୍ୟକୀୟ ସୁବିଧା ବୃଦ୍ଧି ଓ ସହରାଞ୍ଚଳ ପ୍ରଦୂଷଣ, କାର୍ବନ ନିର୍ଗମନ ହ୍ରାସ କରିବା ଏହି ପ୍ରକଳ୍ପର ମୂଳ ଲକ୍ଷ୍ୟ ବୋଲି ସେ କହିଥିଲେ।

## ଆହାର ପାଇଁ ୫୧୨ କୋଟି

**ସବ୍‌ସିଡି ବଢ଼ିଲା ୪ଟଙ୍କା**

ରାଜ୍ୟ ସରକାର 'ଆହାର' ଯୋଜନାର ଅବଧିକୁ ୪ବର୍ଷ ଲାଗି ବୃଦ୍ଧି କରିଛନ୍ତି। କ୍ୟାବିନେଟ୍ ବୈଠକରେ ୨୦୨୫-୨୬ରୁ ୨୦୨୯-୩୦ ପର୍ଯ୍ୟନ୍ତ 'ଆହାର' ଯୋଜନା ପାଇଁ ୫୧୨ କୋଟି ଟଙ୍କାର ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏହି ଯୋଜନାରେ ପ୍ରତ୍ୟେକ ଭୋଜନର ମୂଲ୍ୟ ୨୩ ଟଙ୍କାରୁ ବୃଦ୍ଧି ପାଇ ଏବେ ୨୭ ଟଙ୍କା ହେବ। ମାତ୍ର ହିତାଧିକାରୀଙ୍କ ଅବଦାନ ୫ ଟଙ୍କାରେ ଅପରିବର୍ତ୍ତିତ ରହିବ। ଭୋଜନର ମୂଲ୍ୟ ୨୩ଟଙ୍କାରେ ସରକାରଙ୍କ ସବ୍‌ସିଡି ୧୮ ଟଙ୍କା ରହିଥିବାବେଳେ ଏବେ ୨୨ ଟଙ୍କାକୁ ବୃଦ୍ଧି କରାଯିବାକୁ ନିଷ୍ପତ୍ତି ନେଇଛନ୍ତି। ସହରାଞ୍ଚଳରେ ହିତାଧିକାରୀଙ୍କ ବର୍ଦ୍ଧିତ ଚାହିଦାକୁ ପୂରଣ କରିବା ଏବଂ ୫ ଟଙ୍କା ମୂଲ୍ୟରେ ଖାଦ୍ୟ ଯୋଗାଇବାର ନିରନ୍ତର ସେବା ସୁନିଶ୍ଚିତ କରିବା ଲକ୍ଷ୍ୟ ନେଇ ସରକାର ଏହି ନିଷ୍ପତ୍ତି ନେଇଛନ୍ତି।

# ଫସଲ, ମାଂସ ଉତ୍ପାଦନ ବୃଦ୍ଧି ପାଇଁ ୧,୮୧୮.୩୪କୋଟି

ଭୁବନେଶ୍ୱର,୨୫।୧୦ (ରବିନାରାୟଣ ଜେନା)

ରାଜ୍ୟରେ ଚାଷୀଙ୍କ ହିତକୁ ଦୃଷ୍ଟିରେ ରଖି ରାଜ୍ୟ କ୍ୟାବିନେଟ୍‌ରେ ୧,୮୧୮.୩୪ କୋଟି ଟଙ୍କା ବ୍ୟୟରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। କ୍ୟାବିନେଟ୍ ବୈଠକରେ ଫସଲ ବିବିଧୀକରଣ କାର୍ଯ୍ୟକ୍ରମର ଅବଧି ବୃଦ୍ଧି ସହିତ ବର୍ଦ୍ଧିତ କୁକୁଡ଼ା ମାଂସ ଚାହିଦା ପୂରଣ ଲାଗି 'କ୍ଷୁଦ୍ର ପ୍ରାଣୀ ଉନ୍ନୟନ' ଉପଯୋଜନା କାର୍ଯ୍ୟକାରୀ କରାଯିବାକୁ ନିଷ୍ପତ୍ତି ହୋଇଛି। କୃଷିବିଭାଗ ପକ୍ଷରୁ ଖରିଫ-୨୦୨୧ରେ ଫସଲ ବିବିଧୀକରଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା, ଯାହାର ଉଦ୍ଦେଶ୍ୟ ଏହି ପ୍ରକଳ୍ପର ଆୟକଟ୍ ଅଞ୍ଚଳରେ ଉଚ୍ଚ ଏବଂ ମଧ୍ୟମ ଜମିର ଧାନ ଚାଷକୁ ପରିବର୍ତ୍ତନ କରି ବିବିଧ ଫସଲ କରିବା। ତେବେ ଏହି କାର୍ଯ୍ୟକ୍ରମର ସଫଳତାକୁ ଆଧାର କରି ରାଜ୍ୟ ସରକାର ୨୦୨୨-୨୩ଆର୍ଥିକ ବର୍ଷରେ ଏକ ନୂତନ କୃଷି ବିଧିତା କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ସମ୍ପ୍ରତି ଏହି ଯୋଜନାକୁ ୨୦୨୫-୨୬ରୁ ୨୦୨୭-୨୮ ପର୍ଯ୍ୟନ୍ତ ୩ବର୍ଷ ପାଇଁ ବୃଦ୍ଧି କରାଯିବାକୁ କ୍ୟାବିନେଟ୍ ନିଷ୍ପତ୍ତି ନେଇଛି। ଏଥିରେ ୧୫୨୩.୯୮ କୋଟି ଟଙ୍କା ଖର୍ଚ୍ଚ ହେବ। ଏହା ମାଟିର ସ୍ୱାସ୍ଥ୍ୟକୁ ପୁନର୍ଜୀବିତ କରିବା ସହ ମାଟିର ଜୀବାଣୁ ସଂଖ୍ୟା ବୃଦ୍ଧି କରିବା, ମାଟିର ରାସାୟନିକ ଏବଂ ଜୀବବିଜ୍ଞାନ ଗୁଣଧର୍ମର ପରିବର୍ତ୍ତନକୁ ରୋକିବା, ପାଣି ବ୍ୟବହାର କ୍ଷମତା ବୃଦ୍ଧି କରିବା, ଅଧିକ ଆୟ ଓ ଉଚ୍ଚ ମୂଲ୍ୟଯୁକ୍ତ ଫସଲର ଉତ୍ପାଦନ ବୃଦ୍ଧି କରିବାରେ ସହାୟକ ହେବ। ଏହି ଯୋଜନା ରାଜ୍ୟର କୃଷକଙ୍କର ସାମାଜିକ ଓ ଆର୍ଥିକ ସ୍ଥିତି, ପୋଷଣ ନିରାପତ୍ତା ଏବଂ ଆୟ ବୃଦ୍ଧି ହୋଇପାରିବ ବୋଲି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ୩ବର୍ଷରେ ୧୫.୪୦ଲକ୍ଷ ହେକ୍ଟର ଧାନ ପରବର୍ତ୍ତୀ ପଡ଼ିଆ ଜମିରେ ଏହି କାର୍ଯ୍ୟକ୍ରମ କରାଯିବା ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ ରହିଛି। ସେହିପରି ମାଂସ ଉତ୍ପାଦନ ବର୍ଦ୍ଧିତ ଚାହିଦା ପୂରଣ କରିବା ପାଇଁ ରାଜ୍ୟ ସରକାର 'ପ୍ରାଣୀ ସମ୍ପଦ ସମୃଦ୍ଧି ଯୋଜନା' ଅନ୍ତର୍ଗତ ଦୁଇଟି ଉପ-ଯୋଜନା ଯଥା 'କୁକୁଡ଼ା ଉନ୍ନୟନ' ଏବଂ 'କ୍ଷୁଦ୍ର ପ୍ରାଣୀ ଉନ୍ନୟନ' କାର୍ଯ୍ୟକାରୀ କରୁଛନ୍ତି। କ୍ୟାବିନେଟ୍ ଏହାର ଆଉ ଏକ ଉପ-ଯୋଜନା 'କ୍ଷୁଦ୍ର ପ୍ରାଣୀ ଉନ୍ନୟନ'କୁ ଅନୁମୋଦନ ଦେଇଛନ୍ତି। ଏହି ଯୋଜନାରେ ଆସନ୍ତା ୪ ବର୍ଷ ଯଥା ୨୦୨୫-୨୬ରୁ ୨୦୨୮-୨୯ ପର୍ଯ୍ୟନ୍ତ ୨୯୪.୩୬ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଲକ୍ଷ୍ୟ ରହିଛି।

# ୯ ଆଇଏଏସ୍ ପ୍ରୋବେଶନରଙ୍କୁ ବିଡିଓ ଦାୟିତ୍ୱ

ଭୁବନେଶ୍ୱର,୨୫।୧୦ (ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଶନିବାର ୯ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ପ୍ରୋବେଶନାରୀ ଅଧିକାରୀଙ୍କୁ ବିଡିଓ ଦାୟିତ୍ୱ ପ୍ରଦାନ କରାଯାଇଛି। ଏସଂକ୍ରାନ୍ତରେ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ୨୦୨୪ ବ୍ୟାଚ୍‌ର ଏହି ପ୍ରୋବେଶନରମାନଙ୍କୁ ୪ସପ୍ତାହ ଅର୍ଥାତ୍ ନଭେମ୍ବର ୩ ତାରିଖରୁ ୨୯ ପର୍ଯ୍ୟନ୍ତ ତାଲିମ ପାଇଁ ଇଣ୍ଡିପେଣ୍ଡେଣ୍ଟ ଭାବେ ବିଡିଓ ଦାୟିତ୍ୱ ଦିଆଯାଇଛି। ସେମାନଙ୍କ ମଧ୍ୟରେ ଅନିମେଷ ପ୍ରଧାନଙ୍କୁ କଳାହାଣ୍ଡିର ଲାଞ୍ଜିଗଡ଼ ବିଡିଓ ଭାବେ ଦାୟିତ୍ୱ ଦିଆଯାଇଥିବାବେଳେ ପ୍ରଜ୍ଞାନନ୍ଦ ଗିରିଙ୍କୁ ଝାରସୁଗୁଡ଼ାର ଲଖନପୁର, କେ. ବର୍ଷିଣୀଙ୍କୁ ମୟୂରଭଞ୍ଜର ବାରିପଦା, ଫବି ରସିଦଙ୍କୁ ସୁବର୍ଣ୍ଣପୁରର ସଦର, ମୃଣାଳିକା ରାଠୋଡ଼ଙ୍କୁ ଗଞ୍ଜାମର କୁକୁଡ଼ାଖଣ୍ଡି, ଶୁଭ୍ରା ପଣ୍ଡାଙ୍କୁ ନାକଟିଦେଉଳ-ସରଳପୁର, ପବନ କୁମାରଙ୍କୁ କେନ୍ଦୁଝରର ତେଲକୋଇ, ଭଗତସାମଲ କଲ୍ୟାଣ ରାଓଙ୍କୁ ଢେଙ୍କାନାଳର ହିନ୍ଦୋଳ ଏବଂ ସନ୍ତୋଷ କୁମାର ପାତ୍ରଙ୍କୁ କୋରାପୁଟର ନାରାୟଣପାଟଣା ବ୍ଲକ ଦିଆଯାଇଛି।


**PANCHAYAT SAMITI, PARALAKHEMUNDI (GOSANI), DIST. - GAJAPATI (ODISHA) PIN-761210**

AdvNo-03/2025-26 Dt: 24.10.2025

**Tender Call Notice**

**No.i-355** : Sealed tenders (Percentage rate) are invited for 11 (Eleven) Number of works from the **Interested "B"/"C"/"D" Class Contractors** registered with the Govt. for execution of civil works under Panchayat Samiti, Paralakhemundi (Gosani), Dist.-Gajapati. The details notification is available at official website www.Gajapati.odisha.gov.in. Interested bidders fulfilling the eligibility criteria may submit their proposal(s) to the Panchayat Samiti, Paralakhemundi(Gosani), Gajapati. Proposal(s) complete in all respect should reach the undersigned on or before **3.00 PM of 11.11.2025** through Regd./Speed Post and the same will be opened on **11.00 AM of 12.11.2025**. The undersigned reserves the right to reject any or all the tender(s) without assigning any reason thereof.

Sd./- Block Development Officer, Paralakhemundi (Gosani) Gajapati

OIPR-19374/11/0006/2526

**Government of Odisha**
**"e" Procurement Notice**
No.O-1184
**Bid Identification No. : 06 of 2025-26**

| | | |
|---|---|---|
| 1. | Number of Works | 1 No. of Road Work |
| 2. | Estimated Cost (Aprox.) | Rs.92.63 lakh |
| 3. | Period of Completion | 3 (Three) Calendar months |
| 4. | Date & Time of availability of Bid documents in the Portal | 27/10/2025 at 11:00 hrs. |
| 5. | Last date & time for receipt of Bids in the Portal | 06/11/2025 at 17:00 hrs. |
| 6. | Date of Opening of Tender | 07/11/2025 at 11:00 hrs. |
| 7. | Name and address of the Officer Inviting Bid | O/o the Superintending Engineer, Rural Works Division, Jagatsinghpur |

Further details can be seen from the Government website www.tendersorissa.gov.in

Sd./- Executive Engineer, Rural Works Division, Jagatsinghpur

OIPR-25056/11/0025/2526

**ପୌର ପରିଷଦ, ହିଞ୍ଜିଳିକାଟୁ**
**HINJILICUT MUNICIPAL COUNCIL**
ହିଞ୍ଜିଳିକାଟୁ, ଜିଲ୍ଲା - ଗଞ୍ଜାମ, ପିନ୍ - ୭୬୧୧୦୨, ଦୂରଭାଷ - ୦୬୮୧୧ - ୨୮୦୦୨୫, ଟୋଲ୍ ଫ୍ରି - ୧୪୪୨୦
At - Hinjilicut, Dist. - Ganjam, Pin - 761102, Contact : 06811-280025, Toll Free No. : 14420
Email : hinjilicutmunicipality@gmail.com
: Hinjilicut Municipality, : Hinjilicutmunicipality

Letter No. 2685/Dev. Date : 22.10.2025

**E-Procurement Notice No. - HIN-MUN-03/2025-26**

**No.C-1315** : The Executive Officer, Hinjilicut Municipality on behalf of Governor of Odisha invites percentage of bid in Single cover system from bidders of eligible Class registered with State Government and bidders with equivalent grade / class registered with Central Govt. / MES / Railways according to norm of e-procurement system in online mode for the work as per DTCN.

1. Total Number of Civil works: 12 Nos.
2. Period of completion: As per DTCN
3. Date & time of availability of Bid Documents in the portal: From 10.00 A.M. of Dt.27.10.2025 to 5.00 P.M. of Dt.07.11.2025 for online bidding
4. Last date of receipt of Bid through Online: Dt.07.11.2025 of upto 5.00 P.M.
5. Date of opening of Bid: Dt.10.11.2025 at 11.00 A.M.

Further details can be seen from the procurement portal : https://tendersodisha.gov.in

Sd./- Executive Officer, Hinjilicut Municipality

OIPR-13105/11/0023/2526

No.A-768
**GOVT. OF ODISHA**
**DEPARTMENT OF WATER RESOURCES**
**OFFICE OF THE EXECUTIVE ENGINEER**
**DRAINAGE DIVISION, KHORDHA**
E-PROCUREMENT NOTICE NO. EE-DD-KHR-06/2025-26
email Id : eeddkhurda@gmail.com

**Bid Documents consisting of work, estimate cost, cost of tender paper, EMD, time of completion, class of contractor, the set of terms & conditions of contract and other necessary documents can be seen in e-procurement portal www.tendersorissa.gov.in complete online process only.**

| | | |
|---|---|---|
| 1 | Total number of work | 1 No. of work as mentioned below |
| 2 | Name of Work | Improvement of drain from village Haripur to Amaraoli along with structures outfalling to Chilika lake in Chilika Constituency |
| 3 | Tender Amount (Excluding GST) | 39.62 lakh |
| 4 | Bid Identification No. | EE-DD-KHR-01/2025-26 |
| 5 | Period of completion | Refer DTCN |
| 6 | Class of Contractor | Refer DTCN |
| 7 | Availability of Tender On-Line | From 28.10.2025 (11 A.M.) to 12.11.2025 (5.30 P.M.) |
| 8 | Date of opening of Tender documents & online bid | 13.11.2025 at 11 A.M. in the O/o the Executive Engineer, Drainage Division, Khordha |
| 9 | Date of Lottery | To be uploaded in Portal after evaluation of technical bids |
| 10 | Earnest Money Deposit | Referred DTCN |
| 11 | Cost of Tender paper | Referred DTCN |
| 12 | Procurement Officer | Exceutive Engineer, Drainage Division, Khordha |

Further details can be seen from the Govt. website www.tendersorissa.gov.in. Addendum/Corrigendum/Cancellation if any required will be published only in Govt. website www.tendersorissa.gov.in

Sd./- Executive Engineer, Drainage Division, Khordha

OIPR-32363/11/0007/2526

**OFFICE OF THE CHIEF CONSTRUCTION ENGINEER**
**ANANDAPUR BARRAGE PROJECT, SALAPADA**
**DIST.: KEONJHAR, ODISHA, PIN - 758020**
Tel. No.: (06731) 295003, E-Mail: cceabp@gmail.com
**Tender Reference No. CCEABP - 13 of 2025-26**

No. A-760: The Chief Construction Engineer, Anandapur Barrage Project, Salapada on behalf of the Governor of Odisha, invites Request for Proposal (RfP) through online mode in double cover system from eligible bidders for the works as detailed below:

| Sl. No. | BID ID No. | | Name of the Work |
|---|---|---|---|
| 01 | ABP-Soro-01/13 of 2025-26 | Appointment of Third-Party Inspection Agency (TPIA) | Construction of Distribution system for 12155.80 Ha. of CCA including Command Area Development (CAD) of Salandi Left Main Canal from RD 45.570 Km. to 49.810 Km. through under Ground Pipe Line Irrigation System (Gravity Flow) of Anandapur Barrage Project in Balasore District of Odisha on EPC-Turn Key Basis including operation and maintenance of the commissioned project. |
| 02 | ABP-Soro-02/13 of 2025-26 | Appointment of Proof Engineering Consultant (PEC) | |

a. Period of Completion: 27 (Twenty Seven) Calendar Months
b. Period of availability of Bid Document in the Portal: From 11.30 A.M. of 29.10.2025 to 18.11.2025 upto 5.00 P.M.
